Spreading Knowledge Amongst Mankind.....

ଅପ୍ରେଲ – ୨୦୧୮    APRIL - 2018



# ବେଦାନ୍ତୀ

[ ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ- ପତ୍ରିକା...

( ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର




## ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**



ମମତା ଦାଶ

## ହନୁମାମୁଁ ରିପୋର୍ଟିଙ୍ଗ.......

ପ୍ରିୟ ପାଠକ ବନ୍ଧୁ, ମୁଁ ଓଡିଆ । ଜଣେ ଓଡିଆ ଭାବରେ ନିଜକୁ ଅନ୍ୟ ଆଗରେ ଉପସ୍ଥାପନା କରିବାରେ ମୁଁ ଆତ୍ମଗୌରବ ଅନୁଭବ କରେ । ଇତିହାସର ପୃଷ୍ଠଭୂମିରେ ଗୌରବମୟ ଓଡିଶା ଏକଦା କଳିଙ୍ଗ ବା ଉତ୍କଳ ନାମରେ ଖ୍ୟାତିଲାଭ କରିଥିଲା । ଇତିହାସକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଭାରତବର୍ଷରେ ଧର୍ମ, ଦର୍ଶନ, କଳା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଓଡିଶାର ଭୂମିକା ଥିଲା ଅତ୍ୟନ୍ତ ଗୌରବମୟ । ପ୍ରାଚୀନ କାଳରେ ଓଡିଶା କଳିଙ୍ଗ ଓ କୋଶଳ ନାମରେ ପରିଚିତ ଥିଲା । କାଳିଦାସଙ୍କର ଅମର କାବ୍ୟ ରଘୁବଂଶରେ ମଧ୍ୟ ଉତ୍କଳ ଓ କଳିଙ୍ଗର ନାମ ଉଲ୍ଲେଖ ଅଛି । ୧୯୩୬ ଏପ୍ରିଲ ପହିଲାରେ ଓଡିଶା, ବିହାରରୁ ଅଲଗା ହୋଇ ମାତ୍ର ଛଅଟି ପ୍ରଦେଶକୁ ନେଇ ଏକ ସ୍ୱତନ୍ତ୍ର ପ୍ରଦେଶ ଭାବରେ ଗଠିତ ହୋଇଥିଲା । ୧୯୪୮ ମସିହାରେ ଅନ୍ୟାନ୍ୟ ଓଡିଆ ଭାଷାଭାଷୀ ଗଡଜାତ ଗୁଡିକ ଓଡିଶା ପ୍ରଦେଶରେ ମିଶିବା ପରେ ଓଡିଶାରେ ଅବଶିଷ୍ଟ ସାତଟି ଜିଲ୍ଲା ସଂଯୁକ୍ତ ହୋଇଥିଲା । ତତ୍କାଳୀନ ଇଂରେଜ ଶାସକ ତଥା ବାଲେଶ୍ୱର ଜିଲ୍ଲାପାଳ ଜନ୍ ବିମସ୍ ଜଣେ ଭାଷା ବିଶେଷଜ୍ଞ ଥିଲେ। ସେ ଓଡିଆ ଭାଷାର ପ୍ରାଚୀନତା ଓ ଶ୍ରେଷ୍ଠତା ପ୍ରତିପାଦନ କରିବାରୁ ତତ୍କାଳୀନ ବଙ୍ଗ ଓ ଓଡିଶା ସରକାର ତାଙ୍କ ମତକୁ ଗୁରୁତ୍ୱ ଦେଇଥିଲେ ଏବଂ ଓଡିଶାରେ ଶାସନ ଓ ଶିକ୍ଷା କ୍ଷେତ୍ରରେ ଓଡିଆ ଭାଷାର ପ୍ରଚଳନ ହେତୁ ଅନୁମତି ପ୍ରଦାନ କରିଥିଲେ । ଓଡିଆ ସାହିତ୍ୟ ସୃଷ୍ଟି ଜରିଆରେ ଓଡିଆ ଭାଷାର ସୁରକ୍ଷା ପାଇଁ ମଧ୍ୟ କବିବର ରାଧାନାଥ ରାଏ, ବ୍ୟାସକବି ଫକୀର ମୋହନ ସେନାପତି, ସ୍ୱଭାବ କବି ଗଙ୍ଗାଧର ମେହେର ଆଦି ମହାନ ମହାନୁଭବି ମହାନାୟକ ମାନଙ୍କର ମହତ ଚେଷ୍ଟା ଓ ପ୍ରଚେଷ୍ଟାର ଫଳସ୍ୱରୂପ ଆଜି ଆମ ଓଡିଆ ଭାଷା ଓ ଓଡିଆ ସାହିତ୍ୟ, ଓଡିଶା ପ୍ରଦେଶ ଏବଂ ଓଡିଶା ସଂସ୍କୃତି ସ୍ୱତନ୍ତ୍ର

ଏବଂ ସଂମୃଦ୍ଧ ହୋଇ ଭାରତୀୟ ଇତିହାସରେ ଏକ ଗୌରବମୟ ମହିମା ମଣ୍ଡିତ ସ୍ଥାନ ଅର୍ଜନ କରି ନିଜର ଅଖଣ୍ଡ କର୍ତିକୁ ଇତିହାସ ପୃଷ୍ଠଭୂମିରେ ଅଙ୍କିତ କରିବାରେ ସୌଭାଗ୍ୟ ପ୍ରାପ୍ତ କରିଛି ।

ଓଡିଶାର ପାରମ୍ପରିକ, ସାମାଜିକ, ସାସ୍କୃତିକ, ଐତିହାସିକ ତଥ୍ୟର ନୈପୁଣତାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଆମ ଓଡିଶା ମାଟିରେ ମହତ ବୁଦ୍ଧି ସଂପନ୍ନ ମହତ ମାନବୀୟ ମାନବିକତାର ମହତ ବୌଦ୍ଧିକ କ୍ଷମତା ସହିତ ମହତ ଉଦ୍ଦେଶ୍ୟ ଜନିତ ମହାନ କାର୍ଯ୍ୟସିଦ୍ଧି ପାଇଁ ମହାନ ରାଜ୍ୟ ଓଡିଶାର ମହାନ ଜନନାୟକ ମାନଙ୍କର ମହାନ କର୍ମ- କୌଶଳତାକୁ ନେଇ ଆଜି ଆମ ମହାନ ଓଡିଶାର ମହତ୍ୱ ସାରା ଭାରତବର୍ଷରେ ସ୍ୱ- ମହାନତାକୁ ପ୍ରତିପାଦିତ କରିପାରିଛି ।

ମଣିଷ ବ୍ୟତୀତ ସମସ୍ତ ପ୍ରାଣୀ ଏବଂ ପ୍ରଦାର୍ଥ ମୌଳିକ ରୂପେ ପ୍ରକୃତିରୁ ହିଁ ସୃଷ୍ଟି ହୋଇଥାନ୍ତି । ସଂସ୍କୃତି ଦ୍ୱାରା ହିଁ ସେମାନଙ୍କୁ ଉଚ୍ଚସ୍ତର ମିଳିଥାଏ । ଚାଲନ୍ତୁ, ଟିକେ ଓଡିଶା ଇତିହାସର ପୁରାତନ ପୃଷ୍ଠକୁ ଓଲଟାଇ ଦେଖିବା । ଓଡିଆ ରୀତିକୁ ବୁଝିବାକୁ ହେଲେ ପୂର୍ବତନ ଓଡିଶା ଅଞ୍ଚଳର ବାସିନ୍ଦା ମାନଙ୍କର ଚାଲି- ଚଳନ, ଗତି- ବିଧି, ଖାଦ୍ୟ, ବସ୍ତ୍ର, ପରମ୍ପରା, ବିଶ୍ୱାସ, ସଂସ୍କୃତି ଏବଂ ସେମାନଙ୍କ ଜୀବନଶୈଳୀକୁ ପ୍ରଥମେ ବୁଝିବାକୁ ପଡିବ। ପ୍ରତ୍ନତାତ୍ତ୍ୱିକ ଗବେଷଣାରୁ ଜଣାପଡେ ଯେ ଓଡିଶାର ବାସିନ୍ଦାମାନେ ପୂର୍ବେ ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ସୁବର୍ଣ୍ଣରେଖା ଏବଂ ଋଷିକୁଲ୍ୟା ନଦୀ କୂଳରେ ଜଳସେଚନର ସୁବିଧା ଯୋଗୁ ବସତି ସ୍ଥାପନ କରିଥିଲେ। ଏମାନେ ପ୍ରଥମରୁ ଭୂମି ଓ ପ୍ରକୃତି ସହିତ ଜଡିତ ଥିବାରୁ ଅଧିକାଂଶ ଓଡିଆ ବାସୀ କୃଷକ ରୂପରେ ଗଣିତ ଥିଲେ। ସେଥିପାଇଁ ସେମାନେ ଥିଲେ ନିର୍ଭୟ, ସ୍ୱାଧିନଚେତା, ସୁସ୍ଥ ଏବଂ ବଳଶାଳୀ। ଭାବନା ସ୍ତରରେ ନୂତନ ଚିନ୍ତାଧାରାକୁ ସହଜେ ଗ୍ରହଣ କରି ନେଉଥିଲେ ବୋଲି ଐତିହାସିକ ମାନଙ୍କର ମତ।

ଧିରେ- ଧିରେ ଯୁଗ ବଦଳିଲା। ବଂଶ, କୁଳ, ଜାତି ଶବ୍ଦର ସୃଷ୍ଟି ହେଲା। ସଂସ୍କୃତି, ଆଚାର, ବିଚାରର ଶବ୍ଦକୁ ମହତ୍ୱ ଦିଆଗଲା। ଏବେ ଆସନ୍ତୁ ଆମେ ପ୍ରଥମେ ଓଡିଶାର ଗୌରବ ଜଗନ୍ନାଥ ସଂସ୍କୃତିରୁ ଯାତ୍ରା ଆରମ୍ଭ କରିବା । ଓଡିଆ ମାନଙ୍କ ବିଶ୍ୱାସରେ ସେ ହେଉଛନ୍ତି

ମାନବ। ଓଡିଶାର ସ୍ୱାଭିମାନ ରକ୍ଷା ଉଦ୍ଦେଶ୍ୟରେ ସେ କଳାଘୋଡା, ଧଳାଘୋଡା ଚଢି କାଞ୍ଚି ଯାତ୍ରା କରିଥିଲେ। ବାଟରେ ମାଣିକ ପାଟଣାରେ ମୁଦି ବିନିମୟରେ ଦହି ପିଇ ଥିବାର କାହାଣୀ ଏବେ ମଧ୍ୟ ଓଡିଶାର ଘରେ- ଘରେ ଲୋକ ମାନଙ୍କ ସ୍ମୃତିରେ ଅଛି। ପୁରୀର ବିଶ୍ୱ ବିଖ୍ୟାତ ରଥଯାତ୍ରା ଯୁଗେ- ଯୁଗେ  ଅନୁଷ୍ଠିତ ହୋଇ ଓଡିଶାକୁ ମହିମାନ୍ୱିତ କରିବା ସଙ୍ଗେ ସଙ୍ଗେ ଆମ ଦେଶ ତଥା ଦେଶ ବାହାରର ଅଧିବାସୀଙ୍କର ଦୃଷ୍ଟି ଆକର୍ଷଣ କରିପାରିଛି। ଏହା ଓଡିଶାର ସାଂସ୍କୃତିକ ଜୀବନର ଏକ ମୁଖ୍ୟ ଧାରା ରୂପେ ପ୍ରମାଣିତ। ଆରାଧନାର ଆରାଧ୍ୟ ହେଲେ ମୁଖ୍ୟ। ସେ ହେଲେ ଦେବତା। ଦେବତା ଭେଦରେ ରୂପଭେଦ ରହିଛି। ଜଗନ୍ନାଥଙ୍କର ବସ୍ତ୍ର, ଭୂଷଣ, ଅଳଙ୍କାର ଏବଂ ପ୍ରସାଦରେ ମଧ୍ୟ ଓଡିଆ ଜାତିର ପାରମ୍ପାରିକ ମହତ୍ୱ ଦେଖାଯାଏ।

ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସାଲବେଗ ମଧ୍ୟ ତାଙ୍କରି ଭକ୍ତ ଏବଂ ଦାସିଆ ବାଉରି ମଧ୍ୟ। ସାଲବେଗଙ୍କ ଭକ୍ତିରେ କେତେବେଳେ ତାଙ୍କ ରଥ ଆଗକୁ ଗଡେନାହିଁ ତ ମନ୍ଦିର ଭିତରେ ଥାଇ ଦାସିଆ ବାଉରି ହାତରୁ କେତେବେଳେ ହାତ ବଢେଇ ନଡିଆ ସେ ନେଇ ଯାଆନ୍ତି, ଆଉ ଭକତ ବିଦୁର ଘରେ ଶାଗ ଭଜା ଖାଇ ମନକୁ ତୋଷ କରି ଯୁଗ- ଯୁଗ ଧରି ଭକ୍ତ ଆଉ ଭଗବାନଙ୍କ ମଧ୍ୟରେ ଥିବା ଆତ୍ମିକ ମାହାତ୍ମ୍ୟର କୀର୍ତ୍ତିକୁ ସଦା ସର୍ବଦା ପାଇଁ ଅମର କରି ଦେଇଛନ୍ତି।

ଓଡିଆ ଜାତୀୟ ଓ ସାଂସ୍କୃତିକ ଜୀବନର ଅନ୍ୟ ଏକ ପ୍ରମାଣ ଆମ ଜଗନ୍ନାଥ ଦାସଙ୍କର ରଚିତ ଭାଗବତରୁ ମିଳେ। ଏହି ଗ୍ରନ୍ଥ ଓଡିଆ ଜାତିର ଏକ ଉଜ୍ଜ୍ୱଳ ଆଲୋକ ସ୍ତମ୍ଭ ଏବଂ ଓଡିଆ ଜାତିର ରକ୍ତକଣିକା ସହିତ ଓତପ୍ରୋତ ଭାବରେ ଜଡିତ। ସଞ୍ଜବତୀ ଜାଳି ମୋ ବୋଉ ଯେତେବେଳେ ଭାଗବତ ପଢି ବସେ, ସେତେବେଳେ ଆମ ଘରର ପ୍ରତିଟି କୋଣ- ଅନୁକୋଣରେ ପବିତ୍ର ଧାର୍ମିକ ଭାବନା ସହିତ ମାନସିକ ସ୍ତରରେ ମଧ୍ୟ ସମସ୍ତ ସଦସ୍ୟଙ୍କୁ ଶାନ୍ତି ମିଳିଥାଏ। ଭାଗବତ ଓଡିଆ ଜାତିର ଜୀବନରେ ଏକ ଦୀପ୍ତିମୟ ଆଲେଖ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ।

କେତେବେଳେ ପଲ୍ଲୀ ଜନତାର ଚିତ୍ତ ବିନୋଦନର ଏକମାତ୍ର ମାଧ୍ୟମ ଥିଲା ଲୋକନାଟ୍ୟ, ପାଲା, ଦାସକାଠିଆ, ଘୋଡାନାଚ ଆଦି ଏବଂ ଏମାନଙ୍କର ପାରମ୍ପାରିକ ଓଡିଆ ଭାଷା ସଂପ୍ରେଷଣର ବାକ୍ ଚାତୁରୀ ଓଡିଆ ସାହିତ୍ୟର ବିକାଶ କ୍ଷେତ୍ରରେ ଅତୁଳନୀୟ ଅବଦାନ ରହିଛି। ଭାଷାର ଚାତୁରୀ, ଲାଳିତ୍ୟ, ସାହିତ୍ୟର ରସ, ଛନ୍ଦ, ଅଳଙ୍କାର, ଚମ୍ପୁ, ଚଉପଦୀ ଏବଂ ଭାବ ଅଭିବ୍ୟକ୍ତ କରିବାର ଶୈଳୀର ସରସତାକୁ ନେଇ ଓଡିଆ ସାହିତ୍ୟ ଆଜି ବେଶ ସମୃଦ୍ଧ।

ଓଡିଶାର ନୃତ୍ୟ ଶୈଳୀକୁ ଅନୁଧ୍ୟାନ କରନ୍ତୁ। ଓଡିଶାର ଛଉ ନୃତ୍ୟରେ ପୁରାତନ ଓଡିଆ ବନ ଅଞ୍ଚଳର ସାମରିକ, ସାଂସ୍କୃତିକ ଓ ପାରମ୍ପାରିକ ଗତିବିଧିକୁ ପ୍ରସ୍ତୁତ କରିଥିବାର ପ୍ରମାଣ ମିଳେ। ଏହାର ବାଦ୍ୟ ଧ୍ୱନି ଏବଂ ଅଦ୍ଭୁତ ସାଜସଜ୍ଜା ସମସ୍ତ ଅଞ୍ଚଳଠାରୁ ଭିନ୍ନ, ସ୍ୱତନ୍ତ୍ର ଏବଂ ମନୋମୁଗ୍ଧକର ଅଟେ। ନାଟ୍ୟଶାସ୍ତ୍ର ଅନୁକରଣରେ ଓଡିଶୀ ନୃତ୍ୟ ମଧ୍ୟ ଭାରତବର୍ଷର ପ୍ରଥମ ଶାସ୍ତ୍ରୀୟ ନୃତ୍ୟ ରୂପେ ପରିଚିତ। ଏହାର ଅଙ୍ଗସଜ୍ଜା, ବସ୍ତ୍ର ପରିଧାନର କୌଶଳ, ଅଳଙ୍କାର ମଣ୍ଡିତ ଶୈଳୀ ଏବଂ ପ୍ରସାଧାନ ଓଡିଶାକୁ ଏକ ସମୃଦ୍ଧବାନ ରାଜ୍ୟ ରୂପେ ସାରା ବିଶ୍ୱରେ ପରିଚିତ କରାଏ।

କୋଣାର୍କ ମନ୍ଦିରର କଳା, ସ୍ଥାପତ୍ୟ ତ ସାରା ବିଶ୍ୱରେ ବିରଳ। ବିଶୁ ମହାରଣା, ଶିବେଇ ସାମନ୍ତରାଏ, ଧର୍ମପଦ କଥା ତ ସମସ୍ତଙ୍କ ସ୍ମୃତିରେ ନିଶ୍ଚୟ ଥିବ। ଭୁବନେଶ୍ୱରକୁ ଆସିଲେ ଓଡିଶାର କଳା-ନୈପୁଣତାର ପରିଚୟ ମନ୍ଦିର-ମାଳିନୀ ରାଜଧାନୀ ସହରରୁ ମିଳେ। ଓଡିଶାର ହସ୍ତଶିଳ୍ପ ପିପିଲି ଚାନ୍ଦୁଆ, ରଘୁରାଜପୁରର ପଟ୍ଟଚିତ୍ର, ସମ୍ବଲପୁରର ଶାଢୀ, କଟକର ତାରକସି କାମ ଆଜି ସାରା ବିଶ୍ୱରେ ଆଦୃତ।

ଓଡିଆମାନେ ଖାଲି କଳାପ୍ରେମି ନୁହନ୍ତି, ବ୍ୟବସାୟ ବାଣିଜ୍ୟରେ ମଧ୍ୟ ମହାରଥି ହାସିଲ କରିଛନ୍ତି। ପୁରୁଣା କମ୍ବଦନ୍ତୀକୁ ଟିକେ ଅନୁଧ୍ୟାନ କରନ୍ତୁ। ତଅପୋଇର ସାଧବ ପୁଅମାନେ ଅତୀତରେ ବାଣିଜ୍ୟ କ୍ଷେତ୍ରରେ କପରି ଯଶ ଆଉ ସମ୍ମାନ ଅର୍ଜନ କରିଥିଲେ ତାହା ଆଜି ପ୍ରତ୍ୟେକ ଓଡିଆ ଘରେ “ଖୁଦୁରୁକଣୀ ଓଷା” ରୁ ପ୍ରମାଣ ମିଳେ।

ଓଡିଆ ଶାନ୍ତିପ୍ରିୟ ବୋଲି ସମସ୍ତେ ଜାଣନ୍ତି କିନ୍ତୁ ସ୍ୱାଭିମାନ, ସ୍ୱାଧିନତା ଏବଂ ଦେଶପ୍ରେମ ପାଇଁ ନିଜ ଜୀବନ ଦେବାକୁ ସର୍ବଦା ତତ୍ପର ଥାଆନ୍ତି। ବକ୍ସି ଜଗବନ୍ଧୁ ବିଦ୍ୟାଧର, ସହିଦ୍ ଲକ୍ଷ୍ମଣ ନାୟକ, ବୀର ସୁରେନ୍ଦ୍ର ସାଏ ଆଦି ଏହାର ପ୍ରମୁଖ ଉଦାହରଣ।

ଯେପରିକି ମୁଁ ଆଗରୁ କହିଥିଲି, ସମସ୍ତ ପ୍ରାଣୀ ଜଗତ ପ୍ରକୃତି ସହିତ ଜଡିତ। କିନ୍ତୁ ମନୁଷ୍ୟ ଏଭଳି ଏକ ପ୍ରାଣୀ ଯିଏ କି ପ୍ରକୃତି ଏବଂ ସଂସ୍କୃତି ସହିତ ଜଡିତ। ସଂସ୍କୃତି ହିଁ ମନୁଷ୍ୟକୁ ଉଚ୍ଚସ୍ତରୀୟ ମାନ୍ୟତା ପ୍ରାପ୍ତ କରାଇବାରେ ସହାୟତା କରାଇଥାଏ। ଯଦି ମନୁଷ୍ୟ ସଂସ୍କୃତି ଦିଗରେ ଗତି ନକରି ନିମ୍ନ ସ୍ତରକୁ ଖସିଯାଏ, ତେବେ ସେମାନଙ୍କ ମଧ୍ୟରେ ବିକୃତି ଆସିଥାଏ। ସେହିପରି ପ୍ରକୃତିରୁ ଉପରକୁ ଉଠିବାର ପ୍ରକ୍ରିୟାକୁ ସଂସ୍କୃତି ଏବଂ ପ୍ରକୃତିର ନିମ୍ନକୁ ଗତି କରିବାର ନାମକୁ ବିକୃତି କୁହାଯାଏ। ଯେପରି ଗଛଲତାକୁ କାଟି ସୁନ୍ଦର ଏବଂ ଆକର୍ଷକ କରାଯାଏ, ସେହିପରି ମନୁଷ୍ୟର ଶୃଙ୍ଖଳାହୀନ ଏବଂ ସତସଙ୍ଗହୀନ ମନୋବୃତ୍ତିକୁ ସୁସଂସ୍କାର ଦ୍ୱାରା ନିୟନ୍ତ୍ରିତ କରି ସଭ୍ୟ, ସୁସଂସ୍କୃତ ଏବଂ ସମାଜ ଉପଯୋଗି କରାଯାଇ ପାରେ।

*ବେଦାନ୍ତୀ ପରିବାର ତରଫରୁ ସମସ୍ତ ପାଠକବୃନ୍ଦଙ୍କୁ ଉତ୍କଳ ଦିବସ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ।*

ମମତା ଦାଶ



# ଭିତର ପୃଷ୍ଠାରେ....


| | | |
|---|---|---|
| ଭୀଷ୍ମ ପ୍ରତିଜ୍ଞା | ସୁଶାନ୍ତ ପୁରୋହିତ | ୧୧ |
| ମୋ ମାତୃଭାଷାର ସ୍ୱର | ମାନସ କୁମାର ପାତ୍ର | ୧୫ |
| ଉତ୍କଳ ଦିବସ | ସାଗର ପ୍ରଧାନ | ୧୬ |
| ଅସହାୟ ଜୀବନ | ପୁଷ୍ପିତା ଭୂୟାଁ | ୧୭ |
| ଅମୃତ ତୃଷ୍ଣା | ଝିଲିମିଲି ସାହୁ | ୨୦ |
| ଗଙ୍ଗାଜଳ | ବିନୟ ମହାପାତ୍ର | ୨୨ |
| କୃପାକର ଭବଗ୍ରାହୀ | ଶଶଧର ମହାପାତ୍ର | ୨୫ |
| କାଲିର ଓଡିଆ | ଅନୁସୂୟା ମିଶ୍ର | ୨୮ |
| ସେଦିନ ସକାଳ | ଶାନ୍ତିଲତା ମିଶ୍ର | ୩୨ |
| ପର୍ବତର ପ୍ରତିରୂପ | ଅଶୋକ ବିଶ୍ୱାଳ | ୩୮ |
| ମୁଁ | ସାଗରିକା ମହାନ୍ତି | ୪୦ |
| ଗୃହର ପୁଅ | ସୁଲୋଚନା ପଟ୍ଟନାୟକ | ୪୧ |
| ଲୁଣ୍ଠିତ ଇଚ୍ଛା | ସଂଘମିତ୍ରା ସାମନ୍ତରାୟ | ୪୮ |
| ସଦ୍ ଜ୍ଞାନ ସନ୍ଧାନେ | ବରଦା ପ୍ରସନ୍ନ ଦାସ | ୫୦ |
| ଅସ୍ତ ରବି ର ଧୂସର ପ୍ରେମ | ସିପ୍ରା ନାମତା | ୫୧ |
| ବିଧ୍ୱଂସର ପଥେ | ଭାସ୍କର ଚନ୍ଦ୍ର ଖଣ୍ଡା | ୫୮ |
| ଗାନ୍ଧାରୀ | ସୁସ୍ମିତା ମହାପାତ୍ର | ୬୦ |
| ରମ୍ୟ ରଚନା - ପକୁଡି ବିକା କୁ ଯାତେରା ଦେଖା... | ସୁବଳ ମହାପାତ୍ର | ୬୨ |

| | | |
|---|---|---|
| ମୋ ଗାଁ ର ସନ୍ଧ୍ୟା | ପ୍ରକାଶ ସାହୁ | ୬୬ |
| ବହି | ସତ୍ୟବ୍ରତ ସାହୁ | ୬୮ |
| ସମ୍ପର୍କ | ବରୁଣ କୁମାର ଦାସ | ୭୦ |
| ଘାସ | ଶାରଦା ପ୍ରସାଦ ପରିଡା | ୭୧ |
| ମୋ ଗୀତା ଅପା | ଆଶା ସାହୁ | ୭୨ |
| ଚୈତନ୍ୟ ଦେବ | ସନାତନ ମହାକୁଡ | ୮୧ |
| ସମ୍ବଲପୁରି କବିତା ଦୁଇଟା ପଗ୍ନ୍ ଗୁଟେ | ଆଶୁତୋଷ ମେହେର | ୮୨ |
| ତାଳ- ମେଳ | ମଧୁସ୍ମିତା ପଟ୍ଟନାୟକ | ୮୩ |
| ଅଶ୍ରୁଲେଖା | ରାମ ପ୍ରସାଦ ବିଶୋଇ | ୯୨ |
| ତିନୋଟି ଅଣୁ ଗଳ୍ପ | ଅଶୋକ କୁମାର ସେଠୀ | ୯୪ |
| ନିଜ ଭାଷା | ରାଜଶେଖର "ଚମା" | ୯୬ |
| କାଳିଆ ର ପାଦ ସ୍ପର୍ଶ | ମଧୁଛନ୍ଦା ବେହେରା | ୯୮ |
| ସାହିତ୍ୟ ଦୃଷ୍ଟିରୁ ଓଡିଆ ଭ୍ରମଣ କାହାଣୀ | ପ୍ରିୟବ୍ରତ ପାତ୍ର | ୯୯ |
| ବେତାଳ | ଜୀତେନ୍ଦ୍ରିୟ ବେହେରା | ୧୦୫ |
| ନିଖୋଜ ନିରଞ୍ଜନା | ରାଜୀବ ଗୋପାଳ ସ୍ୱାଇଁ | ୧୦୮ |
| ବାଜେ କବିତା | କାଳକଙ୍କର | ୧୨୨ |
| ତୁମକୁ ପାଇବା ପାଇଁ | ନୃସିଂହ ଚରଣ ବେହେରା | ୧୨୩ |
| ଆଶାଫୁଲ | ଡ. ବିଜ୍ଞାନୀ ଦାସ | ୧୨୪ |
| ମାୟାବିନୀ | ନିର୍ମଳ କୁମାର ଦଳାଇ | ୧୩୭ |
| ମା | କିଶୋର କୁମାର ପଣ୍ଡା | ୧୩୮ |
| ଆମୁର ଫାଲକନର ବିଶ୍ୱ ରାଜଧାନୀ | ଅଶୋକ ବିଶ୍ୱାଳ | ୧୪୦ |
| ଜାତୀର ଡାକରା | ଭାଗିରଥି ବେହେରା | ୧୪୮ |

| | | |
|---|---|---|
| ଅବଶୋଷର ଅନ୍ତଃସ୍ୱର | ହିମାଂଶୁ ଭୂଷଣ ଜେନା | ୧୪୯ |
| ତୁମକୁ କଣ ଜଣାନ୍ତି କ !!! | ପ୍ରବୀଣ କୁମାର କବି | ୧୫୧ |
| ଗଣତନ୍ତ୍ର ଫିସ୍ | ସୁଧାଂଶୁ ଦ୍ୱିବେଦୀ | ୧୫୩ |
| ବୋଉର ପଣତକାନ | ପ୍ରଶାନ୍ତ କୁମାର ନାଥ | ୧୫୮ |
| ପ୍ରେମ ପରେ | ସଚ୍ଚିଦା ନନ୍ଦ ବାରିକ | ୧୬୦ |
| କଲ୍ | ଫିରୋଜ କୁମାର ପଟେଲ | ୧୬୨ |
| ଦୋହଲ୍ ବସା | ସତ୍ୟବ୍ରତ ମହାପାତ୍ର | ୧୬୪ |
| ଚଲିକା | ସିପୁନୁ ଜେନା | ୧୬୬ |
| ସଂପର୍କ | କଲ୍ୟାଣୀ ମହାପାତ୍ର | ୧୬୭ |
| ଅସରନ୍ତି ଫଗୁଣ | ମୃତ୍ୟୁଞ୍ଜୟ ହୋତା( ଆଲୋକ) | ୧୬୯ |
| ଛୋଟ ମୋର ନାଆଟି ( ଧାରାବାହିକ) | ପ୍ରଫେସର ଅନନ୍ତ ପଣ୍ଡା | ୧୭୦ |
| ଜୀବନର ମାନେ | ବିଶ୍ୱରଂଜନ ପଣ୍ଡା | ୧୮୦ |
| ବସନ୍ତର ସନ୍ଦେଶ | ଶଙ୍ଖସିନ୍ଧୁ ପୁରୋହିତ | ୧୮୧ |
| ସଖୀ ତୁମେ | ସୌମ୍ୟ ରଞ୍ଜନ ପାଲ | ୧୮୨ |
| ଉତ୍କଳରୁ ଓଡ଼ିଶା | କାର୍ତ୍ତିକ ପାଣିଗ୍ରାହୀ | ୧୮୩ |
| ଅସଲ ଧନ | ଶୁଭମ ନାୟକ | ୧୮୬ |
| ଉର୍କୁଲ୍ | ପ୍ରସନ୍ନ କୁମାର ଭୁଏ ( ପ୍ରୟାସ) | ୧୮୮ |
| ଅନୁମତି | ଲିନା ରାଣୀ ଧଳ ମଙ୍ଗରାଜ | ୧୮୯ |
| ତୁମ ପାଇଁ | ପ୍ରଦେଶ କୁମାର ପ୍ରଧାନ | ୧୯୦ |
| କଣ ଉଦ୍ଦେଶ୍ୟ ସତେ? | ଜୟକୃଷ୍ଣ ମେହେର | ୧୯୧ |
| ପ୍ରେମ | ସତ୍ୟନାରାୟଣ ଗନ୍ତାୟତ | ୧୯୨ |
| ଦେଖି ତୁମ ରୂପ? | ପର୍ଶୁରାମ ଶଗରିଆ | ୧୯୩ |
| ଦୀକ୍ଷା ନାମରେ ଧନ୍ଦା | ବାଲ୍ମୀକ ନାୟକ | ୧୯୪ |

| | | |
|---|---|---|
| ରୂପସୀ | ଦୟାନନ୍ଦ ଶବର | ୨୦୦ |
| ଭୌଗୋଳକ ଜୀବନ | ସସ୍ମିତା ସାହୁ | ୨୦୧ |
| ହଇହୋ ରବିନ୍ଦ୍ର | ଏମ୍. ବିଜୟ କୁମାର | ୨୦୩ |
| ସତେକୀ ମୋ ସାଥୀ ଆସୁଛି | ଶିଶିର କୁମାର ସାମଲ | ୨୦୫ |


# ଶିଶୁ ବିଭାଗ


| | | |
|---|---|---|
| ଏପ୍ରିଲ ପଚଶି | ସତ୍ୟବ୍ରତ ସାହୁ | ୨୦୮ |
| ଚନ୍ଦ୍ର | ପ୍ରକାଶ ସାହୁ | ୨୦୯ |
| ମୁଁ ଗୁହେଁ | ମଧୁଛନ୍ଦା ବେହେରା | ୨୧୦ |
| ଫୁଲେଇ ବୁଢ଼ୀ | ପ୍ରକାଶ ସାହୁ | ୨୧୧ |
| | ସସ୍ମିତା ସାହୁ | ୨୧୩ |
| ଚନ୍ଦ୍ର | ମଧୁସ୍ମିତା ସାମଲ | ୨୧୪ |
| ବାୟୁ | ଦୟାନନ୍ଦ ଶବର | ୨୧୫ |
| ଚନ୍ଦ୍ର | ରାଜଲକ୍ଷ୍ମୀ ସାହୁ | ୨୧୬ |
| ମାର୍ଚ୍ଚ ମାସର ପର୍ବପର୍ବାଣୀ | ସଂଗୃହୀତ | ୨୧୭ |
| ଚନ୍ଦ୍ର କଥା କହେ | ବେଦାନ୍ତୀ ପରିବାର | ୨୧୮ |

# ଭୀଷ୍ମ ପ୍ରତିଜ୍ଞା



ସୁଶାନ୍ତ ପୁରୋହିତ

ଆମର ଅନବଦ୍ୟ ଗୀତା , ରାମାୟଣ ଓ ମହାଭାରତ ବିଶ୍ୱର ଆଦ୍ୟତମ ସହିତ୍ୟ ମଧ୍ୟ ରୁ ଅନ୍ୟତମ । ଅବଶ୍ୟ ଏହା ସହିତ ପ୍ରାଚୀନ ସଭ୍ୟତା ର ହୋମର ଙ୍କ ରଚତ ଓଡିସି ଓ ଇଲିଆର୍ଡ ( odessy and Illard by Homer) ପରି ମହାକାବ୍ୟ ମଧ୍ୟ ଅତି ପ୍ରାଚୀନ କାଳ ରେ ରହିଥିଲା । କାଳ କ୍ରମେ ସଭ୍ୟତା ର କ୍ରମବିକାଶ ଫଳରେ ସାମାଜିକ ମୂଲ୍ୟବୋଧ, ବିଭିନ୍ନ ମତବାଦ ର ଆମୂଳଚୂଳ ପରିବର୍ତନ ଘଟିଲା । ଏହା ଦ୍ୱାରା ଅନେକ ପ୍ରାଚୀନ ଗ୍ରଂଥ ଆଧୁନକ ପରିପେକ୍ଷୀ ରେ ତାହାର ତାତ୍ପର୍ଯ୍ୟ ହରେଇ ବସିଲା, କେବଳ ଆମର ଏହି ମହାକାବ୍ୟ ଗୁଡିକୁ ଛାଡି । କାରଣ ଏହି ମହାକାବ୍ୟ ଗୁଡିକ ରେ ଏପରି ସବୁ ଜ୍ଞାନ, ତତ୍ତ୍ୱ, ଉପଦେଶ ରହି ଅଛି, ଯାହା ସବୁ କାଳଜୟୀ । ଏବେ ମଧ୍ୟ ଏଇଠି କାହିଁକି, ସମଗ୍ର ମାନବ ସମାଜ ସମ୍ମୁଖୀନ ହଉଥିବା ବିଭିନ୍ନ ଦ୍ୱନ୍ଦ୍ୱ ବିଭିନ୍ନ ସମସ୍ୟା ର ସମାନ୍ତରାଳ ପ୍ରଶ୍ନ ଏହି ଗୀତା, ରାମାୟାଣ, ମହାଭାରତ ରେ ନିଶ୍ଚୟ ଦେଖିବାକୁ ମିଳେ ଓ ତାହାର ଉର୍ଜମା ଓ ସମାଧାନ ର ମାର୍ଗ ମଧ୍ୟ ଏହି ଥରେ ପାଇଥାଉଁ ନିଶ୍ଚିତ ଭାବେ । ତେଣୁ ଆମକୁ ଏହି ଗୀତା, ରାମାୟଣ ମହାଭାରତ ର ସବୁ କାହାଣୀ କୁ ଆଧୁନକ ସହିତ୍ୟ ରେ ଜଡିତ କରି ତାକୁ ପୁନଃ ସମିକ୍ଷ୍ୟା ତଥା ବ୍ୟାଖ୍ୟା କରି ତାକୁ ହୃଦୟଙ୍ଗମ କରେଇଲେ ତାହା ସମସ୍ତଙ୍କ ଜନଜୀବନ ପାଇଁ ଅତ୍ୟନ୍ତ ଉପଯୋଗୀ ହେଇ ପାରିବ । ଏହା ମୋର ବ୍ୟକ୍ତିଗତ ମତ । ଗ୍ରୁପ ର ସବୁ ବଂଧୁ ବାନ୍ଧବୀ ଙ୍କୁ ଅନୁରୋଧ କରିବି ସେମାନେ ତାଙ୍କର ସୁଚନ୍ତିତ ମତାମତ ଦେବେ ।

ମହାଭାରତ ର ଜଣେ ମହା ଚରିତ୍ର ହେଲେ ପିତାମହ ଭୀଷ୍ମ । କୌରବ ପକ୍ଷ ରୁ ଯୁଦ୍ଧ ଲଢି ନିହତ ହେଇଥିଲେ ମଧ୍ୟ ସର୍ବଜନ ଆଦୃତ ଏକ ଆଦର୍ଶ ଚରିତ୍ର । ଶୌର୍ଯ୍ୟ, ବୀର୍ଯ୍ୟ ଓ

ରାଜନୀତି ରେ ଦକ୍ଷ ଭୀଷ୍ମ କିନ୍ତୁ ଚିରକାଳ ପାଇଁ ଅମର ଭାବେ ଜନ ସ୍ମୃତି ରେ ବିରାଜମାନ କଲେ ତାଙ୍କ ପ୍ରତିଜ୍ଞା ପାଇଁ । କାଳ କାଳ ପାଇଁ ଲୋକ କଠୋର ପ୍ରତିଜ୍ଞା ଟିଏ କଲେ ତାକୁ କୁହାଗଲା "ଭୀଷ୍ମ ପ୍ରତିଜ୍ଞା" । ଆସନ୍ତୁ ପୁଣି ଥରେ ପୁନରାବଲୋକନ କରିବା ଏହି ପ୍ରବାଦ ପୁରୁଷ ଙ୍କ କାହାଣୀ ।

ମହାଭାରତ ରେ ପିତାମହ ଭାବରେ ଖ୍ୟାତ ଭୀଷ୍ମ ଙ୍କ ନାମ ଭୀଷ୍ମ ନଥିଲା । ସେ ହସ୍ତିନାପୁର ରାଜ୍ୟ ର ରାଜାଧିରାଜ ଶାନ୍ତନୁ ଙ୍କ ପୁତ୍ର ଦେବବ୍ରତ ଥିଲେ । ଦେବବ୍ରତ ଅତ୍ୟନ୍ତ ସାହସୀ, ଶକ୍ତିଶାଳୀ ଓ ଦୃଢ଼ମନା ଯୁବରାଜ ଥିଲେ ଓ ଶୌର୍ଯ୍ୟ ବୀର୍ଯ୍ୟ ରେ ତାଙ୍କର ସମକକ୍ଷ୍ୟ ସେ ସମୟ ରେ କେହି ନଥିଲେ । ସମର କଳା ବ୍ୟତୀତ ରାଜନୀତି ଓ ଜୀବନ ଦର୍ଶନ ଉପରେ ତାଙ୍କର ପାଣ୍ଡିତ୍ୟ ଥିଲା । ଥରେ ରାଜା ଶାନ୍ତନୁ ନଦୀ ରେ ନୌକା ବିହାର କଲା ବେଳେ ଜଣେ ମତ୍ସ୍ୟଜୀବୀ ଙ୍କ ଝିଅ ସତ୍ୟବତୀ ଙ୍କ ଅପରୂପ ପ୍ରାକୃତିକ ସୁନ୍ଦରତା ରେ ବିମୁଗ୍ଧ ହେଇ ତାଙ୍କୁ ବିବାହ କରିବାକୁ ସତ୍ୟବତୀ ଙ୍କ ପିତା ଙ୍କୁ ପ୍ରସ୍ତାବ ଦେଲେ । ସତ୍ୟବତୀ ଙ୍କ ପିତା ସେ ଯେତେ ପ୍ରଲୋଭନ ଦେଲେ ମଧ୍ୟ ରାଜି ହେଲେ ନାହିଁ । ଏଥିରେ ଖୁବ ବ୍ୟଥିତ ହେଇ ଶାନ୍ତନୁ ବଡ଼ ଦୁଃଖ ରେ ରହିଲେ । ଯୁବରାଜ ଦେବବ୍ରତ ତାଙ୍କ ପିତାଙ୍କୁ ଅତ୍ୟନ୍ତ ଭକ୍ତି ଓ ଆଦର କରୁଥିଲେ । ସେ ଏକଥା ଜାଣି ସତ୍ୟବତୀ ଙ୍କ ପିତା ଙ୍କୁ ଭେଟିଲେ। ସତ୍ୟବତୀ ଙ୍କ ପିତା ତାଙ୍କ କନ୍ୟା କୁ ରାଜା ଶାନ୍ତନୁ ଙ୍କୁ ବିବାହ ସୂତ୍ର ରେ ଦେବାକୁ ରାଜି ନ ହେବାର କାରଣ ଭାବେ କହିଲେ ଯେ ଯେହେତୁ ଶାନ୍ତନୁ ଙ୍କ ଜ୍ୟେଷ୍ଠପୁତ୍ର ଭାବେ ଦେବବ୍ରତ ରହିଛନ୍ତି , ସତ୍ୟବତୀ ଙ୍କ ଔରସ ରୁ ଜନ୍ମିତ ପୁତ୍ର କେବେ ରାଜ ସିଂହାସନ ର ଅଧିକାରୀ ହେଇ ପାରିବ ନାହିଁ । ଦେବବ୍ରତ ହିଁ ପୁତ୍ର ପୌତ୍ରାଦି କ୍ରମେ ରାଜପଦ ଭୋଗ କରିବେ ।

ଦେବବ୍ରତ ସେହି କଥା ରେ ବଡ଼ ଧର୍ମ ସଙ୍କଟ ରେ ପଡିଲେ । କିନ୍ତୁ ପରିଶେଷ ରେ ତାଙ୍କର ନିବିଡ଼ ପିତୃ ଭକ୍ତି ତାଙ୍କୁ କଠୋର ନିଷ୍ପତ୍ତି ନେବାରେ ଦୃଢ଼ ନିଶ୍ଚିତ କଲା । ସେ ସତ୍ୟବତୀ ଓ ତାଙ୍କ ପିତା ଙ୍କ ସମ୍ମୁଖ ରେ ଅଗ୍ନି ଦେବ ଆଦି ଙ୍କ ସମ୍ମୁଖ ରେ ନେଲେ ଏକ କଠୋର

ପ୍ରତିଜ୍ଞା, ଯାହା କ ଭୀଷ୍ମ ପ୍ରତିଜ୍ଞା ନାମରେ ପୁରାଣ ରେ ବିଶିଷ୍ଟ ସ୍ଥାନ ନେବା ସହ ଆଜିଯାଏ ବହୁ ପ୍ରଚଳତ ଏକ ଶବ୍ଦ ହେଇ ରହିଗଲା ।

ଦେବବ୍ରତ ପ୍ରତିଜ୍ଞା ନେଲେ ଯେ ସେ ଆଜୀବନ କେବେ ହେଲେ ରାଜସିଂହାସନ ଗ୍ରହଣ କରିବେ ନାହିଁ । ତେଣୁ ସତ୍ୟବତୀ ଶାନ୍ତନୁ ଙ୍କୁ ବିବାହ କଲେ ତାଙ୍କ ପୁତ୍ର ଉତ୍ତରାଧିକାରୀ ଭାବେ ରାଜାଙ୍କ ଅନ୍ତେ ରାଜପଦ ପାଇବା ଦିଗରେ ଆଉ ବାଧା ରହିବ ନାହିଁ । ତେବେ ତଥାପି ସତ୍ୟବତୀ ଙ୍କ ପିତା ରାଜି ହେଲେ ନାହିଁ ଓ କହିଲେ ଯେହେତୁ ଦେବବ୍ରତ ଜ୍ୟେଷ୍ଠ ରାଜକୁମାର ଭାବେ ରହିଛନ୍ତି, ପରବର୍ତ୍ତୀ କାଳ ରେ ତାଙ୍କର ପୁତ୍ର ପୌତ୍ରାଦି ଙ୍କ ଅଧିକାର ରହିବ ରାଜପଦ ପାଇଁ। ଏହାର ଉତ୍ତର ରେ ଦେବବ୍ରତ ଆହୁରି ଦୁଇଟି କଠୋର ଶର୍ତ୍ତ ତାଙ୍କ ପ୍ରତିଜ୍ଞା ରେ ଯୋଡିଲେ ଯେ ସେ ଆଜୀବନ ଅବିବାହିତ ରହିବେ ଓ ହସ୍ତିନାପୁର ର ଯିଏ ବି ରାଜା ରହିବ ତାର ସେବା ରେ ନିଯୁକ୍ତ ରହିବେ ଜୀବ ଥିବା ଯାଏ । ଏହି ପ୍ରତିଜ୍ଞା କଠୋର ଥିଲା ଓ ଏହା ସତ୍ୟବତୀ ଙ୍କ ପିତା ଙ୍କୁ ସନ୍ତୋଷ କଲା ଓ ସତ୍ୟବତୀ ଙ୍କ ସହ ଶାନ୍ତନୁ ଙ୍କ ବିବାହ ସମ୍ପନ୍ନ ହେଲା । ଏହି ଅନନ୍ୟ ତଥା ଦୃଢ଼ ପ୍ରତିଜ୍ଞା ପରେ ଦେବବ୍ରତ "ଭୀଷ୍ମ " ନାମ ରେ ପରିଚତ ହେଲେ । ରାଜା ଶାନ୍ତନୁ ନିଜେ ଦେବତ୍ୱ ଅଂଶ ରୁ ଜାତ ହେଇଥିବାରୁ ତାଙ୍କର ବର ଦେବାର ଶକ୍ତି ଥିଲା ଓ ସେ ନିଜ ପୁତ୍ର ଦେବବ୍ରତ ଙ୍କ ପିତୃଭକ୍ତି ରେ ବିଭୋର ହେଇ ତାଙ୍କୁ "ଇଚ୍ଛାମୃତ୍ୟୁ" ର ବର ପ୍ରଦାନ କଲେ ।

ତା ପରେ ଭୀଷ୍ମ ଶାନ୍ତନୁ ଙ୍କ ଅନ୍ତେ ମହାବୀର ଭୀଷ୍ମ ସିଂହାସନ ର ଉତ୍ତରାଧିକାରୀ ମାନଙ୍କ ସେନାପତି ଭାବେ ଗୁରୁତ୍ୱ ପୂର୍ଣ ଦାୟିତ୍ୱ ନିର୍ବାହ କରି କପରି କୁରୁକ୍ଷେତ୍ର ଯୁଦ୍ଧ ରେ କୌରବ ସେନା ର ନେତୃତ୍ୱ ନେଲେ ଅନ୍ୟତମ ମହାରଥୀ କର୍ଣ ଙ୍କ ସହ, ସେ ବିଷୟ ଅନ୍ୟତ୍ର ଆଲୋଚତ ହେବ । ତେବେ କୁରୁ ଯୁଦ୍ଧ ର ଅନ୍ତିମ ଚରଣ ରେ ସେ ଗୁରୁତର ଆହତ ହେଇ ନିଜ ଇଛା ରେ ଯୁଦ୍ଧ ଶେଷ ଯାଏ ଦେଖିବାକୁ ଶର ଶଯ୍ୟା ରେ ଶୟନ କଲେ ସେଇ ରଣଭୂମି ରେ ଓ ଦୈନିକ ଯୁଦ୍ଧ ବିବରଣୀ ନେଲେ ।

ଭୀଷ୍ମ ଓ କର୍ଣ୍ଣ ଙ୍କୁ ପରାଜିତ କରିବା ପାଇଁ ଧର୍ମରାଜ ଯୁଧିଷ୍ଠିର ଙ୍କ ସେନାପତି ଅର୍ଜୁନ ମଧ୍ୟ ଅସମର୍ଥ ହେଇଥାନ୍ତେ ଯଦି ଭୀଷ୍ମ ନିଜର ପ୍ରତିଜ୍ଞା ହେତୁ କରିଥିବା କୃତ କର୍ମ ର ଫଳ ଓ କର୍ଣ୍ଣ ଦିବ୍ୟମା ଶ୍ରୀକୃଷ୍ଣ ଙ୍କ କୂଟନୀତି ର ଶିକାର ହୋଇ ନ ଥାନ୍ତେ ।

କାଳ କାଳ କୁ କିମ୍ବଦନ୍ତୀ ହେଇ ରହିଲା ଭୀଷ୍ମ ଙ୍କ ଏହି ପ୍ରତିଜ୍ଞା । ଭୀଷ୍ମ କଦାପି ନିଜ ପ୍ରତିଜ୍ଞା ରୁ ନିବୃତ ହୋଇ ନଥିଲେ । ତେବେ ସେ ପିତୃଭକ୍ତି ର ଅତିଶୟତା ରେ ଆତୁର ହେଇ ନିଜ ହୃଦୟ କୁ ନ ପଚାରି, ତାଙ୍କ ପ୍ରତିଜ୍ଞା ର ସୁଦୂର ପ୍ରସାରୀ ଫଳାଫଳ କୁ ନ ବିଚାରି ଯେଉଁ ତୃତୀୟ ଶର୍ତ୍ତ ଯୋଡିଲେ ତାହା ହିଁ ତାଙ୍କ ପତନ ର କାରଣ ହେଲା ।ସେ ଭାବିବାର ଥିଲା ଯେ ସେ ଯଦି ସବୁ ଉତ୍ତରାଧିକାରୀ ରାଜା ଙ୍କ ସେବା କରିବେ, କେହି ହୁଏତ ଦୁରାଚାରି, ବ୍ୟଭିଚାରି ମଧ୍ୟ ହୋଇପାରନ୍ତି ଓ ସେ ପ୍ରତିଜ୍ଞା ଭଙ୍ଗ ନକରିବାକୁ ସେହି ଦୁରାଚାରି ରାଜା ର ସେବା ନିଜ ଇଛା ବିରୁଦ୍ଧରେ, ନିଜ ସ୍ୱଭାବ ବିରୁଦ୍ଧ ରେ କରିବାକୁ ହେବ ଯାହା ପ୍ରକୃତ ରେ ଦୁର୍ଯ୍ୟୋଧନ ଙ୍କ କ୍ଷେତ୍ର ରେ ଘଟିଲା ଓ ଧର୍ମ ର ଅଧର୍ମ ସହ ସଂଗ୍ରାମ ରେ ଭୀଷ୍ମ ଅଧର୍ମ ର ସହାୟତା କରିବାକୁ ବାଧ୍ୟ ହେଇଥିଲେ ।

ଆଧୁନିକ ଯୁଗ ରେ ମଧ୍ୟ ପ୍ରତିଜ୍ଞା ( ବିଶେଷତଃ ପ୍ରତିଶ୍ରୁତି କୁହାଯାଇ ପାରେ) ଦେଖିବାକୁ ମିଳେ । ପ୍ରତିଜ୍ଞା କରିବା ଲୋକ କିଛି କ୍ଷେତ୍ର ରେ ଏହି ପ୍ରତିଜ୍ଞା ପାଳନ କରିଥାନ୍ତି ସତ, ଅଧିକାଂଶ କ୍ଷେତ୍ର ରେ ନ ଥାଏ ଭୀଷ୍ମ ସଦୃଶ ମନୋବଳ ବା ଭୀଷ୍ମ ଙ୍କ ତୃତୀୟ ଶର୍ତ ପରି ଭୁଲ ନିଷ୍ପତ୍ତି ବା ହେଇ ନ ପରିବାର ପ୍ରତିଶ୍ରୁତି ସମ୍ପନ୍ନ ପ୍ରତିଜ୍ଞା ।

ଅବସରପ୍ରାପ୍ତ ଅଧ୍ୟକ୍ଷ,
ଝାରସୁଗୁଡା ଲକ୍ଷ୍ମୀନାରାୟଣ କଲେଜ, ଝାରସୁଗୁଡା



# ମୋ ମାତୃଭାଷାର ସ୍ୱର



ମାନସ କୁମାର ପାତ୍ର

କେତେ ଆପଣାର ପରଶ ଦେଇଛି
କେତେ ମିଠା ମିଠା କଥା ସେ କହିଛି
ଚୁପି ଚୁପି କାନେ ମୋର
ଗୁରୁ ଗୁରୁଜନେ ଚହ୍ନାଇ ଦେଇଛି
ବଡ଼ ହେବାପାଇଁ ବାଟ କଢ଼ାଇଛି
ମନେ ଭରି ଅନ୍ତସ୍ୱର ।
ମଥାନତ କେବେ କରିବୁନ ବାବୁ
ସମସ୍ତଙ୍କୁ ଆପଣାର କରିଥିବୁ
କେତେ ଥର ବୁଝାଇଛି
ମିଛ ଛଳନାର ନେବୁନ ଆଶ୍ରୟ
ଗାଉଥିବୁ ଗୀତ ପ୍ରେମ ପ୍ରୀତିମୟ
ପାପକୁ ଦେବୁ ମୁରୁଛି ।
ଜ୍ଞାନୀ ଗୁଣି ଜନେ କରିବୁ ଆଦର
ଭୁଲିବୁନ ତ୍ୟାଗ ମାଆ ଓ ମାଟିର

ପ୍ରାଣ ପଛେ ଯିବ ଗ୍ଳଲି
ଶରଣାଗତ କୁ କରିବୁନ ବିଦା
ଭୋକଲ ଲୋକର ଭରିଦେବୁ କ୍ଷୁଧା
ଦେବୁନାହିଁ କା'ରେ ଗାଳ ।
ମୋ ମାତୃଭାଷାର ଏହା ଅଟେ ସ୍ୱର
କାନେ କହୁଅଛି ମୋତେ ବାରମ୍ବାର
ହୁଅନା ନଗ୍ଶ ଆଜି
ପଢ଼ିପାର ତୁମେ ଭାଷା ଅଛି ଯେତେ
ମନ ଭରି ଟିକେ ଭଲ ପାଅ ମୋତେ
ମୋ ଦେଶ ଉଠିବ ତେଜି ।

ଅରଳା, ଗୋପାଳପୁର, ବାଲେଶ୍ୱର

"ବେଦାନ୍ତୀ" ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com


# ଉତ୍କଳ ଦିବସ



ସାଗର ପ୍ରଧାନ

ଦେଖୁ ଅଛେ ଯେଉଁ ଓଡ଼ିଶା କୁ ଆଜି
ତାର ନୂତନ  ରୂପରେ
ନଥିଲା ଉନେଇଶ ଛତିଶ ପୂର୍ବରୁ
ଏଭଳ ମାନଚତ୍ର ରେ।

ଅକ୍ଲାନ୍ତ ପରିଶ୍ରମ ମଧୁବାବୁଙ୍କ
ଏହାର ଗଠନ ପାଇଁ
ପାରଳା ନରେଶ କୃଷ୍ଣ ଚନ୍ଦ୍ର ଦେଲେ
ନଜ ହାତକୁ ବଢେଇ।



ଦୁଇ ରଥଙ୍କ ମିଳନ ଫଳରେ
ସୁଗମ ହୋଇଲା ପଥ
ନ ରହିଲା ଆ ଉ ଓଡ଼ିଆ ମନରେ
ଭାଷା ରାଜ୍ୟ ନେ ଇ ଭୀତ।

ନୂତନ ଓଡ଼ିଶା ଜନମ ନେଲା
ଏପ୍ରିଲ ଏକ ଉନେଇଶ ଛତିଶିରେ
ଯୁଗଜନ୍ମାଙ୍କୁ ଓଡ଼ିଆ ଜାତି ଝୁରେ
ଆଜି ଏ ପୁଣ୍ୟ ତିଥିରେ...

ପଦାଦିଗି, ଗଞ୍ଜାମ

# ଅସହାୟ ଜୀବନ



ପୁଷ୍ପିତା ଭୂୟାଁ

ସକାଳୁ ସକାଳୁ କାମ ବାଲି କାନ୍ଦି କାନ୍ଦି ମୋ ଘର କୁ ଆସିଲା। ମୁଁ କହିଲି, "ଆଲୋ ମାଳତୀ ମା' କାହିଁକି କାନ୍ଦୁଛୁ, କଣ ହୋଇଛି ତୋର ।" ତା ବଡ଼ ଝିଅ ନାଁ ମାଳତୀ ବୋଲି ସାଇ ସାରା ସମସ୍ତେ ତାକୁ ମାଳତୀ ମା' ବୋଲି ଡାକନ୍ତି । ମୋ ଘରେ ୨୦ ବର୍ଷ ହେଲାଣି କାମ କରୁଛି । ସକାଳ ଛ ଟା ହେଉଣୁ ନହେଉଣୁ ଆସି ମୋ ଘରେ ହାଜର ହୋଇଯାଇ, ବାରି ଓଳାଏ ପ୍ରଥମେ, ତା ଖର ଖର ଝାଡୁ ଶବ୍ଦରେ ମୁଁ ଜାଣି ଯାଏ ସେ ଆସିଲା ବୋଲି । ଘର ଭିତରକୁ ପଶି ଆସି ନଥ କରି ବସିପଡ଼ିଲା ସେଦିନ ସେ । "ଆଲୋ କଣ ହେଲା ତୋର "ମୁଁ ପଚାରିଲି । ସେ କହିଲା, "ମା କାଲି ରାତିଠାରୁ ବୁଢା କୁ ଭାରି ଜ୍ୱର, ଡାକଲେ କେତେବେଳେ ଶୁଣୁଛି ତ କେତେବେଳେ ଶୁଣୁନି। ରାତି ସାରା ଜ୍ୱର ରେ କମ୍ପୁଛି, ବାଉଳ ଚାଉଳ ହେଉଛି । ଭୋରରୁ ପୁଅ ଆସି ଗୋଟେ ଜ୍ୱର ଔଷଧ ଦେବାରୁ, ଏବେ ଟିକେ ଶୋଇ ପଡିଛି । ମୁଁ ନାତିକି ଟିକେ ଜଗେଇ ଦେଇ ଆସିଛି ।"

ମୁଁ ଆଉ କଣ କହି ତାକୁ ସାନ୍ତ୍ୱନା ଦେବି ଜାଣି ପାରିଲିନ । ଦୀର୍ଘ ଦୁଇ ବର୍ଷ ହେବ ପାରାଲିସିସ୍ ରେ ଆକ୍ରାନ୍ତ ହୋଇ ସେ ବିଛଣାରେ ପଡିଛି । ବିଚାରି ମାଳତୀ ମା' ପାଞ୍ଚ ଘର କାମ କରି ତା ଖବର ବୁଝୁଛି । ବେଳେବେଳେ ଡାକ୍ତର ଦେଖାଉଛି, ଔଷଧ ବି ଦେଉଛି। ଡାହାଣ ପଟ ଅଙ୍ଗ ପୁରା ଅକାମି। ମାଳତୀ ମା ବିଚାରି ମାଇକନା ଲୋକ କେତେ ତାକୁ ଉଠା ପକା କରିବ । ତଥାପି ଖୁବ କରୁଛି ତା ପାରୁ ପର୍ଯ୍ୟନ୍ତ । ଦୁଇ ଦୁଇ ଟା ପୁଅ ଜନ୍ମ କରି ଥିଲା, ସମସ୍ତେ ପାଖା ପାଖି ରହୁଛନ୍ତି ଅଲଗା ଅଲଗା ଘର କରି । କିନ୍ତୁ ବାପ ମାଆ ଖବର କେହି ବୁଝୁ ନାହାଁନ୍ତି । ଜଣେ ଦିନରେ ଭାତ ଗଣ୍ଡେ ଥୋଇଦେଇ ଯାଉଛି ତ ଆଉ ଜଣେ ରାତିରେ ରୁଟି ଚାରି ଛ ପଟ ଥୋଇ ଦେଇ ଯାଉଛି । ଏତିକିରେ ଯେପରି ତାଙ୍କର କର୍ତବ୍ୟ

ଶେଷ। ସେମାନେ ତାଙ୍କ ପିଲା ଛୁଆ ନେଇ ବ୍ୟସ୍ତ। ବୁଢ଼ା ଟା ଖାଲି ସବୁବେଳେ ଉହଳ ବିକଳ ହେଉଛି । ବେଳେବେଳେ ଡାକ ପକାଉଛି ନାତି ନାତୁଣୀ ମାନଙ୍କୁ । କିନ୍ତୁ କେହି ତ ଦୁଆର ମାଡ଼ୁ ନାହାଁନ୍ତି, ଓଲଟା ବେଶି ଡାକଲେ ଗାଳି କରୁଛନ୍ତି ଆସି । ଘର ଭିତର ଟାରେ ସେ ବି କେତେ ପଡି ରହିବ ସେ ବିଛଣାଟା ରେ ଏକେଲା । ମାଳତୀ ମାଆ ତ କାମ କୁ ବାହାରି ଆସୁଛି । କାମ ନ କଲେ ଖାଇବେ ବି କଣ! କେତେ ଅସହାୟ ଜୀବନ ସତରେ। ବିଛଣା ରୁ ଉଠି ପାରୁନି, ବେଳେବେଳେ ବିଛଣାରେ ଝାଡା ପରିଶ୍ରା ବି ହୋଇ ଯାଉଛି । ମାଳତୀ ମା' ସକାଳୁ ତାକୁ ଉଠାଇ ନିତ୍ୟ କର୍ମ କରାଇ ଚା ଟିକେ ପିଆଇ କାମକୁ ଆସେ । ପୁଣି ୧୨ଟା ବେଳକୁ ଯାଇ ତାର ଲୁଗାପଟା ଧୋଇ, ତାକୁ ଗାଧୁଆ ପାଧୁଆ କରାଇ ଭାତ ଦୁଇଟା ଖୁଆଇ ଦିଏ । ଭାତ ଦୁଇଟା ତ ପୁଅ ଦେଇଥାଏ, ତରକାରୀ ପନି ବାବୁ ଘରମାନେ ଦିଅନ୍ତି। ବାବୁଘର ମାନେ ତାକୁ ବି ଯାହା ଖାଇବାକୁ ଦିଅନ୍ତି ନଖାଇ ଅଣ୍ଟି ରେ ପୁରାଇ ନେଇଯାଏ ବୁଢା ଟା ପାଇଁ । କଣ କରିବ ବୁଢ଼ାର ହାତ ଗୋଡ ସିନା ଚଳୁନି କିନ୍ତୁ ପାଟି ତ ଅଛି । ସବୁ ଜିନିଷ ଖାଇବାକୁ ମନ କରୁଛି। ତା ପାରୁ ପର୍ଯ୍ୟନ୍ତ ଭଲ ମନ୍ଦ କଣିକ ତାକୁ ଖୁଆଉଛି । ବଞ୍ଚି ଥିବା ଯାଏ ମଣିଷ ର ଲୋଭ। ଯାହା ହେଲେ ବି ସିଏ ତା ସ୍ୱାମୀ, ଆଜି ଏପରି ଅବସ୍ଥାରେ ପଡିଛି । ତଥାପି ତା ମନରେ ଗର୍ବ ଅଛି। ଦୁଇ ଝିଅ ତ ବାହା ହୋଇଯାଇଛନ୍ତି। ପୁଅ ଦୁଇଟା ପାଖରେ ଥାଇ ବି ନଥିଲା ପରି । କିନ୍ତୁ ସ୍ୱାମୀ ଆଜି ଅପଙ୍ଗ ହେଲେବି ତାର । ତା ପାଇଁ ହାତ ରେ ଶଙ୍ଖା ପିନ୍ଧିଛି ମଥାରେ ସିନ୍ଦୁର ଲଗେଇଛି । ସ୍ୱାମୀ ଯଦି ଚାଲି ଯାଏ। ତେବେ ସେତ ସଂସାର ରେ ଏକଦମ୍ ଏକା ନିଆଶ୍ରି ହୋଇଯିବ।

ନିଜ ଦେହରେ ବି ତାର କେତେ ରୋଗ, କେତେ ବେଳେ ବି. ପି. ବଢି ଯାଉଛି ତ କେତେବେଳେ ସୁଗାର। ଆଣ୍ଠୁଟା କେତେ କାଟୁଛି, ଆଉ ଏମିତି ରେ ବି ସବୁବେଳେ ବୁଢା ଟା ପାଇଁ ତା ର ଚିନ୍ତା । ନିଜେ ଖାଉକି ନ ଖାଉ ବୁଢା କୁ ଆଣି ଖୁଆଉଛି । କାମ ନ କଲେ ପଇସା କୋଉଁଠୁ ଆଣିବ ଡାକ୍ତର ଔଷଧ ପାଇଁ । ସରକାର ଗରିବ ଙ୍କ ପାଇଁ ଯେତେ ସୁବିଧା କଲେ ବି, ତାହା କଣ ସଠିକ ଲୋକଙ୍କ ପାଖରେ ପହଁଞ୍ଚି ପାରୁଛି । ନା ମିଳୁଛି

ବିପିଏଲ ଘ୍ରଉଳ ନା ଘର ଢ଼ିଅ। ତା ଦୁଃଖ ଯେଉଁଠି ସେଇଠି ରହି ଯାଇଛି ଯେପରି। ଝାଟି ମାଟିରେ କୁଡ଼ିଆ ଖଣ୍ଡେ କରି ରହିଛି।

ବୁଢା ପାଇଁ ତା ମନ ଟା କାନ୍ଦି ଉଠିଛି ଆଶଙ୍କାରେ। ବୁଢା ପାଇଁ ଏତେ କଷ୍ଟ କଲେବି ବେଳେବେଳେ କହି ପକାଉଛି, ଘରେ ପଡି ଥାଉ ପଛେ ଲୋକ ଟା ତ ମୋର ଅଛି। ଯେତେଦିନ ଯାଏ ପାରୁଥିବି କାମ କରି ତାକୁ ବଞ୍ଚେଇ ରଖିବାକୁ ଚେଷ୍ଟା କରିବି ନିଶ୍ଚିତ। ନା ଅଛି ମନରେ ବିରକ୍ତି ର ଭାବ ନା ଅବଶୋଷ।

"ହଉ ଜଲଦି ଜଲଦି କାମ ସାରି ଦେଇ ଯା ଦେଖିବୁ ବୁଢ଼ାର ଜ୍ୱର କମିଲାଣି କି ନାହିଁ।" ମୁଁ କହିଲି। " ହଁ ମାଆ ଯାଉଛି ନଦ ଭାଙ୍ଗି ଗଲେ କୁଆଡେ ଗଲୁ ବୋଲି ହୁରି ପକେଇବ। ଠାକୁରେ ତା ଜ୍ୱର ଭଲ କରି ଦିଅନ୍ତୁ।" କହି ମାଳତୀ ମା' ଚାଲିଗଲା।

ସତରେ ଏଇ ଦୁଃଖୀ ମଣିଷ ଙ୍କୁ ଦେଖିଲେ, ହୃଦୟ ଟା କମ୍ପି ଉଠେ ମନରେ ଦୟା ବି ଆସେ। ସୁଖ କଣ ଦିନେ ଜାଣି ନଥିଲେ ବି ଜୀବନ ଜିଁଇବାରେ କିଛି ଅବଶୋଷ ନାହିଁ କି କାହାରି ଉପରେ ରାଗ ଅଭିମାନ ବି ନାହିଁ। ସେଇ ଦୁଃଖ କଷ୍ଟ ରେ ରହିବି ଜୀବନ ଜୀଇଁବାର ପନ୍ଥା ସେମାନେ ବାହାର କରି ଦିଅନ୍ତି ଅକ୍ଲେଶରେ।

ଜଗମରା, ଖଣ୍ଡଗିରି, ଭୁବନେଶ୍ୱର, ଓଡିଶା

ଆପଣମାନେ ଲେଖିଥିବା କୌଣସି ପୁସ୍ତକ ଯଦି ବେଦାନ୍ତୀ ମାଧମରେ ପାଠକଙ୍କୁ ଜଣାଇବାକୁ ଚାହୁଁଛନ୍ତି ତେବେ ଆମକୁ ସଂପର୍କ କରନ୍ତୁ।

# ଅମୃତ ତୃଷ୍ଣା



ଝିଲିମିଲି ସାହୁ

ଫଗୁଣର ଫଗୁ ରଙ୍ଗ ନେଇ
କେବେଠାରୁ ଆସିଲାଣି ବସନ୍ତ
ପ୍ରୀତିଭରା ଏଇ ମତୁଆଲ ମନ
ସତେ ଅବା ତୁମ ପ୍ରେମରଙ୍ଗେ ସିକ୍ତ ॥
କୃଷ୍ଣଚୂଡା ଓ ପଳାଶ ଫୁଲର ସମ୍ଭାରେ
କନଆଁ ସାଜିଛି ପ୍ରକୃତିରାଣୀ
ମନେଭରିଯାଏ ଅଜଣା ଆନନ୍ଦ
ଭାବିଦେଲେ ତୁମ ଲାଜ ଗୃହାଣୀ ॥
ଗାଁ ମୁଣ୍ଡର ଆମ୍ରକୁଞ୍ଜରେ ଅବା
ତୋଟାମାଳେ ଶୁଭିଲାଣି କୋକଳର କୁହୁତାନ
ବ୍ୟାକୁଳତ ସଦା ଶୁଣିବାକୁ
ତୁମ ଅଧରୁ ନସୃତ ମଧୁ ବଚନ ॥
ଫଗୁଣ ସଂଜେ କବା ଗୃନ୍ଦିନୀ ରାତିରେ
ତାରାମେଳେ ଆଖିଠାରେ ଦରଦୀ ବସନ୍ତ
ମୋ ମନେ ସାଇତା ତୁମ ସ୍ମୃତି ସୌଧ
ଲାଗେ ସତେ ଯନ୍ତ୍ରଣା ଜର୍ଜିତ ପ୍ରଣୟ ପଥ ।



ବାସ୍ନାମୟ ହୁଏ ମୋର ଚଉଦିଗ

ଆହା!! ବଉଳର ମହ ମହ ବାସେ

ଓଠରୁ ମୋ ଝରିଯାଏ ସ୍ୱଗ ମହ୍ଲାର

ନତି ଝୁରେ ତୋତେ ପ୍ରତି ମଳୟରେ ॥

ନୀରବେ ବଞ୍ଚିଛି ତୁମ ପ୍ରତୀକ୍ଷାରେ

ଶୁଣାଇବାକୁ ମୋ ସ୍ପନ୍ଦନର ଭାଷା

ନିରନ୍ତର ଅପେକ୍ଷା ତୁମ ଆଗମନକୁ

ଅନୁଭବିବାକୁ ଅମୃତତୃଷ୍ଣା !! ଅମୃତତୃଷ୍ଣା !!

ଶିକ୍ଷୟିତ୍ରୀ, ନବଘନପୁର, ନୟାଗଡ

**"ବେଦାନ୍ତୀର ମଇ ସଂଖ୍ୟା ପାଇଁ ଲେଖା ପଠାଇବାର ଶେଷ ତାରିଖ ହେଉଛି ଅପ୍ରେଲ ୧୫ ତାରିଖ ଆଉ ଲେଖା ପଠାଇବାର ଠିକଣା ହେଲ୍:vedantimagazine@gmail.com"**

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ- 9594993733

# ଗଙ୍ଗାଜଳ



ବିନୟ ମହାପାତ୍ର

ସମସ୍ତେ ପୂଜାରେ ବସି ସାରିଲେଣି, ହଠାତ ପୁରୋହିତେ କହିଲେ ଗଙ୍ଗାଜଳ କାଇଁ, ଗଙ୍ଗାଜଳ ବୋତଲଟା ତ ନଜର ଆସୁନ, ବିନା ଗଙ୍ଗାଜଳରେ ପୂଜା କେମିତି ହେବ? କଳଶ ପାଣିରେ ଦି ଟୋପା ଗଙ୍ଗାଜଳ ନପଡିଲେ କଳଶ ସ୍ଥାପନା ହୋଇ ପାରିବନ, ପୂଜା ଗଡୁରେ ଦି ଟୋପା ଗଙ୍ଗାଜଳ ବିନା ଠାକୁରଙ୍କ ସ୍ନାନ ଆଚମନ କେମିତି ହେବ ? ସେତିକ ବେଳକୁ ବଡ ଭାଉଜ ପାଟିଟାଏ କରି କହିଲେ, ସାନକୁ କହିଥିଲି ପା ଠାକୁର ପୂଜାର ସାମଗ୍ରୀ ସବୁ ଜୋଗାଡ କରିବାକୁ, କଛି ଅସୁବିଧା ହେଲେ ମଝିଆଣିକୁ ପଗ୍ଚରି ନେବୁ, ନହେଲେ ମୋତେ କହିବୁ ! ହେଲେ ଆଜି କାଲିକା ଝିଅ ତ ସବୁ ଭରି ସିଆଣୀ କାହାକୁ କଛି ପଗ୍ଚରିବାକୁ ସରମ ଆସେ, ହଠାତ ମାଆ ଶାନ୍ତ ସ୍ୱରରେ କହିଲେ, ଆରେ ସୁଲୋଚନା, ( ସୁଲୋଚନା ବଡ ଭାଉଜଙ୍କ ନାଆଁ) , ଯାକୁ ତାକୁ ଦୋଶ ଦେଇ କଣ ହେବ, ସିଏତ ନୂଆ ବୋହୁଟା, ଏ ଘରର ରୀତି ନୀତି ଶିଖିବାକୁ ତାକୁ ସମୟ ଲାଗିବ, ସେ କଣ ଜାଣିଛି ଏ ଘରର କୋଉ ଜିନଷ କୋଉଠି ଥାଏ ? ତମେ ତ ସବୁ ବାହାରେ ରହିଲ, କୁଣିଆ ପରି ଦି ଗ୍ଚରି ଦିନ ପାଇଁ ଘରକୁ ଆସିବ, କେମିତି ଜାଣିବ କୋଉ ଜିନଷ କୋଉଠି ରହେ ? ଯାଆ ଦେଖ, ଠାକୁର ଘର ଉପର ଥାକରେ ଗଙ୍ଗାଜଳର ସେଇ କାଚ ବୋତଲଟା ଅଛି, ଗଙ୍ଗାଜଳ, ଯଦି କମ୍ ହୋଇ ଯାଇଥିବ ସେଥିରେ ଗିନାଏ ପାଣି ମିଶାଇ ଦେବୁ । ସେ ବି ଗଙ୍ଗାଜଳ ହୋଇଯିବ ।

ଗଙ୍ଗାଜଳ, ଏଇ ଗଙ୍ଗାଜଳ ବହୁତ ପୁରୁଣା, ଯେତେବେଳେ ଜେଜେ ଆଉ ଜେଜେମାଆ ବଞ୍ଚିଥିଲେ ସେବେ ଯାଇଥିଲେ ତୀର୍ଥ କରିବାକୁ, ପୁରା ମାସେ କାଳ ସାରା ଭାରତ ଭ୍ରମଣ


କରି ଆସିଥିଲେ । ହରିଦ୍ୱାରରୁ ଆଣିଥିଲେ ବୋତଲେ ଗଙ୍ଗାଜଳ । ସେ ସମୟରେ ଆଜିକାଲିକା ପରି ପ୍ଲାଷ୍ଟିକ ବୋତଲ କ ଜାର ମିଳୁ ନଥିଲା । ସେ ଯୁଗରେ ବୋତଲ କହିଲେ କାଚର ବୋତଲ ସବୁ, କରୋସିନ୍ ଠାରୁ ଆରମ୍ଭ କରି ରୋଷେଇ ଘରର ଶୋରିଷ ତେଲ ବୋତଲ ହେଉ କ ଗଙ୍ଗାଜଳ ସବୁ କାଚ ବୋତଲ । ଏମିତିକ ସ୍ୟାହି ଶିଶିର ଠିପିରେ କଣାଟାଏ କରି ସେଇ ବାଟେ ବଳତାଟିଏ ଲଗାଇ ଦେଇ ଶିଶିରେ କରୋସିନ ଭରିଦେଲେ ସେ ହୋଇ ଯାଉଥିଲା ଡିବିରି, ଇଲେକ୍ଟ୍ରି ତ ନଥିଲା ସଂଜ ହେଲେ ଲଣ୍ଠନ କ ଡିବିରି ଖୋଜାହୁଏ । ଆଜି ବି ମନେ ପଡେ ପିଲାଦିନର ସେଇ କଥା ସବୁ, ସେଇ ଡିବିରି ଆଲୁଅରେ ପାଠ ପଢିବା କଥା, ଆଜି କାଲିକା ପିଲା ଏ ଦେଶୀ ଯୋଗାଡ କଥା ଶୁଣିଲେ ହସିବେ । ଛାଡ, ଗଙ୍ଗାଜଳ କଥା କହୁଥିଲି ନା' । ହଁ ସେଇ ଯୁଗର ସେଇ ଗଙ୍ଗାଜଳ ଆଜି ଯାଏ ବ୍ୟବହାର ହେଉଛି, ସାଇ ପଡିଶାରେ କାହାର କେବେ ପୁଜା ପାଠ ହେଉ କ ମଲା ମଣିଷ ମୁହଁରେ ଟୋପାଏ ଗଙ୍ଗାଜଳ ଦେବାକୁ ଆମରି ଘରୁ ମାଗି ନିଅନ୍ତି, ଗାଆଁରେ ପ୍ରାୟ ସମସ୍ତଙ୍କୁ ଜଣା, କୋଉଠି ନ ମିଳିଲେ ବି ଆମ ଘରେ ନିଶ୍ଚୟ ମିଳିଯିବ ଗଙ୍ଗାଜଳ । ବଡ ଆଶ୍ଚର୍ଯ୍ୟ ଲାଗେ କୋଉ ଯୁଗର ସେ ଗଙ୍ଗାଜଳ ଆଜି ଯାଏ ସେମିତି, ସେତିକ ଅଛି, ସତେବା ଏଇଟା ମାଆ ଲକ୍ଷ୍ମୀଙ୍କର ଶ୍ରୀୟା ଚଣ୍ଡାଳୁଣୀକୁ ଦେଇଥିବା ଅକ୍ଷୟ ପାତ୍ର । ଯେତେକ ଦରକାର ସେତିକ ମାଗିବୁ, ଦେଖିବୁ କେବେ ଖାଲି ହେବନି ଏ ପାତ୍ର, କେବେ ଯଦି ଲୋଭରେ ଆବଶ୍ୟକତା ଠାରୁ ଅଧିକ କାଢିବୁ ତେବେ ଏ ପାତ୍ର ଶୁନ୍ୟ ହୋଇଯିବ । ଜେଜେ ମାଆ ବି ମାନି ଥିଲା ଏ ମନ୍ତ୍ର, ମାଆ ବି ମାନୁଚି ଆଗକୁ ଗଲି ବୋହୁମାନେ ବି ମାନିବେ ବୋଲି ମାଆ ସବୁବେଳେ ଶିଖାଏ ।

ଏ ଗଙ୍ଗାଜଳ ବୋତଲ କେବେ ବି ଶୁନ୍ୟ ହୁଏନି ? ଜେଜେମାଆ ଯେତେ ବେଳେ ହରିଦ୍ୱାରରୁ ଏ ଜଳ ଆଣିଥିଲା ସେତେବେଳେ ଜଣେ ସାଧୁ କହିଥିଲେ, ଝିଅ, ଯେତେ ବେଳେ ବୋତଲ ଅଧା ହୋଇଯିବ ଏଥିରେ ପରିଷ୍କାର ପାଣି ମିଶାଇ ପୁଣି ବୋତଲ ଭରି ନେବୁ । ଟୋପାଏ ଗଙ୍ଗାଜଳ ସାରା ସମୁଦ୍ରର ଜଳକୁ ବି ଗଙ୍ଗାଜଳ କରି ଦେଇ ପାରେ । ମାଆ ଗଙ୍ଗା କଲ୍ୟାଣମୟୀ ପାପ ନାଶିନୀ, ତୋର ଏ ଗଙ୍ଗାଜଳ ବୋତଲ କେବେ ଖାଲି

ହେବନି, ମାଆ ଗଙ୍ଗାର ଆଶିର୍ବାଦ ତୋ ସାଙ୍ଗରେ ଅଛି । ସେଇ ଫର୍ମୁଲାରେ ଜେଜେମାର ବୋତଲ କେବେ ଖାଲି ହୋଇ ନଥିଲା, ମାଆର ବୋତଲ ବି ଖାଲି ହୋଇନି, ଆଶା ବୋହୁ ମାନଙ୍କ ଅମଳରେ ବି ଏଇ ଅକ୍ଷୟ ବୋତଲ କେବେ ଖାଲି ହେବନି ।

ବେଳେ ବେଳେ ମନେ ହୁଏ ସତେବା ଏଇ ବୋତଲ ଗୋଟିଏ ଅକ୍ଷୟ ପାତ୍ର ଅଥବା ସ୍ୱୟଂ ମାଆ ଗଙ୍ଗା ଏଇ ବୋତଲ ଭିତରେ ବିରାଜମାନ, ଭାବିଲେ ଆଶ୍ଚର୍ଯ୍ୟ ଲାଗେ, ଆସ୍ଥା ଓ ବିଶ୍ୱାସ କେତେ ମଝଭୂତ ସତେ । କାଠ ପଥରରେ ସିନ୍ଦୁର ବୋଳି ଆଜି ବି ଆମେ ଆମର ଇପ୍ସିତ ବରଦାନ ପାଇଁ ପ୍ରାର୍ଥନା କରୁଛୁ, ଭକ୍ତ ସାଧୁ ସନ୍ୟାସୀଙ୍କ ଚରଣ କମଳରେ ସାରା ଜୀବନ ଉତ୍ସର୍ଗ କରି ଦେଉଛୁ, ଏହାର ନାଆଁ କଣ ଆସ୍ଥା ଆଉ ଭଗବାନ ? ହଁ, କହନ୍ତି ମନ ନିର୍ମଳ, ଆସ୍ଥା ଶୁଦ୍ଧ ଓ ବିଶ୍ୱାସ ଦୃଢ ଥିଲେ ସବୁ ସମ୍ଭବ, ଗୋବର ଗାଡିଆ ବି ଗଙ୍ଗା ପାଲଟି ଯାଏ। ବିଶ୍ୱାସ ଓ ଆସ୍ଥା ହିଁ ଭଗବାନ, ଆଉ ସେଇ ଭରଷାରେ ତ ଦୁନିଆ ଚାଲିଛି ।

କଟ୍ ସ୍କୋୟାର, ପଟିଆ
ଭୁବନେଶ୍ୱର, ଓଡିଶା



# କୃପାକର ଭବଗ୍ରାହୀ



ଶଶଧର ମହାପାତ୍ର

ପୂର୍ବ ଜନ୍ମଫଳ ଭୋଗ କରିବାକୁ
ଜନମଟି ଦେଲ ସାଇଁ
ଏ' ଭବ ସାଗର ପାରହେବା ପାଇଁ
ବାଟ ଦେଖାଇଲ ନାହିଁ ?

ମୁଁ ଛାର ମଣିଷ କେମିତି ବୁଝିବି
ତୁମ ଲୀଳା କୃପାସିନ୍ଧୁ
ଜନମ, ମରଣ ତୁମରିତ ସୃଷ୍ଟି
ଦେଇଅଛ ଜଗବନ୍ଧୁ ?

ମାୟା, ମୋହ ଜାଲେ ବାନ୍ଧି ପକେଇଲ
ଭାରି ଶକ୍ତ ତା'ର ଡୋରି
ସେ' ଗୁଢ ରହସ୍ୟ ବୁଝି ନପାରିଲି
କଲ୍ ମୋତେ ଏତେ ସରି

କାହା ଜୀବନକୁ କରିଅଛ ତୁମେ
ଗୋଲାପ ଫୁଲର ଶେଯ
କିଏ ପାଉନାହିଁ ଖୁଦ ମୁଠେ ପୁଣି
ଲୁଚେଇ ପାରୁନ ଲାଜ
କରିନାହଁ ତୁମେ ମୋ' ଜୀବନ ପଥ
ଶତ ପରସେଣ୍ଟ ଭଲ

କେବେ ଭେଟିଅଛି ଟାଙ୍ଗର୍ ଭୂଇଁତ
କେବେ ପୁଣି ଗାଢ ଖାଲ
ଖଞ୍ଜିଥିଲ ଯାହା ଦୁଃଖ, ସୁଖ ସବୁ
ବାଉଳା କରିଛି ମନ
ପଡି, ଉଠି, ପଡି ଧାଇଁଛି ପ୍ରଭୁହେ
ରଖିବାକୁ ମୋର ଟାଣ

ପାଇଅଛି କଛି, ହରାଇଛି କଛି
କହିବାକୁ ମାଡେ ଲାଜ
ସବୁ ଦେଖିପାର, ସବୁ ଜାଣିପାର
କି କହିବି ଦେବରାଜ

ତୁମରି ସୃଷ୍ଟିରେ ଯେତେ ଭଲ ସବୁ
ଉପଭୋଗ କରିଅଛି
ଫୁଲର ସୁଗନ୍ଧ, ଇନ୍ଦ୍ରଧନୁ ରଙ୍ଗ
ମନ ଖୁସି କରିଅଛି

ଶୀତଳ ପବନ, କୋଇଲିର କୁହୁ
ମଧୁମକ୍ଷୀଙ୍କ ଗୁଞ୍ଜନ
ଭଲ ଲାଗି ଗାଁ ପରିବେଶ
ସ୍ମୃତିଭରା ପିଲାଦିନ

ଭଲ ଲାଗିଥିଲା ଶ୍ରାବଣର ଧାରା
ଫଗୁଣର ରାତି ଦିନ
ଭଲ ଲାଗିଥିଲା ଶୀତ ସପନ
ଶରତ ରାତିର ଜହ୍ନ

ଭଲ ଲାଗିଥିଲା ନୀଳ ଆକାଶ
ସମୁଦ୍ରର ବେଳାଭୁଇଁ
ତୁମ ନଈ, ନାଳ, ବଣ, ପାହାଡ
ଯାଇଥିଲା ମନ ଛୁଇଁ
ଝରଣାର ଗୀତ, ଝିଙ୍କାରୀ ଶବଦ
ଉଛୁଳା ନଈର ରୂପ
ଭଲଲାଗିଥିଲା ତୁମ ମନ୍ଦିରରେ
ଜଳୁଥିବା ଆଶାଦୀପ

ଭଲ ଲାଗିଥିଲା ସ୍ତ୍ରୀ'ର ପଣତ
ମା'ର ଉଷୁମ କୋଳ
ଭଲ ଲାଗିଥିଲା ଗୁରୁଙ୍କର ବାଣୀ
ସାଙ୍ଗସାଥିଙ୍କର ମେଳ

ସହଜ ହେବକି ମୋର ଏ' ଜୀବନ
ଏ' ପ୍ରଶ୍ନ ମୋ' ମନେ ଆସେ
ହାଲ୍କା ହେବକି ଦୁଃଖ ଓ ଯାତନା
ତୁମେଥିଲେ ପାଶେପାଶେ

ସେସବୁ ପ୍ରଶ୍ନର- ଉତ୍ତର ପାଇବା
ମୋତେ ଲାଗିଗଲା ଡେରି
ମୁଁ ଯେ ମୁଢ ନର ବୁଝିଗଲି ଆଜି
ବିଶ୍ୱାସକୁ କରି ଡୋରି

ଏଡେ ଭୁଲ୍‌କଲି ତୁମକୁ ମୁଁ ଭୁଲି
ସ୍ୱାର୍ଥକୁ ସାରଥୀ କରି
ପୁରା ଜୀବନଟା କଟିଗଲା ମୋର
ତୁଣ୍ଡେ ନଧରିଲି "ହରି"

କେବେ ରଖିନାହିଁ ଲୋଭ ମହାପ୍ରଭୁ
ତୁମ ରତ୍ନଭଣ୍ଡାରରେ
ଏ' ହାତରେ ଦେଲେ ଯେତେ ଅର୍ଥ ତୁମେ
ଫେରିଯିବ ସେ' ହାତରେ
ଜୀବନର ଦୀପ ହୁଏ ଦପଦପ
ଲିଭିଯିବ କେବେ ଦିନେ
ଜୀବ ଗଲାବେଳେ ଖୋଜୁ ଏ ପରାଣ
ପ୍ରଭୁପାଦ ମନେମନେ

ବୃନ୍ତଚ୍ୟୁତ ଏକ ଶୁଖିଲା ପତର
( ମୁଁ) ଏବେ ଉଡେ ଏଣେତେଣେ
ଅନେକ ରହିଛି ଅକୁହା କଥାତ
ଲୁଚରହି ଏ' ପରାଣେ

ମନକଥା ଖୋଲି କହିବାକୁ ପର୍
ଇଚ୍ଛାଶକ୍ତି ହୁଏ ଲୋଡ଼ା
କହିବି କହିବି ବୋଲି ଭାବୁଭାବୁ
ହେଲି ଆଜି ମୁଁ ବୁଢ଼ା

ଜୀବନର ଏଇ ସାୟାହ୍ନ ବେଳାରେ
କରୁଅଛି ମୁଁ ଗୁହାରି
ଭାବର ଠାକୁର ଭାବ ବୁଝିପାର
କରବଙ୍କ ଭବୁ ପାରି ?

ହିଡେନ୍ ଭାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା



# କାଲିର ଓଡିଆ



ଅନୁସୂୟା ମିଶ୍ର

ଲେଖୁ ଲେଖୁ କଥାଟିଏ ମନକୁ ଆସିଲା ଆଜି....କାହା ପାଇଁ ଲେଖୁଛି? କାହିଁକବା ସାଇତି ରଖୁଛି ସବୁକଛି? କାଲିର ଓଡିଆ କ'ଣ ପଢିବ ଏସବୁକୁ? ନା ଅକ୍ଷରର ସଂପୂର୍ଣ୍ଣ ପରିଚତି ଅଛି ନା ଉଚ୍ଚାରଣରେ ବନାନ୍ ଗତ ଶୁଦ୍ଧି, ସତ କହିବାକୁ ଗଲେ, କାଲିର ଓଡିଆଠାରେ ମାତୃଭାଷା- ପ୍ରୀତି ଆଶା କରିବାଟା ହିଁ ଦୁର୍ବୁଦ୍ଧି । ତେବେ କାହାପାଇଁ ଗଢୁଛି ମୁଁ ମୋ ଭାଷାର କୋଣାର୍କଟିକୁ?

କାଲିର ଓଡିଆ ଯେ ପିଲାଦିନୁ ମାତୃଭାଷା ପ୍ରତି ବିମୁଖ, ସେ କଥା ତ ନୁହଁ । ହଁ, ଅନ୍ୟ ଭାଷା ପ୍ରତି ତାର ଅଧିକ ଆଗ୍ରହ । କନ୍ତୁ, ଭାବି ଦେଖନ୍ତୁ ତ, ସେଇଟା କ'ଣ ସଂପୂର୍ଣ୍ଣ ଭାବରେ ତା'ରି ଦୋଷ? ଆମର ତ୍ରୁଟିପୂର୍ଣ୍ଣ ଉତ୍ତରଦାୟିତ୍ୱ କ'ଣ ସେଥିପାଇଁ ଦାୟୀ ନୁହଁ? ତାର ପାରିପାର୍ଶ୍ୱିକ ପରିସ୍ଥିତି ତ ଆମରି ହାତରେ ପ୍ରସ୍ତୁତ । ନା କର୍ମଜୀବି ବାପାମାଆଙ୍କ ପାଖେ ସମୟ ଅଛି ପିଲାଙ୍କୁ ଦେବାପାଇଁ, ନା ଘରକାମର ଜଞ୍ଜାଳ ଭିତରେ ପେଶି ହୋଇଯାଉଥିବା ଗୃହିଣୀଟିର ଧୈର୍ଯ୍ୟ ଅଛି ପିଲାଙ୍କର ଅଳଅର୍ଦ୍ଦଳକୁ ଶୁଣିବା ପାଇଁ। ଫଳସ୍ୱରୂପ ବେତନଭୋଗୀ ପରିଚାରିକା ଅଥବା **electronics gadget** ର ମେଳରେ ଆଗକୁ ପାଦ ବଢାଏ ଆଜିର ଶୈଶବ । ମାତ୍ର ଏପରି ଯାନ୍ତ୍ରିକ ସଂପର୍କ ଭିତରେ ଭାଷାର ବା କ'ଣ ପ୍ରୟୋଜନ? ଭାବର ଆଦାନ ପ୍ରଦାନ ପାଇଁ ସିନା ଭାଷାର ଆବଶ୍ୟକତା!

ସେହି ଭାଷା ମନରେ ଆଙ୍କି ହୋଇଯାଏ ଯେଉଁଥିରେ ଅନ୍ତରର ଭାବ ଭରି ରହିଥାଏ । ସେଇଥିପାଇଁ ପିଲାଦିନେ ଅଜାଆଈ ବା ଜେଜେବାପା ଜେଜେମାଙ୍କଠାରୁ ଶୁଣିଥିବା ଟୁଆଁଟୁଇଁ ଗପ, ବୁଢୀ ଅସୁରୁଣୀ କଥା ଆଦି ଆଜି ବି ଆମ ମନରେ ଖେଳବୁଲେ । ମାତ୍ର କାଲିର ଓଡିଆ ତ ସେ ସୁବିଧାରୁ ବି ବଞ୍ଚିତ । କଛିଟା ପରିସ୍ଥିତିଗତ, କଛିଟା ସ୍ୱେଚ୍ଛାକୃତ କାରଣ

ଯୋଗୁଁ ଯୌଥ ପରିବାର ବ୍ୟବସ୍ଥା ଏବେ ଇତିହାସର ଅନ୍ତର୍ଭୁକ୍ତ। ତେଣୁ ଆଇ ବା ଜେଜେମାଙ୍କ ପରି ଗପ କହୁ କହୁ ପିଲାଟି ମନରେ କିଏ ବା ଆଙ୍କିଦେବ ନିଜ ମାତୃଭୂମିର ଗ୍ରାମ୍ୟଜୀବନ, ସଂସ୍କୃତି, ଐତିହ୍ୟ ଆଦିର ଅବିକଳ ଚିତ୍ର? ଗଳ୍ପଛଳରେ କିଏ ବା ଗଢିତୋଳିବ ପିଲାଟିରେ କଅଁଳ ମନରେ ମାତୃଭୂମି ତଥା ମାତୃଭାଷା ସହ ଏକ ଭାବଗତ ସଂପର୍କ?

କାଲିର ଓଡିଆଠାରେ ମାତୃଭାଷା ପ୍ରତି ଅନାଗ୍ରହ ବା ଅପାରଦର୍ଶିତା ପାଇଁ ଆଜିର ଶିକ୍ଷା ବ୍ୟବସ୍ଥାକୁ ମଧ୍ୟ ଦାୟୀ କରାଯାଇପାରେ। ଏ କ୍ଷେତ୍ରରେ ଇଂରାଜୀ ମାଧ୍ୟମରେ ଶିକ୍ଷାଗ୍ରହଣର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପିଲାମାନେ ଅଣଓଡିଆ ମାଧ୍ୟମ ସ୍କୁଲ୍ ରେ ପଢିବାଟା ଯେ ସାଂପ୍ରତିକ ଜୀବନଶୈଳୀର ଏକ ମୌଳିକ ଆବଶ୍ୟକତା, ଏ କଥାଟି ଅପ୍ରିୟ ସତ୍ୟ ହେଲେ ମଧ୍ୟ ଏକାନ୍ତ ଅଯୌକ୍ତିକ ବୋଲି କୁହାଯାଇ ପାରିବ ନାହିଁ। ଓଡିଶା ଭିତରେ ହେଉ କି ବାହାରେ, ଆଶାନୁରୂପ ଭବିଷ୍ୟତଟିଏ ଗଢିବାକୁ ଗଲେ ଆଜିବି ଇଂରାଜୀ ଭାଷାରେ ନିଜକୁ ପ୍ରକାଶ କରିପାରିବାର ଦକ୍ଷତା ଜରୁରୀ ହୋଇପଡେ। ଏହି ଦକ୍ଷତା ପ୍ରଦାନ କ୍ଷେତ୍ରରେ ଓଡିଆ ମାଧ୍ୟମ ସ୍କୁଲ୍ ଗୁଡିକ ଯେ ଅସଫଳ ଏହା କହିବା ବାହୁଲ୍ୟ। ଫଳସ୍ୱରୂପ, ଅଣଓଡିଆ ପରିବେଶରେ ବଡ ହୋଇଥିବା ଓଡିଆ ଭାଷାର ଭବିଷ୍ୟତ ବଂଶଧରମାନେ ପରସ୍ପର ମଧ୍ୟରେ ମଧ୍ୟ ଓଡିଆରେ କମ୍, ହିନ୍ଦୀ ବା ଇଂରାଜୀ ଭାଷାରେ ବେଶି କଥାବାର୍ତ୍ତା ହେବାର ଦେଖାଯାଏ।


ଆଜିର ବାସ୍ତବ ଚିତ୍ରକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, ଅର୍ଥନୈତିକ କ୍ଷେତ୍ରରେ ପଛୁଆ ବର୍ଗର ପିଲାମାନେ ହିଁ ଯାଇଥାଆନ୍ତି ଓଡିଆ ମାଧ୍ୟମ ସ୍କୁଲ୍ ରେ ପାଠପଢିବାକୁ। ଏ କ୍ଷେତ୍ରରେ ରାଜ୍ୟସରକାରଙ୍କ ପ୍ରୋତ୍ସାହନ ମଧ୍ୟ ସ୍କୁଲ୍ ରେ ଉପସ୍ଥାନ ପାଇଁ ଯେତେ ଥାଏ ଶିକ୍ଷାର ମାନ ପ୍ରତି ନଥାଏ। ତେଣୁ ଛାତ୍ରଛାତ୍ରୀଙ୍କର ଧ୍ୟାନ ମଧ୍ୟ ପାଠ୍ୟକ୍ରମ ପ୍ରତି ନରହି ସ୍କୁଲ୍ ରେ ଉପଲବ୍ଧ ଅନ୍ୟାନ୍ୟ ସୁବିଧା ସୁଯୋଗଠାରେ କେନ୍ଦ୍ରିଭୂତ ହୁଏ। ଏଭଳି ମନୋବୃତ୍ତି ମଧ୍ୟରେ ମାତୃଭାଷା ପ୍ରତି ଆଗ୍ରହର ଆଶା କରିବା ହିଁ ବୃଥା। ବିପରୀତ ପକ୍ଷେ, ଏଇ ପିଲାମାନେ ଯେତେବେଳେ ନିଜ ସୁନ୍ଦର ଭବିଷ୍ୟତର ସ୍ୱପ୍ନକୁ ସାକାର କରିବା ରାସ୍ତାରେ ଭାଷାଗତ ବାଧାର ସମ୍ମୁଖୀନ ହୁଅନ୍ତି ସେତେବେଳେ ସେମାନଙ୍କ ମନରେ ନିଜ ମାତୃଭାଷା ପ୍ରତି ହେୟ ଜ୍ଞାନ ସୃଷ୍ଟି ହୁଏ। ନିଜ ମଧ୍ୟରେ ଥିବା ହୀନମନ୍ୟତାକୁ ଘୋଡାଇବାକୁ ଯାଏ ଏହିମାନଙ୍କ

ମଧ୍ୟରୁ କେତେକ ମାତୃଭାଷା ପ୍ରତି ଆନୁଗତ୍ୟକୁ ଢାଲ କରି ନିଜ ମନରେ ତଥା ସମାଜରେ ଅନ୍ୟ ଭାଷା ପ୍ରତି ବିଦ୍ୱେଷୀ ଭାବର ପୋଷଣ କରନ୍ତି । ମାତ୍ର ସେମାନଙ୍କ ନିକଟରେ ମାତୃଭାଷାର ଗୁରୁତ୍ୱ କୂପମଣ୍ଡୁକଟି ମନରେ କୂପ ପ୍ରତି ଥିବା ଗୁରୁତ୍ୱବୋଧ ସହ ତୁଳନା କରାଯାଇପାରେ । ଯେ ନଦୀ, ପୋଖରୀ ବା ସମୁଦ୍ର ବିଷୟରେ ଜାଣିଛି, ସିଏ ସିନା ଜାଣିପାରିବ କୂଅ ପାଣିର ଉପାଦେୟତା । ଠିକ୍ ସେହିପରି, ଯାହାର ଅନ୍ୟ ଭାଷା ବିଷୟରେ କୌଣସି ଜ୍ଞାନ ହିଁ ନଥିବ, ସେ ନିଜ ମାତୃଭାଷାର ବିଶେଷତ୍ୱ ବିଷୟରେ ବା କପରି ଜାଣିବ? ତେଣୁ ଭାଷାଗତ ସଂକୀର୍ଣ୍ଣତାକୁ ମନରୁ ଦୂର ନ କଲେ କାଲିର ଓଡିଆ ମନରେ ନିଜ ମାତୃଭାଷା ପ୍ରତି ଶ୍ରଦ୍ଧା ତଥା ସମ୍ମାନବୋଧ ଆସିବା ଅସମ୍ଭବ ।

ପିଲାଟିଏ ଜନ୍ମହେବା ପର ନିଜ ମା'ର ମୁହଁରୁ ହିଁ ମାତୃଭାଷାର ପ୍ରଥମ ପରିଚୟ ଲାଭ କରିଥାଏ । ମା' ଯେଉଁ ଭାଷାରେ ନିଜ ମନରଭାବକୁ ପ୍ରକାଶ କରେ, ନିହାତି ଅବୋଧ ହେଲେ ମଧ୍ୟ ସେହି ଭାଷା ହିଁ ପିଲାଟିର ମନକୁ ଛୁଏଁ । ତେଣୁ ପ୍ରକୃତପକ୍ଷରେ ମାତୃଭାଷା ପ୍ରତି ଆଗ୍ରହ ବା ଅନାଗ୍ରହର ସୂତ୍ରପାତ ଘରର ଚାରିକାନ୍ଥ ଭିତରେ ହିଁ ହୋଇଥାଏ । ଏ ବିଷୟରେ ଯଦି ଆମେ ଆଜି ସଚେତନ ହେବା ତେବେ ଓଡିଆଭାଷାର ଭବିଷ୍ୟତମାନଙ୍କୁ ମାତୃଭୂମି, ତଥା ମାତୃଭାଷା ସହ ଯୋଡି ରଖିବା ପାଇଁ ଦୈନନ୍ଦିନ ଜୀବନରେ ଛୋଟବଡ ଅନେକ ପଦକ୍ଷେପନେଇ ପାରିବା, ଯେପରିକି....ନିଜର ବ୍ୟସ୍ତବହୁଳ ଜୀବନରୁ କିଛି ସମୟ ବାହାର କରି ପିଲାଙ୍କ ସହ ବିତାଇବା, ଯେଉଁ କାହାଣୀ ସବୁ ଶୁଣି ଶୁଣି ଆମେ ବଡ ହୋଇଥିଲେ, ସେଇସବୁ ତାଙ୍କୁ ବି ଶୁଣାଇବା, ଓଡିଆ ଭାଷାରେ ଲିଖିତ ପୌରାଣିକ କାହାଣୀ ତଥା ଅନ୍ୟାନ୍ୟ ଛୋଟ ଛୋଟ ଗପବହି ତାଙ୍କୁ ନିଜେ ପଢିବାକୁ ଦେବା, ଗଳ୍ପଛଳରେ ତାଙ୍କୁ ଆମରାଜ୍ୟର ସଂସ୍କୃତି, ପରଂପରା, ଭାଷା, ସାହିତ୍ୟ ଆଦିର ପରିଚୟ କରାଇବା, ଛୁଟି ବା ଅବସର ସମୟରେ ଓଡିଶାର ବିଭିନ୍ନ ଐତିହାସିକ ସ୍ଥାନ ବୁଲି ଦେଖାଇବା ସହ ସେସବୁର ବିଶେଷତ୍ୱ ବିଷୟ ତାଙ୍କୁ ଅବଗତ କରାଇବା, ଓଡିଶା ବାହାରେ ଥିଲେ ମଧ୍ୟ ଦୈନିକ ଓଡିଆ ଖବରକାଗଜ ପଢିବା ଏବଂ ଟିଭିରେ ଓଡିଆ ଚ୍ୟାନେଲ୍ ରୁ ଓଡିଶା ବିଷୟକ ଛୋଟବଡ ଖବର ଦେଖିବା ଇତ୍ୟାଦି ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କାଲିର ଓଡିଆ ମନରେ ଓଡିଆ ଭାଷାକୁ ନେଇ ଗର୍ବଭାବର ସୃଷ୍ଟି। ଏ କ୍ଷେତ୍ରରେ ସାହିତ୍ୟର ଅବଦାନ ସହଜରେ ଅନୁମେୟ। ଯେପରି ଦିନେ ଆମ ପୂର୍ବସୂରୀମାନଙ୍କ ଦ୍ୱାରା ସମୃଦ୍ଧ ଓଡିଆ ସାହିତ୍ୟର ସଂସ୍ପର୍ଶରେ ଆସି ଆମ ମନରେ ମାତୃଭାଷା ପ୍ରତି ମମତ୍ୱବୋଧ ଜାତ ହୋଇଥିଲା, ସେହିପରି ଆଜି ଯଦି ଆମେ ଓଡିଆ ସାହିତ୍ୟର ପୂର୍ବ ଗୌରବକୁ ଅକ୍ଷୁର୍ଣ୍ଣ ରଖିବା ଦିଗରେ ମନ ଦେବା, ତେବେ କାଲିର ଓଡିଆ ନିଶ୍ଚୟ ଏହା ଦ୍ୱାରା ପ୍ରଭାବିତ ହେବ ଏବଂ ଭାଷାର ଦରବାରରେ ମୁଣ୍ଡ ଟେକ କହିବ, “ହଁ, ମୁଁ ଓଡିଆ”।

ଶତାବ୍ଦୀ ନଗର, ୟୁନିଟ୍-୮, ଭୁବନେଶ୍ୱର



ଆପଣମାନେ ଲେଖିଥିବା କୌଣସି ପୁସ୍ତକ ଯଦି ବେଦାନ୍ତୀ ମାଧ୍ୟମରେ ପାଠକଙ୍କୁ ଜଣାଇବାକୁ ଚାହୁଁଛନ୍ତି ତେବେ ଆମକୁ ସଂପର୍କ କରନ୍ତୁ।

# ସେଦିନ ସକାଳ



ଶାନ୍ତିଲତା ମିଶ୍ର

କୋର୍ଟ୍ ରୁ ଫେରିଲା ପରେ ଦିନ ଚାରିଟା ପ୍ରାୟ ହୋଇ ଯାଇଥିଲା । ଭାବୁଥିଲେ ଘର ଆସି ବହୁତ କାନ୍ଦିବେ, ଆଖିରେ ଶେଷ ବିନ୍ଦୁ ଲୁହ ଥିବା ପର୍ଯ୍ୟନ୍ତ । ନା ସେପରି କିଛି ହେଲା ନାହିଁ । ଗୋଟାଏ ବି ବୁନ୍ଦା ଲୁହ ଝରିଲା ନାହିଁ । କେବଳ ଦେହ ଓ ମନ ଭିଷଣ କ୍ଲାନ୍ତ ଅବଶ ଲାଗୁଥିଲେ । ଫ୍ୟାନଟାକୁ ଫୁଲ୍ ସ୍ପିଡ୍ ରେ ଚଲେଇ ଦେଇ ଚୌକିଟିରେ ବସିଗଲେ । କେତେବେଳେ ଆଖି ପତା ବୁଜି ହୋଇ ଯାଇଥିଲା ତାଙ୍କୁ ଜଣା ନଥିଲା ।

ସମସ୍ତଙ୍କ ସକାଳ ପରି ତାଙ୍କର ବି ସକାଳ ହୋଇଥିଲା । ଇତୁ କିପରି ଯେ ରାତି ପାହି ଥିଲା କେବଳ ସେ ହିଁ କହି ପାରିବେ । ରାତିରେ କିଛି ଖାଇ ନଥିଲେ ବି ସକାଳକୁ ଭୋକ ନାହିଁ । "ବୁଲବୁଲ" ପାଇଁ ସକାଳର ଜଳଖିଆ ବି ତିଆରି କରିବାର ନାହିଁ । ସେ ତା ବାପାଙ୍କ ପାଖରେ ଆମଲେଟ ବ୍ରେଡ ବଟର ଜେଲି ଜାମ୍ ଖାଉଥିବ । ସିଏ କଣ ଦେଇଥାନ୍ତେ, ଚୁଡା ସନ୍ତୁଳା, ମୁଢି ବାଦାମ ବା ଅତି ବେଶୀରେ କେବେ କେବେ ସୁଜି ଉପମା । ଆଉ ପଖାଳ ସାଙ୍ଗକୁ ଶାଗ ଭଜା ।

ସେତକ ବି ବୋଉର ଦୟାରୁ ତାଙ୍କୁ ମିଳେ । ବୋଉ ପ୍ରତି ସପ୍ତାହରେ "ଧରମା" ହାତରେ ଡାଲି ଚାଉଳ, ପରିବାପତ୍ର ସାଙ୍ଗକୁ କିଛି ହାତ ଖର୍ଚ୍ଚ ଦିଏ । ସେଇଥିରେ ସେ ମା ଝିଅଙ୍କ କଷ୍ଟେ ମଷ୍ଟେ କାମ ଚଳି ଯାଉଥିଲା ।

ତାରି ଫଟ ପାଖରେ ସକାଳ ଚାରି ଘଣ୍ଟା ଠିଆ ହୋଇ ବିତେଇ ଦେଲେ । ଫଟଟି ପରି ସେ ବି ନିର୍ବାକ ନିସ୍ପନ୍ଦ । ଥାଉ, ବାପ ପାଖରେ ଭଲରେ ଥାଉ । ବାପ ତାର ତିନି ବର୍ଷ ହେଲାଣି ଘର ଛାଡି ଅନ୍ୟ ଏକ ସ୍ତ୍ରୀ ସହିତ ବିବାହ କରି ରହିଛନ୍ତି । କିନ୍ତୁ ତିନି ବର୍ଷ ପରେ ହଠାତ ଝିଅ କଥା କାହିଁ ମନେ ପଡିଲା! ଏକଥା ସେ ବୁଝି ପାରୁ ନାହାନ୍ତି ।

କୋର୍ଟ୍ ରେ ମୋର ଝିଅକୁ ପାଳିବାର ଅକ୍ଷମତା, ଅପାରଗତା ଦର୍ଶାଇ ସେ ତାଙ୍କଠାରୁ ଛଡାଇନେଇ ଯାଇଛନ୍ତି ଏକରକମ । ବୁଲବୁଲ ଆଶାରେ ସେ ବଞ୍ଚିଥିଲେ । ଏବେ କାହା ପାଇଁ ବଞ୍ଚିବେ । ମରିବାର ରାସ୍ତା ଏବେ ଖୋଲା, କିନ୍ତୁ ବୋଉ? ସେ କେମିତି ବଞ୍ଚିବ? ସେ ବି ତ ତା ତିନି ଝିଅଙ୍କ ମୁହଁକୁ ଚାହିଁ ବଞ୍ଚିଛି । ତାର ବଞ୍ଚିବା ଟା ସେ କପରି ଛଡେଇ ନେବେ?

ତେଣୁ ତାଙ୍କୁ ବି ବଞ୍ଚିବାକୁ ହେବ । କିନ୍ତୁ ବୁଲବୁଲ ବିନା କପରି ବଞ୍ଚିବେ? ଏବଂ କାହିଁକି ବଞ୍ଚିବେ? "ନର୍ମଦା" ଯେତେବେଳେ "ବିନୟ"ଙ୍କୁ ବିବାହ କରିଥିଲେ ସେ ଗ୍ରାରିବର୍ଷ କଲେଜ ସାରି କୌଣସି ଏକ ଅଫିସରେ ହେଡ କ୍ଲର୍କ ଭାବେ କାମ କରୁଥିଲେ । ନର୍ମଦା ହାଇସ୍କୁଲ ପାସ କରି ସାରିବା ପରେ ତାଙ୍କର ବିବାହ ହୋଇଥିଲା ।

ବିନୟ ବହୁତ ଉଚ୍ଚାଭିଳାଷି ଥିଲେ । ନିଜ ପ୍ରଚେଷ୍ଟାରେ ଘରେଇ ଭାବେ ଉଚ୍ଚତର ଶିକ୍ଷା ପ୍ରାପ୍ତ କରି ସେଇ ଅଫିସରେ ବଡ ଅଫିସର ହୋଇ ପାରିଥିଲେ । କିନ୍ତୁ ପରେ ନର୍ମଦାଙ୍କୁ ସ୍ତ୍ରୀ ଭାବେ ପାଇ ଲଜ୍ୟା ବୋଧ କରୁଥିଲେ । ତାଙ୍କର ସାଧାସିଧା ଚେହେରା ସାଙ୍ଗକୁ ମଫସଲିଆ ଗୁଣ ତାଙ୍କୁ ମୋଟେ ପସନ୍ଦ ହେଉନଥିଲା ।

ସବୁ କଥାରେ ସବୁ ଦିନ ଏଇ କଥା ଉପରେ ଆକ୍ଷେପୋକ୍ତି କରୁଥିଲେ । ସବୁ ନିରବରେ ସହି ଯାଆନ୍ତି ନର୍ମଦା ବୁଲବୁଲ ପାଇଁ କେବଳ । ଅଫିସରେ ଜଣେ ମହିଳାଙ୍କ ସହିତ ତାଙ୍କର ଆତ୍ମୀୟତା ପୂର୍ଣ୍ଣ ସମ୍ପର୍କ ବିଷୟରେ ଅନ୍ୟ ମାନଙ୍କଠୁ ଶୁଣୁଥିଲେ ବି ସେ ଆଖି କାନ ବନ୍ଦ ରଖିଥିଲେ । ଦିନେ ଯେତେବେଳେ ତାଙ୍କ ବିବାହ ଖବର ଅନ୍ୟମାନଙ୍କ ଠାରୁ ଶୁଣିଲେ, ସେଦିନଠୁ ତାଙ୍କ କବାଟ ସବୁଦିନ ପାଇଁ ବିନୟଙ୍କ ଲାଗି ବନ୍ଦ କରି ଦେବାକୁ ବାଧ୍ୟ ହେଲେ । ବୁଲବୁଲ ହିଁ ତାଙ୍କ ଜୀବନର ସର୍ବସ୍ୱ । ତାକୁ ହିଁ ପାଥେୟ କରି ଜୀବନ ପଥରେ ସେ ଆଗେଇବେ ।

ବୋଉର ସହାଯ୍ୟର ହାତ ଲମ୍ବି ଆସିଥିଲା । ମା ମାନେ ସବୁବେଳେ ହିଁ ଏମିତି । ନିଜ ପେଟରୁ କାଟି ପିଲାମାନଙ୍କୁ ଦବାରେ ଯେ ସେ କି ଆନନ୍ଦ ପାଏ କେବଳ ସେହି ମା ମାନେ ହିଁ କହି ପାରିବେ । ପିଲାମାନଙ୍କୁ ସ୍ୱର୍ଗ ସୁଖ ଦେବା ମୋହର ନିଜକୁ ନର୍କରେ ଘାଣ୍ଟୁଥାଏ ।

ଆଉ ଦି ମାସ ପରେ ବୁଲବୁଲକୁ ଦଶ ବର୍ଷ ପୁରିଯିବ । ଭାବୁଥିଲେ ପିଠା ପଣା କରି ବୋଉ ଓ ଅନ୍ୟ ଦି ଭଉଣିଙ୍କୁ ଡାକବେ ବୋଲି । ଇଚ୍ଛାଟା ଦୀର୍ଘଶ୍ୱାସରେ ହିଁ ରହିଗଲା ।

ସେଦିନ କୋଟରେ ବୁଲବୁଲର ନରିହ ଚାହାଣୀ ଟା ଆଖିରେ ଭାସି ଆସୁଛି । ସେ କଛି ବୁଝି ପାରୁ ନଥାଏ କଣ ଘଟି ଚାଲିଛି । ବାପାଙ୍କୁ ଦେଖି ଖୁସି ହେଉଥିଲା ବେଳେ ବୋଉ ପାଖରୁ ତାକୁ ଚାଲିଯିବାକୁ କାହିଁକି ଯେ କୁହା ହେଉଛି ସେ କଛି ବୁଝୁଥାଏ ପୁଣି ବୁଝୁ ନଥାଏ । ଅସ୍ପଷ୍ଟ ଏକ ଚନ୍ତାଧାରା ଭିତରେ ଗତି କରୁଥାଏ । ବୋଉ ଯେ ପ୍ରତିବାଦ ବା ପ୍ରତିରୋଧ କାହିଁକି କରୁନ ତା ବି ସେ ବୁଝି ପାରୁନଥାଏ ।

ବାପା ନୂଆ ପୋଷାକ, ଖେଳନା, ଚକୋଲେଟ, ବିସ୍କୁଟର ପ୍ରଲୋଭନ ଦେଖେଇ ନେଇଗଲେ ସତ, ତାକୁ ବୋଉ ପାଖରୁ କନ୍ତୁ ତାହା ଯେ ସବୁଦିନ ପାଇଁ ତାକୁ ଜଣା ନଥିବ ସେଦିନ । ଭଲ ପାଠ ପଢିବ, ଭଲ ମଣିଷ ହେବ, ଭଲରେ ରହିବ ବୋଲି ସେଦିନ ବୋଉ ଚୁପ ରହିଗଲା । ସେକଥା ତା ଶିଶୁ ମନ କପରି ବୁଝିଥାନ୍ତା । ଯଦି ଭବିଷ୍ୟତରେ କେବେ ଦେଖା ହେବ ସେ ତାକୁ ବୁଝେଇ ଦେବେ । ଦିନେ ତ ନଶ୍ଚୟ ସେ ବଡ ହୋଇଯିବ ସବୁଦିନ ଏମିତି ଛୋଟ ହୋଇ ରହିବନ ।

ସେ ଜାଣନ୍ତି ଝିଅମାନେ ଯୋଉଠି ବି ରୁହନ୍ତୁ ବା ଯେତେ ଦୂରେ ଥାଆନ୍ତୁ, ମା ଆଉ ମାତୃଭୂମୀକୁ କେବେ ବି ଭୁଲନ୍ତିନ । ଦିନେ ନା ଦିନେ ସେ ତାଙ୍କ କୋଳକୁ ନଶ୍ଚୟ ଫେରିବ ଏଇ ଆଶା ବିଶ୍ୱାସରେ ସେ ସେଦିନ ଚୁପ ରହିଗଲେ । ଦୁଇ ମାସ କେମିତି ଯେ ବିତିଛି ସେ ହିଁ ଜାଣନ୍ତି । ଦୀର୍ଘଶ୍ୱାସ ଆଉ ନରବର ଶୁନ୍ୟ ଚାହାଣୀ ହିଁ ତାର ମୂକ ସାକ୍ଷୀ ।

ଆଜି ବୁଲବୁଲର ଜନ୍ମଦିନ । ପ୍ରତି ବର୍ଷ ତା ଜନ୍ମ ଦିନରେ ସେ ସକାଳୁ ଉଠି ବୁଲବୁଲକୁ ନେଇ ମନ୍ଦିରକୁ ଯାଆନ୍ତି । ଘରକୁ ଫେରି ପିଠାପଣା କରି ପୂଜା କରନ୍ତି । ପଡୋଶୀମାନଙ୍କୁ ବାଣ୍ଟନ୍ତି । ସେଦିନ କେହି ବି ତାଙ୍କ ଦୂଆରକୁ ଭିକ ମାଗିବାକୁ ଆସିଲେ ଅନ୍ୟଦିନ ପରି ଖାଲି ହାତରେ ଫେରାଇ ଦିଅନ୍ତିନ ।

ଆଜି ଏକାକୀ ଯାଇଥିଲେ । ଘରେ ଆସି ମଣ୍ଡା ପିଠା, ଖିରୀ, ଖେଚେଡି ତିଆରି କରି ପୂଜା କରିଥିଲେ । ଧରମା ଆସିଥିଲା ଡାଲି ଚାଉଳ ଧରି ତା ହାତରେ ବୋଉ ପାଇଁ ପିଠାପଣା

ପଠେଇ ଦେଇଥିଲେ, ଧରମାକୁ ଖାଇବାକୁ ଦେଲେ । ଆଉ ଆଳୁ କଛି ବଳଥିଲା । ଖାଇବାକୁ ପେଟକୁ ଗଲାନ । ପଡୋଶୀଙ୍କ ଦୁଇ ଝିଅ ସ୍କୁଲରୁ ଫେରିଲା ପରେ ତାଙ୍କୁ ନେଇ ଦେଇଦେବେ । ବୁଲବୁଲ ଆଜି ବହୁତ ମନେ ପଡୁଛି । ଠାକୁର ଘରେ ବସିଛନ୍ତି ତ ବସିଛନ୍ତି । କେତେବେଳେ ଯେ କାନ ଓଦା ହୋଇଯାଇଛି ତାଙ୍କୁ ଜଣାନାହିଁ ।

ହଠାତ୍ କବାଟରେ କରାଘାତ ଶୁଣି କାନ ସେ ଦିଗକୁ ଡେରିଲେ । ତାଙ୍କର କଏ ବା ଅଛି ଆସିବାକୁ । ହୁଏତ ପଡୋଶୀ ଜୁହି ମା ହୋଇଥିବେ । ସେ ବି ଏକା ରୁହନ୍ତି । ଦୁଇଟା ଝିଅ ତାଙ୍କର ବାହାସାହା ହୋଇ ନଜ ନଜ ଘରେ ଭଲରେ ଅଛନ୍ତି । ମଝିରେ ମଝିରେ ଆସିଯାଆନ୍ତି ଗପସପ କରିବାକୁ ନର୍ମଦାଙ୍କ ସଙ୍ଗେ ।

କବାଟ ଖୋଲି ଚମକ ପଡିଲେ । ବୁଲବୁଲ! ଆଖି ମଳ ଭଲ କରି ଦେଖିଲେ । ବିଶ୍ୱାସ ହେଉ ନଥିଲା ତଥାପି । ହଁ ତ । ତାକୁ ଏକ ରକମ ଘର ଭିତରକୁ ଟାଣି ଆଣିଲେ । ଗେଲ କରି ଗାଲିଲେ ଥକ ଯିବା ପର୍ଯ୍ୟନ୍ତ । ତାପରେ ପଗ୍ଭରିଲେ – "ତୁ କଣ ଘରୁ ଲୁଚକ ଗ୍ଭଲି ଆସିଛୁ? " - ନା ବାପା ନଜେ ଆସି ଛାଡି ଦେଇଗଲେ" । ହସି ହସି ଗଡି ଯାଉଥିଲା ବୁଲବୁଲ । ସତେକ ଏକ ଗଡ ଜିତିକ ଆସିଛି । ବୋଉକୁ ଦେଖି କ ଖୁସି । - "କଣ ମତେ ଭଲକରି ବୁଝେଇ କରି କହ । ଯିଏ ତତେ କୋର୍ଟ କଚେରୀରେ ଏତେ ଟଙ୍କା ଖର୍ଚ୍ଚ କରି ଜୋର ଜବରଦସ୍ତ କରି ମୋ ଠୁ ଛଡେଇ ନେଇ ଯାଇଥିଲେ ସେ ପୁଣି ନଜେ ଆସି କ ଫେରେଇ ଦେଇଗଲେ! କଣ ପାଇଁ!"

ତୁ ମତେ ଆଗ ଖାଇବାକୁ ଦେ ମୋ ଜନ୍ମ ଦିନର ପିଠା, ତାପରେ ସବୁ କହିବି । ଝିଅକୁ ପୁଣୀଥରେ ଜାବୁଡି ଧରି ହଜାର ଗେଲ କରି ସାରିଲା ପରେ ତାକୁ ଖାଇବାକୁ ଦେଇଥିଲେ । ଯାହା କଛି ବଳଲା, ସେ ନଜେ ବି ପରମ ତୃପ୍ତିରେ ଖାଇଲେ । କେଉ ଯୁଗରୁ ସତେକ ଖାଇ ନଥିଲେ ।

ଦୁଇ ମାସ ହେବ ନା ସେ ଭଲରେ ଖାଇଛନ୍ତି ନା ଶୋଇଛନ୍ତି । ବୋଉ ଡାକୁଥିଲା ଯାଇ କଛି ଦିନ ତା ପାଖରେ ରହିବାକୁ । ଯିବେ ଯିବେ କହି ଯାଇନଥିଲେ । ନଜର କାନ୍ଦୁରା, ଏ

ଝାଉଁଳା ଚେହେର୍ ନେଇ କଣ ଯାଇଥାନ୍ତେ । ଦେଖିଥିଲେ ବୋଉ ବି ଦୁଃଖି ହେଇଥାନ୍ତା । ସୁଖ ତ ତାକୁ କଛି ଦେଇ ପାରିବେନ ଦୁଃଖ ଗୁଡାଏ କାହିଁକି ଦେବେ ।

ଖାଇସାରି କଥା ଆରମ୍ଭ କଲା ବୁଲବୁଲ । - "ବୁଝିଲୁ ବୋଉ, ବପାଙ୍କର ସେ ନୂଆ ସ୍ତ୍ରୀ ଟା ମତେ ମୋଟେ ଭଲ ଲାଗିଲାନ । ତାକୁ ଏତେ ହଇରାଣ କଲି ଯେ ଶେଷରେ ସେ କହିଲା ମୁଁ ଯଦି ସେ ଘରେ ରହିବି ସେ ଘର ଛାଡି ଗ୍ଲିଯିବ । ପ୍ରଥମ ଦିନ ବାପାଙ୍କୁ ବହୁତ କରି କହିଲି ମତେ ବୋଉ ପଖରେ ଛାଡି ଦେଇ ଆସ । ମତେ ଏଠି ଭଲ ଲାଗୁନ । ନଚେତ ମୋ ବୋଉକୁ ଏଠିକୁ ଆଣ । ମୋ କଥା କେହି ଶୁଣିଲେନ । ଟିଭି ଲଗେଇ ଦେଇ କହିଲେ ଚୁପଗ୍ପ ବସ । ବସିକ ଟିଭି ଦେଖ । ବେଶୀ କଥା କହିଲେ ମାଡ ଖାଇବୁ । ତାଙ୍କର ସେ ଯୋଉ ଦୁଇ ବର୍ଷର ପୁଅ "ଟୁନୁ"କୁ ସବୁବେଳେ କହିଲେ ତାକୁ ଜଗ, ତା ସାଙ୍ଗରେ ଖେଳେ ।

ଦି ଗ୍ଋରିଦିନ ଏମିତି କାନ୍ଦିଲା ପରେ କେହି ମୋ କଥା ନଶୁଣିବାରୁ ଗୋଟାଏ କଥା ମୋ ମୁଣ୍ଡକୁ ଆସିଲା । ପ୍ରଥମେ ଟୁନୁକୁ ହଇରାଣ କଲି । ସବୁବେଳେ ତାକୁ ଚମୁଟିଲି । ସେ କାନ୍ଦିଲା ଓ ମୋ ପାଖକୁ ଜମା ଆସିଲାନ । ମତେ ଦେଖି ଡରିଲା । ତା ପରେ ତା ମମିର ଖାଇବାରେ କେବେ ଲଙ୍କା ତ କେବେ ଲୁଣ ତ ତେନ୍ତୁଳ ମେଞ୍ଚେ ଲେଖା ପକେଇ ଦେଲି । ସବୁଦିନ ଯାଇ ସେ ବାପଙ୍କ ଆଗରେ ଅଭିଯୋଗ କଲା । ବାପା ବାଡେଇଲେ । ସେ ମମି ସବୁବେଳେ ମୋ କାନ ମୋଡିଲା । ବେଳେବେଳେ ଖାଇବା ବନ୍ଦ କରିଦେଲା ।

ତଥାପି ମୁଁ ସେମାନଙ୍କୁ ଡରିଲିନ । ପ୍ରତ୍ୟେକ ଦିନ ନୂଆ ନୂଆ ବଦମାସି ଆରମ୍ଭ କରିଦେଲି । ଆଉ ତ ଆଉ, ତିନଦିନ ତଳେ ସେ ଟୁନୁ ଟୋକାକୁ ଖଟରୁ ତଳକୁ ପେଲିଦେଲି । ତା ମୁଣ୍ଡ ଫାଟି ରକ୍ତ ବହାରିଲା । ତାକୁ ଡାକ୍ତର ପାଖକୁ ନଆଗଲା । ତାପରେ ସେ ମମି ତା ବାପାଙ୍କୁ ଯାଇ କହିଥିଲା –"ତାକୁ ଏ ଘରୁ ବିଦା ନକଲେ ସେ ଗ୍ଲିଯିବ" । ବାପା କହିଥିଲେ –"ସେ ତାକୁ ଆଣିଥିଲେ ଟୁନୁର ଦେଖାରଖା କରିବ, ତୁମକୁ ଘର କାମରେ ସାହାଯ୍ୟ କରିବ ବୋଲି । ପିଲାବେଳେ ତ ବେଶ୍ ଶାନ୍ତ ଶିଷ୍ଟ ଥିଲା, ଏତେ ଦୁଷ୍ଟ ହେଲା କେମିତି"!

ମା ର ମୁହଁ ବଢାଣ ନିଷ୍ଚୟ । ସେଇ ରଖୁ ସେଇ ସମ୍ଭାଳୁ ସେଇ ତାର ପରିଣାମ ଭୋଗକରୁ । ଏମିତି କହି ସେ ନିଜେ ଆଣି ଛାଡି ଦେଇଗଲେ । ଏ ପର୍ଯ୍ୟନ୍ତ ନର୍ମଦା ସବୁ ଲୁହକୁ ପିଇ ଯାଉଥିଲେ ଝିଅ ଭଲରେ ରହିଥିବା ଭାବି ।

ଏବେ ବୁଝିଲେ ନର୍ମଦା, କାହିଁକି ହଠାତ ତିନି ବର୍ଷ ପରେ ଏ ବାପ ସୁଆଗ ଦେଖେଇ ଥିଲେ ବିନୟ । ନିଜର ଛୁଆର ଯତ୍ନ ନେବାପାଇଁ ତାଙ୍କ ଝିଅକୁ ବ୍ୟବହାର କରିବା ମତଲବରେ । ସ୍ୱାର୍ଥ ପାଖରେ ଯୋଉଠି ବାପ ସଂପର୍କ ବି ଭୁଲିଯାଏ, ସେଥି ଅନ୍ୟମାନଙ୍କୁ କଣ କହିବ । ଏମିତି ଲୋକକୁ ସେ ଯେ କପରି ବିଶ୍ୱାସ କରିଗଲେ କେଜାଣି ।

ନିଷ୍ଚୟ ସେ ସମ୍ଭାଳିବେ ତାଙ୍କ ଝିଅକୁ । ତାଙ୍କ ଝିଅ ତାଙ୍କ ପାଖରେ ଥିଲେ ସବୁ ଝଡ ଝଞ୍ଜାର ସମ୍ମୁଖୀନ ସେ ହୋଇପାରିବେ । ସେ ତାଙ୍କର ପୃଥିବୀ, ସେ ହିଁ ତାଙ୍କର ସ୍ୱର୍ଗ ସୁଖ । ତା ବାହାରେ ଆଉ ସଂସାର ହିଁ ନାହିଁ ।

ବେଶୀ ପାଠ ପଢି ନାହାନ୍ତି ଭଲ ଗୃହିଣୀ ସିନା କରି ପାରିବେନି । କିନ୍ତୁ ସିଲେଇ ପନି ଶିଖିଛନ୍ତି । ସିଲେଇ ସ୍କୁଲ ଯାଇ ଆଉ କିଛି ଶିକ୍ଷା ଗ୍ରହଣ କରି ଏବେ ନିଜେ ସିଲେଇ ଶିଖୋଉଛନ୍ତି । ଅନ୍ୟମାନଙ୍କ ପାଇଁ ଲୁଗା ପଟା ସିଲେଇ କରି ବେଶ୍ କିଛି ରୋଜଗାର କରୁଛନ୍ତି । ପେଟ ଅପୋଷା ରହିଲାନି । ଆଖିକୁ ପୁଣି ସ୍ୱପ୍ନ ଫେରି ଆସିଛି । ବଞ୍ଚିବା ପାଇଁ ନୂତନ ପ୍ରେରଣା ଯୋଗେଇଛି ।

ବୁଲବୁଲକୁ ଛାଡି ବୋଉ ପାଖକୁ ଯିବା ଏବେ ସମ୍ଭବ ନୁହେଁ, କିନ୍ତୁ ବୋଉ ତ ଆସି ରହିପାରିବ କିଛିଦିନ ତାଙ୍କ ପାଖରେ । ଏତକ ଦିନ ବୋଉ ଭଲରେ ମନ୍ଦରେ ସାହାଯ୍ୟ କରିଥିଲା ବୋଲି ସେ ଚଳିଗଲେ । ମା ହିଁ ସବୁବେଳେ ପ୍ରାଚୀର ପରି ଠିଆ ହୋଇଯାଏ ଆସି ପିଲାମାଙ୍କ ପାଖରେ ବିନା କୁଣ୍ଠାବୋଧରେ ଆଶ୍ରୟ ଦେବାପାଇଁ । ନିଜେ ପଛେ ଭାଙ୍ଗି ରୁଜି ଚୁରମାର ହେଇ ଯାଉଥାଉ ନିଜ ପରିସ୍ଥିତି ପାଖରେ ।

ରଚେଷ୍ଟର, ମିନେସୋଟା, ଯୁକ୍ତରାଷ୍ଟ୍ର ଆମେରିକା



ଅଶୋକ ବିଶ୍ୱାଳ

# ପର୍ବତର ପ୍ରତିରୂପ

( ତାଓ୍ୱାଙ୍ଗ ପର୍ବତର ଆତ୍ମା)

ଅରଣ୍ୟର ପଛେ ଥିଲା ଏକ ହ୍ରଦ
ଉଚ୍ଚ ପର୍ବତ ପଛେ ଏକ ରାସ୍ତା ଥିଲା
ସରୁ ବିପଦ ସଙ୍କୁଳ
କେହି ଜାଣି ତ ନଥିଲେ
ଅନିଶ୍ଚିତ ରାସ୍ତାର ପଛରେ
ଥିଲା ଏକ ତୀଖ ପାହାଡର
ତାପରେ ମୁଁ ଦେଖିଲି ଅରଣ୍ୟ ଯେ ଘୋର ।

ଜଙ୍ଗଲର ଆଢୁଆଳରେ
ରହୁଥିଲେ ତ ସେମାନେ
ହ୍ରଦର ସେପଟେ
ସୁଉଚ୍ଚ ପର୍ବତ ପଛରେ
ରାସ୍ତା ସରିଗଲା ପରେ ।




ସେଇଠି ସେମାନେ
ଢାଙ୍କି ଦିଅନ୍ତି ନିଜକୁ ଝର ପତରରେ
ଫୁଲ ଯେ ତୋଳନ୍ତି 'ମାନେ' ପାଖର ଗଛରୁ
ଫୁଲ ଅର୍ପଣ କରନ୍ତି ଗୋମ୍ପାରେ
ନିଜ ରଙ୍ଗ ପରଖିବା ପାଇଁ
ଯାଆନ୍ତି ପର୍ବତର ଉପରକୁ
ପାହଡି ତୀଖକୁ ଯାଆନ୍ତି
ଆତ୍ମାକୁ ଡାକବାର ପାଇଁ
ଝରଣା ଧାରକୁ ଯାଆନ୍ତି

ପ୍ରିୟଜନଙ୍କୁ ଦେଖିବାର ପାଇଁ
ଚରଦିନ ପାଇଁ ଗ୍ଭଲି ଯାଇଛନ୍ତି
ପାଣିର ଧାରରେ
ଗୀତ ଯେ ଗାଆନ୍ତି
ନଜର ସମ୍ମାନ ଜଣାନ୍ତି ।

ପହଁଚଲି ଯେତେବେଳେ
କୁହୁଡି ତଥାପି ବି ଥିଲା
ସେମାନଙ୍କ ସ୍ୱର ଶୁଣିପାରୁଥିଲି
ଝିପି ଝିପି ବର୍ଷା ପଡୁଥିଲା ।

ଡାକଲି ମୁଁ ସେମାନଙ୍କୁ
ମେଘ ପଛରେ ତ ଥିଲା
ଦେଖିଲି ମୁଁ ସେମାନଙ୍କୁ
ପର୍ବତ ପଛରେ ତ ଥିଲା
ମୋତେ ଅନାଇଲେ
ମୋ ପାଇଁ ଦ୍ୱାର ଖୋଲିଦେଲେ ।



ଟିକଏ ନଥିଲା ତ ଡର
ସଙ୍କୋଚ ନଥିଲା
ଘରର ଭିତରେ
ଜଙ୍ଗଲର ଶୀତଳତା ଥିଲା
ନୀଳ ପାହାଡର ଛବି ପଡିଥିଲା ।

ଅତିଥି ସତ୍କାର- ଅଭ୍ୟନ୍ତର ସ୍ଥାନର ବର୍ଣନା

ସେକ୍ଟର- ୩, ସଲ୍ଟଲେକ, କଲିକତା

# ମୁଁ



ସାଗରିକା ମହାନ୍ତି

ମୁଁ ଯନ୍ତ୍ରଣା,
ଅବା କହିପାରେ, ଶବ୍ଦ ମାନଙ୍କୁ ଶିକୁଳରେ
ବାନ୍ଧି ଛଟ୍ ପଟ୍ କରୁଥିବା ହାତ, ମାଂସ,
ଅସ୍ଥି, ମଜ୍ଜା ବିଶିଷ୍ଟ ଏକ ଜିହ୍ୱାର
ଅବଶିଷ୍ଟାଂଶ ସାଥୀରେ ।
ପରିଚୟର ଅଭ୍ୱବରୁ ହେଇପାରେ,

କେହି ଜଣେ ଲେଖକ ମୁଁ ।
ନୀରବତାର ବିର୍ଟ ଏକ ପଟୁଆର ନେଇ,
ବାତ୍ସଲ୍ୟର ବାସ୍ତବ କାହାଣୀ ଲେଖୁଥିବା ବେଳେ,
ପଦେଅଧେ କଥାରେ ଚହଲି ଯାଏ
ମୋ ସମ୍ପର୍କର ଆକ୍ଷରିକ ଅର୍ଥ,
ଦୋହଲି ଯାଏ ମୋ ଲେଖନୀ ମୁନ ।



ତଥାପି ମୋ ଅଧା କାହାଣୀକୁ ପୁର୍ କରିବାକୁ,
ପଞ୍ଜର୍ ତଳେ ଟଣା ଓଟର୍ ହେଉଥିବା
ପୋଷେ ଅଙ୍ଗାରରୁ ଆଲୁଅ ଟିକେ ଆଣି
ସମୟ ହାତକୁ ବଢେଇ ଦବାରେ ମୁଁ ସିଦ୍ଧହସ୍ତା ।

ମୁଁ ପ୍ରେମ ପରି ଅସମାପ୍ତ
ମୋତେ ବାନ୍ଧି ନଅ ତୁମ ନଶ୍ୱାସର ବଳୟ ଭିତରେ,
ସଦ୍ୟଜାତ ସଞ୍ଜିବନୀ ବୁଟୀ ପରି ।
ମୁହୁର୍ତ୍ତକରେ ଫେର୍ଇ ଦେବି ମୁଁ
ନୈର୍ଶ୍ୟ ଭୋଗୁଥିବା ତୁମ ଉଚ୍ଛିଷ୍ଟ ଜୀବନକୁ ।

ମୁମ୍ବାଇ, ମହାରାଷ୍ଟ୍ର

# ଗୃହର ପୁଅ



ସୁଲୋଚନା ପଟ୍ଟନାୟକ

ବୋଉ ମୁହଁଟା ଜଳ ଜଳ ହୋଇ ଦୁଶି ଯାଉଛି । ବାପାଙ୍କ କଥା ଶୁଣା ଯାଉଛି । ପରିବାରର ସମସ୍ତ ସଦଶ୍ୟ ଏକାଠି ବସି ଅପରାହ୍ନରେ ଗୃହା ପିଇବା ମନେ ପଡୁଛି । ବେଳେ ବେଳେ ନାକ ବୋଉ ବାରଣ୍ଡାରେ ବସି ସମସ୍ତଙ୍କ ସହ ଗୃହା ପିଇବାର ଦୃଶ୍ୟ ଆଖି ଆଗକୁ ଆସି ଯାଉଛି । ମନେ ପଡୁଛି, ସୁବଳ ସମସ୍ତଙ୍କୁ ଗୃହା ଦେଇ ସାରି ରୋଷେଇ ଘରେ ଏକୁଟିଆ ବସି ମୁଢି ହେଉ ବା ଚୁଡା ହେଉ - ଦୋ ଭୁଜି କରି ଭଲ କରି କଞ୍ଚାଲଙ୍କା ଫୁଟାଇ ଏକା ଏକା ବସି ଗ୍ରୋବାଉଥାଏ । ବେଳେ ବେଳେ କେଉଁ ହିନ୍ଦି ଗୀତର ସୁର ଧରି ପଦେ ଅଧେ ଗୁଣୁ ଗୁଣୁ କରି ଗାଏ । ଘର ଭିତରେ ହସ ଖୁସିରେ ସମସ୍ତେ ସମୟ କାଟନ୍ତି । ସେତେବେଳେ ସାନ ଭାଇ ତପନ ଭୁବନେଶ୍ୱର ସେକ୍ରେଟେରିଏଟ୍ ରେ କାମ କରୁଥାଏ । ଫେରୁ ଫେରୁ ଦିନେ ଦିନେ ତାର ଡେରି ହୋଇଯାଏ । ଯେତେ ଡେରି ହେଲେ ବି ସିଏ ଆସିଲା ପରେ ସୁବଳ ତାଙ୍କୁ ଗୃହା ଜଳଖିଆ ଧରାଇ ଦିଏ । ଠିକ୍ ସମୟରେ ନ ଦେଲେ ସିଏ ବାହାରେ ଯାଇ ଖାଇବାର ଡର ଥାଏ ସୁବଳର । କେଜାଣି କାହିଁକି ତାଙ୍କୁ ଖୁସି କରିବାରେ ସୁବଳର ଆନନ୍ଦ ଥାଏ । ତେଲ ଜିନଷ ବେଶି ଭଲ ପାଆନ୍ତି ନାହିଁ ତପନ ବାବୁ । କେଉଁ ଦିନ ପରଟା ସହ ଆଳୁ ଭଜା ତ କେଉଁ ଦିନ ମୁଢି ମିକ୍ସଚର ସଂଗେ ଗୃହା ପିଅନ୍ତି ତପନ ବାବୁ । ବରା ପିଆଜି, ପକୋଡା ତାଙ୍କର ପସନ୍ଦ ନହେଲ ବି ବେଳେ ବେଳେ ସାଙ୍ଗ ମାନଙ୍କ ସହ ରାସ୍ତା କଡର ଜଳଖିଆ ଦୋକାନରେ ବସି ଗୃହା ଜଳଖିଆ ଖାଇବାକୁ ସିଏ ଭଲ ପାଆନ୍ତି । ସାଙ୍ଗ ମାନଙ୍କ ସହ ଖାଇଲା ବେଳେ ତେଲ ସର ସର ବରା ପିଆଜି ବି ତାଙ୍କୁ ଭଲ ଲାଗେ । କନ୍ତୁ ଘର ବରା ପିଆଜିରେ ତାଙ୍କର ପସନ୍ଦ ନ ଥାଏ ।

ଏ ସବୁ କଥା ଆଜି କାହିଁକି ମନେ ପଡୁଛି, ସେ କଥାର ଖିଅ ବି ଧରି ପାରୁନି ତାସା । ଘର ଛାଡି ଆସି ଆମେରିକାରେ ରହିବାର ପନ୍ଦର ବର୍ଷ ହୋଇଗଲାଣି ଏ ଭିତରେ । ବାହାଘରର ପନ୍ଦର ବର୍ଷ ଦୁଃଖେ ସୁଖେ କଟି ଯାଇଛି । ଏ ସବୁ ଘଟଣା ଯେତେ ପୁରୁଣା ହେଲେ ବି ସତେଜ ହୋଇ ତା ମନରେ କେମିତି ରହି ପାରିଛି ତାର ମୂଳ ଚୂଳ ସିଏ ଜାଣି ପାରୁନି । ତାସା, ସଜ ସକାଳର ନିରୋଳା ମୂହୁର୍ତ୍ତରେ ବସି ବସି ନିତି ଦିନିଆ କଫି ମଗ୍‌ରୁ କଫି ପିଇବା ସମୟରେ ଘରକୁ ଡାକେ । ବାପା, ବୋଉ, ଭାଇ, ସାଙ୍ଗ ସାଥୀ ଆଉ ଶାଶୁ, ଯିଏ ଯେତେବେଳେ ଧରନ୍ତି, ତାଙ୍କ ସଂଗେ ପଦେ ଅଧେ କଥା ହେଲେ ତାକୁ ଭଲ ଲାଗେ । ନିଜ ପିଲାଦିନିଆ ସ୍ମୃତିକୁ ରୋମନ୍ଥନ କରେ । ମାସକୁ ଦଶ ଡଲାର ଦେଇ କାର୍ଡ ଖଣ୍ଡେ କିଣି ଦେଇଛି । ଯାହା ସଂଗେ ଯେତେ କହିଲେ ବି ଚଳିବ । ବେଳେ ବେଳେ ସମାନ ପ୍ରଶ୍ନ, ତୁ କେମିତି ଅଛୁ, ପିଲା କେମିତି ଅଛନ୍ତି ଅବା ସ୍ୱାମି କେମିତି ଅଛନ୍ତି ଶୁଣି ଶୁଣି ତାକୁ ଭଲ ନ ଲାଗିଲେ ମଧ୍ୟ ନିଜ କର୍ତ୍ତବ୍ୟ କରୁଛି ଭାବି ସିଏ ଡାକେ । ଫେସ୍ ବୁକ୍ ରେ କିଏ କେତେ ନୂଆ ଫଟୋ ଅପ୍‌ଲୋଡ କରିଛି, ତାକୁ ଦେଖିବା ଅପେକ୍ଷା ନିଜ ପରିବାରଙ୍କ ସହ କଥା ହୋଇ କାହାର ସ୍ୱର ଶୁଣିଦେଲେ ବି ଭଲ ଲାଗେ ।

ଏଠି ସୁବଳ ନାହିଁ । ଗୁହା କରିବାକୁ ବା ଘର ସଫା କରିବାକୁ ନାକି ବୋଉ ବି ନାହିଁ । ସବୁଦିନ ରାତିରୁ ଗ୍ଲାସ୍ କ୍ଲିନର ସ୍ପ୍ରେ କରି ଖାଇବା ଟେବୁଲକୁ ସଫା କଲାବେଳେ ସୁବଳ ମନକୁ ଆସିଯାଏ । ଘରେ ସିନା କାଚ ଟେବୁଲ୍ ନଥିଲା, କିନ୍ତୁ ଖାଇବା ଟେବୁଲ୍ ସଫା କରିବା ଦାୟିତ୍ୱ ଥିଲା ସୁବଳର । ସକାଳୁ ସକାଳୁ ଗୁହା ଧରି ସମସ୍ତଙ୍କ ଶୋଇବା ଘର ସାମନାକୁ ଆସି ଡାକ ଡାକ ଗୁହା ଦେଇ ଯାଏ ସିଏ । ଓଡିଶାରେ ନିଜ ଘରେ, ବାପା ବୋଉଙ୍କ ପାଖରେ କଟିଥିବା ଦିନର ସୁଖ ଆଜି ସ୍ୱପ୍ନ । ଏଠି ସୁବଳ ଖାଲି ନାହିଁ ନୁହେଁ, ସୁବଳ ପରି ଲୋକଟିଏ ରଖିବାର କ୍ଷମତା ବି ତାର ନାହିଁ । ଭଲ ଘର, ଭଲ ଗାଡି, ରାସ୍ତା ଘାଟ ସବୁ ଭଲ ଥାଇ ବି ସିଏ ପୂର୍ବ ପରି କାହିଁକି ଖୁସି ହୋଇ ପାରୁନି ? ଅନେକ ପ୍ରଶ୍ନ ଆସୁଛି ମନରେ କିନ୍ତୁ ସବୁ ପ୍ରଶ୍ନର ଉତ୍ତର ନାହିଁ ତା' ପାଖରେ । ସବୁ ପ୍ରହେଳିକା ପରି ମନେ ହେଉଛି ତାସାର ।

ସେ ଦିନର କଥା ଆଜି ପରି ମନେ ପଡୁଛି । ନୟାଗଡରୁ ଫେରିବାରେ ବାପାଙ୍କର ଖୁବ ଡେରି ହୋଇ ଥିଲା । ବୋଉ ବ୍ୟସ୍ତ ହୋଇ ଦାଣ୍ଡରୁ ବାରି ହୋଇ ହୋଇ ବସି ଯାଇଥାଏ । ବାପା ଗେଟ ଖୋଲି ଆସି କଲିଂ ବେଲ ଚପିଲେ । ବୋଉ କାହାକୁ ଅପେକ୍ଷା ନକରି ତର ବର ହୋଇ ଯାଇ କବାଟ ଖୋଲିଲା । ଦେଖିଲା ବାପା ଏକୁଟିଆ ନାହାନ୍ତି । ସାଙ୍ଗରେ ରହିଛି ପ୍ରାୟ ଦଶ ବର୍ଷର ପିଲାଟିଏ । ହାପ୍ ପ୍ୟାଣ୍ଟ ଖଣ୍ଡେ ଆଉ ଛୋଟ ହାତ ଥିବା ଧଳା ଗଞ୍ଜିଟାଏ ଦେହରେ । ଗଞ୍ଜିଟା ଏତେ ମଇଳା ହୋଇଛି ଯେ ତାର ରଂଗ ଜାଣିବା ବି ମୁସ୍କିଲ । ମୁହଁରେ ଅହେତୁକ ଭୟ ଆଉ ଆଖିରେ ଅଜଣା ଖୁସିରୁ ଟିକଏ ଲାଖି ରହିଛି । ଅଧା ନଇଁ ପଡି ସିଏ ନମସ୍କାର କଲା ବୋଉକୁ । ବୋଉ ଭାବିଲା ଆଉ କଏ ପଛକୁ ଥିବ ବୋଧେ । କବାଟ କଡରୁ ଗେଟ୍ ପର୍ଯନ୍ତ ସିଏ ଆଖି ପହଁରାଇ ନେଇ ପଗ୍ଚରିଲା, ପିଲାଟି କଏ? ବାପା କହିଲେ, ଭିତରକୁ ଗ୍ଚଲ କହିବି । ଗୋଡ ହାତ ଧୁଆ ସାରି ବାପା ଖାଇ ବସିଲେ । ଖିଆ ପିଆ ସରିଲା । ବୋଉ ବାପାଙ୍କ ହାତକୁ ସଧା ପାନଟିଏ ବଢାଇ ଦେଲା । ବାପା ଆରମ୍ଭ କଲେ - ବୋଲଗଡ ବସ ଷ୍ଟାଣ୍ଡରେ ସିଏ ଗ୍ଚହା ପିଇବାକୁ ଓହ୍ଲାଇଥିଲେ । ସେଇ ଦୋକାନରେ ସିଏ ସବୁବେଳେ ଗ୍ଚହା ପିଅନ୍ତି । ତେଣୁ ଦୋକାନୀ ସନାତନ, ତାଙ୍କୁ ଖୁବ ସତ୍କାର କରେ । ସେଦିନ ଖୁବ ଦୁଃଖରେ କହିଥିଲା, "ବାବୁ ବଡ ହଇରାଣରେ ଚଳୁଛି । ପିଲା ପିଲିଙ୍କ ଖାଇବା ପିଇବାରେ ଭାରି ହରକତ ହେଉଛି । ଆପଣ ସୁବଳକୁ ନେଇ ଯାଆନ୍ତୁ । ଘରେ ଆପଣଙ୍କ ହାତକୁ ପାଣି ଢାଳେ ତ ବଢାଇଦେବ ! ମୁଠାଏ ଭଲରେ ଖାଇ ଆପଣଙ୍କ ପାଖେ ରହିଯିବ । ଦୋକାନ ବଜାର ସବୁ କରି ଦେବ । ବୋଲ ହାକକୁ ପାଖରେ ପାଖରେ ଥିବ । ମଣିଷ ହୋଇ ଯିବ ବାବୁ । ଦୟା କରନ୍ତୁ, ଆପଣଙ୍କୁ ନେହୁରା ହେଉଛି" । ବାପା କେବେ ବି କାହା କଥା ଭାଙ୍ଗି ପାରନ୍ତିନ । ତେଣୁ ସେଇଠୁ ସେଇଠୁ ସୁବଳକୁ ଧରି ବସରେ ଉଠିଲେ । କଣ୍ଡକଟରକୁ ଟିକେଟଟାଏ କରିବାକୁ ଦୁଇ ଟଙ୍କା ବଢାଇଲେ । କଣ୍ଡକଟର ଟିକେଟ କଲା କ ନାହିଁ କେଜାଣି, କନ୍ତୁ ସୁବଳ ବାପାଙ୍କ ସଙ୍ଗରେ ଆସି ଖୋର୍ଦ୍ଧାରେ ପହଞ୍ଚିଗଲା । ଖୋର୍ଦ୍ଧା ବସ ଷ୍ଟାଣ୍ଡରୁ ଓହ୍ଲାଇ ଆନନ୍ଦ ଦୋକାନରୁ ଅଙ୍ଗୁର କେଜିଏ କଣି ସୁବଳକୁ ଧରାଇ ଦେଲେ । ଦୁହେଁ ଗ୍ଚଲି ଗ୍ଚଲି ଘରେ ପହଞ୍ଚିଲେ । ବୋଉ ମନେ ମନେ ଟିକଏ ବିରକ୍ତ ହୋଇଗଲା । ଘରେ ହରିଆ ଅଛି ରେ୍ଷେଇ କରିବା ପାଇଁ

ନାଙ୍କ ବୋଉ ଆସି ସକାଳ ସଂଜେ ଘର ବାହାର ଓଳା ଓଳ କରି ଯାଉଛି, ଲୁଗା ଧୁଆ ଧୋଇ ବି କରି ଦେଉଛି । ଇଏ ତ ପିଲା ବକଟେ, କ'ଣ କରିବ ଏଠି ? ସିଏ ଆମ କାମ କରିବ ନା ତାର କାମ ଆଉ ଦାୟିତ୍ୱ ଆମର ହେବ ? କନ୍ତୁ କଛି ପାଟି ଫିଟାଇ କହିଲା ନାହିଁ । ସୁବଳ ବିଷୟରେ ଆଉ କଛି ନ ପଚାରି, ବୋଉ ହରିଆକୁ ଡାକ ରାତି ଭୋଜନର ବ୍ୟବସ୍ଥା କଲା । ସୁବଳ ରୁଟି ଖାଏନ ବୋଲି, ସକାଳର ଯାହା ଭାତ ଡାଲି ବଳକା ଥିଲା, ତରକାରି ସହ ବାଢି ଦେଲା । ହରିଆଠୁ ମଶିଣା ଖଣ୍ଡେ ନେଇ ମାଆଙ୍କ କଥା ଅନୁସାରେ ସୁବଳ ଯାଇ ଦାଣ୍ଡଘରେ ଶୋଇଗ ।

ରସିକ ବାବୁଙ୍କ ଘରେ ଏମିତି ଅନେକ ପିଲା ଆସି କାମକୁ ସାହାଯ୍ୟ କରିବାକୁ ବର୍ଷେ ଦୁଇ ବର୍ଷରୁ ଚାରି ଛଅ ବର୍ଷ ଯାଏ ରହି କଏ କୁଆଡେ ଗଲେଣି । ସୁବଳ ଘରେ ରହିବାର ଦଶ ବର୍ଷ ହୋଇଯିବ । ବୋଲ ହାକରୁ ଶେଷେଇ ପର୍ଯ୍ୟନ୍ତ ସିଏ ସବୁ କଲାଣି । ଘରେ ସମସ୍ତଙ୍କ ଉପରେ ଅଧିକାର ଜମାଇ ବସିଲାଣି । ଦିପ୍ରହର ଖରା ବେଳେ ଅପା ମାନଙ୍କ ବହି ପଢି ହାଇ ସ୍କୁଲ ପ୍ରାୟ ପାଠକୁ ଅକ୍ତିଆର କରିଗଲାଣି । କେବଳ ଅଙ୍କ କରିବାରେ ତାର ମନ ନ ଥାଏ । ରସିକ ବାବୁ ତାକୁ ଘରର ପୁରୁଣା ସାଇକେଲ୍‌ଟାକୁ ବି ବଜାର ଘାଟ କରିବାକୁ ଦେଇ ଦେଇଛନ୍ତି ପୁଅ କଲେଜକୁ ସ୍କୁଟରରେ ଗଲା ଦିନୁ । ସୁବଳ ଘରର ଚାକର ହୋଇ ଆଉ ରହିନ । ଘର ମଣିଷଙ୍କ ସଙ୍ଗେ ଘର ପରି ଚଳୁଛି । ବୋଉ ଦିନେ ବ୍ୟସ୍ତ ହୋଇ ବାପାଙ୍କୁ କହିଲା, ସୁବଳ ବଡ ହେଲାଣି, ଘରେ ବଢିଲା ଝିଅ ମାନେ, ଏ ଥର ତାକୁ ଚାକରୀ ଖଣ୍ଡେ କରାଇ ଦିଅ, ସିଏ ଯାଇ ନିଜ ସଂସାର କରୁ" । ସେତିକିବେଳକୁ ଦାଦାଙ୍କ ପୁଅ ଗୁରୁଜଙ୍ଗରେ ପାଉଁରୁଟି ଫାକ୍ଟ୍ରିଟିଏ ଖୋଲିଥାଏ । ବାପା, ଦାଦାଙ୍କ ପୁଅ ଚରାଗକୁ କହି ତାକୁ ସେଠି ରଖାଇ ଦେଲେ । ବୋଉ ମୁଣ୍ଡରୁ ଦାୟିତ୍ୱ ଗଲା ପରି ମନେ ହେଲା । ସବୁବେଳେ ଭଗବାନଙ୍କୁ ଡାକ କହେ, "ଯାହା ହେଉ, ପିଲାଟି କୂଳରେ ଲାଗିଗଲା" ।

ତାସା ସକାଳୁ ସକାଳୁ ସୁବଳ କଥା ଭାବୁଛି ଭାବି ମନେ ମନେ ହସିଲା । ସକାଳୁ ନିଶା ଅପାଠାରୁ ଇମେଲ୍ ପାଇ କଣ ଲେଖିଛି ବୋଲି ଦେଖିଲା ବେଳକୁ ଦେଖିଲା ଅପା ସୁବଳ କଥା ହିଁ ଲେଖିଛି । ଲେଖିଛି ସୁବଳ ପାଉଁରୁଟି ଫାକ୍ଟ୍ରିରର ମାନେଜର ହୋଇଗଲାଣି । ପ୍ରମୋସନ୍ ପାଇ ଘରକୁ ମଞ୍ଜି ବିନା ଅଙ୍ଗୁର କେଜିଏ ଧରି ଆସିଥିଲା । ତାସାର ମନେ

ପଡିଲା, ସୁବଳର ପ୍ରଥମ ଦିନ ତାଙ୍କ ଘରକୁ ଆସିବା କଥା । ବାପା ନୟାଗଡରୁ ଫେରିବା ବେଳେ ସୁବଳକୁ ନେଇ ଆସିଲା ବେଳେ ଅଙ୍ଗୁର କିଣି ଘରକୁ ଆସିଥିଲେ । ସୁବଳର ବୋଧେ ଏଇ ଧାରଣା ହୋଇଥିବ, ବାବୁ ଘରର ଲୋକେ ଅଙ୍ଗୁର ଖାଇବାକୁ ଭଲପାନ୍ତି । ନହେଲେ ସିଏ ବୋଧେ ବାବୁ ଘରର ଆଦବ କାଇଦା ଜାଣିଯାଇଛି ଯେ, କିଏ କାହା ଘରକୁ ଖାଲି ହାତରେ ଯାଆନ୍ତି ନାହିଁ । ସୁବଳର ଭଲ ପାଇବା କଥା ମନେ ପଡି ତାସା ଆଖି ଛଳ ଛଳ ହୋଇଗଲା । ପୁଅ ଅସିତ ଆସି ପାଖରେ ଠିଆ ହେଲା । ଆଠ ବର୍ଷର ପୁଅ ଅୟସରେ ବଢୁଛି । ତାକୁ ଦେଖି ସୁବଳର ଦଶ ବର୍ଷର ଚେହେରା ଆଖି ଆଗକୁ ଚାଲି ଆସିଲା । ଘର ଦ୍ୱାର, ମାଆ, ଭାଇ ଭଉଣୀଙ୍କୁ ଛାଡି ବାପର କଥା ପଦକରେ ରସିକ ବାବୁଙ୍କ ସାଙ୍ଗରେ ବସ ଷ୍ଟାଣ୍ଡରୁ ଚାଲି ଆସିଥିଲା, ବିନା ପ୍ରଶ୍ନ, ବିନା ଦ୍ୱିଧାରେ । ଏମିତି କେତେ ସୁବଳ ଆସିଛନ୍ତି ଯାଇଛନ୍ତି, କେତେ ସୁବଳ ଘରେ ପୁଅ ପରି ବଢି କିଏ କେଉଁଠି ଚାକରୀ କରି ଘର ସଂସାର କଲେଣି । ଏଇଟା କିଛି ନୂଆ କଥା ନୁହେଁ ରସିକ ବାବୁଙ୍କ ଘରେ । ଚାକର, ପୁଝାରୀ, ଚାକରାଣୀ ଅବା ଆଶ୍ରୟ ଚାହୁଁଥିବା ଯେ କେହି ହେଲେ ବି ଘର ତାଙ୍କର ସମସ୍ତଙ୍କ ପାଇଁ ଖୋଲା । ରସିକ ବାବୁଙ୍କ ସ୍ତ୍ରୀ ଶାନ୍ତିଲତାଙ୍କ ବ୍ୟବହାର ସମସ୍ତଙ୍କୁ ବାନ୍ଧି ରଖେ ଯେମିତି । ଖାଇବା ପିଇବାର ଅଭାବ ନ ଥାଏ ତାଙ୍କ ଘରେ । ଚାକର ପରି କେହି ଭାବିବାକୁ ଦିଅନ୍ତି ନାହିଁ କାହାକୁ । ଘର କାମରେ ସାହାଯ୍ୟ କରିବା ହେଲା ତାଙ୍କର କାମ । ଘରେ ସବୁବେଳେ ଲୋକମାନଙ୍କର ଆତଯାତ । କେହି ଘରକୁ ଡାକକ ଆସନ୍ତି ନାହିଁ । କାହାର ଡାକ୍ତରଖାନାରେ କିଏ ପଡିଲେ, ସେମାନେ ରସିକ ବାବୁଙ୍କ ଘରେ ରହିଯାଆନ୍ତି । ଘରକୁ ଲାଗି ଡାକ୍ତରଖାନା । କୁଆଡେ ରହିବେ ସେମାନେ ? କାହାର ମକଦ୍ଦମା ବା କୋଟ୍ କାମ ପଡିଲେ, ଏପରିକି ସିନେମା ସର୍କସ ଦେଖିବାକୁ ଆସିଲେ ରାତିଟା ପାଇଁ ମୁ  ଗୁଞ୍ଜିବାକୁ ସବୁବେଳେ ତାଙ୍କ ଘର ଖୋଲା । ଅତିଥିଙ୍କୁ ନେଇ ତାଙ୍କର ଘର । ପିଲା ମାନଙ୍କ ଠାରୁ ଅତିଥିଙ୍କ କଥା ଅଧିକ ବୁଝନ୍ତି ଶାନ୍ତିଲତା ।

ତାସା ଆଜି ସକାଳୁ ସକାଳୁ ବୋଉକୁ ଫୋନ୍ କରିଥିଲା । ବୋଉ ସୁବଳ କଥା କହୁଥିଲା । ବାପାଙ୍କ ଦେହ ଖରାପ ଅଛି ବୋଲି ସୁବଳ ଆସିଥିଲା ଦେଖିବାକୁ । ପ୍ରତି ସପ୍ତାହରେ ଅତି କମରେ ମୁହଁ ମାରି ଥରେ ଆସି ବାପାଙ୍କୁ ଦେଖିଯାଏ ସୁବଳ । କିନ୍ତୁ ଘରେ ଥାଇ ବି ନିଜ

ପୁଅ ବାପାଙ୍କୁ ଦେଖିବାକୁ, ବାପାଙ୍କ ସହ ବସି ପଦେ କଥା ହେବାକୁ ଅନଚ୍ଛୁକ । ଘରେ ଥାଇ ବି ନଥିଲା ଭଳି ଜାଣ ! ବୋଉ କହୁଥିଲା, ସୁବଳ ଏବେ ବି ଅନେକ ସାହାଯ୍ୟ କରେ। ଦରକାର ପଡିଲେ ଡାକ୍ତର ଡାକବାଠୁ ଆରମ୍ଭ କରି ସଉଦା ପତ୍ର ସହ ଔଷଧ ଆଦି ଆଣି ଦେବାକୁ କୁଣ୍ଠିତ ହୁଏ ନାହିଁ । ଘରର ପୁଅ ଠାରୁ ବଳ । ସେଦିନ ସୁବଳ ଆସୁ ଆସୁ ରାତି ହୋଇଯାଇଥାଏ । ମାନେଜର ହୋଇ କାମ କରିବା ଦିନରୁ ତାର କାମରେ ଦାୟିତ୍ୱ ବଢିଯାଇଛି । ନିଜ ଘରେ ସ୍ତ୍ରୀ ପିଲାଙ୍କ ଠାରୁ ମା ଶାନ୍ତିଲତାଙ୍କ ଦରକାରକୁ ସିଏ ତଥାପି ଅଧିକ ନଜର ଦିଏ । ରାତିରେ ଡେରି ହୋଇଥିବାରୁ କାଳେ ଘରେ ଖାଇ ନ ଥିବ ଭାବି ଶାନ୍ତିଲତା ତା ପାଇଁ ଆଗ ଖାଇବା ବାଢି ଦେଲେ । କିନ୍ତୁ ସୁବଳ ବାବୁଙ୍କ ପାଖେ ବସିବ କହି ଖାଇବା ପାଇଁ ମନା କଲା । ସୁବଳକୁ ଖାଇବାର ସୁଯୋଗ ବି ଆଉ ସେଦିନ ମିଳିଲା ନାହିଁ। ରସିକ ବାବୁଙ୍କ ସ୍ୱାସ୍ଥ୍ୟ ଅଧିକ ବିପଜ୍ଜନକ ଅବସ୍ଥାକୁ ଗତି କଲା । ସୁବଳ ଫୋନ କରି ଡାକ୍ତରଙ୍କୁ ଡକାଇ ନେଲା । ଡାକ୍ତର ଦାସ ବାବୁ, ରସିକ ବାବୁଙ୍କ ଘରୋଇ ଡାକ୍ତର ଆସି କହିଲେ "ଆଉ ଆଶା ନାହିଁ, ଆପଣଙ୍କର ଯାହାକୁ ଡାକବାର କଥା ଡକାଇ ଦିଅନ୍ତୁ । ସୁବଳ ବାବୁଙ୍କ ଗୋଡ ତଳକୁ ବସି ଗୀତା ପଢିବାକୁ ଆରମ୍ଭ କଲା । ବଡ ଝିଅ ଦୁଇ ଜଣ ବାପାଙ୍କୁ ଆସି ଦେଖି ଫେରିଯାଇଥାନ୍ତି ଦୁଇ ଦିନ ଆଗରୁ । ବୋହୂ ପାଖରେ ଠିଆ ହୋଇଥାଏ । ବାବୁଙ୍କର ହିକା ଦୁଇଟା ଉଠିଗଲା । ସୁବଳ ଗଙ୍ଗାଜଳ ଗୁମୁଚରେ ଟିକିଏ ବାବୁଙ୍କ ପାଟିରେ ଦେଲା । ପାଣି ଟୋପାଏ ବି ପାଟିକୁ ଗଲା ନାହିଁ । ଶେଷ ହିକାଟିଏ ଆସିଗଲା । ବାବୁ ଚାଲିଗଲେ । ସୁବଳ କାନ୍ଦୁଥାଏ । ଘରେ କାନ୍ଦ ବୋବାଳ ପଡିଗଲା । ଆଖି ପୋଛି ସୁବଳ ଶୋଇବା ଘରୁ ବାହାରି ଆସିଲା । ଧୈର୍ଯ୍ୟର ସହିତ ଚିନ୍ତା କଲା । କାନ୍ଦିଲେ ଆଉ କଛି ଲାଭ ନାହିଁ, ଶେଷ କୃତ୍ୟର ବ୍ୟବସ୍ଥା କରିବାକୁ ଅନ୍ୟ ପରିବାର ବର୍ଗଙ୍କୁ ଡାକବାକୁ ପଡିବ। ସାଇ ପଡିଶାଙ୍କୁ ଜଣାଇବାକୁ ହେବ । ପୁଅ ତପନ ଘରେ ନ ଥାଏ । ସୁବଳ ଦାଦାଙ୍କ ପୁଅ ଚିରାଗକୁ ଖବର ଦେଲା, ତପନକୁ ଡାକ ଆଣିବା ପାଇଁ । ସବୁ ଯେମିତି ମନ୍ତ୍ରବତ କରି ଯାଉଥାଏ । ତପନ ଘରେ ପହଞ୍ଚୁ ପହଞ୍ଚୁ ରାତି ଏଗାରଟା ହୋଇଗଲା । ସାଇ ପଡିଶା ସମସ୍ତେ ଆସି ରୁ ହୋଇଗଲେଣି । ଶାନ୍ତିଲତାଙ୍କ କଥା ସତ ହେଲା ପରି ଲୋକ କହୁଥିଲେ, କେଉଁ ଜନ୍ମରେ ସୁବଳ ନିଶ୍ଚୟ ରସିକ ବାବୁଙ୍କର ପୁଅ ଥିଲା ।

ବାପା ଗ୍ଲିଯିବାର ତିନ ମାସ ପରେ ତାସା ତିନ ସପ୍ତାହ ଛୁଟି ନେଇ ବୋଉକୁ ଦେଖିବାକୁ ଆସିଥିଲା । ତାସା ଆସିବା ଖବର ଶୁଣି ସୁବଳ, ଭାଇ ତପନ ସହ ଭୁବନେଶ୍ୱର ଏଆରପୋର୍ଟକୁ ତାକୁ ନେବାକୁ ଆସିଥିଲା । ଅପାଙ୍କୁ ନମସ୍କାର କରି ବ୍ୟାଗ୍ ଦୁଇଟାକୁ କାର୍ଟରେ ଧରି ଆଗରେ ଆଗରେ ଗାଡି ପାଖକୁ ଗଲା । କେହି କହିବାକୁ ଦରକାର ପଡିନ । ତାସାର ପିଲାମାନେ ସୁବଳକୁ ମାମୁଁ ବୋଲି ଡାକନ୍ତି । ମାମୁଁଙ୍କ ସଙ୍ଗେ ସୁବଳ ମାମୁଁଙ୍କୁ ଦେଖି ପିଲାମାନେ ଭାରି ଖୁସି । ଆମ ଘରେ ସୁବଳର ସ୍ଥାନ ଆଉ ତାର ଇତିହାସ ସେମାନଙ୍କୁ ଜଣା ନାହିଁ । କେବେ ପଗ୍ଭରି ନାହାନ୍ତି ସେମାନେ । ଓଡିଶାରେ ଆମର ଅନେକ ବନ୍ଧୁ ବାନ୍ଧବ ଓ ପରିଚତ ପରିବାର ଅଛନ୍ତି । କାହା ବିଷୟରେ ସେମାନେ ଅଧିକା ଜାଣିବାକୁ ଇଛୁକ ହୁଅନ୍ତି ନାହିଁ । ରସିକ ବାବୁଙ୍କର ଛୋଟ ପରିବାର ହେଲେ ମଧ ତାସାର ସାଙ୍ଗ ସୁଖ, ମାମୁଁ ଘର, ଦାଦା ଖୁଡୀ ଓ ମଉସା ମାଉସୀଙ୍କୁ ନେଇ ବିରାଟ ବଡ ପରିବାରର ଅନୁଭବ ହୋଇଥାଏ ତାର ପିଲାଙ୍କର । ଆମେରିକାରେ ଅନେକ ଓଡିଆ ରହୁଥିଲେ ମଧ ଏଭଳ ଯୌଥ ପରିବାରର ଅନୁଭୁତିର ସମ୍ଭବତା ନ ଥାଏ । କଏ କାହା ଘରକୁ ଜନ୍ମଦିନ ଓ କଦବା କ୍ୱଚତ ପାର୍ଟିକୁ ଯିବା ବ୍ୟତୀତ ବିଶେଷ ଯିବା ଆସିବାର ପ୍ରଥା ନାହିଁ । ତେଣୁ ପିଲାମାନେ ନଜର ଭାଇ ଭଉଣୀ ନଥିଲେ ପ୍ରାୟ ଏକୁଟିଆ ବଢନ୍ତି । ବାପା ମାଆ ହିଁ ସେମାନଙ୍କର ସାଙ୍ଗ ସାଥି ଓ ପିତା ମାତାର ସ୍ଥାନ ପୂରଣ କରିଥାନ୍ତି ଅନେକାଂଶରେ । ତାସାର ପିଲାମାନେ ଓଡିଶାକୁ ଛୁଟିରେ ଗଲେ ସ୍ନେହ ଶ୍ରଦ୍ଧାର ଆଧିକ୍ୟରେ ଏତେ ଉଦବେଳତ ହୋଇ ପଡନ୍ତି ଯେ ଘରର ପ୍ରତ୍ୟେକ ସଦସ୍ୟଙ୍କୁ ନଜର ବୋଲି ମନେ କରନ୍ତି । ସେଇ ପରିପ୍ରେକ୍ଷିରେ ସୁବଳ ତାଙ୍କର ମାମୁଁ ହୋଇ ଯାଇଛି । ସିଏ ବି ମାମୁଁ ଠାରୁ କୌଣସି କ୍ଷେତ୍ରରେ ତାଙ୍କୁ ଊଣା କରି ନାହିଁ । ତାସା ବେଳେ ବେଳେ ଭାବେ ସୁବଳ ସେ ଘରେ କେବେଠାରୁ ପୁଅର ସ୍ଥାନ ଅଧିକାର କରି ସାରିଛି । ବୋଉର କହିବା ଅନୁସାରେ ପୁଅ ତପନର ଦୂରତା ହୁଏତ ସୁବଳକୁ ତାଙ୍କର ନକଟତର କରିପାରିଛି, ଯାହା ଉପରେ ସିଏ ପୂର୍ଣ ଭାବେ ନର୍ଭର କରୁଛନ୍ତି । ସୁବଳ ତାଙ୍କର ପୁଅ ନୁହେଁ ତାଙ୍କର ବଳ ହୋଇଯାଇଛି । ଗ୍ଭକର ଆଉ ପୁଅର ପ୍ରଭେଦ କୁଆଡେ ଉଭେଇ ଯାଇଛି ।

ଏଲକରିଜ, ମେରିଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# ଲୁଣ୍ଠିତ ଇଚ୍ଛା



ସଂଘମିତ୍ରା ସାମନ୍ତରାୟ

କହି ପାରିବ କ ତୁମେ
ଏବେ ଏବେ କାହିଁକ ମୁଁ
ଏକଲା ପଡିଯାଉଚ
ଶୂନ୍ୟତା ର ଭିଟାମାଟି ରେ
ମୋ ଅସ୍ତିତ୍ୱ ର ଭିତ୍ତିପ୍ରସ୍ତର
କେମିତି ଦୃଢତାର ପାଚେରୀ ଗଢୁଛି ||



ପ୍ରେମର ଯମୁନା ତୀରେ ଥାଇ
ତା ଉଜାଣି ସୁଅ ରୁ ବା କୋଉ ମେଣ୍ଟାଇ
ପାରିଲି ହାବୁକାଏ ତଣ୍ଟିଶୁଖା ଶୋଷ
ବାଲିଚର ମାଡିଯିବା ପ୍ରାୟେ ଲାଗେ ସବୁ
ଯଦିଓ ଅନତିଦୂରରେ ଲହଡି ଭାଙ୍ଗେ
ସୁବିଶାଳ ପାରାବାର ||

ଚରୁଡାଏ ସ୍ୱପ୍ନ କୁ ସତେ ରୂପ ଦେବା
ଏତେ କଠିନ ବୋଲି ଜଣା ନ ଥିଲା କାହାକୁ
ଆଖି ଆଗରେ ଡେଣା ଫଡ ଫଡ କରୁଥିବା

ଆଶା ମାନେ ଖୁବ୍ ସତର୍କ ନିଜ ନିଜ ଭିତରେ
ହୁଏତ ଆକାଶଟା ବି କେତେବେଳେ
ଛିଡି ପଡିପାରେ ପିଠି ଉପରେ ।।

ନର୍ସରୀ ରୁ କାଂଚନଫୁଲ ଗ୍ଛର୍ ବା
କପା ଗଛ ନ ମିଳିବା ପରି
ସମସ୍ତ ସମ୍ଭାବନା ର ଅସମାହିତ
ଅନ୍ତହୀନ ଆଶଂକା ସବୁମୋ ସଂଭ୍ବ୍ୟ
ବଗିଗ୍ଛ ର ବାଡ ହୋଇ ବିର୍ଜମାନ କରନ୍ତି ।।

ଠା' ଠା' ଅସରନ୍ତି ସୁଖର ବାର୍ତ୍ତା ଦେଇଗ୍ଲୁଥିବା
ଅନାମଧେୟ ଜଳାର୍ଣ୍ଣବ କୋଳରେ
ସୁପୁତି କଇଁ ର ଇଚ୍ଛା କୁ ଗଳାଟିପି
ହତ୍ୟା କରେ ଅଜଣା ଆତତାୟୀ କେହି
ଠିକ୍ ସଂଜନଇ ଜହ୍ନ ଆସିବାର ଅଳ୍ପ ଆଗରୁ ।।

ଭାରତୀୟ ଜୀବନ ବୀମା ନିଗମ,
ପୁରୀ ଶାଖା, ପେଣ୍ଟକଟା, ପୁରୀ

ଚଳିତ ସଂସ୍କରଣରେ ଯଦି କୌଣସି ତୃଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ସଦ୍ ଜ୍ଞାନ ସନ୍ଧାନେ



ବରଦା ପ୍ରସନ୍ନ ଦାସ

ଧର୍ମ ଆମର ସନାତନ, ଅତି ପୁରାତନ ।
ଆମ ସଂସ୍କୃତି ଆମ ଐତିହ୍ୟ ଅତି ମହାନ୍ ॥୧ ॥

ଦେଇଥିଲେ ସ୍ୱୟଂ ପରଂବ୍ରହ୍ମ ବେଦଜ୍ଞାନ ମହାନ୍
ଭୁଲିଗଲୁ ଆମ୍ଭେ ନିଜ ଧର୍ମ, ଦିନକୁ ଯେ ଦିନ ॥୨ ॥

ଜିନ୍ଦାବସ୍ଥା, ବାଇବେଲ୍, ଆଉ ଯେ କୋରାନ୍,
ଗୀର୍ଜା, ମସଜିଦ୍ ରେ ପାଠ ନିଷ୍ଠୟଟି ଜାଣ ॥୩ ॥

ସେହି ଅନୁଗାମୀ ଗଣ ସ୍ୱପୀଠେ କରନ୍ତି ଅଧ୍ୟୟନ ॥
ମାତ୍ର ଆମେ ବୁଝୁନାହୁଁ ହୋଇ ହିନ୍ଦୁଜନ ॥୪ ॥

ଧର୍ମଗ୍ରନ୍ଥ ବେଦଛାଡି ଅନ୍ୟଠାରେ ଧ୍ୟାନ ॥
ସେଥିପାଇଁ ମୋକ୍ଷ ନିର୍ବାଣ, ଆମ ପାଇଁ ହୋଇଛି ଗହନ ॥୫ ॥

ଯେବେ ଶିଖିବା ସଦାଗୁରୁ ସଙ୍ଗେ ବେଦଜ୍ଞାନ
ତେବେ ହିଁ ପାଇବା ସଦଜ୍ଞାନର ସନ୍ଧାନ ॥୬ ॥

ଧନ୍ୟହେବ ଆମ ଅମୂଲ୍ୟ ମଣିଷ ଜୀବନ
ସଦଜ୍ଞାନ ବଳେ ଅପସରିଯିବ ଯବତୀୟ ଅଜ୍ଞାନ ॥

ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଭୁବନେଶ୍ୱର

# ଅସ୍ତ ରବି ର ଧୂସର ପ୍ରେମ



ସିପ୍ରା ନାମତା

ସ୍ନିଗ୍ଧା ର ପ୍ରୋଫାଇଲ ଫୋଟୋ କୁ ମୋବାଇଲ ରେ ନର୍ନିମେଶ ନୟନ ରେ ଗୃହିଁ ରହିଥିଲା ଶୁଭେନ୍ଦୁ । ଅସ୍ତ ରବି ର କରଣ ବୁଣି ଦେଉଥିଲା ମେଞ୍ଚାଏ ରଙ୍ଗ ଅବିର । ଘର ବାଲକୋନରେ ଚେଆର ଟେ ପକାଇ ବସିଥିଲା ସେ ଆଉ ଭାବୁଥିଲା ସ୍ନିଗ୍ଧା ବିଷୟରେ । ତା'ବିଷୟରେ ଯେତେ ଯେତେ ଭାବୁଥିଲା ସେ, ସେତେ ଅଧିକ ରହସ୍ୟ ର ଘନ ତିମିର ଭିତରକୁ ଯାଉ ଥିଲା ଶୁଭେନ୍ଦୁ । ଗୋଟିଏ ବ୍ଲକ ରେ ଦୁଇଜଣ ଗ୍ଭକରୀ କରନ୍ତି । ଏକା ଅଫିସ ରେ । ଫିଲଡ଼ ଡିଉଟି ପ୍ରାୟ ରହେ । ସବୁବେଳେ ଗ୍ରାମୀଣ ଲୋକଙ୍କ ସହ ସମ୍ପର୍କ, ସେମାନଙ୍କ ପାରିପାର୍ଶ୍ୱିକ ସମସ୍ୟା ର ଆଶୁ ସମାଧାନ, କୃଷି କାର୍ଯ୍ୟ ର ବିକାଶ ତଥା ଅନ୍ୟାନ୍ୟ ସରକାରୀ କଳ ର ଗ୍ଭପ ପ୍ରାୟଃ ଲାଗିରହେ । ଆଜିକୁ ତିନ ବର୍ଷ ହେଲାଣି ତା' ସହ ପରିଚୟ । ଯେତେ ସରଳ ଉପରକୁ ଦେଖା ଯାଏ ସେତିକ ଜଟିଳ ସେ ଅନ୍ତର୍ମନ ରେ। ବୟସ କଥା ପଗ୍ଭରିଲେ କହେ, "ବୟସ ଜାଣି କଣ କରିବ ? ଯୋଉ ମାନେ ଲାଇଫ ପାର୍ଟନର ଖୋଜନ୍ତି ସେମାନଙ୍କ ବୟସ ଜାଣିବା ଦରକାର ପଡେ । ମୋର ତ ସେମିତି କଛି ନାହିଁ ।" କ୍ୱାଲିଫିକେସନ କଥା ପଗ୍ଭରିଲେ କହେ "କଣ ମିଳବ ଶିକ୍ଷାଗତ ଯୋଗ୍ୟତା ର ଇତିହାସ ରୁ ? ଏଇ ଗ୍ଭକରୀ ହିଁ ମୋ ଶେଷ ଯୋଗ୍ୟତା ।" ଜୀବନ ର ଲକ୍ଷ୍ୟ ବିଷୟରେ ପଗ୍ଭରିଲେ କହେ "ଲକ୍ଷ୍ୟ କଥା ସେଇମାନେ ଭାବନ୍ତି ଯେଉଁ ମାନଙ୍କର ଭବିଷ୍ୟତ ର ମୋହ ଥାଏ, ସ୍ୱପ୍ନ ଥାଏ । ମୋ ପରି ଝିଅ ଙ୍କ ର କୌଣସି ସ୍ୱପ୍ନ ନାହିଁ ଯେତେବେଳେ ଲକ୍ଷ୍ୟ ଆସିବ କୁଆଡୁ ? "

- "ଏମିତି କଣ ଉଦ୍ଭ୍ରାନ୍ତ ଚନ୍ତା ତୁମର ? ଜୀବନ ର ଅସ୍ତିତ୍ୱ କୁ ଏମିତି ନକାରି ଦେଲେ କଣ ତାହା ଶେଷ ହୋଇଯିବ ? ଗ୍ଭଲିବାକୁ ହେବ ଏ ରାସ୍ତା ର ଅନ୍ତିମ ଚରଣ ପର୍ଯ୍ୟନ୍ତ ।"

ଶୁଭେନ୍ଦୁ କହେ । ସ୍ନିଗ୍ଧା ଆଉ କଛି କହେନ । ଆଖିପତା ଦୁଇଟିକୁ ବୁଜିଦିଏ ସେ । କାଳେ ମୁକ୍ତା ପରି ଢଳ ଢଳ ଲୁହ ଦି' ବୁନ୍ଦା ବାହାରି ଆସିବ କ ? ବୋଲି ଅନୁମାନ କରେ ଶୁଭେନ୍ଦୁ । ବୁଝି ହୁଏନ ସ୍ନିଗ୍ଧା ପରି ଝିଅ ଟି ର ଦୁଃଖ କଣ? ଯେତିକ ତା' ସଂସ୍ପର୍ଶରେ ଆସିଛି ବେଶ ଭଦ୍ର, ନମନୀୟ, ସୁଶୀଳ, ଉଚ୍ଚଶିକ୍ଷିତ, ମାନବିକତା ଗୁଣ ରେ ପୂର୍ଣ୍ଣ ଏବଂ ସୁନ୍ଦର ମଧ । ସ୍ନିଗ୍ଧା ର ସୁନ୍ଦରତା ତାକୁ ବିଶେଷ ଭଲ ଲାଗେ । "ତା' ହେଲେ କଣ କୁହାଯିବ ଯେ ସ୍ନିଗ୍ଧା ଅସାମାନ୍ୟ ସୁନ୍ଦରୀ । ନା ସେମିତି ନୁହଁ ଯେ ପ୍ରତ୍ୟେକ ବ୍ୟକ୍ତି ବିଶେଷ ଙ୍କ ଭିନ୍ନ ଭିନ୍ନ ବିଶ୍ଳେଷଣ ଅଛି ।" ମନେ ମନେ ଯୁକ୍ତି କରୁଥିଲା ଶୁଭେନ୍ଦୁ । କଲିଂ ବେଲ ଡାକ ଦେବାରୁ ଭାବନା ବ୍ୟାହତ ହେଲା । ପଡିଶା ଘର ଛୋଟ ଝିଅ ଟିଏ ଟିଫିନ ନେଇ ଆସିଛି । ଯା' ହେଉ ରାତିକ ର ଚନ୍ତା ଗଲା । ଆଜି ଶେଷେଇଆଣି ମାଉସୀ ଆସିବନ ବୋଲି କହିଯାଇଥିଲା ।

# # # # # #

"ବାପା, ତମ ଚଷମା କାହିଁ ? ଖାଲି ଆଖିରେ ଦେଖାଯାଉଛି ?

" - - "ହଁ, ପରିଷ୍କାର ହେଉନ । ଡାହାଣ ଆଖି ଟା ବିଲକୁଲ ଦେଖାଯାଉନ ।ସେଇଥିପାଇଁ ଚେଷ୍ଟା କରୁଥିଲି ଯେ ..."

"ହଉ ମୁଁ ଅଫିସ ରୁ ଫେରିଲା ପରେ ଡାକ୍ତର ପାଖକୁ ଯିବା ବୁଝିଲ । "କହି ସ୍ନିଗ୍ଧା ଅଫିସ ବାହାରିଗଲା । ଅଫିସ ରେ ଲଞ୍ଚ ସମୟରେ "- ଶୁଭେନ୍ଦୁ ମୋତେ ଟିକେ ସାହାଯ୍ୟ କରିବ ? ଏଇ ଫାଇଲ କାମ ଟା ଟିକେ କରିଦେଇଥାନ୍ତ !! ମୁଁ ସବୁ କରିଦେଇଛି କେବଳ ଡାଟା ଗୁଡିକ କମ୍ପୁଟର ରେ ଉଠିବାକୁ ବାକ ଅଛି । ଆଜି ଟିକେ ଶୀଘ୍ର ଯାଇଥାନ୍ତି । ତମେ ମ୍ୟାନେଜ କରିନେବ ଯଦି ଯିବି । "ଶୁଭେନ୍ଦୁ ର ଉତ୍ତର କୁ ଅପେକ୍ଷା ନ କରି ଗୋଟିଏ ପରେ ଗୋଟିଏ କଥା କହି ଗ୍ଲିଥାଏ ସ୍ନିଗ୍ଧା । ଶୁଭେନ୍ଦୁ ଏକ ଧାନରେ ତାକୁ ଗ୍ୱହିଁ ପଗ୍ୱରିଲା - "ଆଉ କଛି ? ଯଦି ଆବଶ୍ୟକତା ଅଛି ମୁଁ ସାଙ୍ଗ ରେ ରହିବି "।

- - "ଆରେ ନା ନା ମୁଁ ଏକା ପାରିବି ଯେ କେବଳ ଏଇ କାମ ଟା ଅଡୁଆ । ହଉ ମୁଁ ଆସେ.... ୩ ଟା ବାଜିଯିବ ଯେ କହି ସେ ଭ୍ୟାନଟି ବେଗ ଟି କୁ କାନ୍ଧ ରେ ଗଳାଇ ପଛ ଗେଟ ଦେଇ ବାହାରକୁ ଆସିଲା ।

_"ହ୍ୟାଲୋ ...ବାପା ରେଡି ଥାଅ, ମୁଁ ପହଞ୍ଚୁଛି ସାଙ୍ଗେ ସାଙ୍ଗେ ଯିବା" କହି ମୋବାଇଲ ଭ୍ୟାନଟି ରେ ରଖିଦେଇ ଗାଡି ଷ୍ଟାର୍ଟ କଲା ସ୍ନିଗ୍ଧା । ଆଖି ଡାକ୍ତର ଙ୍କ ପାଖ ରେ ଲାଇନ ରେ ବସି ପ୍ରତୀକ୍ଷା କରୁ କରୁ ଅତୀତ ରେ ହଜିଗଲା ସେ ।

# # # # # #

କଣ ଆଉ କରିବାକୁ ବାକି ରହିଲା ଜୀବନ ରେ ? କେବଳ ନିଜ ପାଇଁ ଯାହା ସେ କିଛି କରିପାରିନାହିଁ । ଅଳ୍ପ ବୟସ ରେ ମାଆ ଗ୍ଲେିଗଲେ ଅଫେରା ପଥ ର ପଥିକୀ ସାଜି । ବାପା ଙ୍କ ର ନିଜ ଜିଲ୍ଲା ଭିତରକୁ କୌଣସି ପ୍ରକାରେ ଉପର ମହଲ ରେ ଧରା ଧରି କରି ଗ୍ଲକରୀ ରେ ବଦଳ କରେଇ ପାରିଛି । ସେଥିପାଇଁ ଯେତିକି ପାମ୍ପଡ଼ ବେଲିଛି ସେକଥା ବାପା ଙ୍କ ଅଫିସ ଆଉ ସେ, ଏବଂ ସହାୟତା କରିଥିବା ଓକିଲ ସନ୍ତୋଷ ମଉସା ଙ୍କ ବ୍ୟତୀତ କିଏ ଅଧିକ ଜାଣିବ ଯେ ? ଦୁଇ ଭାଇ ଙ୍କ ଠାରୁ ସାନ ହେଲେ ମଧ୍ୟ ବୁଦ୍ଧି ଜ୍ଞାନ ର ପ୍ରଖରତା ନିମନ୍ତେ ସବୁ କାମ କାର୍ଯ୍ୟ ର ଭାର ସମ୍ଭାଳିବାକୁ ପଡିଲା ତାକୁ । ବାପା ଙ୍କ ପେନସନ ପାଇବା, ଭାଇ ଙ୍କ ବିଜିନେସ ପାଇଁ ବ୍ୟାଙ୍କ ଲୋନ କରିବା, ସାନ ଭାଇ ର ଗ୍ଲକରୀ ପାଇଁ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସୁପାରିଶ କରାଇବା, ଏସବୁ କଣ ତା'ର କରିବାର ଥିଲା? କିନ୍ତୁ ତାକୁ ସେସବୁ କରିବାକୁ ପଡିଲା । ସର୍ବୋପରି ମାଆ ର ଅନ୍ତ୍ୟେଷ୍ଟିକ୍ରିୟା ଠାରୁ ଆରମ୍ଭ କରି ଭାଇ ଦୁଇଜଣ ଙ୍କ ର ବିବାହ ପର୍ଯ୍ୟନ୍ତ ସାମଗ୍ରୀକ ଭାବେ ସବୁ କାମ ତାକୁ ହିଁ ତ କରିବାକୁ ପଡିଲା । କିନ୍ତୁ ସବୁଠାରୁ ବେଶୀ ଆଶ୍ଚର୍ଯ୍ୟ ର କଥା ଯେ, ସେଇ ଭାଇ ମାନେ ତା' କଥା ବୁଝିବାକୁ ସମ୍ପୂର୍ଣ୍ଣ ଅସମର୍ଥ । ସେମାନଙ୍କ ନିଜ ନିଜ ଦାୟିତ୍ୱ ରୁ ଫୁରୁସତ କାହିଁ ଯେ? ଦୁଃଖ ର ଖୋଳପା ଟା ଏମିତି ଢାଙ୍କି ଯାଇଛି ଯେ ସେଇଟା ଆଉ କାଢି ହେଉ ନାହିଁ । ସେତିକି ହିଁ ବିଶେଷ କଷ୍ଟ କାରଣ । ଆଉ ଯୌଥ ପରିବାର ନାହିଁ । ଯିଏ ଯାହା ର ସଂସାରରେ ବ୍ୟସ୍ତ । ସମ୍ପର୍କ ର ବ୍ୟବଧାନ ଅସମ୍ଭବ ରୂପେ ବଢି ଯାଇଛି । ଜୀବନ ର

ହସ ଖୁସି, ମାୟାମମତା, ସୁଖ ସମ୍ପନ୍ନତା କଛି ଆଉ ଅନୁଭବ କରିପାରେନ ସେ । ସ୍ନାୟୁ ରେ କୌଣସି ଶିହରଣ ନାହିଁ । ବିବାହ ପ୍ରସ୍ତାବ ଆସିଲେ ମଧୁସ୍ମି ଙ୍କ ହାତ ରେ ଖବର କର୍‌ଏ, ପୁଅ ଘର ପସନ୍ଦ କଲେନ । କାରଣ କଥା ଫାଇନାଲ ବେଳକୁ ପୁଣି ସେଇ ଦେବା ନେବା ବିଷୟ ର ରେଞ୍ଜ ଘେସ ଆଉ ତା ପରେ ପରେ ନାକଚ । ବାପା ଙ୍କ ର ଚେହେର୍‌ ର ଭୌଗୋଳକ ପରିବର୍ତ୍ତନ ଆଉ ଆଖିକୋଣ ରେ ଅନେକ ଦିନ ପର୍ଯ୍ୟନ୍ତ ସଞ୍ଚିତ କୋହ ଦେଖି ଦେଖି ମନ ଟା ରିକ୍ତ, ବିଷର୍ଣ୍ଣ, ହୋଇଯାଇଛି । ସେଠି ସ୍ଵାଭାବିକ ସ୍ନେହ ପ୍ରେମ କଛି ନାହିଁ । ମଧୁସ୍ମି ମଉସା ଙ୍କୁ ବୁଦ୍ଧି ଦେବା ପରେ କନ୍ତୁ ସେଇ ଯୁକ୍ତି ତର୍କ ର କଥା ଆଉ ଆଗକୁ ବଢେନ । ମଧୁସ୍ମି ଙ୍କ କଥା "ନା, ଟିକେ ବୟସ ବେଶୀ ହେଇଯାଉଛି ବୋଲି କହିଲେ " ରେ ଛିଡିଯାଏ । ସ୍ଵସ୍ତି ର ନିଃଶ୍ଵାସ ଟିଏ ମାରେ ସ୍ନିଗ୍ଧା, ଛାତି ରୁ ଦକ ଟିଏ ଯାଏ । ବାପା ଙ୍କ ମୁହଁ କୁ ସିଧା ଗ୍ହିଁ ପାରେ ନାହିଁ ସେ । ଜୀବନର ଅପରାହ୍ନ ରେ ଉପନୀତ । ସନ୍ଧ୍ୟା ଆସିବାକୁ ଆଉ କେତେ କ୍ଷଣ ବାକ ?? ପତ୍ନୀ କୁ ହରାଇ ସଂସାର ର ଅର୍ଦ୍ଧେକ ସୁଖ ରୁ ବଞ୍ଚିତ ହୋଇ ଝିଅ ଟି କୁ କୁଳ ରେ ଲଗାଇ ନ ପାରିବା ର ଦୁଃଖ ସେଇ ପିତା ହିଁ ବୁଝିପାରିବ ଯିଏ ଭୁକ୍ତ ଭୋଗୀ । ସବୁ ବୁଝେ ସ୍ନିଗ୍ଧା । ଅସ୍ତମିତ ରବି କରଣ ରେ ସେ ତେଜ ଔଜ୍ଜ୍ଵଲ୍ୟ କାହୁଁ ଆସିବ ..? ଏ ଯେ ପ୍ରତୀକ୍ଷା କରିଛି, ସେଇ ମୁହୂର୍ତ୍ତ କୁ..... ଘନ ତମସା ର ବକ୍ଷ ବିଦୀର୍ଣ୍ଣ କରି କେତେବେଳେ ଉଠିବ ଅଗ୍ନି ର ସଂଯୋଜନା ରେ ସ୍ତୁପୀକୃତ ଜୁପକାଷ୍ଠ ଉପରେ ଶୋଇଥିବା ଅସଜଡ଼ା ପ୍ରାଣ ର ବନ୍ହି । ତା' ପରେ ...ତା' ପରେ ହୋଇଯିବ ଗୋଟିଏ ଯୁଗ ର ଅବସାନ । ଆଉ ସେ ଯୁଗ ର ଅବସାନ ପରେ ପୁଣି ଦିନ ଆସିବ, ର୍‌ତି ଆସିବ କନ୍ତୁ ନ ଥିବ ପାଖରେ ସେଇ ଅସ୍ତ ରବି ର ଧୂସର ପ୍ରେମ । ଭଲ ପାଇବାର ଏକ ସ୍ଵକୀୟ ଧାର୍‌ ଅଛି । ସେଇ ଭ୍‌ବ ରୁ ସେ ବା କେମିତି ବାଦ ପଡ଼ିଥାନ୍ତା ! ଶୁଭେନ୍ଦୁ ର ପ୍ରଶ୍ନ ସବୁ ଏଡେଇଯାଏ, କାହିଁକ ଜଣକ ର ଭାବନା ସହ ଖେଳବ ? କାହା ଦୟା, ଅନୁକମ୍ପା ର ପାତ୍ର ହେବା କୁ ଗ୍ହେଁନ ସେ ।

######

"ଜ୍ୟୋତିଶଙ୍କର ପଟ୍ଟନାୟକ" ନାଁ ଡକା ହେବାରୁ ଭାବନା ପ୍ରତିହତ ହେଲା ସ୍ନିଗ୍ଧା ର । ବାପାଙ୍କ ଡାହାଣ ଆଖି କୁ ଆଉ ଦେଖାଯାଉନ । ଅପରେସନ ହେବ ବୋଲି ଡାକ୍ତର କହିଲେ । "ହଁ କରିବାକୁ ପଡିବ," ସେ ହିଁ ତ ଏବେ ତାଙ୍କର ସାହା ଭରସା । ଦୋଷ ଛଡା ହେବା ପାଇଁ ଭାଇ ଦୁଇଜଣ ଙ୍କୁ ଖବର କରିଦେଇଥିଲା ସେ । କିନ୍ତୁ ଜଣେ ଟୁର ରେ ବାହାର କୁ ଯାଇଛନ୍ତି କହିଲେ ପନ୍ଦର ଦିନ ପରେ ଆସିବେ ତେଣୁ ତା'ପରେ ଅପରେସନ କରିବାକୁ ଉପଦେଶ ଦେଲେ । ଆଉ ଜଣେ ବିଜିନେସ ରେ ଫୁରୁସତ ପାଇବେନ କହି କୁନ୍ଥୁ କୁନ୍ଥୁ ହେଲେ । "ହଉ ତୁ ଗୋଟେ କାମ କର, ବାପା ଙ୍କୁ ଆଣି ଏଠି ଛାଡି ଦେଇଯା "କହିଲେ । କିନ୍ତୁ ବାପା ସିଧା ମନା କରିଦେଲେ । ନିଜ ଉପରେ ଭରସା ରଖି ବାପା ଙ୍କ ଆଖି ଅପରେସନ ପାଇଁ ପ୍ରସ୍ତୁତ ହେଲା ସ୍ନିଗ୍ଧା । ଅବଶ୍ୟ ଶୁଭେନ୍ଦୁ ଢେର ସାହାଯ୍ୟ କଲେ । ପ୍ରକୃତ ବନ୍ଧୁ ପରି ତାକୁ ଲାଗିଲା । ଶୁଭେନ୍ଦୁ ର ଆଖି ର ଭାବ ସ୍ନିଗ୍ଧା ବୁଝେ ଆଉ ହୃଦୟ ର ଗଭୀରତା କୁ ଯାଇ ପ୍ରଶ୍ନ ର ସମ୍ମୁଖୀନ ହୁଏ ସେ । ଶୁଭେନ୍ଦୁ ଯୁବକ, ସୁନ୍ଦର, ସୁଠାମ ହୁଏତ ରଙ୍ଗୀନ ପ୍ରେମ ରେ ଉବେଇ ଟୁବେଇ ହେଉଥିବ, ସେ କାହିଁକି ସ୍ନିଗ୍ଧା କୁ ପ୍ରତୀକ୍ଷା କରିବ ? ଏକ ନିର୍ଲିପ୍ତ ହୃଦୟ, ନିର୍ବିକାର ମନ, ଆଉ ନିଃଶବ୍ଦ ପ୍ରେମ କୁ ।

# # # # # #

ସବୁ ଆଶଙ୍କା କୁ ହେୟ କରିଦେଲା ସେଦିନର ମୋବାଇଲ ମେସେଜ - - - "ସତରେ କଣ ତୁମ ହୃଦୟ ରେ ମୋ ପାଇଁ କାଣିଚାଏ ସ୍ଥାନ ନାହିଁ ? ତୁମ ନିର୍ଲିପ୍ତତା, ନିର୍ବିକାରିତା, ମୋତେ କେଉଁ ରହସ୍ୟ ର ଗହନ, ଗଭୀର ମୁଲକ କୁ ନେଇଯାଇଛି ଜାଣେନା, କିନ୍ତୁ ତୁମ ସହିତ ଓତୋପ୍ରୋତ ଜଡିତ ହେବା ପରେ ଲାଗୁଛି, ସତେ କି ତୁମେ ହିଁ...... କେବଳ ତୁମେ ହିଁ ମୋର ବହୁ ଆକାଂକ୍ଷିତ ନାୟିକା । ତୁମର ଶୁନ୍ୟତା ହିଁ ମୋର ପୂର୍ଣ୍ଣତା । ସେଇ ଅଭିଳାଷ ରେ ଏତିକି ବ୍ୟକ୍ତ କଲି । ଜାଣେନା ତମ ପ୍ରତିକ୍ରିୟା କଣ ହେବ ? ତଥାପି ମୋର "ବିଶ୍ୱାସ" ମୋତେ ହାରିବାକୁ ଦେବ ନାହିଁ ବୋଲି ମୁଁ ବିଶ୍ୱାସ କରୁଛି ।ଯାହା ବି ହେଉ ମୋତେ କିନ୍ତୁ ସବୁବେଳେ ତୁମ ପାଖେ ପାଖେ ପାଇବ ।"

କଣ ଲେଖିବ ? କ ପ୍ରଶ୍ନ ପଗ୍ଭରିବ ? କାହିଁକ କାହିଁକ ତୁମେ ଶୁଭେନ୍ଦୁ ଏମିତି କରୁଛ ? ଯାହା ପାଇଁ ମୋ ଆତ୍ମା ହା- - ହା କାର କରି ଉଠୁଛି । ବିବଶ ହୋଇ ପଡୁଛି ମୁଁ ।- - - - "ତୁମର ପ୍ରତ୍ୟେକ କାମ, ପ୍ରତି ଟି ଉକ୍ତି, ପ୍ରତି ଟି ଭ୍ଵବ ତୁମ ବିଶ୍ଵସ୍ତତାର ପରିଚୟ ଦେଉଛନ୍ତି ସିନା, କନ୍ତୁ ମୋ ଠାରୁ ତୁମର ସେଇ ପ୍ରାପ୍ୟ ତୁମେ ପାଇ ପାରିବ ତ ? ମୋ ଭିତରେ ଯେଉଁ ଶୁନ୍ୟତା ସୃଷ୍ଟି ହୋଇଛି, ତାହା ଯେ ଖୁବ୍ ଶୀଘ୍ର ପୂର୍ଣ୍ଣ ହେବ ସେଥିରେ ମୋର ଆସ୍ଥା ନାହିଁ । ତେଣୁ ତୁମକୁ ବା କେମିତି ସୁଖୀ କରାଇପାରିବି? ଛଳନା ର ମୁଖା ମୁଁ ପିନ୍ଧିପାରିବିନ ଶୁଭେନ୍ଦୁ । ଯେଉଁ ସମୟରେ ତାରୁଣ୍ୟ ର ଅଥଳ ସାଗର ରେ ଛଳ ଛଳ ଢେଉ ସୃଷ୍ଟି କରନ୍ତି ତରୁଣ ତରୁଣୀ ସେ ସମୟ ରେ ସଂସାର ଟା କୁ ମୁଣ୍ଡେଇସାରିଲି ପରେ ଯୋଉ ଖାଁ ଖାଁ ଶୁନ୍ୟତା ନଶିଦିନ ଚତୁର୍ପାଶ୍ଵ ରେ ବୁଲୁଛି ତା'ର ଅବସାନ ଯେମିତି ନାହିଁ । ତୁମେ କଣ ସବୁଦିନ ସେଇ ଅସ୍ତ ଗ୍ଵଗ ର ଉଷ୍ଣତା ଭିତରେ ଆବଦ୍ଧ ହୋଇ ରହିପାରିବ ? କେବେ ତୁମେ ମଧ୍ୟାହ୍ନ ର ପ୍ରଖର କରଣ ର ଉତ୍ତାପ ରେ ଅତିଷ୍ଠ, ଜର୍ଜରିତ ହୋଇ ପଡିବନ ତ ? ଜଳବ ନ ତ ଅନୁତାପ ର ଦାବାନଳ ରେ । କାରଣ ସେଇ ଜ୍ଵଳନ ରେ ମୁଁ ଜଳଯାଇ ସମ୍ପୂର୍ଣ୍ଣ ନଃସ୍ଵ ହୋଇ ଯାଇଛି ଆଉ ସେ ନଃସ୍ଵତା ର ଆନନ୍ଦ ତୀବ୍ର ହୋଇ ରୂପାନ୍ତର ହୋଇଯାଇଛି ଧୂସର ପ୍ରେମ ର କୋହ ରେ ।"

ଗଭୀର ଅନ୍ତରଦାହ ରେ ସ୍ନିଗ୍ଧା ର ହାତ ଲେଖିସାରିଥିଲା ସେଇତକ କଥା ମୋବାଇଲ ର ମେସେଜ ବକ୍ସ ରେ । ଉପର ଠାଉରିଆ ଦି'ପଦ କଥା ଆଉ ତା'ପରେ ପରେ ଶ୍ଵାନ ପ୍ରେମପରି ପ୍ରୀତି ର ଘୋର ବିରୋଧୀ ସେ । ରକ୍ତ ମାଂସ ର ଭୂଗୋଳ ର ସ୍ନାୟୁ ରେ ଚଉକା ଟିଏ କ ଛକ୍କା ଟିଏ ବାଡେଇ ଦେବାର ସଂଖ୍ୟା ତ ଢେର । କେବଳ ମନ ର ଚୌହଦି ଟି କୁ ବିଶ୍ଳେଷଣ କରିପାରିବା ହିଁ ପ୍ରକୃତ ପ୍ରେମ । ବାସ୍ତବ ରୂପାୟନ ଅନାବିଳ ପ୍ରେମ ର ।ଗ୍ଵପା କୋହ ଭରା ଦୀର୍ଘଶ୍ଵାସ ଟିଏ ବାହାରି ଆସିଲା ପଞ୍ଜରା ଥରାଇ । "ତୁମ ସର୍ବାଙ୍ଗ କୁ ମୋ ଭିତରେ ଅନୁଭବ କରୁଛି ଶୁଭେନ୍ଦୁ ...। ପ୍ରତ୍ୟେକ ଜଡତା ମୋର ତୁମ ଭିତରେ ଲୁଚଯାଉଛି। ମୋ ଶୁନ୍ୟତା କୁ ତୁମେ ପୂର୍ଣ୍ଣତା ରେ ଆଦରି ନେଇଛ ସତ ....., ବନ୍ଦ ଆଖି ପତା ରୁ କେଇ ଟୋପା ଲୁହ ଗଡି ଆସୁଥିଲା ଚବୁକ ଦେଇ । ଆଃ ...ଶୁଭେନ୍ଦୁ ଇଚ୍ଛା ହେଉଛି

ଏଇ ମୁହୂର୍ତ୍ତରେ ତୁମ ଛାତି ରେ ମଥା ରଖି ଟିକଏ ଶାନ୍ତିରେ କାନ୍ଦି ପାରନ୍ତି । କନ୍ତୁ ସବୁଦିନ ପାଇଁ ସେ ସୌଭାଗ୍ୟ କୁ ଆଦରିନେବା ପାଇଁ ହୁଏତ ମୋର ସାହସ ନାହିଁ ।ମୋତେ କ୍ଷମା କର ଶୁଭେନ୍ଦୁ, ଏଇ ଧୂସରତା କୁ ଯୋଉଦିନ ତୁମ ପ୍ରେମ ପୂର୍ଣ୍ଣ ସବୁଜ କରିଦେଇପାରିବ ସେଇଦିନ ହୁଏତ ମୋ ଜୀବନର ସର୍ବଶ୍ରେଷ୍ଠ ଦିନ ହେବ ଆଉ ତୁମେ ହେବ ମୋ ପାଇଁ ଶ୍ରେଷ୍ଠ ପୁରୁଷ ।" ସ୍ୱଗୋତୋକ୍ତି କରୁଥିବା ଅବସ୍ଥା ରେ ତାକୁ ଲାଗିଲା ଯେମିତି ଶୁଭେନ୍ଦୁ ଅତି ନିକଟ ରେ ବସି ବଡ ବଡ ଆଖି କରି ଲୋଭୀଲା ହୋଇ ଖୁବ୍ ଗଭୀର ଭାବରେ ଚାହିଁ ଓଠ କୋଣ ରେ ଚାପା ହସ ରଖି ମନ କଥାକୁ ପଢିପାରିବା ପରି କହୁଛନ୍ତି "ମୁଁ ସବୁ ପାରିବି ସ୍ନିଗ୍ଧା, ଖାଲି ଥରେ ତୁମେ 'ହଁ' କହି ଦେଖ ତ "।

- "ଧେତ, ଏମିତି କଣ ଚାହିଁଛ ? ତୁମର ସବୁ ପ୍ରଶ୍ନ ର ଉତ୍ତର ମୁହଁ ଖୋଲି ନ କହିଲେ ଚଳେନି ନା ?......ମୋର ତ ପୁଣି ଲଜ୍ଜା ଅଛି; ତଥାପି ତ କହୁ କହୁ କହିଦେଲି ...." ।

ଦଲକାଏ ପବନ ମୁହଁ ରେ ଆସି ବାଜିଲା ସ୍ନିଗ୍ଧା ର । ଚାଉଁକିନା ଆଖିପତା ଖୋଲିଗଲା । ଶୁଭେନ୍ଦୁ ର ଉପସ୍ଥିତି କୁ ଅନୁଭବ କରୁଥିବା ବେଳେ ବାପା ଙ୍କ ର ଡାକ ରେ ବାସ୍ତବତା କୁ ଫେରିଆସି ନିଜ ବଗିଚାରୁ ଘର ଭିତରକୁ ଯାଉଥିବା ବେଳେ ପଛକୁ ଚାହିଁଲା ସ୍ନିଗ୍ଧା । ଶୁଭେନ୍ଦୁ ର ଛାୟା ଟି ପବନ ରେ ମିଶିଯାଉଛି ଯେପରି ......ସେଇ ଛାୟା ପ୍ରତି ସୁମଧୁର ତେରେଛା ହସ ଟିଏ ଉକୁଟି ଉଠୁଥିଲା ଆଉ ଛାତି ଭିତରୁ ବାହାରି ଆସୁଥିଲା କଥା ଗୁଡିକ -

- "ଯାଃ... ଦୁଷ୍ଟ ...! ହେଇ ଦେଖ, ପଶ୍ଚିମାକାଶ କେମିତି ଧୂସର ବର୍ଣ୍ଣ ରୁ ଧୀରେ ଧୀରେ ରକ୍ତିମ ହୋଇ ଆସିଲାଣି.....ଠିକ୍ ତୁମ ପ୍ରେମ ପରି "।।

ତୁଳସୀଚଉରା, ପୋ- ବାରିପଦା, ମୟୂରଭଞ୍ଜ, ଓଡିଶା



# ବିଧ୍ୱଂସର ପଥେ



ଭାସ୍କର ଚନ୍ଦ୍ର ଖଣ୍ଡା

ନିଶାଗ୍ରସ୍ତର ବ୍ୟାଧି ପରି
ହିଂସା ଦ୍ୱେଷ ଭେଦ ଭାବ
ଯାଇଛିତ ସମାଜରେ ଭରି
ଚରିତାର୍ଥ କରିବାକୁ ନିଜ ନିଜ ସ୍ୱାର୍ଥ
ସଭ୍ୟତାର ଦ୍ୱାହି ଦେଇ ଆଜିର ମଣିଷ
ସତେ ଅବା ଅନାଇଛି କେବେ ହେବ ଧ୍ୱଂସ

ଭୁଲିଯାଇ ଆଜି ସବୁ ଶାନ୍ତିର ବାରତା
ଭାବନାର ଜାଗରଣେ ଆସିଛି ଉଗ୍ରତା
ପରମାଣୁ ଅସ୍ତ୍ରଶସ୍ତ୍ରେ ହୋଇ ସଜବାଜ
ଉପନୀତ ଆଜି ଏଠି ଆମରି ସମାଜ
କହେ ଯଦି ଆଜି କେହି ଶାନ୍ତିର ସେ କଥା
ସତେ ଅବା ତା'ର ନିର୍ବୋଧତା



ବାହାର ଚାକଚକ୍ୟରେ ହୋଇ ସାଜସଜ୍ଜା
ସବୁ ବୁଝି ସତେ ସେ ଅବୁଝା
ଦ୍ୱାହି ଦେଇ ଏ ମଣିଷ ଆଜିର ସଭ୍ୟତା
ହରାଇବ ଯଦି ତା'ର ସତ୍ତା
ଆପଣାଇ ପ୍ରଗତିର ଏଇ ପଥଟିକୁ
କିପରି କହିବ ଆଜି ଶ୍ରେଷ୍ଠ ସେ ନିଜକୁ

ଭୁଲି ପରମାଣୁ ଯୁଦ୍ଧର ସେଇ ଅଗ୍ନି ଶିଖା
ହିରୋସୀମା ନାଗାସାକି ତାଣ୍ଡବର ବିଭୀଷିକା
ପ୍ରତିଶୋଧର ବହ୍ନି କରି ପ୍ରଜ୍ୱଳିତ
ବିଂଶ ଶତାବ୍ଦୀ ମାନବ ଆଜି ଉପନୀତ
ସତେ ଅବା ପ୍ରତୀକ୍ଷାରେ ରତ
ବାଛିନେଇ ବିଧ୍ୱଂସର ପଥ ॥

ସହଦେବଖୁଣ୍ଟା, ବାଲେଶ୍ୱର

ବେଦାନ୍ତୀ ଇ- ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ। ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ଗାନ୍ଧାରୀ



ସୁସ୍ମିତା ମହାପାତ୍ର

ଏବେ ଫର୍ଚ୍ଚା ଦିଶିଲାଣି
ପ୍ରାୟ ସଭିଙ୍କ ଅଗଣା
ଅନ୍ଧାରକୁ ଧୀରେ ଧୀରେ
ଗିଳି ସାରିଲାଣି ଦିନ,
ନାରୀ ଜାଗରଣ ତଥା
ସଶକ୍ତିକରଣ ସ୍ଲୋଗାନରେ
କର୍ଣ୍ଣ କୁହର ଯୁଗଳ
ହୋଇଲାଣି କମ୍ପମାନ ।

ଆମର ଏ ଛୋଟ ବଡ ସହର ଗ୍ରାମର
ପ୍ରତି ପଥ, ଛକ ଓ ମୋଡକୁ
କେଡେ ସରାଗରେ ସତେ ମାଡିଆସୁଛି
ବିଶ୍ୱ ମହିଳା ଦିବସ
ନାରୀ ସ୍ତବକ ଗାନରେ ଫାଟି ପଡୁଛି
ସାରା ନାଚିରୁ ଆକାଶ ।



କିନ୍ତୁ,
କେବେ ଅନ୍ଧାର ହେଉ ନଥିବା
ଦିଲ୍ଲୀ, କୋଲକତା ପରି ମହାନଗରୀରେ
ଏହା ବିଲକୁଲ୍ ସ୍ୱାଦହୀନ, ଫିକା
ଯାହା ପାଇଁ ଆଜି ଏତେ କମିଶନ୍, କାନୁନ୍
ତଥାପି ଦିନ ଦ୍ୱିପହରେ ନାରୀ ସେଠି
ଅସୁରକ୍ଷିତ ଏକା ଏକା ।

ଏଣେ ସବଳା ବୋଲାଉଥିବା
ଆମ ବହୁରୂପୀ ଲଳନାଙ୍କ ପାଇଁ
ଇଏତ ସୁବର୍ଣ୍ଣ ସୁଯୋଗ
ଏକ ଜବର୍ଦସ୍ତ ମୌକା,
କଳେ ବଳେ କଉଶଳେ
ଝାମ୍ପି ନେଇ ହେବ ପୁଳେ
"ନିର୍ଭୟା" ନାମ୍ନୀ ବଲ୍ ରେ ମାରିହେବ ସିଧା
ଛକା ନହେଲେ ବି ଗୋଟେ ଲମ୍ବା ଚୌକା ।

ଫାଶ ଦେହେ ଛନ୍ଦିଯିବ ବିଚରା ପୁରୁଷ
ବେଳ ଅବେଳରେ,
ଭିଡିନେଇ ମାମୁଁଘରେ ଠୁଙ୍କିଦେବ ଖାକିବାଲା
ମୋବାଇଲ୍ ବଟନ ଦେହେ
ସାମାନ୍ୟ ଆଙ୍ଗୁଠି ଟିପରେ ।

ନିର୍ଦୋଷରେ ମୁକୁଳିବା ଲାଗି
ପ୍ରମାଣ ଯୋଗାଡୁ ଯୋଗାଡୁ
ମୁଣ୍ଡ ହେବ ଚନ୍ଦା ଆଉ ଚର୍ମ ଧୁଡୁ ଧୁଡୁ
ଏ ଡିଜିଟାଲ ଯୁଗରେ ।

ସଶକ୍ତିକରଣ ନାମେ ଲାଗିଥାଉ ଏଇମିତି
ଅଭୟା, ନିର୍ଭୟା ଆଦି ନିୟମର ଲମ୍ବାଧାଡି,
ଉଡୁଥାନ୍ତୁ ନିର୍ଭୟରେ ମାନିନୀ, ଦାମିନୀ ଯେତେ
ମିନି ଅବା ବିକିନିରେ ଶାଢି ଛାଡି ।
ଚିରକାଳ ବନ୍ଧାଥାଉ କାନୁନ୍ ଆଖି
ଗାନ୍ଧାରୀ ନ୍ୟାୟରେ,
ଅନ୍ଧସାଥେ ଅନ୍ଧସାଜି କାରଣ ହେଉ
ଆପଣାର ବିନାଶରେ ।

ରାଉରକେଲା, ଓଡିଶା

# ରମ୍ୟ ରଚନା - ପକୁଡି ବିକା କୁ ଯାତେର୍ ଦେଖା...



ସୁବଳ ମହାପାତ୍ର

ଇଞ୍ଜିନଅର ହେବାର ପାଞ୍ଚ ବର୍ଷ ପରେ ବି ମକର୍ କୁ ଗୃକରୀ ଖଣ୍ଡେ ମିଳଲ୍ ନାହିଁ । ବହୁତ ମନ ଦୁଃଖରେ ଥାଏ ବିଚର୍ । ପ୍ରାୟ୍ ସବୁ ସାଙ୍ଗ ଗୃକରୀ ପାଇ ଗଲେଣି । କଛି ହାତଗୁଞ୍ଜା ଦେଇ, ତ କଛି ବାପା କାକାଙ୍କ ଦ୍ବାରେ । କଛି ପିଲ୍ ତ ପାଇବା ଆଶାରେ ବାପା ପଇସା କୁ ଚଲୁ କରି ଦଲ୍ଲ କୁ ଅନେଇ ବସିଛନ୍ତି । ଆଉ କଛି ନଜ ଭ୍ଗ୍ୟ କୁ ନନ୍ଦଇ । ଭ୍ରି ଗର୍ବ ରେ ସେତେବେଳେ କଲେଜ ଆଣିଥିବା କ୍ୟାମ୍ପସ ରେ ଗୃକରୀ ପାଇ ଛାତି ଫୁଲେଇ ବୁଲୁଥିଲେ । କଛି ଦିନ ପରେ ବୁଝା ପଡିଗଲ୍ ଯେ ଏମାନେ ପଇସା ଦେଇ ସେଠି କୋର୍ସ କରୁଥିଲେ । ଛଅ ମାସ ପରେ କୋର୍ସ ସରିବାରୁ କମ୍ପାନୀ ବି ବନ୍ଦ । ଆଉ ଗୃକରୀ? କଉ ଥିଲ୍ ଯେ ଯିବ? ସେତେବେଳେ କଲେଜ, ପିଲ୍ଙ୍କଠାରୁ ଟଙ୍କା ପଚଶ ହଜାର ନେଇ କ୍ୟାମ୍ପସ ରେ ବସିବାକୁ ଦେଲ୍ । ଆଉ ଏମାନେ କ୍ୟାମ୍ପସ ରେ ଗୃକରୀ ପାଇଗଲେ । ପ୍ରକୃତରେ କଲେଜ ଆଉ ସେ କମ୍ପାନୀ ର ଭିତିରିଆ ବୁଝାମଣା "ଗ୍ଧେ ଗ୍ଧେ, ତୋର ଅଧେ କୁ ମୋର ଅଧେ" ନ୍ୟାୟ୍ ରେ ପଇସା ସବୁ ପାଟିରେ ପକେଇ ଏମାନଙ୍କୁ ଅଫର ଲେଟର ଦେଇଥିଲେ । ଏବେ ସବୁ ଫୁସ... ବୁଝିଲ୍ ବେଳକୁ ନେଡ଼ିଗୁଡ଼ କହୁଣୀ କୁ ବୋହି ଗଲ୍ଣି । କାହାକୁ କହିବେ?

ଯାହା ହେଉ, ମକର୍ ବିଚର୍ ବଞ୍ଚିଯାଇଥିଲ୍ ସେଥିରୁ । ବାପା ତ ଗୃଷୀ, ବେଳେ ବେଳେ ଭେ୍ଜି ଭୁଜା ରେ ଗ୍ଷେଇ ବାସ କରେ । ଆଗରୁ ଜେଜେ କରୁଥିଲ୍ । ଜମି ଖଣ୍ଡେ ବିକ ଯ୍ାକୁ ପାଠ ପଢ଼େଇଥିଲ୍ । ସେ କଣ ଜାଣିଥିଲ୍ ଯେ ଯ୍ା ଭିତରେ ଏତେ ପେଞ୍ଚ ଅଛି? ପଢିବା ପାଇଁ ପଇସା, ଇଣ୍ଟରଭିଉ ଦେବାପାଇଁ ପଇସା, ଗୃକରୀ ପାଇଁ ପଇସା, ଶେଷରେ ଲ୍ଞ ପାଇଁ ପଇସା । ଯେଡ଼େ ବାଉଁଶ ସେଡେ ପୋଲ । ଖାଲି ପଢ଼େଇ ଦେଲେ ହେବନ, ତା

ପଛକୁ ପଛ ସବୁ ଖଞ୍ଜିବାକୁ ପଡିବ । ଖୋଲା ଆଖିରେ ସ୍ୱପ୍ନ ଦେଖି ଦେଖି ସେ ବିଚରା ନଖାଇ ନପିଇ ପେଟ ଭୋକ ପିଠିରେ ମାରି କାମ କରି ଚାଲିଲା । ମକର ବି ଗାଁ ଡେଇଁ ସହର ପହଁଚଲା ପରେ ଯେମିତି ଡେଣା ଲାଗି ଯାଇଥିଲା ତା ଦିହ ରେ । ବର୍ଷେ ଦୁଇ ବର୍ଷ ଖାଇ ପିଇ ହସି ଖେଳ ବୁଲି ମଉଜ କଲା ପରେ ମୁଣ୍ଡରେ ପଶିଲା ତା'ର, ଇଞ୍ଜିନଅର ହେଇ ସାରିଲେ କରିବ କ'ଣ? ପଢା ପଢି ସବୁ ଚୁଲି କ ଗଲାଣି, ଖାଲି ଖେଳ ବୁଲି କଣ ସେ ଭଲ ଇଞ୍ଜିନଅର ହେଇ ପାରିବ? ଭାବି ଭାବି ଭଲରେ ପଢାପଢି କଲା, ଭଲ ନମ୍ବର ରଖି ପାସ ବି କଲା । ହେଲେ ଲାଭ କଣ? ଚାକରୀ କାଇଁ? ମକର ଚାକରୀ କରିବ, ଆଉ ଆମ ଦୁଃଖ ଯିବ ବୋଲି ଅନେଇ ଅନେଇ ମକର ବା'ଆ ଆଖିରୁ ପାଣି ମଲା । ଦିନେ ସେଇ ଚାକରୀ ଚାକରୀ ହେଇ ମକର ବାପା ର ଜୀବନ ଗଲା । ମକର, ଯାହା ହେଲେ ବି ଗୋଟେ ଇଞ୍ଜିନଅର । ଏ ପାଣି, କାଦୁଅ ତାକୁ ପୋଷେଇଲା ନାହିଁ । ମଝିରେ ଭାବିଲା ବାଙ୍ଗାଲୋର କ ହାଇଦ୍ରାବାଦ ଚାଲିଯିବ । କନ୍ତୁ ଏତେ ପଇସା କାଇଁ? ଯାହା ଜମିବାଡ଼ି ଅଛି ତାକୁ ତ ବିକ ଭାଙ୍ଗି ଚାଲିଛି । ଏଣେ ମା ବି ଅଛି, ତାକୁ ଛାଡି ଯିବ କୁଆଡେ ? କାନମୁଣ୍ଡା ଆଉଁସି ରହିଲା ଗାଁ ରେ । ଆସ୍ତେ ଆସ୍ତେ ପାଠସାଠ ବି ସବୁ ଚୁଲି କ ଗଲା । ପାଞ୍ଚବର୍ଷ ପରେ ଆଉ କଣ ପାଠ ମନେ ଅଛି ଯେ ସେ ଯିବ ଇଣ୍ଟରଭିଉ ଦେବାକୁ? ଏବେ ଚାକରୀ ଖୋଜିବା ବି ଛାଡିଲା। ଗାଁ ଛକ ରେ ତାସ ମାଡ ରେ ଦିନ ଯାଏ । ଘରେ ତ ମା ଅଛି, ରାନ୍ଧିବାଢି ଗଣ୍ଡେ ରଖିଥାଏ । ପୁଅ ଖାଇ ପିଇ ବୁଲୁ ଥାଏ ।

ସେଦିନ କ୍ଲବ ଘରେ ଟିଭି ଟା ଚାଲିଥାଏ । ତାସ ଖେଳ ବି ଜମିଥାଏ । ଦେଶର ଜଣେ ଟାଣୁଆ ନେତା କଛି କହୁଥାନ୍ତି । "ବେକାରୀ" ଶବ୍ଦ ଟି ଶୁଣି ସେ ମୁଣ୍ଡ ଟୁଙ୍ଗାରି ଅନେଇଲା । ନେତା ଜଣଙ୍କ ଅନର୍ଗଳ ଭାଷଣ ଦେଇ ଚାଲିଥାନ୍ତି । ତାସ ଖେଳ ର ଘୋ ଘା ଭିତରେ ଯାହା ଶୁଣିଲା, " ପକୁଡି ଛାଣି ମଧ୍ୟ ରୋଜଗାର କରି ହେବ " । ହଠାତ ସେ ଡେଇଁ ପଡିଲା ଖେଳ ମଝିରୁ । ମୁଣ୍ଡରେ କଣ କଣ ସବୁ ଚାଲୁଥାଏ, ବୁଲୁଥାଏ, ଡେଇଁ ଉଚ୍ଛୁଳ ପଡୁଥାଏ । ଆଉ ଅପେକ୍ଷା ନ କରି ସେ ଘରକୁ ଆସି ଆଟୁ ଉପରେ ଚଢି କାଢି ଆଣିଲା ଜେଜେ ଅମଳ ର ପୁରୁଣା କାଳଆ କଡେଇ ଟା । ଗାଁ ରେ ଯନ୍ତାଳ ହେଲେ, ତାଙ୍କ ଘରୁ ହିଁ କଡେଇ ଯାଏ । ପରଦିନ ସକାଳୁ ସେଇ କଡେଇ କୁ ହାତରେ ଧୋଇ ଧାଇ, ଚେଲା ଚାମୁଣ୍ଡା ଦୁଇ ଜଣଙ୍କୁ

ଧରି ସେ ଗ୍ଲଲିଲ୍ ପାଖ ଟାଉନ୍ନ କୁ । ଟାଉନ୍ନ ରେ ପହଞ୍ଚି ଜାଗା ଖୋଜି ଇଟା ଛଅ ଖଣ୍ଡ ପକେଇ ଦେଇ ଆରମ୍ଭ କଲ୍ପକୁଡି ଛଣା । ଟାଉନ୍ନ ରେ କଛି ବିରୋଧୀ ଦଳ ର କୁଜି ନେତା ୟାକୁ ଜାଣି ଥିଲେ । ବେକାର ଇଞ୍ଜିନଅର ଭାବେ ୟା ର ଖୁବ ନାଁ ଡାକ, ସେ ଅଞ୍ଚଳ ରେ । କୁଜି ନେତା ଆସି ୟାକୁ ଦେଖି ଭାବିନେଲେ ଯେ ୟେ ଗ୍ଲକରୀ ନ ମିଳବାରୁ ଅଭିନବ ଉପାୟ ରେ ପକୁଡି ବିକ ପ୍ରତିବାଦ କରୁଛି । ସଙ୍ଗେ ସଙ୍ଗେ ଟେଣ୍ଟ, ଚୌକି, ମାଇକ ସବୁ ଯୋଗାଡ ହୋଇଗଲ୍ ଆଉ ପୋଲିସ କୁ ଖବର ଦେଇ ଆରମ୍ଭ ହୋଇଗଲ୍ ପ୍ରତିବାଦ ସଭା । ପ୍ରତିବାଦ କରୁଥିବା ଦଳ ର କର୍ମୀ ମାନେ ହିଁ ୟାଠୁ ପକୁଡି କଣି ଖାଇବାକୁ ଲ୍ଗିଲେ । ଆସ୍ତେ ଆସ୍ତେ ପକୁଡି ବିକ୍ରି ବଢିବାକୁ ଲ୍ଗିଲ୍ । ଅବସ୍ଥା ଏମିତି ହେଲ୍ ଯେ ଆଉ କଛି ଶିକ୍ଷିତ ବେକାର କର୍ମୀ ବି ବିନା ପଇସା ରେ ୟାକୁ ସାହାର୍ଯ୍ୟ କରିବାକୁ ଆଗେଇ ଆସିଲେ । କୁଜି ନେତା ଟେଣ୍ଟ ହାଉସ ରୁ ୟା ପାଇଁ ଆଉ ଦୁଇ ତିନୋଟି କଡେଇ ଆଉ ବାକ ସରଞ୍ଜାମ ବି ଯୋଗାଡ କରିଦେଲେ । ଆସ୍ତେ ଆସ୍ତେ ବେପାର ଜୋର ହେଲ୍ । ସନ୍ଧ୍ୟା ସୁଦ୍ଧା ହାତକୁ ଟଙ୍କା ପାଞ୍ଚ ସାତ ହଜାରେ ଉପରେ ଆସି ସାରିଥିଲ୍ । କଡେଇ, ଟେଣ୍ଟ, ଚୌକି ସବୁ ମାଗଣା ... ବାଃ ବାଃ ବଢିଆ । ପରଦିନ ସକାଳୁ ପୁଣି ଆରମ୍ଭ ହୋଇଗଲ୍ ପକୁଡି ଛଣା । ପୁଣି ଆସିଗଲେ କର୍ମୀ ସବୁ । ଦୁଇ ଦିନରେ ପାଖାପାଖି ପନ୍ଦର ହଜାର ବେପାର । ମକର୍ ର ଲିଚୁ ଲ୍ଇଟ ରୁ ବାହାରି ଟିଉବ୍ଲୁ ଲ୍ଇଟ ପରି ଝଲସି ଉଠିଲ୍ । ଦି ଦିନରେ ପନ୍ଦର ହଜାରେ ହେଲେ ମାସକୁ କେତେ ? ଏ ଧନ୍ଦା ସେ ଆଗରୁ ନ କରି ଏତେ ଗୁଡ଼େ ପଇସା ନଷ୍ଟ କଲ୍ ବୋଲି ମନଦୁଃଖ ହେଲ୍ ତା'ର । ହଉ, ଏବେ ତ ବୁଦ୍ଧି ମିଳଗଲ୍, ଏଥର ଗ୍ଲଲୁ । ନେତା ଜଣଙ୍କ ଠିକ କହିଥିଲେ ।

ଏପଟେ କୁଜି ନେତାଙ୍କ ଉପର ନେତା ଆସି ମକର୍ କୁ ତାଙ୍କ ଦଳ ରେ ମିଶିବାକୁ ଆହ୍ୱାନ ଦେଲେ । ଦୁଇ ଦିନ ଭିତରେ ୟା ର ଏତେ ନାଁ ଦେଖି ତାକୁ ଏଥର ନଜ ଦଳରୁ ଠିଆ କରେଇବା ପାଇଁ ସେ ଅଣ୍ଟା ଭିଡ଼ିଲେ । ତୁଣ୍ଡ ବାଇଦ ସହସ୍ର କୋଷ ପରି ଦେଖୁ ଦେଖୁ କଥା ଗ୍ଲରିଆଡେ ଗ୍ଲଷ୍ଟ୍ର ହୋଇଗଲ୍ । ହେଲେ ମକର୍ ନଜର ଏକ ସ୍ୱାଧୀନ ଦଳ କରିବ ବୋଲି ଘୋଷଣା କଲ୍ । ଏବେ ମକର୍ ବାବୁ ହେଲେ ସେ ଅଞ୍ଚଳ ର ସବୁଠୁ ବଡ ବେକାରୀ ବିରୋଧୀ ନେତା । ଦଳ ର ଚହ୍ନ ହେଲ୍ ପକୁଡି । ପକୁଡି ଦଳ ର ସବୁ କର୍ମୀ ସକାଳେ ଓ

ସନ୍ଧ୍ୟା ରେ ପକୁଡି ଛାଣନ୍ତି ଆଉ ରୋଜଗାର ର ଦଶ ପ୍ରତିଶତ, ଦଳ ର ପାଣ୍ଠି କୁ ଯାଏ । ଏଥର ମକରା ବାବୁ ଏମଏଲଏ ଆସନ ରେ ଠିଆ ହେବେ ବୋଲି ଫର୍ମ ପକେଇଛନ୍ତି ବୋଲି ଶୁଣା ଯାଉଛି । ଜିତିବେ ତ ନଶ୍ଚିତ । ଏବେ ଆଉ ତାଙ୍କ ଅଞ୍ଚଳ ରେ କେହି ଜଣେ ବେକାରୀ ଦେଖିବାକୁ ମିଳୁ ନାହାନ୍ତି । ସନ୍ଧ୍ୟା ରେ ନାଲି ପାଣି ଆଉ ପକୁଡି ଖୁବ ଜମୁଛି ।

ସେଦିନ ସନ୍ଧ୍ୟା ରେ ସେ ହାତରେ, ରଙ୍ଗୀନ ପାଣି ରୁ ଗ୍ଲାସେ ଧରି ତିନମହଲା ଘର ର ବାଲକୋନୀ ରେ ବସି ତଳେ ବିସ୍ତିର୍ଣ ବଗିଚ୍ଚ ରେ ଫୁଟି ଥିବା ଫୁଲ ଗୁଡିକ ଦେଖୁଥିବା ବେଳେ ପୁରୁଣା କଥା ତାଙ୍କର ମନେ ପଡି ଯାଉଥିଲା ...

ସେଦିନ ସେ ଯଦି ପକୁଡି ଛାଣିବାକୁ ଆସି ନଥାନ୍ତେ ତେବେ କଣ ହୋଇଥାନ୍ତା ? ଆଉ କଣ ପାଠ ମନେଥିଲା ଯେ ଚାକରୀ କରିଥାନ୍ତେ? ସେ ତ ସେଦିନ ନେତା ଜଣଙ୍କଠୁ ବୁଦ୍ଧି ପାଇ ପକୁଡି ଛାଣି ଦି ପଇସା ରୋଜଗାର କରିବାକୁ ଟାଉନ କୁ ଆସିଥିଲେ । ଜମି ବିକ୍ରି ପଇସା ବ୍ୟାଙ୍କ ରୁ ସରି ଆସୁଥିଲା । ଛକ ରେ ତାସ ଖେଳ ଖେଳ ବିରକ୍ତ ଲାଗି ଯାଇଥିଲା । ଘର ଚଲେଇବା ଆଉ ଦି ମୁଠା ଖାଇବା ଯୋଗାଡ କରିବା ପାଇଁ ନଜ ପାଠପଢା ର ଅହଙ୍କାର ଛାଡି ବାପା ଜେଜେ କରୁଥିବା ବୃତି କୁ ଆପଣେଇ ନେଇ ପକୁଡି ଦୋକାନ ଟିଏ କରିବା ପାଇଁ ଆସିଥିଲେ । ହେଲେ ଏହାକୁ କୁହନ୍ତି ଭାଗ୍ୟ । ଯେତେବେଳେ ସାଥ ଦିଏ, ଛପର ଫାଡ଼ି କ ଦିଏ ।

ଯାତେରା ଦେଖା ଆଉ କଦଳୀ ବିକା, ନା.. ନା.. ପକୁଡି ବିକା ଆଉ ଯାତେରା ଦେଖା ଏକାବେଳେ ହୋଇଯାଇଥିଲା ତାଙ୍କର...

ଗାନ୍ଧିନଗର, ଗୁଜରାଟ- ୩୮୨୦୦୯



# ମୋ ଗାଁ ର ସନ୍ଧ୍ୟା



ପ୍ରକାଶ ସାହୁ

ଘନ ଅନ୍ଧକାର ତାରକା ସଙ୍ଗ ରେ,
ସେହି ପୁନେଇଁ ରାତି ର ଜହ୍ନ,
ଗାଁ ଠାରୁ ଦୁରେ ରହିଛି କେମିତି?
ଭାବେ ସବୁବେଳେ ମୋର ମନ।

ଟିକି ଟିକି ତାରା ର ମେଳ ରେ,
ଜଂହ୍ନ ମାମୁଁ ର କ୍ଷୀଣ ଆଲୁଅ ରେ,
ମା ଡାକେ ହେ ଜହ୍ନ ମାମୁଁ ତୁ ଆରେ ,
ମୋ ଧନ ଶୋଉ ନାହିଁ ତାକୁ ବୁଝାରେ।

ନିତ୍ୟକର୍ମ ସାରି ସୁରୁଜ ବିଶ୍ରାମ ନିଏ।
ଧରିତ୍ରୀ କୋଳ ରେ ଚତୁର ସନ୍ଧ୍ୟା,
ଅନ୍ଧାର ସାଥେ ଧିରେ ଧିରେ ପାଦଥୁଏ।
ସବୁଦିନ ପରି ମୋ ଗାଁ ରେ ସନ୍ଧ୍ୟା ହୁଏ।

ହେଉ ସେ ଘର ର ଘରଣୀ ,
ଅବା ସଭି ଙ୍କ ର ଆଦର ର ପାତ୍ର ତରୁଣୀ,
ଦୀପ ଜାଳେ ସନ୍ଧ୍ୟା ରେ ଚଉରା ମୂଳେ,
ଦୃଶ୍ୟ ଟି ସଭିଙ୍କ ମନ ରେ ଆନନ୍ଦ ଭରେ।

ମୋ ଗାଁ ମୁଣ୍ଡ ଦେଉଳ ର ପାଖେ,
କେବେ ଠିଆ ହୋଇ ଗଲେ ଘଡ଼ିଏ,
ଶଙ୍ଖ ସ୍ଵର ଆଉ ଭଜନ ର ତାଳେ,
ମୁଣ୍ଡ ମୋର ଆପେ ନଇଁ ଯାଏ

ବୁଢା ବାପା ଡାକେ ମୋ ବୋହୂ କାହିଁ ଗଲା?
ସନ୍ଧ୍ୟା ତ ହେଲାଣି ଘ୍ଵ ଟିକେ ନ ଦେଲା।
ବେଗି ବୋହୂ ସବୁ କାମ ଛାଡି ଘ୍ଵ ବଢ଼େଇ,
ବୁଢାବାପା ଙ୍କ ପାଦ କୁ ଛୁଉଁ ଆଶିଷ ମାଗଇ।

ଗାଁ ଠାକୁରାଣୀ ଦେଉଳ ଶିଖ ରେ,
ଉଡୁଥାଏ ଶାନ୍ତି ର ପ୍ରତୀକ ନେତ।
ଗାଁ ର ସନ୍ଧ୍ୟା ରେ ଭାଗବତ ଘରେ,
ହୁଏ ଗାଁ ଲୋକ ଙ୍କ ର ସମାବେତ।

ମୋ ଗାଁ ର ସନ୍ଧ୍ୟା ରେ ସଭିଏଁ ଫେରନ୍ତି,
ନିଜ ନିଜ ର କର୍ମ ସାରି।
ଗୃଷୀ ଭାଇମାନେ ଗ୍ଵଲି ଥାନ୍ତି,
ସାଙ୍ଗ ରେ ବଳଦ, ଗାଈ କୁ ଧରି।

ମୋ ଗାଁ ସନ୍ଧ୍ୟା ରେ ଖେଳ ପଡିଆ,
ଅନ୍ତିମ ବେଳ ର ବିଗୁଲ ବାଜେ।
ଗାଁ ର ପିଲ୍ ଖୁସି ରେ ଘର କୁ ଫେରନ୍ତି।
ସତେ କ ମହତ କାମ କରି ଆସିଛନ୍ତି ।

ମୋ ଗାଁ ର ସେହି ଆମ୍ବ ତୋଟା।
ସନ୍ଧ୍ୟା ରେ ଆସନ୍ତି ବଣୁଆ ହେଟା।
ଆଈ ମା କହେ ନାତି ଯିବୁ ନାହିଁ ,
ସେଠି ବଣୁଆ ହେଟା କରିବେ ହଟହଟା।

ମୋ ଗାଁ ର ସେ ଝଙ୍କା ବରଗଛ ଛାଇ,
ଅବା ଗ୍ଯ ପକୁଡି ର ସେ ଦୋକାନୀ ଭାଇ।
ଆଗମନ ହୁଏ ବୁଢା ଠୁ ଟୋକା ଯାଇ,
ସତେ କ ଗ୍ଯଲିଛି ନିର୍ବାଚନ ର ଲଢେଇ।

ମନେ ପଡେ ଗାଁ ର ପୁନେଇ ଗ୍ଯତି କଥା।
ଖଜୁରୀ ଡାଳ ରେ ବାଇ ଚଢେଇ ବସା,
ମନ ମୋହି ଯାଏ ମା ହାତ ଗଢା,
ପୁନେଇଁ ପରବେ ଏଣ୍ଡୁରି, ମଣ୍ଡା ଆରିସା।

ମୋ ଗାଁ ର ସନ୍ଧ୍ୟା ର ସେହି ଅଙ୍କାବଙ୍କା ରାସ୍ତା,
ବର୍ଷା ଦିନ ର ଝିପ ଝିପ ବର୍ଷା ର ଛିଟା,
ପୁଣି ସନ୍ଧ୍ୟା ର ଗାଇ ଦୁଇଁ ବା ର କଥା,
ସବୁ ମନେ ପଡେ ମୋ ଗାଁ ର ସେହି ସନ୍ଧ୍ୟା

ଗାଁ ନଈଁ କୁଳେ ସନ୍ଧ୍ୟା ରେ ଯେବେ ବସେ,
ସୁଲୁ ସୁଲୁ ହୋଇ ମଳୟ ପବନ ବହି ଆସେ,
ଆର ଗାଁ ସୁନ୍ଦରୀ ମୋ ଭାବନା କୁ ଆସେ,
ମୋ ମନେ ସତେ କ ବଉଳ ବାସେ।

ପକ୍ଷୀ ଗ୍ଯଇଜ ର ପ୍ରତ୍ୟାବର୍ତ୍ତନ ଦେଖେ,
ମୋ ମନେ ରେ ସେ ଦୃଶ୍ୟ ଉଲ୍ଲାସ ଭରେ,
ବର୍ଷା ର ଦିନ ରେ ସନ୍ଧ୍ୟା ରେ ବସି ମୁଁ,
ମୋ ପ୍ରିୟା କଥା ଭାବି କବିତା ଲେଖେ।

ସନ୍ଧ୍ୟା ଅଗମନେ ସୁରୁଜ ବୁଡିଲେ,
ମୋ ଗାଁ ବଦଳାଏ ତାର ବେଶ।
ତା କୋଳ ରେ ସାଇତା ପିଲ୍ଦିନ କଥା,
କଏ ଆଉ ତାକୁ ଭୁଲିପାରିବ?

ସବୁ ମନେ ପଡେ ସନ୍ଧ୍ୟା ର କାଳ ରେ,
ବିକଳ ହୁଅଇ ମୋ ମନ,
ଗାଁ ମାଟି କଥା ମମତା ର ଡୋରି,
ଯହିଁ ଗଢା ମୋର ଏ ଜୀବନ।

ଯେତେ ଦୂରେ ଥିଲେ ପଛେ ମୁହିଁ,
ମୋ ଗାଁ ମାଟି କେବେ ଭୁଲିବି ନାହିଁ।
ଯାହା ବିନା ମୋର ଅସ୍ତିତ୍ୱ ନାହିଁ,
ସେହି ତ ମୋ ଗାଁ ମୋ ଜନମ ଭୂଇଁ।

ନାବିକ, ଭାରତୀୟ ନୌସେନା

# ବହି



ସତ୍ୟବ୍ରତ ସାହୁ

ବହି ହେଉଛି ଜ୍ଞାନର ଭଣ୍ଡାର ଏବଂ ନିରକ୍ଷରତା ଦୂରିକରଣର ଏକ ଅମୋଘ ଅସ୍ତ୍ର। ବହି ପଢାରୁ ହିଁ ଜ୍ଞାନ ଆହରଣ କରାଯାଏ। ମଣିଷର ଚନ୍ତାଧାରା ଏବଂ ବହିକୁ ଅଧ୍ୟୟନ ନକଲେ ଆମେ ଜ୍ଞାନୀ ହୋଇପାରିବା ନାହିଁ। ବହିକୁ ଅନେକ ଥର ପାଠ କଲେ ଏହାର ଅନର୍ନିହିତ ତତ୍ୱ ଅଧିକରୁ ଅଧିକ ପରିପ୍ରକାଶ ହୁଏ। କୁହାଯାଏ ଭଲ ଲୋକମାନଙ୍କ ସହିତ ମିଶିଲେ ଭଗବାନଙ୍କୁ ଦେଖିହେବ କନ୍ତୁ ଭଲ ବହି ପଢିଲେ ଭଗବାନଙ୍କ ପାଖରେ ରହିପାରିବା। ବହି ଏକ ବନ୍ଧୁ ସଦୃଶ। ଉତ୍ତମ ବହି ଉତ୍ତମ ବନ୍ଧୁ ପରି ହୋଇଥାଏ।

ଏହି ବିଷୟରେ ସ୍କଟଲ୍ୟାଣ୍ଡର ପ୍ରଖ୍ୟାତ କବି, ଔପନ୍ୟାସିକ ଆର.ଏଲ. ଷ୍ଟିଭେନସନ କହିଥିଲେ – ବହିରେ ସିନା ରକ୍ତ ପ୍ରବାହିତ ହୋଇନଥାଏ, କନ୍ତୁ ତାହା ହେଉଛି ଜୀବନର ବିକଳ୍ପ। ଗୋଟିଏ ଘରେ ବହି ନଥିବା ଅର୍ଥ ଶରୀରରେ ଜୀବନ ନଥିବା ସହ ସମାନ। ମହାନ ଦାର୍ଶନିକ ଏରାସମସ କହନ୍ତି – ଯେତେବେଳେ ମୋ ପାଖରେ କମ୍ ପଇସା ଥାଏ ମୁଁ ପ୍ରଥମେ ବହି କିଣେ, ବଳକା ଅର୍ଥରେ ଖାଦ୍ୟ ଖାଏ। ଆମେରିକାର ପୂର୍ବତନ ରାଷ୍ଟ୍ରପତି ଥୋମାସ ଏଫରସନ କହନ୍ତି – ବହି ବିନା ମୁଁ ବଞ୍ଚି ପାରିବି ନାହିଁ। ରୁଷୀୟ ଲେଖକ ଲିଓ ଟଲଷ୍ଟୟଙ୍କ ଭାଷାରେ – ମୁଁ ମୋ ଜୀବନରେ କେବଳ ତିନଟି ଜିନିଷ ଗ୍ରହେଁ– ତାହା ହେଲା ବହି, ବହି, ବହି। ଫରାସୀ ଲେଖକ ସାଡ୍ ତାଙ୍କ ଆତ୍ମଜୀବନୀରେ ଲେଖିଛନ୍ତି – ମୁଁ ବହି ମେଳରେ ଜନ୍ମ ହୋଇଛି ସମ୍ଭବତଃ ବହି ମେଳରେ ମରିବି। ଇଂଲଣ୍ଡର ମିସ୍ ଏନ ଡାଭିସଙ୍କର ଦୃଢ ବିଶ୍ୱାସ ଏ – ବହି ପଢା ଜୀବନ ବଞ୍ଚାଇ ଦେଇପାରେ। ଦୂର କରିପାରେ ଶାରୀରିକ ଓ ମାନସିକ ବ୍ୟଥା। ତେଣୁ ସେ ଗଢିଥିବା ସଂସ୍ଥାର ନାମ ଦେଇଥିଲେ "ଗେଟ ଇନ୍ ଟୁ ରିଡିଙ୍ଗ୍" ବା ପଢିବାରେ ମାତି ରୁହ। ଫାରାସୀ ଲେଖକ ବାଲଜ୍ୟାକଙ୍କ ଦୃଷ୍ଟିରେ –

ବହି ହିଁ ହେଉଛି ଦୁନିଆରେ ପ୍ରକୃତ ମଣିଷ, କାରଣ ମଣିଷ ସିନା ବହିର ସ୍ଥପତି କିନ୍ତୁ ମଣିଷର ସ୍ଥପତି ହେଉଛି ବହି । ଶ୍ରେଷ୍ଠ ବହିର ଅନ୍ତ ନଥାଏ । ପ୍ରଖ୍ୟାତ ଦାର୍ଶନିକ ଆଲିସଙ୍କ ମତରେ ପୁସ୍ତକରେ ଛବି ବା କଥୋପକଥନ ନଥିଲେ ତାହା ବ୍ୟବହାର ଉପଯୋଗୀ ନୁହେଁ। ଇଂରେଜ ପ୍ରାବନ୍ଧିକ ତଥା ଔପନ୍ୟାସିକ ଥୋମାସ କାର୍ଲାଇଲ ଯଥାର୍ଥରେ କହିଛନ୍ତି – ହେ ପୁସ୍ତକ, ତୋର ଉଦ୍ଭାବକଙ୍କୁ ଶତକୋଟି ପ୍ରଣିପାତ ଏବଂ ତାଙ୍କ ଉପରେ ସଦା ସର୍ବଦା ଆଶିଷ ବର୍ଷା ହେଉଥାଉ ।

ବହି ବିଷୟରେ ଏତେ ସବୁ କଥା କହିବାର ତାତ୍ପର୍ଯ୍ୟ ଏହା ଯେ ଆଜି ଆମେ ପାଳନ କରୁଛନ୍ତି ବିଶ୍ୱ ପୁସ୍ତକ ଦିବସ । ପ୍ରତିବର୍ଷ ଏପ୍ରିଲ ମାସ ୨୩ ତାରିଖକୁ ୧୦୦ରୁ ଅଧିକ ଦେଶରେ ବିଶ୍ୱ ପୁସ୍ତକ ଦିବସ ଭାବରେ ପାଳନ କରାଯାଏ । ପ୍ରସିଦ୍ଧ ନାଟ୍ୟକାର ୱିଲିୟମ ସେକସ୍ପିୟରଙ୍କ ଜନ୍ମ ଏବଂ ମୃତ୍ୟୁ ଦିବସକୁ ମନେ ରଖିବାକୁ ଏହା ପାଳନ କରାଯାଏ । ସେକସ୍ପିୟର ୧୫୬୪ ଅପ୍ରିଲ ୨୩ ତାରିଖରେ ଜନ୍ମ ଗ୍ରହଣ କରିଥିଲେ ଓ ୧୬୧୬ ଅପ୍ରିଲ ୨୩ ରେ ମୃତ୍ୟୁ ବରଣ କରିଥିଲେ । ତେଣୁ ୟୁନେସ୍କୋ ଦ୍ୱାରା ୧୯୯୫ରୁ ବିଶ୍ୱ ପୁସ୍ତକ ଦିବସ ପାଳନ କରାଯାଉଛି ।

ବହି ହେଉଛି ଜ୍ଞାନର ଭଣ୍ଡାର । କୌଣସି ବ୍ୟକ୍ତିର ଧୀଶକ୍ତିରେ ଲିଖିତ ବହି ଶିକ୍ଷଣର ଉତ୍ସ । ଏହା ସତ୍ୟ ଏ ଆମେମାନେ ଧୀରେ ଧୀରେ ବହିଠାରୁ ଦୂରେଇ ଯାଉଛନ୍ତି । ଏହା ଆମ ପାଇଁ ତଥା ଆମ ପର ପିଢି ପାଇଁ ଶୁଭଙ୍କର ନୁହେଁ । ତେଣୁ ଆସନ୍ତୁ, ଆମେ ପ୍ରତିଦିନ କିଛି ସମୟ ବାହାର କରି ଆମକୁ ଭଲ ଲାଗୁଥିବା ବହି ପଢିବା ଆହା ଆନନ୍ଦ ଏବଂ ଜ୍ଞାନ ପ୍ରଦାନ କରିବ ।

ପଲ୍ଲୀସାହି, କଂଆଳପୁର, ଅହିୟାସ, ଯାଜପୁର



# ସମ୍ପର୍କ



ବରୁଣ କୁମାର ଦାସ

ଅଶି ବର୍ଷୀୟ ବୃଦ୍ଧ ପରି
ଜୀବନ ଆଉ ମରଣର ସମିକରଣ
ଭିତରେ ତ୍ରିଶଙ୍କୁ ହୋଇ ଝୁଲି ଥାଏ ।
ଖୋଜୁଥାଏ ମୁକ୍ତିର ରାହା
ନାଗଫାସ ପରିସରେ ,
ବ୍ୟର୍ଥତା ଭିତରେ ହଜେଇ
ନିଜ ପାରୁପଣ
ହାରି ସାରିଥାଏ ନିଜେ ନିଜ ଇଛାରେ ।
ଗରଳ ପିଇ ବନିଯାଏ ନୀଳକଣ୍ଠ
ଗୃେର୍ବାଲି ଭିତରକୁ ତଳେଇ ଯାଉ ଥାଏ
କ୍ରମଶଃ
ବାହାରି ଆସିପାରିବାର ନଶାରେ ।

ପାଲୁସିଆ, ଦେହୁର୍ଦ୍ଦା, ବାଲେଶ୍ୱର

ବେଦାନ୍ତୀର ହ୍ୱାଟସଆପ୍ ଗ୍ରୁପ୍ ରେ ମେମ୍ବର ହେବାପାଇଁ
୯୫୯୪୯୯୩୭୩୩ ରେ ମ୍ୟାସେଜ୍ ପଠାନ୍ତୁ ।

# ଘାସ



ଶାରଦା ପ୍ରସାଦ ପରିଡା

କହିବକ
କଛି କଣ ଫରକ ନାହିଁ
ମଣିଷ ଆଉ ଘାସ ର ?

ସେମାନେ ମୁଣ୍ଡାନ୍ତି
ପୁରା ସହର ର ବୋଝ
ତୁମ ବହୁତଳ ପ୍ରାସାଦ ଚମକ ଉଠେ
ସେଇ ମାନଙ୍କ ସ୍ପର୍ଶରେ
ତୁମ ରାଜରାସ୍ତା ଉଦ୍ୟାନ
ସଜେଇ ହୁଅନ୍ତି
ଖାସ ସେଇ ମାନଙ୍କ ପାଇଁ

ଅଥଚ ସେମାନେ ନୁଖୁରା
ମୂଲ୍ୟହୀନ ତମ ପାଇଁ
ଚରକାଳ
ଯଥା ପୂର୍ବ ତଥା ପର

ତମେ ଜାଣି ବି ବୁଝିପାରନା ଦୁଃଖ
ଚହ୍ନିପାରନା ଭୋକ
ଅହରହ ଅନବରତ ଚକ୍ରାନ୍ତ
ସେମାନଙ୍କୁ ନେଇ
ତାକୁ ଯୋଜନା କହିପାର
ଅବା ଅପରାଧ
କଛି ଫରକ ନଥାଏ

ସେମାନଙ୍କ ଅସ୍ମିତା କଣାଯାଏ
ମାତ୍ର କେଇଟା ଟଙ୍କା
ଅବା କେଇ ଢୋକ
ବିଦେଶୀ ମଦିରା ର ଲଞ୍ଚରେ

ତମେ ଭବିଷ୍ୟତ ଗଢ
ହାତରେ ଧର ରାଜଦଣ୍ଡ
ସେମାନେ ସେମିତି ଅଲୋଡ଼ା
ତିଳ ତିଳ ମରୁଥାନ୍ତି
ଜାବାତ୍ୟ ଯାତନା ରେ

ଆଇନ ଆଉ ଅପରାଧ ର
ଛକା ପଞ୍ଝା ଖେଳ
ସେମାନଙ୍କୁ ବଳପକାଯାଏ
ଠିକ ଉଦ୍ୟାନ ର ଫୁଲ ମୂଳୁ
ଘାସ ମାନଙ୍କୁ ଉପାଡି ଫିଙ୍ଗିବା ପରି

ଅଥଚ ତମେ କୁହ
ଘାସ ଆଉ ମଣିଷ ଭିତରେ
ଫରକ ଅଛି ବୋଲି

ଅଧ୍ୟାପକ, ମେକାନିକାଲ ଇଂଜିନିୟରିଂଗ,
କୋଣାର୍କ ବିଜ୍ଞାନ ଏବଂ ବୈଷୟିକ
ମହାବିଦ୍ୟାଳୟ, ଖୋର୍ଦ୍ଧା

# ମୋ ଗୀତା ଅପା



ଆଶା ସାହୁ

ଟେକ୍ସାସ ସହରର ଗ୍ରୀନଭିଲେ ଲୋକାଲିଟିର ଗୋଟିଏ ଶାନ୍ତ ସଡକ। ବସନ୍ତ ଋତୁର ଅପୂର୍ବ ରୂପ ସମ୍ଭାରରେ ରାଣୀ ଭଳି ଦେଖାଯାଉଥାଏ। ଚାରିଆଡେ ସବୁଜିମା। ଚାଇଆଡେ ରଙ୍ଗେବେରଙ୍ଗ ଫୁଲର ପସରା ମେଲି ଗଛଲତା ସବୁ ଫାଟିପଡୁଥାନ୍ତି।

ପ୍ରାୟ ନିର୍ଜନ ସଡକରେ ମୁଁ ଚାଲିଥାଏ ମୋର ଟିକି ନାତୁଣୀକୁ ନେଇ ପାର୍କଆଡେ। ସେ ଖେଳିବ ବୋଲି ଜିଦି କଲାରୁ ମୁଁ ବାହାରକୁ ବାହାରିଯାଏ। ମୋତେ ଆମେରିକାରେ ବାହାରିବାକୁ ମୋଟେ ଇଚ୍ଛା ହୁଏନା। କେଜାଣି କାହିଁକି ସହରଟା ମୋତେ ହୃଦୟହୀନ ଲାଗେ। ରାସ୍ତାରେ କାଁ ଭାଁ ଲୋକ ମିଳିଲେ ମଧ୍ୟ ନିଜ ଭିତରେ ମସଗୁଲ୍ ହୋଇ ଚାଲିଥାନ୍ତି। ଅନ୍ୟ କୁଆଡକୁ ଅନେଇବାକୁ ଯେମିତି ତାଙ୍କ ପାଖରେ ସମୟରେ ଘୋର ଅଭାବ। ମୁଁ ଖୋଜୁଥାଏ ଭାରତର ନିଜ କଲୋନୀର ପାର୍କର ବାନ୍ଧବୀମାନଙ୍କ ମେଳରେ ସେ ଭାବଭରା କଥାବାର୍ତ୍ତା, ସୁଖଦୁଃଖ। ଏଠାରେ ତ ସମସ୍ତେ ଯେପରି ଗୋଟେ ଗୋଟେ ରୋବଟ୍। ହୁଃ, ଏଠାକୁ ଆସିବା ପାଇଁ ଭାରତରେ ପୁଣି ପାଗଳାମି ଭରା ପ୍ରତିଯୋଗିତା।

ଭାରତଠାରୁ ସୁଦୂର ଆମେରିକାର ଟେକ୍ସାସ୍ ସହରର ଏକ ନିର୍ଜନ ସଡକରେ ତା ସହ ମୋର ଯେ ଏପରି ଭାବରେ ଦେଖା ହେଇଯିବ, ମୋର ଧାରଣା ନଥିଲା।

ମୋର ପୁଅ ମୋତେ ଯୋର ଜବରଦସ୍ତି ଆମେରିକା ନେଇ ଆସିଥିଲା। କିଛିଦିନ ନାତୁଣୀ ସାଙ୍ଗରେ ରହିବି ବୋଲି। ଆଗରୁ ସୁକାନ୍ତଙ୍କ ସହ ଆସିଥିଲି ପନ୍ଦରଦିନ ପାଇଁ। କିନ୍ତୁ କେବଳ ବୁଲାବୁଲି କରି ପଳେଇ ଯାଇଥିଲୁ।

ସୁକାନ୍ତ ବେଶ୍ ସୁନ୍ଦର ବାହାନା ଦେଖେଇ ମୋତେ ଏଠାକୁ ଏକା ପଠାଇଦେଲେ । ତାଙ୍କର କୋଚିଂ ସେଣ୍ଟର କୁଆଡେ ତାଙ୍କ ବିନା ଜମା ଚଳପାରିବନି ଦୀର୍ଘ ଗ୍ରୀଷ୍ମମାସ । ଅବଶ୍ୟ ପଛକୁ ପନ୍ଦରଦିନ ପଇଁ ଆସି ମୋତେ ନେଇଯିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

କାନମୁଣ୍ଡା ଆଉଁସି ମୋତେ ଆସିବାକୁ ପଡିଲା । ପୁଅ ବୋହୂ ମୋର ଆସିବାକୁ ଚାତକ ପରି ଅନେଇ ରହିଥାନ୍ତି । ତା ଛଡା ଟିକି ନାତୁଣୀ ତ ଜେଜେମା ଜେଜେବାପା କହିଲେ ପାଗଳ । ଏମାନଙ୍କ ଆଡକୁ ମୋର ମନ ଟାଣେ କିନ୍ତୁ ଏଠାକାର ନିସଙ୍ଗ ନିର୍ଜନ ଜୀବନକୁ ଭାବିଲେ ଆସିବାକୁ ଇଚ୍ଛା ହୁଏନା । ହେଇ ବର୍ତ୍ତମାନ ସିନା ସମୟ ଗଡି ଯାଉଛି ନାତୁଣୀ ସହ ଖେଳୁବୁଲି, ତାର ଅଳଅର୍ଦଳ ପୂରା କରି ଓ ତା ସହ ଗୁଲୁରୁ ଗୁଲୁରୁ ଗପ ହେଇ । କିନ୍ତୁ ସ୍କୁଲ ଖୋଲିଲେ? ତା ଆଗର ଭାବନାକୁ ଯୋର କରି ମୁଁ ଚାପିଦିଏ ।

ନାତୁଣୀ ଝୁଣ୍ଟି ପଡିଲା । ମୁଁ ଉଠାଇବାକୁ ଯାଉ ଯାଉ ଗାଢ ଶ୍ୟାମଳ ହାତଟିଏ ତାକୁ ଯତ୍ନର ସହ ଉଠାଇଦେଲା । ତାର ଦେହମୁଣ୍ଡ ଝାଡିଦେଇ ଛିଡା ହେଲା ବେଳକୁ ତାକୁ ଦେଖି ମୁଁ ଚମକି ପଡିଲି ।

ଗୀତା ଅପା?

ନାଃ, ଏ ସୁଦୂର ଆମେରିକାରେ ପୁଣି ଗୀତା ଅପା? ପୁଣି ନିରିଖେଇ ଦେଖିଲି ।

ମୁଁ ଚିହ୍ନିବା ପୂର୍ବରୁ ତାର ନିବିଡ ବାହୁବନ୍ଧନରେ ମୁଁ ବାନ୍ଧିହୋଇ ସାରିଥିଲି ।

"ଆଲୋ, ତୋ ମୋତେ ଚିହ୍ନିପାରୁନୁ? ମୁଁ ପରା ତୋ ଗୀତା ଅପା ।"

"ଗୀତା ଅପା ତୁ? ଆମେରିକାରେ?

"ବାଃ, ତୁ କଣ ଏକା ଆମେରିକା ଆସିପାରିବୁ? ମୁଁ ଆସିପାରିବିନି? ଆମେରିକା ଆସିବା କଣ ତୋର କପିରାଇଟ? " ଚଉଦ ବର୍ଷର କିଶୋରୀ ଭଳି ସେ ଆଖି ମାରି କହିଲା ।

ଗୀତା ଅପା ସତରେ ଟିକିହେଲେ ବଦଳି ନଥିଲା ସ୍ୱଭାବରେ । କିନ୍ତୁ ବେଶଭୂଷାରେ ଆପାଦମସ୍ତକ ଆମେରିକାନ୍ ହୋଇଯାଇଥିଲା । ଟାଇଟ୍ କଳା ଜୀନ୍ସ । ଭିତରେ ଗୋଲାପି

ରଙ୍ଗର ଟି ସାର୍ଟ ଓ ଉପରେ ଥିଲା ବଟନ ଖୋଲା ଜ୍ୟାକେଟଟିଏ । ଲମ୍ବା ଚୁଟିର ଗୋଟିଏ ପଳଟେଲ୍ ତା ଚୁଟି ତାକୁ ପ୍ରଥମରୁ ବହୁତ ପ୍ରିୟ ଥିଲା । ନପଟ ଗାଉଁଲି ଗୀତା ଅପା, ବେଶ୍ ସଭ୍ୟ ଓ ଶିକ୍ଷିତା ହୋଇଯାଇଛି । ମୁଁ ତା ସନ୍ଦର୍ଭରେ ଜାଣିବାକୁ ବ୍ୟଗ୍ର ହୋଇପଡୁଥାଏ ।

ନାତୁଣୀ ବଲବଲ କରି ଅନାଇଥାଏ । ଜାଣିପାରୁ ନଥାଏ ଏସବୁ ହେଉଛି କଣ । ମନ ତାର ଯାଇ ପାର୍କ ଭିତରେ ଥିବା ପିଲାଙ୍କ ଗହଣରେ । ସେ କହୁଥାଏ, "ଜେଜେମା, ଚାଲନା, ପାର୍କକୁ ।"

କିଛି ଜାଣିପାରିଲିନ ତା ବିଷୟରେ । ସେ ମଧ ଟିକେ ଜଲଦି ରେ ଥିଲା । ତେବେ ମୁଁ ମୋରେ ଠିକଣା ଦେଇ ତାକୁ ଆସିବାକୁ କହିଲି । ସେ ମଧ ମୋ ନାତୁଣୀର ଆତୁରତା ଦେଖି ନଜର ଆବିଳତାକୁ ଲୁଚାଇଦେଲା ଓ ମୋ ଠାରୁ ଭାରୀ ମନରେ ବିଦାୟ ନେଲା ଘରକୁ ଆସିବାର ପ୍ରତିଶ୍ରୁତି ଦେଇ ।

ସେଦିନ ରାତିରେ ମୁଁ ଆଦୌ ଶୋଇପାରିଲିନ । ଅହରହ ଗୀତା ଅପାର ଚେହେରା ମୋ ମନରେ ନାଚିଲା ।

ମୋ ଗୀତା ଅପା!

ବାପାଙ୍କର ବଦଳି ହୋଇଥାଏ ସେ ପାହାଡ ଘେରା ଛୋଟିଆ ସହରଟିକୁ । ତାକୁ ସହର ନକହି ଗାଁ କହିଲେ ବୋଧେ ଠିକ୍ ହେବ । ଗାଉଁଲିଆ ବାତାବରଣ । କିନ୍ତୁ କେତେକ ଅଫିସ୍ ଓ ଥାନାର ହେଡ୍ ଅଫିସ୍ ଥିବାଯୋଗୁ ସେ ଟା ସହର ବୋଲାଉଥାଏ । ବାପାଙ୍କ ଭଳି ଚାକରୀଆ ମାନଙ୍କର କ୍ୱାର୍ଟର ସବୁ ଥାଏ ନଈ କୂଳରେ । ଆଟୁ ଓ ଖପରା ଚାଳ ଥିବା କିନ୍ତୁ ବେଶ୍ ବଡ ବଡ କ୍ୱାର୍ଟର । ଖୁବ୍ ବଡ ବଡ ବଗିଚା । ବଗିଚାର ପୁଲି ଲାଗିଥିବା କୂଅ । ବଡ ବଡ କାଠର ଗେଟ୍ ।

ଗେଟ୍ ର ଖୋପରେ ଚଢି ମୁଁ ଅନେଇଥାଏ ନଈ ଆଡକୁ । ଅଥୁରିଆ ନଈ । ସ୍ୱଚ୍ଛ ପାଣି କୁଳୁକୁଳୁ ହୋଇ ଡେଇଁ ପଡୁଥାଏ ପଥର ଉପରୁ ତଳକୁ । ନଈକୂଳରେ ଶୀବମନ୍ଦିର । ମନ୍ଦିରରୁ ଶୁଭୁଥାଏ ଘଣ୍ଟା ଶବ୍ଦ । ବରଗଛ ଓ ଅଶ୍ୱତଥ ଗଛ ମୂଳରେ ଗାଈ, ଛେଳଙ୍କ

ମେଳ । ଗଛ ଉପରେ ବିଭିନ୍ନ ରଙ୍ଗର ଓ ବିଭିନ୍ନ ରକମର ଚଢେଇଙ୍କ କଚରି ମିଚରି । ମୁଁ ଯେମିତି ଅଭିଭୂତ ହୋଇ ପଡୁଥାଏ ଆଉ ଅଭିଭୂତ ହୋଇଯାଉଥାନ୍ତି ସେ ଗାଁ ର ଗାଉଁଲି ପିଲାମାନେ, ସୁନ୍ଦର ପୋଷାକ ପିନ୍ଧିଥିବା ଓ ଏତେବଡ ଘରେ ରହୁଥିବା ମୋତେ ଦେଖି । ତାଙ୍କ ଭିତରେ ଦୁଇଟି ଲମ୍ବା ବେଣୀ ପକାଇଥିବା, ଛାପି ଛାପିକଆ ସ୍କର୍ଟ ସାଙ୍ଗକୁ ନାଲିରଙ୍ଗର ବ୍ଲାଉଜ ପିନ୍ଧିଥିବା ଗାଢ ଶ୍ୟାମଳବର୍ଣ୍ଣର ଗୀତା ଅପା ମୋର ଦୃଷ୍ଟି ବିଶେଷ ଭବରେ ଆକର୍ଷଣ କରିଥାଏ । ମୁଁ ସେ ପିଲାଙ୍କର ଦୃଷ୍ଟିର କେନ୍ଦ୍ରବିନ୍ଦୁଥିବାବେଳେ ଗୀତା ଅପା ମୋ ଦୃଷ୍ଟିର କେନ୍ଦ୍ରବିନ୍ଦୁ ହୋଇ ସାରିଥାଏ । ଶ୍ୟାମଳ ବର୍ଣ୍ଣରେ ଯେ ଏତେ ଲାବଣ୍ୟ ଥାଏ ଏହା କେବଳ ଯିଏ ଗୀତା ଅପାକୁ ଦେଖିଥିବା ସେ ହିଁ ଜାଣିବ ।

ଗୀତା ଅପା ସବୁ ପିଲାଙ୍କର ଆଗୁଆ ଥିଲା । ନଈ ପହଁରିବା, ଗଛ ଚଢିବା, ଗାଡି ପଛରେ ଦଉଡିବା ସବୁଥିରେ ପାରଙ୍ଗମ । ତାକୁ ସମସ୍ତେ ଉଦଣ୍ଡି, ଉଗ୍ରଚଣ୍ଡି ବୋଲି କହୁଥିଲେ । ସେ ଧାଇଁ ଆସିଲା ମୋ ପାଖକୁ । ନିଜେ ନିଜର ପରିଚୟ ଦେଇସାରି ମୋର ନାଁ ମଧ୍ୟ ପଚାରି ଜାଣିନେଲା ଓ ନିଜର ମଣ୍ଡଳର ସଦସ୍ୟ ହେବାକୁ ନିମନ୍ତ୍ରଣ ମଧ୍ୟ ଦେଇଦେଲା । ଏତିକବେଳେ, "ଆଲୋ ହେ, ଉଦଣ୍ଡି" କହି ମହିଳା ଜଣେ ତାର ଲମ୍ବାବେଣୀକୁ ଧରି ଝିଙ୍କି ଝିଙ୍କି ନେଇଗଲା ।

ମୋର ମନ କିନ୍ତୁ ଗୀତା ଅପା ସହ ବାନ୍ଧି ହୋଇ ସାରିଥିଲା । ପଛକୁ ମୁଁ ଜାଣିଲି ଯେ ଗୀତା ଅପା ସହ ମିଶିବାକୁ ସବୁ ପିଲାଙ୍କର ମାଆ ବାପା ମନା କରୁଥିଲେ । ମୋ ମା ମଧ୍ୟ ସେମାନଙ୍କ ସହ ସାମିଲ୍ ହୋଇ ମୋତେ ତା ସହ ମିଶିବାକୁ ମନାକଲେ । ମୁଁ କିନ୍ତୁ ଓର ଉଣ୍ଡି ପଳେଇ ଯାଉଥିଲି ଲୁଚଛପି ତା ସହ ନଈକୂଳ ପଥରରେ ବସି ଲଙ୍କା ଲୁଣଦେଇ କୋଳି ଛେଚା, ପିଜୁଳି ଛେଚା, କଞ୍ଚା ଆମ୍ବ, କଇଁଆ, କଇଁଥ ଇତ୍ୟାଦିର ସ୍ୱାଦ ନେଉ ନେଉ ମୁଁ ଭୁଲିଯାଉଥିଲି ଯେ ମୋ ମାଆ ମୋତେ ଖୁଜୁଥିବେ । ତା ସହ ଧରା ପଡିଲେ ଖୁବ୍ ମାଡ ମଧ୍ୟ ହୁଏ । ମୁଁ ମାଆକୁ ରାଗି ପଚାରେ, "କଣ ହେଲା, ତା ସହ ସାଙ୍ଗ ହେଲି ତ? ମାଆ କହେ, "ତୁ ବୁଝି ପାରିବୁନି । ସେ ଭଲ ଝିଅ ନୁହେଁ, ତା ଛଡା ତୋଠାରୁ କେତେ ବଡ ସିଏ ।"

କନ୍ତୁ ଗୀତା ଅପାକୁ ଦେଖିଲେ ମାଡ କଥା ମୁଁ ଭୁଲିଯାଇ ପୁଣି ତା ପଛରେ ଧାଏଁ। ଗୀତା ଅପା ମଧ ଗେଟ୍ ପାଖରେ ଚୁପ୍ କନା ମୋତେ କଞ୍ଚା ଆମ୍ବଟାଏ କ କଇଁଥ ଗୋଟେ ଧରାଇଦିଏ ସମସ୍ତଙ୍କ ଦୃଷ୍ଟିକୁ ଫାଙ୍କିଦେଇ।

ମୁଁ ଗୀତାଅପାକୁ ବେଳେବେଳେ ଅନେଇରହେ। ଛିଣ୍ଡା ଫ୍ରକ୍ ପିନ୍ଧିଥିବା ଗୀତା ଅପାର ସୌନ୍ଦର୍ଯ୍ୟକୁ ଦେଖି ମୋର ମନ ତରଳ ଯାଉଥାଏ। ଇଚ୍ଛା ହୁଏ ମୁଁ ମୋର ଦାମୀ ଫ୍ରକ୍ ସବୁ ତାକୁ ଦେଇଦିଅନ୍ତି। ଦାମୀ ଫ୍ରକ୍ ପିନ୍ଧିଲେ ସେ ଆହୁରି କେତେ ସୁନ୍ଦର ଦେଖା ଯାଆନ୍ତା।

ବେଳେବେଳେ ଗୀତା ଅପାର ଆଖିରେ ଶୁଖିଯାଇଥିବା ଲୁହକୁ ମୁଁ ଦେଖେ। ମୁହଁରେ କନ୍ତୁ ହସ ଫୁଟୁଥାଏ। ପଗ୍ଚରିଲେ କୁହେ, "ନା, ସେ କଛି ନୁହେଁ।"

ମୁଁ ଜାଣିପାରେ ତାର ମାଇଁ ତାକୁ ମାରିଛି। ତାର ନୋଳା ଫାଟି ରକ୍ତ ମଧ ଝରୁଥାଏ। ମୋର ମନ ବିଦ୍ରୋହୀ ହୋଇଉଠେ।

ମାଆକୁ ପୁଣି ମୁଁ ପଗ୍ଚରେ, "ଗୀତା ଅପାକୁ ତା ମାଇଁ କାହିଁକି ମାରେ?"

ମାଆ ବିରକ୍ତ ହୁଏ, "ତୋର କଣ ଗଲା ସେଇଠୁ, ସେ ଭଲ ଝିଅ ନୁହେଁ। ଯେତେ ମନା କଲେ ମଧ ତୁ ତା ସହ ମିଶୁଛୁ କାହିଁକି?"

ଏମିତି ଲୁଚ୍ଚଛପା, ମାଡଗାଳି, ହସକାନ୍ଦ ଗ୍ଚଲିଥାଏ। ଦିନେ ଦିପହରେ ମୋର ନିଦ ଭାଙ୍ଗିଲା ବେଳକୁ ବାହାରେ ପାଟିଗୋଳ ଶୁଭିଲା। ମୁଁ ଝରକାରୁ ଦେଖିଲି, ଆମ କାମବାଲି ସହ ଆଉଜଣେ ସ୍ତ୍ରୀ ଲୋକ ଆସିଥାଏ। ସେମାନେ ମାଆକୁ କହୁଥାନ୍ତି-

"ଦେଖିଲ ମାଆ, ସେ ଟୋକଟା ମଧ ପଳାଇଗଲା ସେ ନାଚବାଲା ଫରେନର ସହ।"

ସେ ସହରରେ ଡାନ୍ସ ସେଣ୍ଟରଟିଏ ମଧ ଥାଏ। ଭଲ ଡାନ୍ସ୍ ସେଣ୍ଟର ବୋଲି ଦେଶବିଦେଶରେ ତାର ଖ୍ୟାତି ଥାଏ। ତା ସହ ସେଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ସୁନ୍ଦର ଜଳବାୟୁ ପାଇଁ ସେଠାକୁ ବହୁତ ଦେଶି ବିଦେଶୀ ଟୁରିଷ୍ଟ ମଧ ଆସୁଥାଆନ୍ତି।

- 'ଆସିବ କୁଆଡୁ? ତା ମାଆ ଯାହା କରିଥିଲା, ଇଏ ମଧ୍ୟ ସେଇଆ କଲା । ବାପର ନାଁ ଗୋତ୍ର ଜଣାନାହିଁ । ମାମୁଁ ମାଇଁ ଦୟାକରି ପାଳଥିଲେ ତା ମାଆ ଆତ୍ମହତ୍ୟା କଲାପରେ । ଏତେ ବଦମାସ୍ ଟୋକ, କାହା ମୁହଁକୁ ଅନେଇଲା ନାହିଁ । ଛିଃ..ଛିଃ, ଅଲାଜୁକ କଥାସବୁ ଯାହା ଘଟୁଚ ଏଇ ଗାଁ ରେ ।"

ପଛରେ ମୁଁ ଜାଣିପାରିଲି ଯେ ଗୀତା ଅପା ଜଣେ ଫରେନର ଟୁରିଷ୍ଟ ସହ ପଳାଇଥିଲା ।

କିଛିଦିନ ଗୀତା ଅପାକୁ ମୁଁ ବେଶ୍ ଝୁରିଲି । ସମୟର ପ୍ରଖର ପ୍ରବାହର ବୋହିଗଲି ମୁଁ । ନଈରୁ କେତେ ପାଣି ବୋହିଗଲା ତା ବାଟରେ । କେତେ ପୁରୁଣା ଚଢେଇଙ୍କର ବସା ଭାଙ୍ଗିଯାଇ ନୂଆ ଚଢେଇଙ୍କର ବସା ତିଆରି ହେଲା, ବରଗଛ, ଅଶ୍ୱତଥ ଗଛରେ ।

ଆମର ମଧ୍ୟ ବଦଳ ହୋଇଗଲା । ତା ସହ ଅତୀତରେ ମିଳାଇଗଲା ସେ ନଈ, ସେ ଗାଁ, ସେ କ୍ୱାର୍ଟର ଆଉ ସେ "ଗୀତା ଅପା" ।

ଆଜି ଏ ପରିଣତ ବୟସରେ ଗୀତାଅପା ସହ ଦେଖାହେଲା, ପୁଣି ଏଇ ଆମେରିକାରେ । ଆଚମ୍ବିତ ଲାଗୁଛି ଗୀତା ଅପାକୁ ଏ ନୂତନ ଅବତାରରେ ଏଠାରେ ଦେଖି । ମୁଁ ଭାବୁଥାଏ, ମୁଁ ଆଉ ସ୍ୱପ୍ନ ଦେଖୁନ ତ?

କିନ୍ତୁ ସତରେ ତାହା ସ୍ୱପ୍ନ ନଥିଲା । ସତକୁ ସତ ତା ପରଦିନ ସେ ଆମ ଘରେ ହାଜର ହୋଇଗଲା । ଛିଣ୍ଡା କୋତରା ଫ୍ରକ୍ ପିନ୍ଧୁଥିବା ଗୀତାଅପା ପିନ୍ଧିଥାଏ ଲମ୍ବା ସ୍କର୍ଟଟିଏ । ହାତକଟା ଟପ୍ ଓ ଟ୍ରାନସପାରେଣ୍ଟ ଜ୍ୟାକେଟ ଟିଏ । ଚୁଟିକୁ ଉପରକୁ ଟେକ ଟପନଟ୍ ଟିଏ କରିଥାଏ । ପଞ୍ଚାବନ ବର୍ଷରୁ ଉର୍ଦ୍ଧ ହେଲେ ସୁଦ୍ଧା ଦେଖାଯାଉଥାଏ ତରୁଣୀଟିଏ ଭଳି । ବରଂ ମୁଁ ତା ସାମନାରେ ବୟସ୍କା ଲାଗୁଥାଏ । ଶରୀରକୁ ମାପିଚୁପି ଏମିତି ସ୍ଲିମ୍ କରି ରଖିଥାଏ ଯେ କେଉଁଠି ଟିକଏ ହେଲେ ଏକ୍ସଟ୍ରା ଚର୍ବି ନଥାଏ । ଓ୍ୱେଷ୍ଟର୍ଣ୍ଣ ଡ୍ରେସ୍ ତାକୁ ଖୁବ୍ ମାନୁଥାଏ ।

ମୁଁ ତାକୁ ଘର ଭିତରକୁ ପାଛୋଟି ଆଣିଲି । ଗ୍ୱହା ପିଇବାକୁ ମନାକଲା । ଲେମ୍ବୁ ସର୍ବତ ଟିକେ କରିବି କି ବୋଲି ପଗ୍ଚରିବାରୁ ସେ ଠୋ ଠୋ ହସି କହିଲା, "ଆଲୋ, ଆଜି ସବୁ କରଜ

ସୁଧମୂଳ ସହ ଆଦାୟ କରିବି । ମୁଁ ଏଠାରେ ଲଞ୍ଚ୍ କରିଯିବି ।" ଆଖିମିଟିକା ମାରି ସ୍କର୍ଟ ପକେଟରୁ ବାହାର କଲା କଞ୍ଚା ଆମ୍ବ କେତୋଟି ।

"ଯାଃ, ଲୁଣ ଲଙ୍କା ଦେଇ ଚଟଣୀ କର । ବେଶି ଚକ୍କଣ କରିବୁନ । ଭାତ ସହ ଖାଇବା ।"

ମୁଁ ଆବା କାବା ହୋଇ ଅନେଇଥାଏ । ନାତୁଣୀ ପାଇଁ ଦୁଇଟା ଫ୍ରକ୍ ଓ କିଛି ଚକୋଲେଟ ଆଣିବାକୁ ଭୁଲି ନଥାଏ ସେ । ନାତୁଣୀକୁ ଗେଲ କରୁ କରୁ କହୁଥାଏ ।

"ସେତେବେଳେ ତ ତୁ ମୋତେ କିଛି ଦେଉନଥିଲୁ କେବଳ ନେଉଥିଲୁ ।" ମୋତେ ଦେଖି ପୁଣି ସେ ଆଖି ମାରେ ।

ସେ ନାତୁଣୀ ସହ ଖେଳୁଥାଏ ଓ ମୁଁ ରୋଷେଇ କରୁଥାଏ । କାନଟା କିନ୍ତୁ ଡ୍ରଇଁ ରୁମ୍ ରେ ଥାଏ । ତାର ଆମେରିକାନ ଇଂଲିଶ୍ କିଛି କିଛି ମୋତେ ମଧ୍ୟ ଦୁର୍ବୋଧ ଲାଗୁଥିଲା । କେଜାଣି ନାତୁଣୀ ହୁଏ ତ ବୁଝୁଥିବ ।

ତିନିହେଁ ମିଶି ଲଞ୍ଚ କଲୁ ମହା ତୃପ୍ତିରେ । ତା ପରେ ତାକୁ ମୁଁ ପଗ୍ଭରେ ତାର ଖବର ଜବର ସବୁ । ତା ଆଖିରେ ଲୁହ ଭର୍ତ୍ତି ହୋଇଯାଏ ।

"ପୁରୁଣା କଥା ଆଉ ଖେଳେଇବାକୁ ମୋର ଇଚ୍ଛା ନାହିଁ । କିନ୍ତୁ ତୋତେ ମୁଁ ସବୁ ଖୋଲି କହିବି, କାଳେ ତୋ ମନର କେଉଁ କୋଣରେ ମୋ ପ୍ରତି ଅବିଶ୍ୱାସ ଭାବଟିଏ ଥିବ ମୋ ପ୍ରତି" । ଟିକଏ ରହିଯାଇ ସେ ନିଜର ଲୁହ ପୋଛିଲା । "ସମସ୍ତେ ମୋ ମାଆକୁ ବଦନାମ୍ କଲେ ଆଉ ମୋ ପଛରେ ମଧ୍ୟ କେତେ କଣ କହିଥିବେ ।"

ସେ ଟିକେ ଉତ୍ତେଜିତ ହୋଇ କହିଲା- "ଜାଣିଛୁ, ମୋ ମାମୁଁ ମାଇଁ ମଣିଷ ନଥିଲେ, ଥିଲେ ଜାନୁଆର । ମୋ ମାଆ ଥିଲା ମୋ ମାମୁଁର ସାବତ ଭଉଣୀ । ଯାହା ତ ଅତ୍ୟାଗ୍ଭର କରିଥିବେ ତା ଉପରେ, ତହା ମୁଁ ନିଜେ ମଧ୍ୟ ଅଙ୍ଗେ ନିଭେଇଛି ।

ମୋ ମାମୁଁ ପଇସା ଲୋଭରେ ମୋ ମାଆକୁ ବିଦେଶୀ ମାନଙ୍କ ପାଖକୁ ଯୋର ଜବରଦସ୍ତି ପଠାଉଥିଲା । ନମାନିଲେ ମୋ ମାଇଁ ତତଲା ଖଡିକା ଚେଙ୍କ ଦେଇ ଦେଉଥିଲା । ମୁଁ ନିଶ୍ଚିତ

କୌଣସି ଆଫ୍ରିକାନର ସନ୍ତାନ । ସେଇଥିପାଇଁ ତ ମୁଁ ଏତେ କଳା । ମୋର ଜନ୍ମ ପରେ ମଧ୍ୟ ତାକୁ ତ୍ରାହି ମିଳିଲା ନାହିଁ । ଶେଷକୁ ଏ ଅତ୍ୟାଚାର ସହି ନପାରି ସେ ସୁଇସାଇଡ୍ କଲା । ମୁଁ ସେତେବେଳେ ଚାରିବର୍ଷର ଶିଶୁ ।"

ଗୀତାଅପାର ଆଖିରୁ ଝରଝର୍ ଲୁହ ବୋହି ପଡୁଥିଲା । ମୁଁ ମଧ୍ୟ ତା ସହ ନୀରବ ଲୁହ ଢାଳୁଥିଲି । ଆଉ ତାକୁ ଜଡେଇ ଧରି ତାକୁ ସମବେଦନା ଜଣାଉଥିଲି । ଅଳ୍ପ ଛେପ ଢୋକି ପୁଣିଥରେ ସେ କାନ୍ଦୁରା କଣ୍ଠରେ କହିଲା-

"ମୋତେ ମଧ୍ୟ ଗଳା ଚପି ମାରିବାକୁ ଚେଷ୍ଟା କରିଥିଲା । ସେ ଜାଣିଥିଲା ଯେ ମୋର ମଧ୍ୟ ଅବସ୍ଥା ତାରି ପରି ହେବ । କିନ୍ତୁ ଦୁର୍ଭାଗ୍ୟ ବା ସୌଭାଗ୍ୟ କଣ କହିବି ଜାଣି ପାରୁନି । ସେ ଜାଣି ପାରି ନଥିଲା ଯେ ଆୟୁଷ ଯୋର୍ ରୁ ମୋର ମୃତ୍ୟୁ ହୋଇନଥିଲା । ମୋ ମାଆକୁ ମଲାପରେ ମଧ୍ୟ ବଦନାମ ସହିବାକୁ ପଡିଥିଲା । ସେ ବିଷୟରେ ମଧ୍ୟ ଖୁବ୍ ଗୁଜବ୍ ଉଠିଥିବ, ମୁଁ ଫରେନର ସାଙ୍ଗରେ ପଳାଇଛି ବୋଲି । କିନ୍ତୁ ମୋ ମାମୁଁ ହିଁ ପଠାଇଥିଲା ତା ପାଖକୁ । କିନ୍ତୁ ମୋର ଜନ୍ମ ନିଶ୍ଚିତ ବହୁତ ଭଲ ଗ୍ରହ ନକ୍ଷତ୍ରରେ ହୋଇଥିଲା । ମୋ ପାଇଁ ସଇତାନ ଭଗବାନ ପାଲଟି ଗଲା । ମୋ ଭାଗ୍ୟକୁ ସେ ଆମେରିକାନ ଲୋକଟି ମୋତେ ରାତାରାତି ଧରି ପଳାଇ ଆସିଲା । ଏତେ ଦୁଃଖ ବୋଧେ ଭଗବାନ ସହି ପାରିଲେନି । ସେ ଏଇ ଲୋକକୁ ନିଜ ଦୂତ ରୂପରେ ପଠାଇଲେ । ସେ ଲୋକ ମୋତେ ଝିଅ ପରି ପାଳିଲେ । ଆଜି ମୋତେ ଯାହା ଦେଖୁଛୁ କେବଳ ତାଙ୍କ ଦୟାରୁ । ମୋତେ କୁକରି କୋର୍ସ କରାଇ ନିଜ ଗୋଡରେ ଛିଡା କରେଇଲେ । ଶ୍ରୀଅକ୍ଷର ବିବର୍ଜିତ ମୋତେ ପାଠ ପଢାଇଲେ । ଆଜି ମୁଁ ଏକ କେଟରିଂ କମ୍ପାନି କରିଛି । ମୋ ଭଳି ଅନେକ ଅନାଥ ପିଲାଙ୍କୁ ପାଳୁଛି ଓ ଚାକରୀ ମଧ୍ୟ ଦେଉଛି । କିଛି ଭାରତୀୟ ପିଲା ମଧ୍ୟ ଅଛନ୍ତି । ମୁଁ ଏ ଭିତରେ ଚାରିପାଞ୍ଚ ଥର ଭାରତ ଯାଇ ଓଡିଶା ମଧ୍ୟ ଯାଇଛି । କିନ୍ତୁ ମୋ ଗାଁ କୁ ଯିବାକୁ ମୋର କେବେ ହେଲେ ସ୍ପୃହା ହୋଇନି ବା ସାହସ କୁଳେଇନି । ମାମୁଁ ଝିଅ ଭଉଣି ଚମ୍ପା ତୋର ମନେଅଛି? "

ମୁଁ ମନା କଲି । ମୋର ସତରେ ମନେ ପଡୁ ନଥିଲା । "ହଁ କହ, କଣହେଲା ସେଇଠୁ" ।

"ସେ ମୋତେ ଟିକେ ଦୟା କରୁଥିଲା, ବହୁତ ସନ୍ଧାନ କରି ତାକୁ ପାଇଲି । ତା ଠାରୁ ଖବର ମିଳିଛି ଯେ ମୋ ମାଇଁ ତ ସେପାରିକୁ ଚାଲିଗଲା । ମାମୁଁଙ୍କ ଏକମାତ୍ର ପୁଅ ମଧ୍ୟ

ଆକ୍ସିଡେଣ୍ଟରେ ପ୍ରାଣ ହରାଇଲା । ଏକଥା ଶୁଣି ମୋ ମାମୁଁଙ୍କ ଏକପାଖିଆ ପାରାଲିସିସ୍ ହୋଇଗଲା । ଏବେ ଘୁରୁଛନ୍ତି, ଲୋକଙ୍କ ଦୟାରେ ବଞ୍ଚିଛନ୍ତି । ଏପଟେ ଚମ୍ପାର ସ୍ୱାମୀଙ୍କର ମଧ୍ୟ ମୃତ୍ୟୁ ହୋଇଗଲା । ଅନେକ ଡେରିରେ ପିଲା ହୋଇଥିବାରୁ ତାର ଷୋଳ ସତର ବର୍ଷର ପୁଅଟିଏ ଅଛି । ଗରୀବ ଚମ୍ପାର ସମ୍ବଳ ନାହିଁ ତାକୁ ପଢାଇବାକୁ । ଭାରି ମେଧାବୀ ପିଲାଟି । ମୁଁ ଭାବୁଛି ଏଇ କିଛିଦିନ ପରେ ଯାଇ ମାମୁଁ ଓ ସେ ମାଆ ପୁଅକୁ ନେଇଆସିବି । ମୋର ବି ତ କିଛି କର୍ତ୍ତବ୍ୟ ଅଛି ସେମାନଙ୍କ ପ୍ରତି ।”

ମୁଁ ଆଶ୍ଚର୍ଯ୍ୟ ଚକିତ ହୋଇ ହାଁ ଟା କରି ଗୁହିଁ ରହିଥାଏ ତାକୁ । ତାର ଆମେରିକାନ୍ ଇଂଲିଶ୍ ଭଳି ସେ ମଧ୍ୟ ଦୁର୍ବୋଧ ମନେ ହେଉଥାଏ ।

“ଆଉ ତୋର ସେ ଦେବଦୂତ ଅର୍ଥାତ ତୋର ପାଳକ ପିତା? ”

“ଥେଙ୍କ୍ ଗଡ୍”, ତାଙ୍କର ହାତ ଏପର୍ଯ୍ୟନ୍ତ ମୋ ମୁଣ୍ଡ ଉପରେ ରହିଛି । ବୟସର ପ୍ରଭାବରେ ଆଜି ସେ ଏତେ ଗ୍ଲଲବୁଲ କରିପାରୁ ନାହାନ୍ତି । କିନ୍ତୁ ଏପର୍ଯ୍ୟନ୍ତ ଝିଅ ଭଳି ତାଗିଦ କରନ୍ତି । ସେ ମଧ୍ୟ ତ ଦୁନିଆରେ ସମ୍ପୂର୍ଣ୍ଣ ଭାବରେ ଏକା । ଆଜି ଏତେ ଡେରି କେଉଁଠି ହେଲା ବୋଲି ପଗ୍ଭରିବେ ନିଶ୍ଚୟ । ଆଜି ମୁଁ ଯାଉଛି, ପୁଣିଥରେ ଆସିଲେ ତୋତେ ନେଇଯିବି ତାଙ୍କ ପାଖକୁ ।”

ସେ ଝଡଭଳି ଘରୁ ବାହାରିଗଲା ହାତ ହଲାଇ ହଲାଇ । ମୋ ଗ୍ଭରିପଟେ ଆଶ୍ଚର୍ଯ୍ୟସୂଚକ ଚିହ୍ନ ସବୁ ଘୁରିବୁଲିଲେ ମୁଁ ପ୍ରକୃତିସ୍ଥ ହେବା ପର୍ଯ୍ୟନ୍ତ ।

ଆଶା ସାହୁ, ବସନ୍ତ ବିହାର, ନୂଆ ଦିଲ୍ଲୀ

ଚଳିତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ “ବେଦାନ୍ତୀ”କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ଚୈତନ୍ୟ ଦେବ

ମୂଳରଚନା ( ବଙ୍ଗଳା) : ରାମକୃଷ୍ଣ ମହାପାତ୍ର
ଓଡିଆ ଭାଷାନ୍ତର: ସନାତନ ମହାକୁଡ



ସନାତନ ମହାକୁଡ

ଧୂଳି ଉଡେ ।
ପ୍ରେମମୟ ଅରୂପ ମାଟିର ତୀର୍ଥେ,
ସୋନାମାୟା ସଂସାରର କୋଳେ
ଛାୟା ଯେଣୁ ଜନ୍ମ ନଏ, ଅପାର ପ୍ରସନ୍ନତା

ଗୃହୀର ଦ୍ୱାରଠାରୁ ଗ୍ଳାଲି ଯାଇଛି ଯେ ପଥ
ଅନ୍ତରମୟ ଆଲୋକ ସନ୍ନ୍ୟାସେ,
ସେ ପଥେ ତୁମର ଯାତ୍ରା
ହେ ତଦାତ୍ମା,
ଅନନ୍ତେ, ଅନଶ୍ୱର ଚେତନାର, ଅସୀମ ପ୍ରକାଶେ
ବାଂଗଳାର ଘରେ ଘରେ ଅଶେଷ ମହିମା
ମାନବତା ହୋଇ ଝୁରେ ।



ବେରୁଆଁବାରୀ, ନୟାଗଡ, ଓଡିଶା

# ସମଲପୁରି କବିତା
# ଦୁଇଟା ପର୍‌ୱନ୍ ଗୁଟେ



ଆଶୁତୋଷ ମେହେର

ଗାଁ ର ବନ୍ଧଘାଟେ ଦେଖିଁ ଥିଲି ତତେ
ମାଜୁଥିଲୁଁ ପାଦ୍ ରେଢ଼ି
ଚହଲ୍ ପାନ ଥିଁ ଛାଏ ହଲୁଥିଲା
ଡେଗି ଥିଲା ଛାତି ନାଡି।
ସେ ଦିନୁଁ ମତେ ଧରଲା ଜର୍ ଗା
ଲୋକେ ହେଲେ କୁହିକୁହି
ମନେ ଭରିଗଲା ପେରେମ ଭ୍ୱବନା
ଲେଖିଥିଲା କାଏଁ ବିହି ।
ଆମର୍ ଘର ଲୁକେ କଥା ପକାଲେ
ଦୁହିଁକେ ଛନ୍ଦାଁବା ଲାଗି
ତୋର୍ ବୁଆମାଆଁ ପର୍‌ୱଲେ ବେଲେ ଗା
ଗାର୍ କାଟିଥିଲୁ ବସି।
ସାତ୍ ଜନମ ଟା ବନ୍ଧା ଥୀସନ୍ ପରେ
ଦୁଇଟା ପର୍‌ୱନ୍ ଗୁଟେ
ହାତ୍ ଧର୍‌ୱ ଧରି ଗ୍ୱଲମାଁ ମିଶି ଯେ
ଦୁନଆଁର ଚଲା ବାଟେ ।
* ଇନେ ସରଲା*



ଆର୍ଯ୍ୟପଲ୍ଲୀ, କଟ ଛକ,
ପଟିଆ, ଭୁବନେଶ୍ୱର

# ତାଳ- ମେଳ

ମୂଳ ହିନ୍ଦୀ – ନିଧି ଚୌଧୁରୀ
ଅନୁବାଦ – ମଧୁସ୍ମିତା ପଟ୍ଟନାୟକ



ମଧୁସ୍ମିତା ପଟ୍ଟନାୟକ

ପଓ୍ବନ ନଜର ସବୁ ଗ୍ଲାନି, ସବୁ କୁଣ୍ଠାକୁ ଜାଳୁଥିଲା ଆଉ ନୀଳକଣ୍ଠ ପରି ସେହି ବିଷାକ୍ତ ଭାବନାକୁ ଚୁପ୍ ଚାପ୍ ପିଉଥିଲା ସୁନତା । କାରଣ ସେ ଚାହୁଁଥିଲା ଏହି ବିଷ ଭବିଷ୍ୟତରେ ତାଙ୍କ ପରିବାରକୁ ଯେମିତି କ୍ଷତି ନ ପହଞ୍ଚାଉ । ଆଜି ପଓ୍ବନ ବୁଝିପାରିଥିଲା, ଯେ ସ୍ବାମୀ- ସ୍ତ୍ରୀଙ୍କ ଭିତରେ ଥିବା "ତାଳ- ମେଳ" ସେମାନଙ୍କ ପଦ, ଆର୍ଥିକ ଆଉ ସାମାଜିକ ସ୍ଥିତିରୁ ନୁହେଁ, ବରଂ ପରସ୍ପର ଭିତରେ ଥିବା ପ୍ରେମ ବିଶ୍ବାସ ଆଉ ଏହି ସମ୍ପର୍କ ପାଇଁ ଥିବା ସର୍ମପଣ ପାଇଁ ସମ୍ଭବ ହୋଇଥାଏ । ଯେଉଁଥିରେ ନା'ତ କେହି କାହାଠୁ ଛୋଟ ହୋଇଥାନ୍ତି, ନା' ବଡ ହୋଇଥାନ୍ତି ।

ଆଜି ବହୁତ୍ ଶାନ୍ତ ଅନୁଭବ କରୁଥିଲା ପଓ୍ବନ । ତା' ମନ ଭିତରେ ଚାଲିଥିବା ଅନ୍ତଦ୍ୱନ୍ଦ ବନ୍ଦ ହୋଇ ସାରିଥିଲା । ଗତ ସାତ ବର୍ଷ ହେଲା, ଯେଉଁ ଅସମଞ୍ଜସ୍ୟ ଆଉ ଦ୍ୱନ୍ଦ ଭିତରେ ସେ ବଞ୍ଚିଥିଲା, ଆଜି ସେଥିରୁ ମୁକ୍ତି ପାଇବାରେ ନିଷ୍ପତ୍ତି ନେଇ ସାରିଲା ପରେ ସେ ଅଗାଢ ଶାନ୍ତି ଅନୁଭବ କରୁଥିଲା । ତାକୁ ଏମିତି ଲାଗୁଥିଲା ସାରା ସୃଷ୍ଟି ଶାନ୍ତ ହୋଇ ଯାଇଛି । ଗୋଟେ ଅଦଭୁତ ପ୍ରକାରର ସୁଖଦ ଶାନ୍ତି ଅନୁଭବ କରୁଥିଲା ସେ । ପ୍ରତିଦିନ ଭଳି ଆଜି ଅଫିସ୍ ରେ କାମ କରିବାରେ ତାକୁ ମଜା ଆସୁନଥିଲା, ବରଂ ପ୍ରତିଦିନ କାମରେ ବ୍ୟସ୍ତ ରହୁଥିବା ପଓ୍ବନ ଆଜି ଚାହୁଁ ନଥିଲା କୌଣସି ଫାଇଲ୍ କୁ ହାତ ଲଗେଇବାକୁ। ସେ ଚାହୁଁଥିଲା ନିଜ ଭିତରେ ବିରାଜମାନ କରୁଥିବା ଶାନ୍ତି ସହିତ ଆଉ କିଛି ସମୟ ଏକୁଟିଆ ବିତେଇବାକୁ ଓ ତାକୁ ଅନୁଭବ କରିବାକୁ । ସେ ଭାବୁଥିଲା, କାହିଁକି ଏତେ ବର୍ଷ ଲାଗିଗଲା ତାକୁ ଏହି ଛୋଟ ନିର୍ଣ୍ଣୟ ନେବା ପାଇଁ...? ବୋଧ ହୁଏ, ଏଥିପାଇଁକି...ନିର୍ଣ୍ଣୟ ଛୋଟ ନଥିଲା ।

ସାତ ବର୍ଷ ପୂର୍ବେ ତା' ଇଚ୍ଛା ବିରୁଦ୍ଧରେ ବାପା- ମା ତା'ର ବାହାଘର ଠିକ୍ କରିଦେଇଥିଲେ ସୁନୀତା ସହିତ । ତା' ଜୀବନରେ ଏମିତି କେହି ହେଲେ ଜଣେ ନଥିଲେ ଯାହା ଭରଷାରେ ସେ ବାପା- ମା'ଙ୍କ ଦ୍ୱାରା ଲଦା ହୋଇଥିବା ଏହି ବିବାହର ବିରୋଧ କରିବା ପାଇଁ ସାହସ କରିପାରିବ । ଏମ୍.ବି.ଏ. ପଢିଥିବା ସତ୍ତ୍ୱେ ସେ ବ୍ୟାଙ୍କରେ କ୍ଲର୍କ ଚାକରୀ କରୁଥିଲା । ତେଣୁ ବି.ଏ ପାସ୍ କରିଥିବା ଆଉ ଘର କାମଦାମରେ ଦକ୍ଷ ସୁନୀତା ସବୁଦୃଷ୍ଟିରୁ ଉପଯୁକ୍ତ ଲାଗିଲା ମା- ବାପାଙ୍କୁ ପଵନ ପାଇଁ । ବାହାଘର ପରେ ଭଲରେ ଭଲରେ ଦୁଇବର୍ଷ ବିତିଗଲା । ଏହା ଭିତରେ ପଵନକୁ ଚାକରୀ ମିଳିଗଲା ଗୋଟିଏ ବହୁରାଷ୍ଟ୍ରିୟ କମ୍ପାନୀରେ । ସରକାରୀ ବ୍ୟାଙ୍କ୍ର ପରିବେଶରୁ ବାହାରି ଗୋଟିଏ ଏମ୍.ଏନ୍.ସି. ର କର୍ପୋରେଟ୍ ସଂସ୍କୃତିରେ ଢଳିବା ଚେଷ୍ଟାରେ ଧୀରେ ଧୀରେ ନିଜ ସ୍ତ୍ରୀର ଅବଗୁଣ ଖୋଜିବାକୁ ଆରମ୍ଭ କରିଦେଲା ପଵନ । ତାକୁ କେବଳ ଦୁର୍ଗୁଣ ବ୍ୟତୀତ ଆଉ କିଛି ଦେଖାଯାଉ ନଥିଲା ସୁନୀତା ପାଖରେ ।

ଏହା ଭିତରେ ନିଜର ଜଣେ ସହକର୍ମୀ ରିତିକା ସହିତ ପ୍ରଗାଢ ବନ୍ଧୁତା ହୋଇଗଲା ତା'ର । ଦୁହେଁ ଗୋଟିଏ ଡିପାର୍ଟମେଣ୍ଟରେ କାମ କରୁଥିବାରୁ ଟ୍ରେନିଙ୍ଗ୍, କନଫ୍ରେନ୍ସ କିମ୍ବା ଅନ୍ୟ କୈଣସି ବାହାନାରେ ସେମାନଙ୍କର ଦେଖା ସାକ୍ଷାତ ହେଉଥିଲା । ଆଧୁନିକ ପରିବେଶରେ ବଢିଥିବା ରିତିକା ଆଗରେ ତା' ଆଖିର କଣ୍ଟା ହୋଇଯାଇଥିଲା ଛୋଟ ସହରରୁ ଆସିଥିବା ସୁନୀତା । ଘରକୁ ଆସିବା ମାତ୍ରେ ଚଡଚଡା ସ୍ୱଭାବର ହୋଇ ଯାଉଥିଲା ପଵନ । କିଛି ନ ଭାବି ନଚିନ୍ତି ଗୋଟେ ଛୋଟ ସହରର ମୂର୍ଖ ଗାଉଁଲି ଝିଅକୁ ବାହା ହୋଇଥିବା ଯୋଗୁଁ ରାଗ ଲାଗୁଥିଲା ତାକୁ ନିଜ ଉପରେ । ତାକୁ ସୁନୀତାର ସବୁ କାମରେ କେବଳ ତ୍ରୁଟି ଦେଖା ଯାଉଥିଲା । ଆଉ ଯଦି ଭୁଲରେ ସୁନୀତା କେବେ ତାକୁ ଅଫିସରେ ଥିଲାବେଳେ ଫୋନ୍ କରୁଥିଲା, ତା'ହେଲେ ତ ପ୍ରଳୟ ଆସୁଥିଲା । ସେ ଚିତ୍କାର କରି ସୁନୀତାକୁ କୁହେ, ତୁମକୁ ହଜାର ଥର କହିଥିବି ଅଫିସରେ ଥିଲାବେଳେ ମୋତେ ଫୋନ୍ କରିବନି ବୋଲି..! ଅଫିସରୁ ମୁଁ କାମ କରିବାକୁ ଆସୁଛି, ଆରାମ୍ କରିବାକୁ ନୁହେଁ । ଛାଡ..ତୁମେ ଏସବୁ କଥା କ'ଣ ବୁଝିପାରିବ ? ଆଉ ତା'ପରେ ରାଗରେ ଫୋନକୁ କାଟିଦିଏ । ବିଚାରୀ ସୁନୀତା ସ୍ୱାମୀଙ୍କଠୁ ମିଳୁଥିବା ଅପମାନକୁ ଚୁପଚାପ୍ ସହି ନିଜ ଭାଗ୍ୟକୁ ନିନ୍ଦେ । ତାକୁ ଲାଗେ, ସେ

ପଓ୍ୱନ ପାଇଁ ଅଯୋଗ୍ୟା । ଧୀରେ ଧୀରେ ମନ ଭିତରେ ଆତ୍ମଗ୍ଲାନ ଆଉ କୁଣ୍ଠା ଭରିବାକୁ ଲାଗିଲା..ସୁନୀତାର । ଦେଖୁ ଦେଖୁ ତାଙ୍କ ବିବାହକୁ ପାଞ୍ଚ ବର୍ଷ ହେବାକୁ ଆସିଲାଣି ଅଥଚ ବହୁତ କହିବା ସତ୍ତ୍ୱେ ବାପା ହେବାକୁ ଚାହୁଁ ନଥିଲା ପଓ୍ୱନ । କିନ୍ତୁ ସନ୍ତାନଟେ ପାଇଁ ପ୍ରତି ମୁହୂର୍ତ୍ତରେ ଛଟପଟ ହେଉଥିଲା ସୁନୀତାର ମମତା । ତାକୁ ଲାଗୁଥିଲା, ଯଦି ପିଲାଟେ ତାଙ୍କ ଜୀବନକୁ ଆସିଯାନ୍ତା ତା'ହେଲେ ତାଙ୍କ ସମ୍ପର୍କରେ ବୋଧହୁଏ କିଛିଟା ସୁଧାର ଆସିଯିବ, ହେଲେ ପଓ୍ୱନ ଛୁଆର ନାଁ ଶୁଣିବା ମାତ୍ରେ ଭୀଷଣ ଭାବରେ ରାଗିଯାଉଥିଲା ସୁନୀତା ଉପରେ।

ସୁନୀତାକୁ ଡିଭୋର୍ସ ଦେବା ପାଇଁ ପଓ୍ୱନକୁ କେତେ ବୁଝେଇଲା ରିତିକା । ଏହି କଥାକୁ ନେଇ କେତେଥର ଝଗଡା ନ ହୋଇଛି, ପଓ୍ୱନ ଆଉ ରିତିକା ଭିତରେ । କେତେଥର ପଓ୍ୱନ ନିଷ୍ପତି ନ ନେଇଛି ସୁନୀତାକୁ ଡିଭୋର୍ସ ଦେବାପାଇଁ! କିନ୍ତୁ ନିଜ ବାପା- ମାଙ୍କର ଅସନ୍ତୋଷ ଆଉ ସାମାଜିକ ମର୍ଯ୍ୟାଦାକୁ ଡରି ତା'ର ସାହସ ହୋଇନାହିଁ ।

ଏହା ଭିତରେ କିଛିଦିନ ପାଇଁ ବାପଘରକୁ ଚାଲିଗଲା ସୁନୀତା । ତାକୁ ଲାଗିଲା, ଯଦି ସେ ପଓ୍ୱନଠୁ ଦୂରରେ ରହିବ ତେବେ ପଓ୍ୱନ ତାକୁ ଝୁରିବ ଆଉ ବାପଘରକୁ ଯାଇ ଫେରାଇ ଆଣିବ । ନହେଲେ ତା'ର ଶାଶୁଘରେ ରହିବା ଆଉ ବାପଘରେ ରହିବା ଭିତରେ କ'ଣ ଅବା ପାର୍ଥକ୍ୟ ଅଛି..?

ଏପଟେ ଝିଅର ପ୍ରାୟ ଭାଙ୍ଗି ଆସୁଥିବା ଗୃହସ୍ଥୀର ଚିନ୍ତାରେ ଦିନକୁ ଦିନ ଦୁଃଖୀ ହେବାକୁ ଲାଗିଥିଲେ ସୁନୀତାର ବାପା- ମା । ସୁନୀତାର ବାପଘରକୁ ଚାଲିଯିବା ଖବର ଯେତେବେଳେ ପଓ୍ୱନର ବାପା- ମାକୁ ଦେଲେ, ସେ ବହୁତ ଖୁସି ହୋଇଗଲା । କୈଣସି ଫରକ ପଡିଲାନି ପଓ୍ୱନର । ବରଂ ସୁନୀତା ସହ ଛଳନା କରି ରିତିକା ସହିତ ଜୀବନରେ ଆଗକୁ ବଢିବାର ପ୍ଲାନରୁ ତା' ମନ ମୁକ୍ତ ହୋଇଗଲା ।

ନିଜ ବାପା- ମା ଙ୍କୁ ପଓ୍ୱନ କହିଦେଇଥିଲା ଯେ, ସୁନୀତା ସହ ଗୋଟିଏ ଛାତ ତଳେ ଏକାଠି ଆଉ ସେ ରହିପାରିବନି । ତେଣୁ ସେ ଏ ସମ୍ପର୍କ ଭାଙ୍ଗିବାକୁ ଚାହୁଁଛି । ଏହି ବିବାହକୁ ସେ

ଆଉ ଆଗକୁ ବଢେଇବାକୁ ଚାହେଁ ନାହିଁ । ସୁନୀତା ଘରକୁ ଡିଭୋର୍ସ ପେପର ପଠେଇଦେଲା ପବନ । ହେଲେ ମାସ ମାସ ବିତିଯିବା ସତ୍ତ୍ୱେ କୌଣସି ଉତ୍ତର ପାଇଲା ନାହିଁ ସେ ସୁନୀତା ତରଫରୁ । ଏପଟେ ରିତିକାର ପରିବାର ପବନର ଅପେକ୍ଷା ନକରି ଅନ୍ୟ ଜାଗାରେ ବାହା ହୋଇଯିବା ପାଇଁ ଜୋର୍ ଦେବାକୁ ଲାଗିଲେ ତା' ଉପରେ । ସେ ତିରିଶ ବର୍ଷର ହୋଇଯାଇଥିଲା ଆଉ ପବନର ଡିଭୋର୍ସର ଅପେକ୍ଷା କରିବାକୁ ଉଚତ୍ ଭାବିଲା ନାହିଁ । ତେଣୁ ନିଜ ମା- ବାପା ଆଉ ବନ୍ଧୁ ପରିଜନଙ୍କ ମନ ରଖିବା ପାଇଁ ଆସୁଥିବା ବିବାହ ପ୍ରସ୍ତାବକୁ ଗମ୍ଭୀରତାର ସହ ନେବାକୁ ଲାଗିଲା ରିତିକା । ସେଥିପାଇଁ ସେ ଦୂରେଇ ରହିବାକୁ ଆରମ୍ଭ କଲା ପବନ ପାଖରୁ । ଭାଗ୍ୟ ବୋଧେ ଏହା ହିଁ ଚାହୁଁଥିଲା., କାରଣ ବର୍ଷେ ପାଇଁ ପ୍ରୋଜେକ୍ଟ କାମରେ କମ୍ପାନୀ ତରଫରୁ ନେଦରଲାଣ୍ଡ ପଠାଗଲା ପବନକୁ ।

ମହତ୍ତ୍ୱାକାଂକ୍ଷୀ ପବନ ଏହି ସୁଯୋଗକୁ ହାତଛଡା କରିଥାନ୍ତା କେମିତି ? ତେଣୁ ସେ ଡିଭୋର୍ସ ଆଉ ରିତିକାଠୁ ବଢୁଥିବା ଦୂରତାକୁ ଭୁଲି ନିଜ ପ୍ରୋଜେକ୍ଟରେ ଲାଗିପଡିଲା ଉତ୍ସାହର ସହିତ। ଏୟାରପୋର୍ଟରେ ରିତିକାଠୁ ବିଦାୟ ନେଲାବେଳେ ତାକୁ ଜଣା ନଥିଲା ଯେ, ଏହା ରିତିକା ସହିତ ତା'ର ଶେଷ ଦେଖା ବୋଲି । ପବନ ଯିବାର କିଛି ମାସ ପରେ ରିତିକା କମ୍ପାନୀ ଚାକରୀ ଛାଡି ଦେଇ ଜଣେ ଏନ.ଆର.ଆଉ. ପିଲା ସହିତ ବିବାହ ବନ୍ଧନରେ ବାନ୍ଧି ହୋଇଗଲା ।

ଯେତେବେଳେ ରିତିକାର ବିବାହ ବିଷୟରେ ଜାଣିଲା, ସେତେବେଳେ ପୁରା ଭାଙ୍ଗି ପଡିଲା ପବନ । ନେଦରଲାଣ୍ଡ ପ୍ରୋଜେକ୍ଟକୁ ଅଧାରୁ ଛାଡି ଦେଇ ଭାରତ ଫେରିଆସିଲା ସେ । କମ୍ପାନୀ ତରଫରୁ ତାକୁ ନୋଟସ୍ ଉପରେ ନୋଟିସ୍ ପଠାଗଲା, ହେଲେ କୌଣସି ଫରକ ପଡିଲାନି ପବନର । ସେ ଦୁଃଖ ଆଉ ହତାଶରେ ବୁଡି ପୁରା ପୁରି ଭାଙ୍ଗିପଡିଲା । ଆଜି ସବୁଦିଗରୁ ହାରି ଯାଇଥିଲା ସେ । ତା'ର ରହି ରହି ସୁନୀତା ସହିତ କରିଥିବା ତିରସ୍କାର ଭରା ପୁରୁଣା ବ୍ୟବହାର ମନେ ପଡୁଥିଲା । ତାକୁ ଲାଗୁଥିଲା, ସୁନୀତା ସହିତ କରିଥିବା ବ୍ୟବହାର ପାଇଁ ଆଜି ସେ ଏହି ଦଣ୍ଡ ଭୋଗୁଛି । ସମୟ ଦ୍ୱାରା ମିଳିଥିବା ଏହି ଗଭୀର କ୍ଷତକୁ ଭରିବା ପାଇଁ ପୁଣିଥରେ ଚାକରୀ ଖୋଜିବାକୁ ଆରମ୍ଭ କଲା ପବନ । ଗୋଟିଏ

କମ୍ପାନୀ ବାହାର କରିଦେଇଥିବା କର୍ମଚାରୀକୁ ଅନ୍ୟ କୌଣସି କମ୍ପାନୀ ଭଲ ଦରମା ପ୍ୟାକେଜରେ ରଖିବାକୁ ଚାହୁଁନଥିଲେ । ଅନ୍ତତଃ.ତାକୁ ବହୁତ କମ୍ ଦରମା ପ୍ୟାକେଜରେ ଗୋଟିଏ ସରକାରୀ କମ୍ପାନୀରେ କଣ୍ଟ୍ରାକ୍ଟରେ ଚାକରୀ ମିଳିଲା । ଜୀବନର ନିଃସଙ୍ଗତାରେ ହତାଶ ହୋଇ ନିଜକୁ ଦିନ ରାତି କାମରେ ବ୍ୟସ୍ତ ରଖିବାକୁ ଚେଷ୍ଟାକଲା ପବନ । ସେ ନିଜକୁ କ୍ଷଣକ ପାଇଁ ଖାଲି ରଖିବାକୁ ଚାହୁଁ ନଥିଲା, କାହିଁକନା ଖାଲି ସମୟରେ ତା' ଆତ୍ମା ତାକୁ କ୍ଷତାକ୍ତ କରୁଥିବା ପ୍ରଶ୍ନ ପଚାରି ପଚାରି । ଅଶାନ୍ତ, ଦୁଃଖ ଆଉ ପାଗଳାମୀର ସୀମା ପର୍ଯ୍ୟନ୍ତ କାମରେ ବ୍ୟସ୍ତ ରହୁଥିବା ପବନ ମନରେ ଶେଷରେ ନିଜର ଏହି ବନ୍ଦୀ ଜୀବନରୁ ମୁକ୍ତି ପାଇବାର ଆଶା ଜାଗ୍ରତ ହେଲା । ସେ ନିଷ୍ପତି ନେଲା ଯେ, ସୁନୀତା ସହ ଦେଖା କରି ତାକୁ କ୍ଷମା ମାଗିବ । ଏମିତିରେ ଦେଖିବାକୁ ଗଲେ ଏହା ଗୋଟିଏ ଛୋଟ ନିର୍ଣ୍ଣୟ ଥିଲା । କିନ୍ତୁ ଜଣେ ଭାରତୀୟ ପୁରୁଷର ଦମ୍ଭ ଆଉ ଅହଙ୍କାର ପାଇଁ ଏହି ଛୋଟ ନିର୍ଣ୍ଣୟ ବହୁତ ବଡ ହୋଇ ଯାଇଥିଲା । ତା' ଭିତରର ସ୍ୱାମୀ ଆଉ ପୁରୁଷର ଅହଙ୍କାରକୁ ଶାନ୍ତ କରିଥିଲା ଗୋଟିଏ ବିକ୍ଷିପ୍ତ ଲୋକର ଆତ୍ମା । ସେ ନିଜର ସବୁ ଭୂଲ ପାଇଁ କ୍ଷମା ମାଗିବାକୁ ଚାହୁଁଥିଲା ସୁନୀତା ପାଖରେ । ଆଜି ତାକୁ ଏମିତି ଲାଗୁଥିଲା, ସତେ ଯେମିତି ବହୁତ ଗୁଡିଏ ଝଡ ଅଚାନକ ଶାନ୍ତ ହୋଇଗଲେ, ଠିକ୍ ଯେମିତି ନଦୀ ଚଟାଣରେ ଧକ୍କା ଖାଇ ଖାଇ ସ୍ଥିର ହୋଇଯାଏ ।

ତା' ଭିତରର ପୁରୁଷ ପୁଣିଥରେ ଜାଗ୍ରତ ହେବା ପୂର୍ବରୁ ସେ ବାହାରି ପଡିଲା ନିଜ ଜୀବନ ସଙ୍ଗିନୀକୁ କ୍ଷମା ମାଗିବା ପାଇଁ । ସେ ମନେ ମନେ ସ୍ଥିର କରିଥିଲା, ଯେ ଏବେ ସୁନୀତାର ଜୀବନକୁ ସୁଖରେ ପରିପୂର୍ଣ୍ଣ କରିଦେବ । ତା' ଘର ଅଗଣା ମଧ୍ୟ ପିଲାଙ୍କର ଦରୋଟି କଥା ଆଉ ହସରେ ଗୁଞ୍ଜରିତ ହେବ । ତା' ଜୀବନ ମଧ୍ୟ ପରିପୂର୍ଣ୍ଣ ହେବ ସୁଖର କୋମଳ ସ୍ପର୍ଶରେ । ଆଜି ପ୍ରଥମ ଥର ପାଇଁ ପରିବାର ଆଉ ତା'ର ମହତ୍ତ୍ୱ ବିଷୟରେ ଆଭାସ ହେଉଥିଲା । ଏତେ ବର୍ଷର ଅପରାଧ ବୋଧ, ବିରକ୍ତି ଆଉ ନିରାଶାରୁ ମୁକ୍ତି ପାଇବାର ଅନୁଭବ ତା'ର ପ୍ରତିଟି ଶିରା ପ୍ରଶିରାରେ ନୂଆ ଜୀବନ ଭରି ଦେଉଥିଲା ସତେ ଯେମିତି ।

ଏହି ଉତ୍ସାହରେ, ସେ ଯେତେବେଳେ ବିହାରର ଛୋଟ ସହର ସମସ୍ତିପୁରରେ ଥିବା ସୁନୀତା ଘରେ ପହଞ୍ଚିଲା, ସେତେବେଳେ ସେଠି ପରିବେଶ ଥିଲା ଉତ୍ସବର । ବୋଧହୁଏ ତା ଆସିବା ଖବର ପାଇ ସୁନୀତା ଘରର ଲୋକମାନେ ଏମିତି ସାଜ ସଜ୍ଜା କରିଛନ୍ତି ବୋଲି ଭାବିଲା ପଓ୍ୱନ । ତାକୁ ଲାଗିଲା ଝିଅର ଉଜୁଡା ସଂସାର ପୁଣି ଥରେ ସଜାଡି ହେବା ଖୁସିରେ ସୁନୀତାର ଘରଲୋକ ଖୁସିରେ ବ୍ୟାଣ୍ଡ- ବାଜା ସହିତ ଉତ୍ସବର ମଧ୍ୟ ଆୟୋଜନ କରିଛନ୍ତି । ସେତିକବେଳେ ସୁନୀତାର ଦାଦଙ୍କ ସହିତ ତାର ଦେଖା ହେବାରୁ ସେ ପଗ୍ଚରିଲା, ଦାଦା, ସୁନୀତା ଏବେ କେଉଁଠି ଅଛି ?

ସୁନୀତା..ସୁନୀତା ତ ଦିଲ୍ଲୀରେ ଅଛି । କଲେକ୍ଟର ହୋଇଗଲାଣି ଆମ ସୁନୀତା । ଆଜି ୟୁ.ପି.ଏସ.ସିର ରେଜଲ୍ଟ ବାହାରିଛି । ସୁନୀତା ଆମ ସହରର ପ୍ରଥମ ଝିଅ, ଯିଏ ଏତେ ବଡ ପଦବୀ ପର୍ଯ୍ୟନ୍ତ ପହଞ୍ଚି ପାରିଛି । ସେଥିପାଇଁ ଆଜିର ଏହି ଉତ୍ସବର ଆୟୋଜନ ହୋଇଛି! କହିଲେ ସୁନୀତାର ଦାଦା । ସାତବର୍ଷ ତଳର ଉତ୍ସାହୀ ପଓ୍ୱନ ଆଉ ଆଜିର ନିରାଶ- ହତାଶ ପଓ୍ୱନ ଭିତରେ ଆକାଶ ପାତାଳର ଫରକ ଆସି ସାରିଥିଲା । ସେଥିପାଇଁ ଦାଦା ପଓ୍ୱନକୁ ଚହ୍ନି ନପାରି ଅନ୍ୟ ଲୋକଙ୍କର ସ୍ୱାଗତ ଆଉ ଅଭ୍ୟର୍ଥନାରେ ବ୍ୟସ୍ତ ହୋଇଗଲେ ।

ସୁନୀତାର ବାପା- ମା ପଓ୍ୱନକୁ ଚହ୍ନିବା ପୂର୍ବରୁ, ସେ ସେଠାରୁ ବାହାରି ଆସିଲା । ଭୟଙ୍କର ଝଡକୁ ନିଜ ମନ ଭିତରେ ସାଉଁଟି ସେ ଫସି ଯାଇଥିଲା ଅସଂଖ୍ୟ ପ୍ରଶ୍ନର ଭଉଁରୀରେ । କ'ଣ ସୁନୀତା ତାକୁ କେବେ କ୍ଷମା କରି ପାରିବ ? କ'ଣ ସେ ଏବେ ତାକୁ ବଡ ଅଫିସର ଦମ୍ଭ ଦେଖାଇବ ? ଯେଉଁ ଅହଙ୍କାରର ବଳୟରେ ଦିନେ ସେ ଛନ୍ଦି ହୋଇଯାଇଥିଲା, କ'ଣ ସେହି ଅହଙ୍କାର ବଳୟରେ ସୁନୀତା ଛନ୍ଦି ହୋଇଯିବ ? କ'ଣ ସୁନୀତା ତା ଭଳି ନିଜ ପାଇଁ ନୂଆ ସାଥୀଟେ ଖୋଜିବନି..? ଇତ୍ୟାଦି..ଇତ୍ୟାଦି ।

ରେଳ ଇଞ୍ଜିନ ପରି ଧୂ..ଧୂ କରୁଥିଲା ତା' ହୃଦୟର ସ୍ପନ୍ଦନ । ତାକୁ ଏମିତି ଲାଗୁଥିଲା ସତେ ଯେମିତି ପ୍ରବଳ ଜ୍ୱର ତା' ସାରା ଶରୀରକୁ କବଳିତ କରି ପକେଇଛି । ନିଜ ସ୍ତ୍ରୀର ଏତେ

ବଡ ସଫଳତାରେ ଖୁସି ହେବା ପରିବର୍ତ୍ତେ ସେ ହତାଶ ନୈରାଶ ହୋଇଗଲା ଯେମିତି । ହତାସ ଏଥିପାଇଁ..ଯେ, ତା' ବାହାଘରକୁ ବଞ୍ଚାଇବାର ଶେଷ ଆଶା ଟିକକ ମଧ୍ୟ ଭାଙ୍ଗିଯିବା ଡରରେ, ହତାଶ୍..ସୁନୀତାକୁ ସବୁଦିନ ପାଇଁ ଦୂରେଇ ଦେବା ଭୟରେ, ହତାଶ୍..ନିଜ ଭୂଲର ପ୍ରତଛବି ସୁନୀତା ପାଖରେ ଦେଖିବା କଳ୍ପନାରେ । ଆଜି ସେ ପୁରା ଭାଙ୍ଗି ପଡିଥିଲା। ତାକୁ ଆଜି ନିଜ ଜୀବନ ଉପରେ ଘୃଣା ଆସୁଥିଲା । ତାକୁ ଏତେ ଜୋରରେ ମାନସିକ ଆଘାତ ଲାଗିଥିଲା, ଯେଉଁଥିରେ ତା'ର କଷ୍ଟ ଶିରା ପ୍ରଶିରା ଦେଇ ବାହାରିବାକୁ ଚାହୁଁଥିଲେ ହେଲେ ବାହାରି ପାରୁ ନଥିଲେ । ଆଜି ସେ ଅନୁଭବ କରିପାରୁଥିଲା ପରିବାରର ମହତ୍ତ୍ୱକୁ। ଏହି ଅର୍ଥହୀନ ଜୀବନ ପ୍ରତି ତା' ମନରେ ସ୍ଥାୟୀ ବିତୃଷ୍ଣା ଜନ୍ମୁଥିଲା ଧୀରେ ଧୀରେ । ଏମିତି ଭଗ୍ନ ମନୋଦଶାରେ ସେ ଫେରିଲା ନିଜ ଘରକୁ ।

କିନ୍ତୁ..ଏ କ'ଣ! ନିଜ ଘରେ ସୁନୀତାକୁ ଦେଖି ଆଚମ୍ଭିତ ହୋଇଗଲା ପଭନ । ସେ କ'ଣ ସ୍ୱପ୍ନ ଦେଖୁଛି ? ନା..ବାସ୍ତବରେ ସୁନୀତା ଆଜି ତାକୁ ତା' କଟାକ୍ଷର ଉତ୍ତର ଦେବାକୁ ଆସିଛି! କିମ୍ବା ସୁନୀତା ତାକୁ ଡିଭୋର୍ସ ପେପର ଦେବାକୁ ଆସିଛି! ସୁନୀତାର ଚେହେରାର ଚମକରେ ଆଖି ଖରାପ ହୋଇଯାଉଥିଲା ପଭନର । ଯେଉଁ ସୁନୀତାକୁ ଦେଖା କରିବାକୁ ସେ ସମସ୍ତିପୁର ଯାଇଥିଲା, ଆଜି ସେ ନିଜେ ଆସିଛି ଦିଲ୍ଲୀରୁ ତାକୁ ଦେଖା କରିବାକୁ । ଏଥିରେ ସେ ଖୁସି ହେବା କଥା.., କିନ୍ତୁ ନିଜ ଭିତରର ପୁରୁଷ ଗୋଟେ ସ୍ତ୍ରୀଠୁ ପାଇବାକୁ ଥିବା ଅପମାନର କଳ୍ପନାରେ ଭୟାକ୍ରାନ୍ତ ଥିଲା । ଗୋଟିଏ ସ୍ତ୍ରୀ, ପୁରୁଷର ହଜାର କଟାକ୍ଷ ଶୁଣି ମଧ୍ୟ ଜୀବନକୁ ଖୁସି ଖୁସି ବିତେଇ ପାରେ, କିନ୍ତୁ ପୁରୁଷ, ସ୍ତ୍ରୀର ମୁହଁରୁ ବାହାରିଥିବା ଗୋଟିଏ ଗୋଟିଏ କଥାକୁ ନିଜ ଅସ୍ତିତ୍ୱ ପାଇଁ ଯୁଦ୍ଧର ଡାକରା ବୋଲି ଧରିନିଏ । ସେହି ଭୟରେ ଥର ଥର କମ୍ପୁଥିଲା ପଭନ ।

ପଭନ ମୋର ଆଇ.ଏ.ଏସରେ ସିଲେକ୍ସନ ହୋଇଯାଇଛି । ଏବେ ତୁମେ ଆଉ କହିବନିତ, ମୁଁ ତୁମର ଯୋଗ୍ୟ ନୁହେଁ ବୋଲି । ନିଜକୁ ତୁମର ଯୋଗ୍ୟ ବନାଇବା ପାଇଁ ମୁଁ ପୁଣି ଥରେ ପାଠ ପଢିବା ଆରମ୍ଭ କଲି । ଦିଲ୍ଲୀ ଯାଇ କୋଚିଙ୍ଗ୍ ନେଲି ଆଉ ଶେଷରେ ଆଇ.ଏ.ଏସ୍ ହେବାରେ ସଫଳ ହେଲି । ଯଦି ତୁମର ପ୍ରେରଣା ମୋ ସହିତ ନ'ଥାନ୍ତା, ତେବେ ଏହା

ଆଦୌ ସମ୍ଭବ ହୋଇ ପାରିନଥାନ୍ତା । ମୋତେ କ୍ଷମା କରିଦେବ.., କାରଣ ମୋ ମା- ବାପା ମୋତେ କେବେବି ତୁମେ ପଠେଇଥିବା ଡିଭୋର୍ସ ପେପର ଦେଖାଇ ନଥିଲେ । ନଚେତ୍ ମୁଁ ତୁମକୁ ମୁକ୍ତ କରି ଦେଇଥାନ୍ତି ଏଇ ବନ୍ଧନରୁ । ଆଜି ମୋ ରେଜଲ୍ଟ ଆସିଲା ପରେ ମା' ଗର୍ବାନ୍ୱିତ ହୋଇ ମୋତେ ଏହି ସତ କଥାଟି କହିଦେଇ କହିଲେ, ଯେ ତୁମକୁ ଡିଭୋର୍ସ ଦେଇ ଦେବା ପାଇଁ । ହେଲେ ମୁଁ ଜିଦ୍ କରି ତୁମ ମା'ଙ୍କଠୁ ଏହି ଘରର ଠିକଣା ପଚାରି ସିଧା ଏଠାକୁ ଆସିଛି । ହେଲେ ସତ କହୁଛି.. 'ମୁଁ ଆମ ବିବାହକୁ ଆଉ ଗୋଟିଏ ସୁଯୋଗ ଦେବାକୁ ଚାହୁଁଛି ପଵନ !'

ପଵନକୁ ସତେ ଯେମିତି ନିଜ କାନ ଉପରେ ବିଶ୍ୱାସ ହେଲାନାହିଁ କ୍ଷଣକ ପାଇଁ.., ହେଲେ ସେ ଜାଣେ, ସୁନୀତା ସବୁବେଳେ ପ୍ରାଥମିକତା ଦିଏ ପରିବାରକୁ । ତା'ପାଇଁ ଭଲ ପାଉଥିବା ସ୍ୱାମୀ ଆଉ ପିଲାଛୁଆ ହିଁ ହେଉଛନ୍ତି ସଂସାରର ବଡ ଉପଲବ୍ଧି । ଆଜି ସମାଜରେ ଗୋଟିଏ ବଡ ପଦବୀରେ ପହଞ୍ଚି ଆର୍ଥିକ ରୂପେ ସବଳ ହେବା ସତ୍ତ୍ୱେ ସେ ଏହି ପରାଜିତ ପଵନ ପାଖକୁ ଆସିଛି କେବଳ ନିଜର ବିବାହକୁ ବଞ୍ଚେଇବା ପାଇଁ.. । ପଵନ ଗୋଟିଏ କଥା ଭଲ ଭାବରେ ଜାଣେ ଯେ, ସୁନୀତାର ଏହି ଭଲ ପାଇବାରେ ଲେଶମାତ୍ର ଛଳନା ନାହିଁ । ସେ ଦ୍ୱନ୍ଦ ଭିତରେ ଜୀବନକୁ ବିତାଏନି ପଵନ ଭଳି । ତା'ର ଲକ୍ଷ୍ୟ ସିଧା ଆଉ ସ୍ପଷ୍ଟ । ଯଦି ନିଜ ପରିବାରକୁ ବଞ୍ଚେଇବା ପାଇଁ ସେ ଏତେ କଷ୍ଟ ପରୀକ୍ଷାର ପ୍ରସ୍ତୁତି କରି ପାରୁଛି, ତା'ହେଲେ କ'ଣ ପଵନ ନିଜ ଜୀବନ ସଙ୍ଗିନୀଠୁ କ୍ଷମା ମାଗି ନିଜ ଭୂଲ୍ ଆଉ ମୂର୍ଖାମୀ ପାଇଁ ଭୋଗୁଥିବା ଗ୍ଲାନିରୁ ମୁକ୍ତି ପାଇ ପାରିବନି ? ଏ ପର୍ଯ୍ୟନ୍ତ ସୁନୀତାକୁ ବଦଳେଇବାର ଇଛା ରଖିଥିବା ପଵନର ନିଜକୁ ବଦଳେଇବାର ଆବଶ୍ୟକତା ଥିଲା ବୋଲି, ଅନୁଭବ କଲା।

ସୁନୀତାର ପାଦତଳେ ପଡିଗଲା ପଵନ । କାକୁତି ମିନତି କରି ଭିକ୍ଷା ମାଗିବାକୁ ଲାଗିଲା । ଏହା ଦେଖି ଆଶ୍ଚର୍ଯ୍ୟ ଚକିତ ହୋଇଗଲା ସୁନୀତା.., କାହିଁକି ନା..ଆଜି ସେ କୌଣସି କ୍ଷମା ପ୍ରାର୍ଥନାର ମୋହରେ ନୁହେଁ, ବରଂ ନିଜ ବିବାହକୁ ବଞ୍ଚେଇବାର ଶେଷ ଆଶା ଟିକକ ନେଇ ଆସିଥିଲା ପଵନ ପାଖକୁ । ସୁନୀତାକୁ କ୍ଷମା ମାଗି ପଵନର ଦେହ ଆଉ ମନର ବୋଝ

ଟିକେ ହାଲୁକା ହୋଇଗଲା । ତାକୁ ଲାଗିଲା, ସେ ଭାରମୁକ୍ତ ହୋଇଗଲା ଯେମିତି । କହିଚାଲିଲେ ସୁନୀତା । ଶାନ୍ତ, ନିର୍ବିକାର ଭାବେ ଚୁପ୍ ଚାପ୍ ହୋଇ କେବଳ ଶୁଣୁଥିଲା ସେ ପବନର କଥାକୁ । ପବନ ନଜର ସବୁ ଗ୍ଲାନି, ସବୁ କୁଣ୍ଠାକୁ ଢାଳୁଥିଲା ଆଉ ନୀଳକଣ୍ଠ ପରି ସେହି ବିଷାକ୍ତ ଭାବନାକୁ ଚୁପ୍ ଚାପ୍ ପିଉଥିଲା ସୁନୀତା । କାରଣ, ସେ ଚାହୁଁଥିଲା ଏହି ବିଷ ଭବିଷ୍ୟତରେ ତାଙ୍କ ପରିବାରକୁ ଯେମିତି କ୍ଷତି ନ ପହଞ୍ଚାଉ । ଆଜି ପବନ ବୁଝି ପାରିଥିଲା, ଯେ ସ୍ୱାମୀ- ସ୍ତ୍ରୀ ଭିତରେ ଥିବା ତାଳ- ମେଳ ସେମାନଙ୍କ ପଦ, ଆର୍ଥିକ ଆଉ ସାମାଜିକ ସ୍ଥିତିରୁ ନୁହେଁ, ବରଂ ପରସ୍ପର ପ୍ରତି ଥିବା ପ୍ରେମ, ବିଶ୍ୱାସ ଆଉ ଏହି ସମ୍ପର୍କ ପାଇଁ ଥିବା ସମର୍ପଣ ପାଇଁ ସମ୍ଭବପର ହୋଇଥାଏ । ଯେଉଁଥିରେ ନା'ତ କେହି କାହାକୁ ଛୋଟ ହୋଇଥାନ୍ତି ନା' ବଡ ହୋଇଥାନ୍ତି ।

୨୭,ବ୍ରହ୍ମେଶ୍ୱର ବାଗ,
ଟଙ୍କପାଣି ରୋଡ୍, ଭୁବନେଶ୍ୱର

ଆପଣମାନେ ଲେଖିଥିବା କୌଣସି ପୁସ୍ତକ ଯଦି ବେଦାନ୍ତୀ ମାଧ୍ୟମରେ ପାଠକଙ୍କୁ ଜଣାଇବାକୁ ଚାହୁଁଛନ୍ତି ତେବେ ଆମକୁ ସଂପର୍କ କରନ୍ତୁ । ଆମକୁ ସଂପର୍କ କରିବାର ଠିକଣା ହେଲା:

vedantimagazine@gmail.com &

editor.vedantimagazine@gmail.com.

Whatsapp & Mobile: 9594993733

# ଅଶ୍ରୁଲେଖା

ରାମ ପ୍ରସାଦ ବିଶୋଇ

ଦୁଇବୁନ୍ଦା ଲୁହ
କାହାଣୀ ଲେଖିବାର
ପ୍ରୟାଶ କରେ

ସବୁବେଳେ ଅଛି
ମୁଁ
କିନ୍ତୁ
ସେ ନ ଥାଏ ମୋ ସହ
କେବେ





ତୁମେ ବୁହାଇ ଚାଲ
ଅଶ୍ରୁ
ଅକାରଣେ
ନିଜକୁ ନିଜେ କରି
ପ୍ରତାରିତ,

ବଦଳାଅ ପରିଚୟ
ବାରମ୍ବାର
ମୁଁ କିନ୍ତୁ ବଦଳାଇ ନାହିଁ
ନାମ
ବିପଥଗାମୀ ନୁହେଁ ବି
ମୋ ପ୍ରେମ,

ଚାଲି ଆସ
ବାହୁ ବନ୍ଧନ ମୋର ଏ ଯାବତ ରଖିଛି ଖୋଲି

ତୁମ ଲାଗି,
ଶୂନ୍ୟରେ ମୋ ଡାକ ପ୍ରତିଧ୍ୱନିତ ହୋଇ ଫେରି ଆସେ
ତୁମେ ନ ଫେରିବା ପୂର୍ବରୁ
କହି ;
ତୁ ବି ଲେଖେ ଦୁଇ ବୁନ୍ଦା ଅଶ୍ରୁ ସହ ତୋ ପ୍ରେମିକାର ନାମେ
ଲିଭିଯାଇ ହଜିଯାଉ ରେଖାଙ୍କିତ ଯେତେ ପାଦ ଚିହ୍ନ
ଲହଡି ସହ ବେଳାଭୂମିର,
ଯିଏ ମନେ ରଖିଛି
ସାଇତି ହୃଦୟେ
ସବୁ ଦିନେ
ସିଏ ତାହାର ହୋଇ ବି ନ ହୋଇ ପାରେ ଅନ୍ୟ କାହାର

ନିଦ୍ରା, ସମ୍ଭୋଗ, ଜାଗ୍ରତ ରେ ତୁ
ଦେହ ସିନା ଦଳି ଚକଟି ଯାଏ
ଆଉ କାହା ଶଯ୍ୟାରେ
ମିଳନ ତ ଖୋଜେ
ଆତ୍ମା ତୋର,

କରାଘାତ ନ କରି
ଆଉଜା ଦରଜା
ସମ୍ମୁଖେ
ଛିଡା ହୋଇଛି ବୁକୁଫଟା କୋହ
ଖୋଲିବି ନା ଫେରିଯିବି
ଭାବି
ମନେ ଦଣ୍ଡାୟମାନ ସଂଶୟଗ୍ରସ୍ତ
ଇଚ୍ଛାକନ୍ୟା
ଅଶ୍ରୁ ଲେଖା- - - - - - - - - - - - - - !

କାଶ୍ୟପ, ରାୟଗଡା

# ତିନୋଟି ଅଣୁ ଗଳ୍ପ



ଅଶୋକ କୁମାର ସେଠୀ

## ଏକ

## " ସମୟ"

"ସମୟ ବଡ଼ ମୂଲ୍ୟବାନ, ଥରେ ଗ୍ଚଲିଗଲେ ଆଉ ଫେରେନା

ସମୟର ଅପଚୟ ମୂର୍ଖତାର ପରିଚୟ " ।

ଆଜି ସକାଳେ ସୋସିଆଲ ମେଡିଆ ରେ ପୋଷ୍ଟ କରିଥିଲି ।

ସେତେବେଳୁ ଗ୍ଚତି ଅଧଯାଁଏ ଅନଲାଇନ ରେ ...

ଫେସବୁକ, ହ୍ୱାଟ୍ସଆପ ଖୋଲି ବସିଛି

ଦେଖୁଛି କେତେ କମେଣ୍ଟସ ଓ ଲାଇକ ମିଳୁଛି..!

* * * * * * * * *

## ଦୁଇ

## "ପାସୱାର୍ଡ"

ତମ ପାସୱାର୍ଡ କ'ଣ ?

ବଡ଼ ବ୍ୟାକୁଳ ହୋଇ ପଗ୍ଚରିଲେ ମୋ' ପ୍ରିୟତମା ।

ମୁଁ କହିଲି, "ମୋର ଏକ ଘନିଷ୍ଠ ବାନ୍ଧବୀଙ୍କର ନାମ"

ତମେ ସଂଦେହରେ ଖୋଜି ଗ୍ଭଲିଲ ସମସ୍ତଙ୍କୁ..

ତମ ମନର ସନ୍ଦେହରେ ଯିଏ ସବୁ ବସାବାନ୍ଧିଥିଲେ ।

ଥରେ ତ ନଜ ନାଁ ଦେଇ ଚେଷ୍ଟା କରି ପାରିଥାନ୍ତ...!!

* * * * * * * *

## ତିନ

## "ବେଷ୍ଟ ଫ୍ରେଣ୍ଡ"

ଗାଡ଼ିର ପେଟ୍ରୋଲ ଏମିତି ଜାଗାରେ ସରିବାର ଥିଲା .. !

ଆଗକୁ ବା ପଛକୁ ତିନ କୋଶ ଯାଏ  ପେଟ୍ରୋଲ ମିଳବାର ଆଶା କ୍ଷୀଣ ।

ଆରେ..! କଏ ଜଣେ ହେଲେ ଆସରେ..

ଏଇ ଧୁ ଧୁ ଦିପ୍ରହର ଖର୍‌ରେ କଏ ବି ଜଣେ ସାଙ୍ଗ ଦେଖା ଦେଲେନ !

ପାଞ୍ଚ  କୋଶ ଦୂରରୁ ସାଇକେଲ ପେଲି ଯିଏ ଆସି ପେଟ୍ରୋଲ ନେଇ ପହଞ୍ଚିଲେ ;

ସେ ଥିଲେ ମୋ ବେଷ୍ଟ ଫ୍ରେଣ୍ଡ।

ସେ ଥିଲେ ମୋ "ବାପା" ।

କଲ୍ୟାଣପୁର, ନୟାଗଡ

# ନିଜ ଭାଷା



ରାଜଶେଖର "ଚମା"

ନିଜ ଭାଷା ନିଜ ଗାଁଆ ନିଜ ମାଁ,
ସେଥିରୁ ଜଣା ପଡେ ମୋର ନାଁଆ ।
ପାଇଲି ମୁଁ ଏକ ପରିଚୟ,
ମାତୃଭାଷା ମୋତେ ଅତି ପ୍ରିୟ ।
ନିଜ ଭାଷାରେ କରିବା ବ୍ୟବହାର,
ଏହା ହିଁ ଆମ ଜାତିର ଆଧାର ।
ପରଭାଷା ଅନେକ ସିଖିବା,
କିନ୍ତୁ ମାଁ ଦେଇଥିବା ଭାଷା ମନେ ରଖିବା ।
ସଜାଇବା ଭାଷାରେ ଅଳଙ୍କାର,
ଶୁଭିବ ଜଗତେ କୀର୍ତ୍ତୀର ଝଙ୍କାର ।
ଶତାବ୍ଦୀ ଶତାବ୍ଦୀ ପ୍ରବାହ ହେଲ୍ ପୂର୍ବଜଙ୍କ ବଳିଦାନ,
ନିଜ ସନ୍ତାନ କୁ ଦେବା ଏହି ସୁବର୍ଣ୍ଣ ଅବଦାନ ।
ଆମ ଭାଷା ଆମ ଜୀବନର ମଣି,
ଅଦ୍ୱିତୀୟ ଏହି କାଞ୍ଚନ ଖଣି ।
ପବିତ୍ର ରଖିବା ନିଜ ବାଣୀ,
ଶୁଣିବା କହିବା ସର୍ବଦା ମହାତ୍ ବାଣୀ ।
ପ୍ରେମ କର ନିଜ ଭାଷାକୁ ଏତେ,

ଭଲ ପାଅ ନିଜକୁ ଯେତେ ।

ଯଦି କରୁଥାଅ ନିଜ ମାଁଙ୍କ ସମ୍ମାନ,

ତାହାଲେ ସହିବନି ମାତୃଭାଷାର ଅପମାନ ।

ଭାଷାର ପାଇଲ ଜୀବନ ର ଅର୍ଥ ପରମାର୍ଥ

ଭାଷା ସେବା କରି ହୁଅ ଚରିତାର୍ଥ ।

ଅଦ୍ଭୁତ ଆମ ବସୁନ୍ଧରା,

ଭାଷା ପ୍ରବାହ ଚାଲିଛି ହୋଇ ଅମୂଲ୍ୟ ଅମୃତଧାରା ।

chvrajasekhar@gmail.com

ବେଦାନ୍ତୀ ଇ- ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ। ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# କାଳିଆ ର ପାଦ ସ୍ପର୍ଶ

( ଏକ ସୁନ୍ଦର ଓ ସୁଖଦ ଅନୁଭୂତି)



ମଧୁଛନ୍ଦା ବେହେରା

କାଳିଆ ପାଇଁ ମୁଁ
ମୋ ହୃଦୟ ଦୁଆର
ନଇତି ମୁ ଖୋଲିଥାଏ
ସକାଳ ରୁ ସଞ୍ଜ ରାତି ଘଡିଯାଏ
ତା ବାଟକୁ ମୁ ଚାହିଁଥାଏ
ଦିନେ ନ ପଡିଲେ,
ମୋ ହୃଦୟ ଦୁଆରେ
କାଳିଆର ପାଦ ସ୍ପର୍ଶ
ଚାରିଦିଗ ମୋତେ ଦିଶଇ ଅନ୍ଧାର
ଦୁନିଆ ଲାଗଇ ନଶ୍ୱ
ବଡ ଦେଉଳ କୁ ଛାଡି ସେ ଆସଇ
ଟିକିଏ ସମୟ ପାଇଁ
ହୃଦୟକୁ ବଡ ଦେଉଳ ପରିକା
ସଜାଏ ମୁଁ ତାପାଇଁ
ଧନ୍ୟ ମୋ ଜୀବନ, ଧନ୍ୟ ମନ ପ୍ରାଣ
ହୃଦୟ ଛୁଇଁ ତା'ର ଗୃହପାଦ
ଜୀବ ଥିବା ଯାଏ
ଭଜୁଥିବି ତା' କୁ
ନାଦ ବ୍ରହ୍ମ ଜଗନ୍ନାଥ



କଟୱାରିଆ ସରାଇ, ନୂଆ ଦିଲ୍ଲୀ

# ସାହିତ୍ୟ ଦୃଷ୍ଟିରୁ ଓଡିଆ ଭ୍ରମଣ କାହାଣୀ

ପ୍ରିୟବ୍ରତ ପାଢ଼ୀ

( ଦ୍ୱିତୀୟ ଭାଗ)

୫. ଯୋଉଠେ ପଦେପଦେ ବିପଦ ଥାଏ, ଅସୁବିଧା ଥାଏ, ପ୍ରାଣ ଚାଲିଯିବାର ସମ୍ଭାବନା ଥାଏ, ଅଜଣା କଥାଟିଏ ଅପ୍ରତ୍ୟାଶିତ ଭାବେ ସାମନାକୁ ଆସିଥାଏ – ତାହାହିଁ ଦୁଃସାହସୀ ଭ୍ରମଣ । କୌଣସି ଓଡିଆ ଲେଖକ ସେଭଳି ଦୁଃସାହସୀ ହେବା ନଜିର୍ ନାହିଁ । ଅତଏବ ଓଡିଆ ଭ୍ରମଣ କାହାଣୀରେ ଦୁଃସାହସିକତା କାହୁଁ ଆସିବ?

ଚିତ୍ତରଞ୍ଜନ ଦାସ ପାଖାପାଖି ଛ ମାସ କାଳ ପାଦରେ ଚାଲିଚାଲି ହିମାଳୟର ସବୁ ତୀର୍ଥ ଜାଗା ବୁଲିଥିଲେ ଏବଂ ଲେଖିଥିଲେ "ଶିଳାତୀର୍ଥ" । ତାହାହିଁ ଓଡିଆମାନଙ୍କ ପାଇଁ ପ୍ରଥମ ଓ ଶେଷ ଦୁଃସାହସୀ ଭ୍ରମଣ ହୋଇ ରହିଗଲା । ଅନ୍ୟମାନେ ବୁଲିଛନ୍ତି; କିନ୍ତୁ ସୁରକ୍ଷା ବଳୟ ଭିତରେ, ନିଜର ବନ୍ଧୁବାନ୍ଧବ, ପ୍ରିୟଜନ ବା ଜଣାଶୁଣା ପୃଥିବୀ ଭିତରେ । ସେମାନେ କେବେହେଲେ ସ୍ୱେଚ୍ଛାରେ ଦୁଃସାହସକୁ ଆପଣେଇ ନାହାନ୍ତି । ଯଦିଓ କେବେକେବେ ଭୟାନକ ଘଟଣାଟିଏ ଅଚାନକ ତାଙ୍କ ସାମନାରେ ହାବୁଡି ଯାଇଛି ।

ଅଧିକାଂଶ ଓଡିଆ ଭ୍ରମଣକୁ ଭୟ କରନ୍ତି । ଜଣେ ଚାକରିଆ ଲେଖକଙ୍କୁ ଯଦି ଭୁବନେଶ୍ୱରରୁ କୋରାପୁଟ ବଦଳି ହୋଇଗଲା, ସେ ଭୟରେ ଜାଡୁଜାଡୁ ହୋଇଯାନ୍ତି । ଧରାଧରି କରି ବଦଳି ବନ୍ଦ ପାଇଁ ଲାଗି ପଡନ୍ତି । ବର୍ତ୍ତମାନ ସମୟରେ ଜଣେ ମଧ୍ୟ ଓଡିଆ ଲେଖିବା ବୃତ୍ତିକୁ ପାଥେୟ କରି ଜୀବନ ବଞ୍ଚୁ ନଥିବା କାରଣରୁ, ଜୀବନକୁ ବାଜି ଲଗାଇ ଭ୍ରମଣରେ ମାତିବା ଏକ ସୁଦୂରପରାହତ ସ୍ୱପ୍ନ ହୋଇଯାଇଛି । ଅନେକ ଓଡିଆ ଦୁଃସାହସୀ ଅଟନ୍ତି, ଲେଖିବା ତାଙ୍କ ଦେଇ ହୁଏନାହିଁ । ଓଡିଆମାନଙ୍କ ପାରିବାରିକ ଦାୟିତ୍ୱ ଏତେ ଉତ୍କଟ, ଆର୍ଥିକ ସ୍ଥିତି ଏତେ ଦୁର୍ବଳ ଯେ ଗଣ୍ଡେ ଖାଇ ଦଣ୍ଡେ ବଞ୍ଚିବା ନ୍ୟାୟରେ ବହୁ ଲେଖକ ଗତି କରୁଛନ୍ତି । ନିଜର ପରିବାର, ଚାକରୀ, ରୋଜଗାର, ଜୀବନଜୀବିକା ସବୁ କିଛି ଠିକ୍ ଚାଲିଥାଏ ଏବଂ ମଝିରେ ମଝିରେ ଅବସର ବିନୋଦନ ପାଇଁ ବାହାରିଥିବା ଓଡିଆ

ଲେଖକମାନେ ତେଣୁ ମଧ୍ୟମ ପନ୍ଥା ବାଛିନେଇ ପ୍ରାୟତଃ ରମ୍ୟଚରନା ଧର୍ମୀ ଲଳିତ ଭ୍ରମଣ କହାଣୀରେ ନିଜକୁ ସୀମିତ କରି ରଖିଥାନ୍ତି ।

କିଛି ଭାରତୀୟ ଲେଖକଙ୍କ ଓଡିଆ ଅନୁବାଦ କଥା ଆମେ ଦେଖିବାକୁ ପାଉ ଯେଉଁଠି ଲେଖକ ସ୍ୱୟଂ ଜଣେ ଦୁଃସାହସୀ ପରିବ୍ରାଜକ । ବିଜୟ କୁମାର ପ୍ରଧାନଙ୍କ ଅନୂଦିତ ମନମୋହନ ସିଂ ବାଓ୍ୱାଙ୍କ ବହି "ଜଙ୍ଗଲ ଜଙ୍ଗଲ ପର୍ବତ ପର୍ବତ" ଏକ ଦୁଃସାହସ ଭ୍ରମଣ ବୃତ୍ତାନ୍ତ । ହିମାଳୟର ନିର୍ଜନ ଗିରିଗୁମ୍ଫାରୁ ଆରମ୍ଭ କରି ବିପଦସଙ୍କୁଳ ପାର୍ବତ୍ୟ ନଇନାଳ ସବୁକୁ ଲେଖକ ପାଦରେ ବୁଲିଛନ୍ତି । ମନାଲୀଠାରୁ ଅରୁଣାଚଳ ପ୍ରଦେଶ ପର୍ଯ୍ୟନ୍ତ ଲେଖକ ସାଇକେଲ୍ ରେ ଯାତ୍ରା କରିଛନ୍ତି । ମାଓ ଅଧ୍ୟୁଷିତ ବସ୍ତର ଅଞ୍ଚଳରେ ଘୂରିବୁଲି ଲେଖାଯାଇଥିବା "ଜଙ୍ଗଲନାମା", ସ୍ୱାମୀ ତପୋବନ ଜୀ ମହାରାଜଙ୍କ "ହିମଗିରୀ ବିହାର" ଓ ବିକ୍ରମ ସେଠ୍ ଙ୍କ "ସ୍ୱର୍ଗୀୟ ସରୋବରକୁ", ଅନୁବାଦକ- ଗୋଲକ ବିହାରୀ ମିଶ୍ର ମଧ୍ୟ ଏକ ଦୁଃସାହସୀର ଯାତ୍ରା । ସ୍ୱାମୀରାମ, ସ୍ୱାମୀ ରାମତୀର୍ଥ, ନିଗମାନନ୍ଦ, ବିବେକାନନ୍ଦ, ପ୍ରଣବାନନ୍ଦ ଆଦିଙ୍କ ଜୀବନୀ ପଢିଲା ବେଳେ ଏପରି ଜଣେ ଜଣେ ଦୁଃସାହସୀ ପରିବ୍ରାଜକଙ୍କ ଜୀବନୀ ପଢିଲା ପରି ଲାଗିଥାଏ । ବଛେନ୍ଦ୍ରୀ ପାଲଙ୍କ ଲିଖିତ "ଏଭରେଷ୍ଟ ମୋର ଶିଖରକୁ ଯାତ୍ରା" ଜଣେ ନାରୀର ଦୁଃସାହସ ଯାତ୍ରାର ବର୍ଣ୍ଣନା ।

୬. ପ୍ରଚାରଧର୍ମୀ ଭ୍ରମଣ ସାହିତ୍ୟ:

କୌଣସି ଅଳ୍ପଜ୍ଞାତ ବିଷୟକୁ, ଅଳ୍ପଜ୍ଞାତ ଜାଗାକୁ ବାରମ୍ବାର ସଚେତନ ଭାବେ ପ୍ରଚାର କରି ବହୁଲୋକଙ୍କ ପାଖରେ ପହଞ୍ଚାଇବା ଯୋଜନା ଯେବେ ସାହିତ୍ୟ ମାଧ୍ୟମରେ ହୋଇଥାଏ – ତାହା ପ୍ରଚାରଧର୍ମୀ ଭ୍ରମଣସାହିତ୍ୟ ହୋଇଥାଏ । କିଛି ଦଶନ୍ଧି ତଳେ, ଆମ ଓଡିଶାରେ ଅନ୍ତତଃ ବୈଷ୍ଣୋଦେବୀ, ଶିରିଡି ସାଇ, ଘଟଗାଁ ତାରିଣୀ ଆଦି ଏତେଟା ବିଖ୍ୟାତ ନଥିଲେ । ପ୍ରଚୁର ପ୍ରଚାର ଫଳରେ ସେସବୁ ଆଜି ବିଖ୍ୟାତ । କିଛି ଅନୁଷ୍ଠାନ ଖାସ୍ କରି ଏମିତି ପ୍ରଚାର କାମରେ କିଛି ସାହିତ୍ୟିକଙ୍କୁ ମଣ କରି ରଖିଥାନ୍ତି । ପାଶ୍ଚାତ୍ୟ ସାହିତ୍ୟରେ ଏହାର ବହୁଳ ଉଦାହରଣ ମିଳିଥାଏ । ଏକଥା ସତ ଯେ ଆଜି ଯାହା ଛଳେବଳେ ପ୍ରଚାର କରାଯିବ, କାଲି ବହୁଲୋକଙ୍କ ପାଇଁ ତାହା ସତ୍ୟରେ ପରିଣତ ହେବ । ପର୍ଯ୍ୟଟନ ବିଭାଗ ତରଫରୁ ବଣ୍ଟା

ଯାଉଥିବା କଛି ବ୍ରୋଚର ଛଡା ସେଭଳ ରୀତିମତ ପ୍ରଗ୍ୟରଧର୍ମୀ ଭ୍ରମଣ ସାହିତ୍ୟ ଓଡିଆରେ ନାହିଁ କହିଲେ ଚଳେ ।

୭. ତଥ୍ୟଧର୍ମୀ ଭ୍ରମଣ କାହାଣୀ:

ଏଠାରେ ସାହିତ୍ୟରେ ଅନୁଭୂତି, ଆବେଗ ଅପେକ୍ଷା ତଥ୍ୟ ଉପରେ ଗୁରୁତ୍ୱ ଦିଆଯାଇଥାଏ । ପରିବ୍ରାଜକ ଜଣକ ଉହ୍ୟ ରହିଥାନ୍ତି ଏବଂ ବିଭିନ୍ନ ତଥ୍ୟ ପରିବେଷଣ କରି ପାଠକଙ୍କୁ ଆଗକୁ ବାଟ କଢେଇ ନେଉଥାନ୍ତି । ଆଧୁନକ ଜୀବନରେ ତଥ୍ୟରେ ମଧ ପ୍ରଚଣ୍ଡ ଆବଶ୍ୟକତା ରହିଛି । ଏଥିରେ ଭୂଗୋଳ, ଇତିହାସ, ସାଂପ୍ରତିକ, ତଥ୍ୟ ଓ ପରିସଂଖ୍ୟାନ ଥାଏ, କନ୍ତୁ ଆବେଗ ପ୍ରବେଗ ନଥାଏ । ବୁଲି ବାହାରୁଥିବା ଲୋକମାନଙ୍କୁ ତଥା ଅନୁଭୂତିରୁ ଭ୍ରମଣ ଲେଖୁଥିବା ଲେଖକମାନଙ୍କୁ ଏସବୁ ତଥ୍ୟଭିତ୍ତିକ ବହି ଖୁବ୍ ସାହାଯ୍ୟ କରିଥାଏ । ଖଣ୍ଡ ଖୋଗ୍ୱେଦ ମିଶ୍ରଙ୍କ ପ୍ରକାଶିତ "ଭାରତ ଭ୍ରମଣ ସିରିଜ୍" ରେ ପାଖାପାଖି ତିରିଶି ଖଣ୍ଡ ଛୋଟ ଛୋଟ ବହି ବିଭିନ୍ନ ଲେଖକଙ୍କ ଦ୍ୱାର୍ ଲେଖାଯାଇଛି । ମୀନକେତନ ପାଠୀଙ୍କ "ନଇକେ ବାଙ୍କ୍", ଅଜୟ ସାହୁଙ୍କ ସଂଗୃହୀତ "ଆମ କୋରାପୁଟ", ଶକୁନ୍ତଳା ବଳଆର ସିଂଙ୍କ "ଭିନ୍ନ ମାଟି ଭିନ୍ନ ଆକାଶ", ଶାନ୍ତି ମହାପାତ୍ର (ବଳ) "ଭାରତ: ଦୃଶ୍ୟ ଦୃଶ୍ୟାନ୍ତର" ଓ "ସ୍ମୃତି ଅନୁଭୂତିରେ ଆମେରିକା", ସୁରେନ୍ଦ୍ର ନାୟକଙ୍କ "ପଦ୍ମାନଦୀର ଦେଶ", ହରିହର ପଣ୍ଡାଙ୍କ "ଅନ୍ତରଙ୍ଗ ଓଡିଶା ସିରିଜ୍" ଓଡିଆରେ ଅନୁଦୀତ "ଶ୍ରୀଲଙ୍କା", "ମରିସସ୍", "ଜାପାନ" ଆଦି ଏପରି ଆବେଗ ନଥିବା ତଥ୍ୟପୂର୍ଣ୍ଣ ବହି ।

୮. ନାରୀକେନ୍ଦ୍ରିକ ଭ୍ରମଣ ସାହିତ୍ୟ:

ଜଣେ ନାରୀର ଭାବଜଗତ, ଆବେଗ ଜଗତ, ମାନସମ୍ମାନ ଓ ରୁଚର ଜଗତ ଅଲଗା । ସଂସାରରେ କଛି ନାରୀସୁଲଭ ଅନୁଭୂତି ଥାଏ, ଦୃଷ୍ଟିକୋଣ ଥାଏ ଯାହାକ କୌଣସି ପୁରୁଷ ଲେଖକ କସ୍ମିନ କାଳେ ଅନୁଭବ କରିପାରେନାହିଁ । ନାରୀ ଜଣେ ଲେଖିଲା ବୋଲି ତାକୁ ନାରୀକେନ୍ଦ୍ରିକ ଲେଖା ବୋଲି କହିବାରେ କଛି ମାନେ ନଥାଏ । ଉଇଗ୍ରେପର ନାରୀବାଦ, ନାରୀ ସ୍ୱାଧୀନତା ଆମ ଓଡିଆ ଲେଖିକାଙ୍କ ନାରୀବାଦଠାରୁ ଢେର ଅଲଗା । ପ୍ରତିଭା ରାୟ ଏକା ବୁଲନ୍ତୁ ବା ପରିବାର ନେଇ ବୁଲନ୍ତୁ, ସର୍ବଦା କାଳ୍ପନକ ସ୍ତରରେ ଗୋଟିଏ ପରିବାର

ମଧ୍ୟରେ ଥାଇ ମାନ ସମ୍ମାନଙ୍କୁ ଜଗି ଯଥେଷ୍ଟ ସୁରକ୍ଷିତ ହୋଇ ଲେଖିଛନ୍ତି । ସେଥିରେ ମୁକ୍ତିବାଦର କଥା ଅଛି, କିନ୍ତୁ ଉଇମ୍ରେପଧର୍ମୀ ପୂର୍ଣ୍ଣ ଉନ୍ମୁକ୍ତବାଦ ନାହିଁ । ତାଙ୍କର ସାତଟି ଭ୍ରମଣ କାହାଣୀ ବିଶ୍ୱର ଭିନ୍ନ ଭିନ୍ନ ଭୂଖଣ୍ଡକୁ ନେଇ ପର୍ଯ୍ୟବସିତ । ସୁସ୍ମିତା ବାଗଚୀଙ୍କ "ଝରକା ସେ ପାଖର ପୃଥିବୀ" ମଧ୍ୟ ଗୋଟିଏ ନାରୀକୈନ୍ଦ୍ରିକ ଭ୍ରମଣ କାହାଣୀ ଯେଉଁଠି ନାରୀକୁ ନେଇ ଅନେକ ମୌଳିକ ଦୃଷ୍ଟିକୋଣର ଉତଥାପନ ହୋଇଛି । ଓଡିଆଣୀର ସଂଭ୍ରମକୁ ନେଇ ରଚିତ ସେସବୁ ସାହିତ୍ୟ ଆମ ପାଇଁ ଯଥେଷ୍ଟ ଗୌରବର ବିଷୟ ।

ଜଣେ ଓଡିଆ ଝିଅ ବୁଲି ବାହାରିବ ଏବଂ ତା ର ଯାବତୀୟ ବୃତ୍ତିଗତ, ସାମାଜିକ ଓ ପାରିବାରିକ ପରିଚିତିରୁ ମୁକ୍ତ ରହି ନିର୍ଭୟରେ, ନିର୍ବିକାର ଭାବେ ଭ୍ରମଣ କରି ତାକୁ ସାହିତ୍ୟ ଆକାରରେ ପ୍ରକାଶ କରିବ – ଏକଥା ଅନ୍ତତଃ ବର୍ତ୍ତମାନ ପାଇଁ ଓଡିଶାରେ ଆଶା କରିବା କଥା । ହୁଏତ ଆଗାମୀ ଦିନରେ କିଛି ହେବ । ତେବେ ଏମିତି କେଉଁ ନାରୀ ସୁଲଭ ବିଷୟ ଉପରେ ଲେଖିକା ଆଲୋକପାତ କରିଛନ୍ତି, ଯାହାକି ଅନ୍ୟ କୌଣସି ପୁରୁଷ ଲେଖି ପାରନ୍ତେ ନାହିଁ – ତାହାହିଁ ଅସଲ ପ୍ରଶ୍ନ । ସେ ଦୃଷ୍ଟିରୁ ହିରଣ୍ମୟୀ ମିଶ୍ରଙ୍କ "କେତେ ଦୂରେ ମୋର ପ୍ରିୟ ଦେଶ", ନାରୀବାଦ ଉପରେ ପ୍ରତିଷ୍ଠିତ ସାହିତ୍ୟ ନୁହେଁ ।

୯. ରମ୍ୟଚରନାଧର୍ମୀ ଭ୍ରମଣ ସାହିତ୍ୟ:

ଯେଉଁ ବିଷୟଟି ପଢିଲେ ଆନନ୍ଦ ଲାଗେ, ସେଥିରେ ତଥ୍ୟ, ଇତିହାସ, ଭୂଗୋଳ, ବ୍ୟକ୍ତିଗତ ଅନୁଭୂତି, ମତ, ନାଟକୀୟତା, ସୁଖଦୁଃଖ ଆଦି ସବୁ ଥାଏ ବା ସେସବୁର ଏକ ସୁସ୍ଥ ଆନୁପାତିକ ସମନ୍ୱୟ ଥାଏ- ସେସବୁକୁ ରମ୍ୟରଚନାଧର୍ମୀ ଭ୍ରମଣ ସାହିତ୍ୟ କୁହାଯାଏ । ଜ୍ଞାନ, ଗାମ୍ଭୀର୍ଯ୍ୟ, ଗଭୀରତା, ଯୁକ୍ତିନିଷ୍ଠତା, ତଥ୍ୟ ବହୁଳତା, ଏକଦେଶଦର୍ଶିତା, ଆଦର୍ଶବାଦିତା ବେଳେବେଳେ ପାଠକଙ୍କୁ ଭାରାକ୍ରାନ୍ତ କରିପକାଏ । ସେସବୁରୁ ମୁକ୍ତ ରହି ରମ୍ୟରଚନା ବିଶାଳ ପାଠକ ଗୋଷ୍ଠୀକୁ ଆକର୍ଷିତ କରିଥାଏ । ଓଡିଆରେ ଲେଖାଯାଇଥିବା ଏବଂ ଅନୁବାଦ କରାଯାଇଥିବା ସର୍ବାଧିକ ଭ୍ରମଣ କାହାଣୀ ଏହି ପର୍ଯ୍ୟାୟର ଲେଖା । କିଏ କୋଉଟାକୁ ଟିକିଏ ଅଧିକ ପ୍ରାଧାନ୍ୟ ଦେଇଥାଇ ପାରେ, କିନ୍ତୁ ମୂଳଭୂତ ଉଦ୍ଦେଶ୍ୟ ହେଉଛି ପାଠକଙ୍କୁ ମନ୍ତ୍ରମୁଗ୍ଧ କରି ନିଛକ ଆନନ୍ଦ ପ୍ରଦାନ କରିବା । ଓଡିଆ ଭ୍ରମଣ କାହାଣୀ କହିଲେ ମୂଳତଃ ଏହି ରମ୍ୟଚରନାଧର୍ମୀ ସାହିତ୍ୟକୁ ବୁଝାଇଥାଏ ।

ସୀତାକାନ୍ତ ମହାପାତ୍ରଙ୍କ "ଅନେକ ଶରତ", "କ୍ରେମ୍ବ୍ରିଜ୍ ସ୍ମୃତି", ଅନୀଲ ଦେ ଙ୍କ "ଅମୃତ ସନ୍ଧାନେ", "ଆନନ୍ଦ ସନ୍ଧାନେ", ମନୋଜ ଦାସଙ୍କ "ଦୂର ଦୂରାନ୍ତର", "ଅଦୂର ବିଦେଶ", "ଅନ୍ତରଙ୍ଗ ଭାରତ" ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ, ଗଣେଶ ମିଶ୍ରଙ୍କ "ସମୁଦ୍ର ସେପାଖେ", ଜଗନ୍ନାଥ ମହାନ୍ତିଙ୍କ "ପର୍ଯ୍ୟଟନ ପଥେ", ଲକ୍ଷ୍ମୀ ନାରାୟଣ ମହାନ୍ତୀଙ୍କ ଦ୍ୱାରା ଅନୂଦିତ ଦୁଇଟି ବହି ଯଥାକ୍ରମେ ଉମାପ୍ରସାଦ ମୁଖୋପାଧ୍ୟାୟଙ୍କ "ମଣିମହେଶ" ଓ ବିଭୂତି ଭୂଷଣ ବନ୍ଦୋପାଧ୍ୟାୟଙ୍କ "ବନଗ୍ଭରି", ସୁରେନ୍ଦ୍ର ମହାନ୍ତିଙ୍କ "ପେକିଂ ଡାଏରୀ", ଭୂପେନ ମହାପାତ୍ରଙ୍କ "ଅପୂର୍ବ ପୂର୍ବ", "ଉପତ୍ୟକାର ଉପକଥା", ଗୋକୁଳା ନନ୍ଦ ମହାପାତ୍ରଙ୍କ "ନୀଳଚକ୍ର ବାଳ ସେପାରେ", ଶାନ୍ତନୁ ଆଚାର୍ଯ୍ୟଙ୍କ "ମୋ ଆମେରିକା ଅନୁଭୂତି ଡାଏରୀ", ଅକ୍ଷୟ ମହାନ୍ତିଙ୍କ "ବା ବା ରେ ଆମେରୀକା", କଶୋରୀ ଚରଣ ଦାସଙ୍କ "କାନାଡା ଡାଏରୀ", ଭୁବନେଶ୍ୱର ବେହେରାଙ୍କ "ପଶ୍ଚିମ ଆଫ୍ରିକାରେ ଓଡିଆ ଢେଙ୍କି", ଶ୍ରୀହର୍ଷ ମିଶ୍ରଙ୍କ "ବିପୁଳାଚ ପୃଥ୍ୱୀ", ଦେବାଶିଷ ପାଣିଗ୍ରାହୀଙ୍କ "ପତ୍ର ଫାଙ୍କରେ ସୂର୍ଯ୍ୟ", ଗୋବିନ୍ଦ ଦାସଙ୍କ "ଦେଶେଦେଶେ", ଗୋଲକ ବିହାରୀ ଧଳଙ୍କ "ଗଙ୍ଗାରୁ ଗୋଦାବରୀ", ଶ୍ରିପତି ମିଶ୍ରଙ୍କ "ସିମଲ୍ ଯାତ୍ରା", ମହାପାତ୍ର ଯତୀନ୍ଦ୍ର କୁମାରଙ୍କ "ନର୍ମଦା- କନ୍ୟାକୁମାରୀ, ପ୍ରିୟବ୍ରତ ପାତ୍ରଙ୍କ "ଅନୁଭବୀର ଭାରତ", "ଆଭିଯାତ୍ରୀକ- ୧", "ଆଭିଯାତ୍ରୀକ- ୨, "ଭାରତ ଏକ ତୃଷ୍ଣା, ହରପ୍ରସାଦ ଦାସଙ୍କ "ଚହ୍ନା ଅଚହ୍ନା ଚୀନ", ହିରଣ୍ମୟୀ ମିଶ୍ରଙ୍କ "କେତେ ଦୂରେ ମୋ ପ୍ରିୟ ଦେଶ" ଆଦି ଏହି ପ୍ରକାରର ରମ୍ୟଚରନା ଧର୍ମୀ ଭ୍ରମଣ ସାହିତ୍ୟ ।

୧୦. ଡାଏରୀଧର୍ମୀ ଭ୍ରମଣ କାହାଣୀ:

ସବୁ ଭ୍ରମଣ କାହାଣୀ ଗୋଟିଏ ଗୋଟିଏ ଡାଏରୀ କହିଲେ ଅତ୍ୟୁକ୍ତି ହେବନାହିଁ । କନ୍ତୁ କଛି ଲେଖା ଚୁଚ୍ଛା ଡାଏରୀ ସ୍ତରରେ ରହିଯାଏ, ଆଉ କଛି ସୀମା ଅତିକ୍ରମ କରି ରମ୍ୟଚରନାଧର୍ମୀ, ଶିକ୍ଷାଧର୍ମୀ, ଗବେଷଣାଧର୍ମୀ, ଦୁଃସାହସଧର୍ମୀ ଆଦି ସ୍ତରକୁ ଉତ୍ତୀର୍ଣ୍ଣ ହୋଇଥାଏ ।

ବୁଲିଲାବେଳେ ଦୈନନ୍ଦିନ ଖବରକୁ ଡାଏରୀରେ ଟିପିଦେବା ଏକ ଭଲ ଅଭ୍ୟାସ । ଏହାଦ୍ୱାରା ଅନେକ ଛୋଟଛୋଟ ଆଗ୍ରହ ଉଦ୍ଦୀପକ ଘଟଣା ଓ ତଥ୍ୟ ଲିପିବଦ୍ଧ ହୋଇଯାଏ । ଲିପିବଦ୍ଧ ନହେଲେ, ସମୟକ୍ରମେ ସେସବୁ ବିସ୍ମୃତ ହେବା ସ୍ୱାଭାବିକ । ଲେଖୁଲେଖୁ ସେଥିରେ ଅନେକ

ବ୍ୟକ୍ତିଗତ, ପାରିବାରିକ କଥା ଲେଖି ହୋଇଯାଏ । କଛିଲୋକ "ଯାହା ଦେଖିଲି, ତାହା ଲେଖିଲି ନ୍ୟାୟରେ ଲେଖିଥାନ୍ତି । ଗୁଡାଏ ଆବୁରୁଜାବୁରୁ ଲେଖାରେ ଡାଏରୀ ଭର୍ତ୍ତି ହୋଇଯାଏ । ସାହିତ୍ୟର ରୂପ ଦେଇ ତାକୁ ପଠନଯୋଗ୍ୟ କଲାବେଳକୁ ସେଥିରେ ଏଡିଟିଂର ଆବଶ୍ୟକତା ଥାଏ । ଅନେକ କଛିକୁ ବାଦ୍ ଦେବାକୁ ପଡେ, ସଂକ୍ଷିପ୍ତ କରିବାକୁ ପଡେ, ତେବେଯାଇ ଲେଖା ସୁଖପାଠ୍ୟ ହୋଇଥାଏ । ଉଦାହରଣସ୍ୱରୂପ, ଅନେକ ଭାବପ୍ରବଣତାରେ ଲେଖିପକାନ୍ତି – ଟ୍ରେନ୍ କେତେବେଳେ ଛାଡିଲା, ବାଟରେ କେତୋଟି ଇଡିଲି ଖାଇଲି, ସ୍ୱାଗତ ପାଇଁ ଆସିଥିବା ଝିଅ ଜ୍ୱାଇଁ କୋଉ ରଙ୍ଗର ପୋଷାକ ପିନ୍ଧିଥିଲେ, ଲଜ୍ ବାଲା ଭଡା କେତେ ନେଲା ଇତ୍ୟାଦି । ସେସବୁର ବିସ୍ତୀର୍ଣ୍ଣ ବିବରଣୀ ଶୁଣି ପାଠକ ବିରକ୍ତ ହୋଇଯାଏ, ମୁହଁ ଫେରେଇନଏ ।

ଡାଏରୀ ଟିପା ହୋଇଥିଲେ, ଲେଖକ ଯେବେ ବି ସମୟ ପାଏ, ତାକୁ ଆଧାର କରି ଅନ୍ତତଃ କଛି ଲେଖିବାକୁ ସକ୍ଷମ ହୋଇଥାଏ । କନ୍ତୁ ଅନେକ ଅନାବଶ୍ୟକ ବର୍ଣ୍ଣନା, ଅତିରଞ୍ଜନ, ଗୁରୁତ୍ୱହୀନ ତଥ୍ୟ ଆଦିକୁ ବାଦ୍ ଦେଇ ବିଷୟର ସଂକ୍ଷିପ୍ତକରଣ ଅତ୍ୟନ୍ତ ଜରୁରୀ । ଏଭଳି କଛି ବିଖ୍ୟାତ ରୂପାନ୍ତରୀତ ଡାଏରୀଧର୍ମୀ ଭ୍ରମଣ କାହାଣୀ ହେଲେ, ମୀନକେତନ ପାଠୀଙ୍କ "ନଇକେ ବାଙ୍କ୍", ଜଗନ୍ନାଥ ମହାନ୍ତିଙ୍କ "ଭ୍ରମଣ ପଥେ", ଅଶ୍ୱିନୀ କୁମାର ମିଶ୍ରଙ୍କ "ଦୂରେ ସୁଦୂରେ", ପ୍ରତିଭା ରାୟଙ୍କ "ଫିନଲାଣ୍ଡରୁ ଡେନମାର୍କ" ଓ "ସ୍ୱପ୍ନର ଆଲାସ୍କା", ବିଦ୍ୟୁତ୍ ମହାନ୍ତିଙ୍କ "ଗଲି ଅଇଲି", "ଭ୍ରମଣରୁ କାହାଣୀ, ଶାନ୍ତନୁ ଆଗ୍ରୟଙ୍କ "ମୋ ଆମେରିକା ଅନୁଭୂତି ଡାଏରୀ", ମହାପାତ୍ର ଯତୀନ୍ଦ୍ର କୁମାରଙ୍କ "ନର୍ମଦା କନ୍ୟାକୁମାରୀ", ହିରଣ୍ମୟୀ ମିଶ୍ରଙ୍କ "କେତେ ଦୂରେ ମୋ ପ୍ରିୟ ଦେଶ" ଇତ୍ୟାଦି ।

ଅସଲ କଥା ହେଉଛି, ଗଣିତ ଭଳି ସାହିତ୍ୟକୁ ଗାର ପକେଇ ଭାଗ ଭାଗ କରାଯାଇ ପାରେନା । କାରଣ ସବୁକଥା ସବୁ ବିଭାଗରେ ଅଳ୍ପେବହୁତେ ଥାଏ । ତଥାପି ବିଭାଗୀକରଣ କରିବା ଦାୟରେ ଏପରି କହିବାକୁ ପଡିଥାଏ । ଓଡିଆର ଭ୍ରମଣ କାହାଣୀ ଭଳି ଏକ ବିସ୍ତୀର୍ଣ୍ଣ ଓ ବିବିଧବର୍ଣ୍ଣା ପ୍ରାନ୍ତରକୁ ଯିବା ପୂର୍ବରୁ ଜଣେ ପାଠକଙ୍କୁ ଏହା କଛି ମାତ୍ରାରେ ସାହାଯ୍ୟ କରିଥାଏ ।

ଭାରତୀୟ ଜୀବନ ବୀମା ନଗମ, କୋରାପୁଟ, ଓଡିଶା

# ବେତାଳ



ଜୀତେନ୍ଦ୍ରିୟ ବେହେରା

କୋଉ ଛାର କଥାରେ
ମନଟିକୁ ଭାଙ୍ଗି ଦେଲୁ ଯେ
ଦୂରେଇବାକୁ ପଡିଲା ତତେ
ଅବେଳରେ ମତେ ବି ।

କେତେ କେତେ ଅପନ୍ତରା ଗାଇଜରେ
ମତେ ଖୋଜିଲୁ
ମୁଁ ତ ତୋ ପିଠିରେ ନାଉ ହେଇ
ବୁଲୁଥିଲି ସହର ସାରା ।
କେତେଥର ମତେ ଖୋଜିଲୁ
କୋଉ ବେଶ୍ୟାପଡାରେ
କାଳେ ଫସି ଯାଇଥିବି
କୋଉ ବେଶ୍ୟାର ସୁନ୍ଦର ଉଲଗ୍ନ
ଦେହର ମୋହରେ ।

ପୁଣି ଖୋଜିଲୁ
ଯେହେତୁ ମୁଁ ଅଭାବି
ବ୍ୟୂହ ରଚନା କରୁଥିବି
ସହରର କୋଉ ଗଳି ଅନ୍ଧାରରେ
ଲୁଟତରାଜ କରିବାର ଅଦମ୍ୟ ଇଚ୍ଛାରେ ।

ଯେହେତୁ ମୁଁ ତରୁଣ
ମତେ ବି ଖୋଜିଲୁ
କେତେବେଳେ କେମିତି
କ୍ରାନ୍ତିକାରୀ କୋଉ କୋଉ ବିପ୍ଳବୀ ଗୋଷ୍ଠୀରେ
କାଳେ ମୁଁ ହଜିଯିବି
ମୁକ୍ତିର ଲେଲିହାନ ଗଣସଂଗ୍ରାମରେ ।

ସେଥିକରେ ସରିଲାନ ଖୋଜା ତୋର
ଯେହେତୁ ମୋର ସଂସାର ଅଛି
ପତ୍ନୀ ଅଛି ପୁଅ ଝିଅ ବାପ ମାଆ ସମସ୍ତେ ଅଛନ୍ତି
ସେଠିବି ଖୋଜିଲୁ ।
ମୁଁ ସବୁ ଦେଖୁଥାଏ ବେତାଳ ପରି
ନାଉ ହୋଇ ତୋ ସଂଜୁଆ ପିଠିରେ ।

ଥକଗଲୁ ତୁ ।
ନିରାଶା ଆସିଲା ମନରେ ।
ମୋହ ଆସିଲା ସଂସାର ପ୍ରତି ।
ଏବେ ଖୋଜିବା ଛାଡି ଭାବିଲୁ
ଫେରି ଯିବୁ ହଜିଯିବୁ
ସଂସାର ଭିତରେ ।

ଏଇଠି ମୁଁ ଅଟକ ଗଲି
ଯେହେତୁ ମୁଁ ବେତାଳ
ମୋର ସ୍ଥାନ ନାହିଁ ସଂସାର କ ସହରେ ।

ମୁଁ ଏଥର ଫେରି ଯାଉଛି
ମୋ ଆସ୍ଥାନ ପର୍ବ ଜଙ୍ଗଲର
ସେଇ ନିଘଞ୍ଚ ଅନ୍ଧାରେ ।

ତଥାପି ତୋ ଖୋଜା କଣ ସରିବ ।
ତୁ ନିଶ୍ଚୟ ଖୋଜି ହେବୁ
କାଳେ ପାଇଯିବୁ ମତେ କୋଉ ଅନ୍ଧାରରେ
ପାପର କୋଳରେ
କୋଉ ବେଶ୍ୟାର ଦେହର ଦାହରେ
କମ୍ବା ମୋ ସଂସାରର ଦୁଃଖିନୀ ବୃକ୍ଷରେ ।

ମୁଁ କଣ କୋଉଠି ଥିବି ।
ଥରେ ଦର୍ପଣ ଆଗରେ ଛିଡା ହୋଇ ଦେଖିବୁ
ମୁଁ ଦୋଳ ଖେଳୁଥିବି
ତୋ ଆଖିରେ ଝୁଲୁଥିବା
ଦୁଇ ଟୋପା ଲୁହର ସାଥିରେ ।

ଡଭ୍ୱର, ବାମନାଳ, ଗୋପ, ପୁରୀ

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ନଖୋଜ ନରଞ୍ଜନା



ରାଜୀବ ଗୋପାଳ ସ୍ୱାଇଁ

ସଂକ୍ଷିପ୍ତ ପରିଚୟ: ରାଜୀବ ଗୋପାଳ ସ୍ୱାଇଁ
ଠିକଣା: ମାତୃକୁଟୀର, କୁରୁଣ୍ଟି, ମେରାମଣ୍ଡଳୀ, ଢେଙ୍କାନାଳ- ୭୫୯୧୨୧
ସମ୍ମାନ :୨୦୦୪ ଭୁବନେଶ୍ୱର ପୁସ୍ତକ ମେଳା( ରବି ପଟ୍ଟନାୟକ ଗଳ୍ପ ସମ୍ମାନ) , ଶ୍ରେଷ୍ଠ ଗଳ୍ପ- ୨୦୦୯ ଗଳ୍ପପାଠୋତ୍ସବ, ଢେଙ୍କାନାଳ ଜିଲ୍ଲା ଲେଖକ ସଂସଦ ଓ ଭାରତୀୟ ଜନସଞ୍ଚାର ସଂସ୍ଥାନ, ଢେଙ୍କାନାଳ
ପ୍ରକାଶିତ ପୁସ୍ତକ: ସତ ସ୍ୱପ୍ନ ର ରାତି( ଗଳ୍ପ ସଂକଳନ) , ସାଗର ପକ୍ଷୀ ( କବିତା ସଂକଳନ)

ଶଙ୍ଖନାଦ ଙ୍କ ପାଦତଳ ର ପୃଥିବୀ ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ପଡୁଥିଲା । ଆଖିରେ ଆଖିଏ ଲୁହ । ମନ ଭିତରେ ଯନ୍ତ୍ରଣାର ବାଦଲ ଫାଟି ମନ କୁ କରୁଥାଏ କ୍ଷତାକ୍ତ । ଅସହଣୀ ଶବ୍ଦ ମାନେ କାନ କୁ ବଧୀର କରି ଦେଉଥାନ୍ତି । ସମ୍ଭାବନା ର ସୂର୍ଯ୍ୟ ସଂପୂର୍ଣ୍ଣ ଅସ୍ତମିତ ହେବାପରେ ଅତୀତର ମଧୁର ମୂହୁର୍ତ୍ତମାନେ ଚଳଚ୍ଚିତ୍ର ପରି ଆଗପଛ ଦୌଡୁଥାନ୍ତି । ଶଙ୍ଖନାଦ ପିଲାମାନଙ୍କୁ କଣ ବୋଲି ଉତ୍ତର ଦେବେ ? ପିଲାମାନେ ଆଉ ସାନ ହୋଇ ନାହାନ୍ତି । ପୁଅ କୁ ଅଠର ଓ ଝିଅ କୁ କୋଡିଏ ହେଲାଣି । ଦୁହେଁ ପାଠ ପଢାରେ ଯେମିତି ଆଗୁଆ ଠିକ ସେମିତି ଭାବରେ ବ୍ୟବହାରରେ ଉତ୍ତମ । ବର୍ଷ ବର୍ଷ ଧରି ଗୋଟେ ସୁନ୍ଦର ପରିବାର ର ପ୍ରଭାବ ରେ ପ୍ରଭାବିତ ହେଲା ପରେ ପିଲାମାନେ ଏପରି ହେବା ସ୍ୱାଭାବିକ । ଶଙ୍ଖନାଦ ତାଙ୍କ ଜୀବନରେ ଯେଉଁ କେତୋଟି ସମୟ କୁ ମହତ୍ୱପୂର୍ଣ୍ଣ ଉପଲବ୍ଧି ବୋଲି ବିବେଚନା କରନ୍ତି, ସେଥିମଧ୍ୟରୁ ନରଞ୍ଜନା ସହିତ ବିବାହ ବି ଅନ୍ୟତମ ।

ନରଞ୍ଜନା ସର୍ବଗୁଣ ସମ୍ପର୍ଣ୍ଣା । ତାଙ୍କ ପରି ସ୍ତ୍ରୀ ଟିଏ ପାଇ ଯେ'କେହି ବି ଗର୍ବ ଅନୁଭବ କରିପାରେ। ଆଉ ସେ' ବି କରୁଥିଲେ । ନରଞ୍ଜନା ଙ୍କ ସହିତ ଶଙ୍ଖନାଦ ଙ୍କ ବାହାଘର, ମଧ୍ୟସ୍ଥି ମାଧ୍ୟମରେ ହେଲେ ବି ବାହାଘର ପରେ ଦୁହେଁ ଦୁହିଁ ଙ୍କୁ ପ୍ରେମ କରିବାକୁ ଆରମ୍ଭ

କରିଥିଲେ । ଏହା ବାଧ୍ୟ ବାଧକତା ର ପ୍ରେମ ନଥିଲା । ସତେ ଯେମିତି ଦୁହେଁ ଦୁହିଁଙ୍କ ର ପରିପୂରକ ଥିଲେ । ଜଣେ ଆଉ ଜଣଙ୍କ ପାଇଁ ତିଆରି ବୋଲି ନୀରବ ଅନୁଭବ ଟିଏ ଅଙ୍କୁରିତ ହେଉଥିଲା ମନରେ ।

ଆଃ !! ସେଦିନ ର ସ୍ମୃତି ଗୁଡିକ ସତରେ କଣ ଭୁଲି ହେବ ?

ମାତ୍ର କୋଡିଏ ବର୍ଷ ବୟସରେ ନିରଞ୍ଜନା ଙ୍କ ହାତ ଧରିଥିଲେ ଶଙ୍ଖନାଦ । ଉଚ୍ଚ ଶିକ୍ଷାରେ ମନ ରଖିଥିବା ନିରଞ୍ଜନା ଙ୍କ ପାଇଁ ପରବର୍ତ୍ତୀ ବିଦ୍ୟା ଆହରଣ ରେ କୌଣସି ଅସୁବିଧା ହେବ ନାହିଁ ବୋଲି ନିର୍ଭର ପ୍ରତିଶ୍ରୁତି ମିଳିବା ପରେ ହୋଇଥିଲା ବାହାଘର । ବସ୍ତୁତଃ ଶଙ୍ଖନାଦ ଙ୍କ ଉଚ୍ଚ ଶିକ୍ଷିତ ପରିବାର ପାଇଁ ନିରଞ୍ଜନା ଙ୍କ ଏହି ସର୍ତ୍ତ ଏକ ପ୍ରକାର ର ଆନ୍ତରୀଣ ଆବେଦନ ଟିଏ ଥିଲା, ଯାହା କୁ କି ସଂପୂର୍ଣ୍ଣ ପରିବାର ଗ୍ରହୁଁ ଥିଲା । ତାହାର ମୁଖ୍ୟ କାରଣ ଥିଲା ଶଙ୍ଖନାଦଙ୍କ ପରି ରିସର୍ଚ୍ଚ କାର୍ଯ୍ୟ ରେ ବ୍ୟସ୍ତ ରହୁଥିବା ମଣିଷ ଟିଏ ର ଜୀବନସାଥି ହେଉଥିବା ଯୁବତୀ ଜଣକ ଉଚ୍ଚ ଶିକ୍ଷିତ ତଥା ମାର୍ଜିତ ହେବା ଯେମିତି ଗୋଟେ ଜରୁରୀ ଆବଶ୍ୟକତା ଥିଲା, ଠିକ ସେହିପରି ଭାବରେ ଗୃହିଣୀ ଟିଏ ହୋଇ ସେ ଘର ର ସମସ୍ତ ଦାୟିତ୍ତ୍ୱ କୁ ସମ୍ଭାଳିବା ମଧ୍ୟ ଥିଲା ଗୋଟେ ଅକୁହା ନିବେଦନ ।

ଶଙ୍ଖନାଦ ଙ୍କର ଦୂର ଗୃକରି ସ୍ଥଳ ରେ ଏ'ସମସ୍ତ ଆବଶ୍ୟକତା କୁ ପୂରଣ କରିଥିଲେ ନିରଞ୍ଜନା । ନିଜର ଚତୁରତା ଓ ଜ୍ଞାନ ବଳରେ ସେ ସମସ୍ତ ଙ୍କର କେବଳ ଯେ ମନ ଜିଣି ପାରିଥିଲେ ତା'ନୁହଁ, ସେ ମଧ୍ୟ ଉଚ୍ଚତର ଅଧ୍ୟୟନ ରେ ପାରଦର୍ଶିତା ଲାଭ କରିପାରିଥିଲେ। ଶଙ୍ଖନାଦ ଓ ନିରଞ୍ଜନା ଙ୍କର କେମିଷ୍ଟ୍ରି ଅନ୍ୟମାନ ଙ୍କ ପାଇଁ ପାଲଟିଥିଲା ଉଦାହରଣ ।

ଘରର ସମସ୍ତ ଦାୟିତ୍ୱ ବହନ କରି ନିରଞ୍ଜନା ନିଜ ମନ ମୁତାବକ ଉଚ୍ଚ ଶିକ୍ଷା ଲାଭ କରିପାରିଥିଲେ । ତାହାରି ଭିତରେ ସେମାନଙ୍କର କୋଳ ମଣ୍ଡନ କରି ଝିଅ ସଙ୍ଘମିତ୍ରା ଓ ପୁଅ ସୌମିତ୍ର ପଛକୁ ପଛ ଦୁଇଟି ବର୍ଷ ବ୍ୟବଧାନ ରେ ଆସିଥିଲେ । ପିଲାମାନଙ୍କ ର ଲାଳନ ପାଳନ, ସାମାଜିକ ସମ୍ପର୍କ, ପାରସ୍ପରିକ ସ୍ନେହ ଓ ସୌହାର୍ଦ୍ଦ୍ୟ ଇତ୍ୟାଦି ଭିତରେ ନିରଞ୍ଜନା ଓ ଶଙ୍ଖନାଦ ଙ୍କୁ ବିତିଯାଉଥିବା ସମୟ ପାଣିସୁଅ ପରି ଜଣାପଡିନଥିଲା । ପିଲାମାନେ ସ୍କୁଲ ଯିବା ଆରମ୍ଭ କରିସାରିଥିଲେ ଆଉ ଘରଟାରେ କ୍ରମଶଃ ଏକା ହୋଇ

ପଢୁଥିଲେ ନିରଞ୍ଜନା । ଏପରି ଏକ ପରିବର୍ତ୍ତିତ ସମୟ ତାଙ୍କ ପରିବାର ପାଇଁ ଭିନ୍ନ ଏକ ସାଗ୍ଂଶ ନେଇ ଆସିଥିଲା ଆଉ ତାହା ଥିଲା ସୁଗୃହିଣୀ ରୁ କର୍ମଜୀବୀ ମହିଳା ରୂପେ ନିରଞ୍ଜନା ଙ୍କ ରୂପାନ୍ତର ।

ନିରଞ୍ଜନା ଙ୍କ ପରିବର୍ତ୍ତିତ ପରିଭୂଷା ସେପରି କୌଣସି ପାରିବାରିକ ପରିବର୍ତ୍ତନ କୁ ଜନ୍ମ ଦେଇ ନଥିଲା । ପୂର୍ବାପେକ୍ଷା ତାଙ୍କର ପରିବାର ଭିତରେ ମାନବିକ ମୂଲ୍ୟବୋଧ ପରସ୍ପର ପ୍ରତି ଆଦର ତଥା ଭଲପାଇବା ଅନେକାଂଶ ରେ ବଢିଥିଲା ସିନା ମୋଟ ରୁ କମ ହୋଇନଥିଲା । ଏପରି ଭାବରେ ସଙ୍ଘମିତ୍ରା ଓ ସୌମିତ୍ର ସଫଳତା ର ସହିତ ଗୋଟିଏ ପରେ ଗୋଟିଏ ସୋପାନ ଅତିକ୍ରମ କରିଚାଲୁଥିଲେ । ଏଣେ ନବୀନ ଶିକ୍ଷା ନବୀଶ ଙ୍କ ପରି ନିରଞ୍ଜନା ଙ୍କ ର କାର୍ଯ୍ୟ କ୍ଷେତ୍ର ର ସଫଳତା ଶଙ୍ଖନାଦ ଙ୍କୁ ଅବିଭୂତ କରି ତୋଳୁଥାଏ । ମନେ ମନେ ସେ ନିରଞ୍ଜନା ଙ୍କୁ ନେଇ ଗର୍ବ ଅନୁଭବ କରୁଥାନ୍ତି । ନିଜ ବ୍ୟକ୍ତିତ୍ବର ବିକାଶ, ନିଜ ପିଲାମାନଙ୍କ ପ୍ରତି ସ୍ନେହ, ପତ୍ନୀ ରୂପେ ନିଜ ସ୍ୱାମୀଙ୍କ ପ୍ରତି ଅନୁରକ୍ତି ବିଭିନ୍ନ ସାମାଜିକ ସମ୍ପର୍କରେ ସହଭାଗିତା ଇତ୍ୟାଦି କେଉଁଥିରେ ବି କେବେ ଦିନେ ଶଙ୍ଖନାଦ ନିରଞ୍ଜନା ଙ୍କ ର କାର୍ପଣ୍ୟ ଓ ଉଦାସୀନତା ଲକ୍ଷ କରିନାହାନ୍ତି । ହେଲେ ସେ ଆଜି ଭାବିବାକୁ ବାଧ ହେଉଛନ୍ତି......... କଣ ସେ ଘଟଣା ଯାହା ପାଇଁ ନିରଞ୍ଜନା ଏମିତି ସବୁ କରିପାରିଲେ ?

ନିରଞ୍ଜନା ଯେପରି ଭାବରେ ଦେଖି ଆସିଥିଲେ ଅନୁରୂପ ଭାବରେ ସମଗ୍ର ପରିବାର, ବନ୍ଧୁ ମହଲ ତଥା ପରିଚିତମାନେ ତାଙ୍କ ପ୍ରତି ଅଜାଡ଼ି ଭଲ ପାଇବା ଅଜାଡି ଦେଇଥିଲେ । ପିଲାମାନେ ଥିଲେ ମାଆ ଙ୍କ ଆଦର୍ଶ ରେ ଅନୁପ୍ରାଣିତ ତଥା ତାଙ୍କର ନିରବ ଅନୁଗାମୀ । ସ୍ୱାମୀ ହିସାବରେ ଶଙ୍ଖନାଦ ସେମାନଙ୍କର ସ୍ୱାମୀ- ସ୍ତ୍ରୀ ର ସମ୍ପର୍କ କୁ ଚକୋର- ଚକୋରୀ ରୂପେ ଅଭିହିତ କରୁଥିଲେ, ଶାଶୁ- ଶ୍ୱଶୁର ଙ୍କ ହିସାବରେ ଶଙ୍ଖନାଦଙ୍କ ମାଆ ବାପା ନିରଞ୍ଜନା ଙ୍କୁ ଲକ୍ଷ୍ମୀ ପ୍ରତିମା ଭଳି ଉତ୍ତମ ଆଭୂଷଣ ପ୍ରଦାନ କରିଥିଲେ । ଆତ୍ମୀୟ ସ୍ୱଜନ ଓ ବନ୍ଧୁବାନ୍ଧବରେ ସେ ଥିଲେ ସୁଗୃହିଣୀ ତଥା ଈର୍ଷା ର ପାତ୍ରୀ ।

ହଠାତ ଦିନେ ନିରଞ୍ଜନା ପୁରୁଣା କାର ଟିଏ କିଣି ଘରକୁ ନେଇ ଆସିଥିଲା ବେଳେ ଘରେ ସମସ୍ତଙ୍କର ଭ୍ରୁକୁଞ୍ଚନ ସୃଷ୍ଟି ହୋଇଥିଲା । ଆଉ ଗୋଟେ ଗାଡି ତା' ପୁଣି ପୁରୁଣା, ତା'ର କଣ

ଆବଶ୍ୟକତା ଥିଲା ବୋଲି ନିରଞ୍ଜନାଙ୍କୁ ପ୍ରଶ୍ନ କରିଥିଲେ ଶଙ୍ଖନାଦ । ହସି ହସି ନିରଞ୍ଜନା ଉତ୍ତର ଦେଇଥିଲେ – ଆମ ସମସ୍ତଙ୍କର ଗନ୍ତବ୍ୟ ସ୍ଥଳ ଅଲଗା ଅଲଗା ସେଥିଲାଗି ଦୁଇଟା ଗାଡି ଦରକାର ନୁହେଁ କି ? ନୂଆ ଗାଡି ଅପେକ୍ଷା ଏଇ ପୁରୁଣା ଗାଡି ର ଦାମ ଯଥେଷ୍ଟ କମ ଥିବାରୁ କିଣିଦେଇ ତମ ସମସ୍ତଙ୍କୁ ସରପ୍ରାଇଜ ଦେବି ବୋଲି ଭାବିଥିଲି ।

ସେଦିନ ର ସେ ଘଟଣା ହୁଏତ ନିରଞ୍ଜନା ଙ୍କ ଯୁକ୍ତି ପରେ ପରିସମାପ୍ତି ଲାଭ କରିଥିଲା । ଶଙ୍ଖନାଦ ଙ୍କ ହୃଦୟ ବହୁଦିନ ପର୍ଯ୍ୟନ୍ତ କଥାଟି କୁ ଗ୍ରହଣ କରିପାରିଲା ନାହିଁ । କଣ୍ଟା ପରି ଏହା କ୍ଷତାକ୍ତ କରିଥିଲା ଶଙ୍ଖନାଦ ଙ୍କ ମନ । ନିରଞ୍ଜନା ଙ୍କ ହଠାତ ଏପରି ଏକ ନିଷ୍ପତିରେ ବ୍ୟଥିତ ଥାଇ ଏହାର ଯଥାର୍ଥ କାରଣ ଖୋଜି ନପାଇବା ତାଙ୍କ ପାଇଁ ଥିଲା ଏକ ବିରାଟ ପ୍ରଶ୍ନବାଚୀ । ଏ'ବିଷୟରେ ନିରଞ୍ଜନା ଙ୍କୁ ଅଧିକ କିଛି ନପଚାରିବାକୁ ଶଙ୍ଖନାଦ ନେଇଥିଲେ ସିଦ୍ଧାନ୍ତ।

ବାସ, ଏହାର ଠିକ ଦୁଇ ମାସ ପରେ ଏକ ଭୟାବହ ଦୁଃସମ୍ବାଦ କୁ ସାମ୍ନା କରିଥିଲା ତାଙ୍କ ପରିବାର । ନିରଞ୍ଜନା ଙ୍କ ସବୁଦିନିଆ ଗତାନୁଗତିକ ପାଦ ଘରକୁ ଆଉ ଲେଉଟା ହୋଇଥିଲା । ବିଳମ୍ବିତ ରାତି ଭିତରେ ବିବ୍ରତ ମନ ଓ ଆହେତୁକ ଅଶୁଭ ଆଶଙ୍କା ମାନ ଶଙ୍ଖନାଦ, ସଙ୍ଘମିତ୍ରା ଓ ସୌମିତ୍ର ଙ୍କୁ ଆବୋରି ପାକାଉ ଥାଏ । ବିଭିନ୍ନ ପରିଚିତ ମାନଙ୍କ ପାଖକୁ ଫୋନ କରି ସେମାନେ ନିରାଶ ହୋଇ ସାରିଥାନ୍ତି, ଅନ୍ୟଥା ନାଚାର ହୋଇ ପାଖ ପୋଲିସ ଷ୍ଟେସନ ରେ ନିରଞ୍ଜନା ଙ୍କ ନିଖୋଜ ହେବା ଖବର ଲିଖିତ ଭାବରେ ଜଣାଇଥିଲେ।

ତାର ଠିକ ପର ଦିନ ନିରଞ୍ଜନା ଙ୍କ ମୋବାଇଲ ନମ୍ବର ରୁ ଏକ କଲ ପାଇଲେ ଶଙ୍ଖନାଦ । ମୋବାଇଲ ଉଠାଇବା ବେଳେ ତାଙ୍କର ହୃତସ୍ପନ୍ଦନ ବଢିବାକୁ ଲାଗିଥାଏ । ମନ ଭିତରେ ଅନେକ ପ୍ରକାରର ଦୁଃଶ୍ଚିନ୍ତା ଚକ୍ରପରି ରୂପ ଗ୍ରହଣ କରୁଥାନ୍ତି । ସେ ଫୋନ ଅନ କଲେ । ଅପର ପଟରୁ ଏକ ପୁରୁଷ କଣ୍ଠ ସ୍ୱର ଶୁଣାଗଲା- ଶଙ୍ଖନାଦ କହୁଛନ୍ତି କି ?

ଶଙ୍ଖନାଦ ନିରଞ୍ଜନା ଙ୍କ ଫୋନ ରୁ ଗୋଟେ ପୁରୁଷ କଣ୍ଠ ଶୁଣି ଚମକ ପଡିବା ଅବସରରେ ଦ୍ୱିବିଧାର ସହିତ ଉତ୍ତର ଦେଲେ – ହଁ ହଁ ମୁଁ ଶଙ୍ଖନାଦ କହୁଛି। ହେଲେ ଆପଣ କିଏ କହୁଛନ୍ତି ? ୟେତ ନିରଞ୍ଜନା ଙ୍କ ଫୋନ ନମ୍ବର ! ଆପଣ ଙ୍କ ହାତ କୁ କେମିତି ଆସିଲା ?

- ହଁ ! ଆମେ ତାହାହିଁ ସନ୍ଦେହ କରୁଥିଲୁ ! ମୁଁ ପୋଲିସ ଇନସ୍ପେକ୍ଟର ଜୀମୂତ ବର୍ମନ କହୁଛି । ଆପଣ ସିଟି ବାଇପାସ ରୋଡ ଦେଇ ଜାଆଁଳା ପାହାଡ ର ବୁଢୀ ଘାଟି ତେରକଣା ମୋଡ ନକଟ ରେ ପହଞ୍ଚନ୍ତୁ । ସବୁକଥା ଫୋନ ରେ ଜଣାଇ ହେବ ନାହିଁ ।

ଶଙ୍ଖନାଦ ବୋଧହୁଏ ଅଧିକ କଛି ପଗ୍ଚରିବାକୁ ଗ୍ଚହୁଁ ଥିଲେ ଯେପରିକ୍ ନରଞ୍ଜନାଙ୍କ ମୋବାଇଲ ଆପଣ ଙ୍କ ପାଖକୁ କେମିତି ଆସିଲ୍, ସେଠି କଣ ଘଟିଛି, ନରଞ୍ଜନା ଠିକ ଅଛନ୍ତି ତ ଇତ୍ୟାଦି ଇତ୍ୟାଦି ! ଆଉରୀ ଅନେକ ପ୍ରଶ୍ନ କନ୍ତୁ ସେତେବେଳ କୁ ଇନସ୍ପେକ୍ଟର ଫୋନ କାଟି ସାରିଥିଲେ । ଅଗତ୍ୟା ଶଙ୍ଖନାଦ ପିଲ୍ ଦୁଇଜଣ ଙ୍କ ସହିତ ଜାଆଁଳା ପାହାଡ ଉଦ୍ଦେଶ୍ୟ ରେ ଘରୁ ଗୋଡ କାଢିଲେ ।

ମନ ସାଗରରେ ଅନେକ ଭ୍ବନା ର ବଡ ବଡ ଉତ୍ତାଳ ତରଙ୍ଗ । ପ୍ରାପ୍ତ ସମ୍ବାଦ ଅନୁସାରେ ସଠିକ ଠିକଣା ରେ ପହଞ୍ଚିବାର ବ୍ୟଗ୍ରତା, ଅନାଗତ ର ଅପେକ୍ଷା ଠାରୁ ଢେର ଅଧିକ । ଗାଡି ର ଗତି ଠାରୁ ଅଧିକ ବେଗ ରେ ଧାବମାନ ଚନ୍ତାଶକ୍ତି ସମସ୍ତଙ୍କୁ କରିଥାଏ ବାକ ଶକ୍ତିହୀନ, କେହି କାହା ସହିତ କଥା ହେଉନଥାନ୍ତି । ନରଞ୍ଜନା ଙ୍କ ସବୁ ଭଲ ଭିତରେ ଗୋଟିଏ ଖରାପ କଥା ପ୍ରବଳ ଭ୍ବରେ ଦୁଖ ଦେଉଥାଏ, ଆଉ ତାହାହେଲ୍ ନରଞ୍ଜନା, ତାଙ୍କ ନଜ ଇଚ୍ଛାରେ ପୁରୁଣା ଗାଡି ଖଣ୍ଡେ କଣି ଚଳେଇବା । ଯଦି ସେମିତି କଛି ଅଘଟଣ ଘଟିଥାଏ ତେବେ ସେମାନେ ନଜକୁ ତଥା ନରଞ୍ଜନା ଙ୍କୁ କେବେ ହେଲେ ବି କ୍ଷମା କରିପାରିବେ ନହିଁ ।

ଯାଆଁଳା ପାହାଡ ବୁଢୀ ଘାଟି ର ତେରକଣା ମୋଡ ।

ସହର ର ସବୁଠୁ ସୁନ୍ଦର ଓ ବିପଦଜନକ ସ୍ଥାନ । ଦୂର ଦୂର ପର୍ଯ୍ୟନ୍ତ ଗାଢ ସବୁଜିମା ଆଉ ଅନ୍ୟ ପାଖରେ କଂକ୍ରିଟ ର ଜଙ୍ଗଲ । ଗୋଟିଏ ପାଖରେ ଟୁରିଜିମ ବିଭ୍ଗ ଦ୍ୱାର୍ ବ୍ୟାରିକେଡ କର୍ଯାଇ ଆପେକ୍ସ ପଏଣ୍ଟ ବୋଲି ଲେଖାଯାଇଛି, ଯାହାକ ପ୍ରାୟତଃ ଲ୍ଭର୍ସ ପଏଣ୍ଟ ନାମରେ କ୍ଷାତ । ସାଇଡ ରେ ସାବଧାନ ରହିବାକୁ ଚେତାବନୀ ଦେଉଛି ସୁଦୃଶ୍ୟ ସାଇନ ବୋର୍ଡ । ଭିଡ କମାଇବା ପାଇଁ ଏଠାରେ ପାହାଡ କାଟି ଗ୍ଚରିଲେନ ର ଗ୍ସ୍ତା ଆଉ ପାର୍କିଂ ପାଇଁ ସ୍ଥାନ ତିଆରି କର୍ଯାଇଛି । ଗୋଟେ ପଟେ ଟୁରିଜିମ ବିଭ୍ଗ ପ୍ରଦତ୍ତ ଛୋଟ ଗୋଟେ ରେଷ୍ଟୁର୍ଣ୍ଟ।

ରହୁଥିବା ଯାତ୍ରୀ ମାନଙ୍କ ପାଇଁ ଏହା ହେଲା ଟୁରିଜିମ ବିଭାଗ ର ସ୍ୱତନ୍ତ୍ର ବ୍ୟବସ୍ଥା। ତେବେ ଏହି ମୋଡ ର ଅପର ପାର୍ଶ୍ୱରେ ଦେବୀ 'ବାୟାଣୀ' ଙ୍କ ମନ୍ଦିର । ଠିକ ରାସ୍ତା ପାଖକୁ ଲାଗି ରହିଥିବା ଏଇ ମନ୍ଦିର ର ଦେବୀ ଙ୍କ ପାଖରେ ସବୁ ଯାତ୍ରୀ ଭୋଗ ଲଗାନ୍ତି, ବିଶ୍ୱାସ ଅଛି ଦେବୀମା ତାଙ୍କ ଭକ୍ତ ମାନଙ୍କୁ ନିରାପଦ ରେ ଘାଟି ପାର କରିଦେଇଥାନ୍ତି । ସେହି ମନ୍ଦିର ପାଖରେ ତିନି ଚାରିଗୋଟି ଭୋଗ ଦୋକାନ, ପିଇବା ପାଣିର ବନ୍ଦୋବସ୍ତ ତଥା ଟଏଲେଟ ର ସୁବିଧା ମନ୍ଦିର ତରଫ ରୁ କରାଯାଇଛି । ଏପରି ଗୋଟେ ସ୍ଥାନ ଯାହାକି ସହର ଠୁଁ ଦୂର ଆଉ ତା'ସହିତ ନିରଞ୍ଜନା ଙ୍କର ବିଲକୁଲ ସମ୍ପର୍କ ନାହିଁ ସେଠି ନିରଞ୍ଜନା କଣ କରୁଥିଲେ? ତାହା ପୁଣି ଘର ଲୋକଙ୍କ ଅଜ୍ଞାତରେ.....!!

ଶଙ୍ଖନାଦ ପାର୍କିଂ ପ୍ଲେସ ରେ ଗାଡିରଖି, ଓହ୍ଲାଇ ପଡିବା ଅବସରରେ ପୁଅ କୁ ଗାଡି ଲକ କରିବାକୁ କହି ଚାରିଦିଗ କୁ ଆଖି ବୁଲାଇ ନେଲେ। କିଛି ହେଲେ ବି ଅସ୍ୱାଭାବିକତା ଦୃଷ୍ଟିଗୋଚର ହେଉନଥାଏ । ନିରଞ୍ଜନା ଙ୍କ ମୋବାଇଲ୍ କୁ ଫୋନ ଲାଗାଇବା ବେଳେ ଅପର ପଟ ରୁ ସେହି ପୁରୁଷ କଣ୍ଠସ୍ୱର ଭାସି ଆସିଲା- ଆପଣ ପହଞ୍ଚିଲେଣି କି ?

- ହଁ ହଁ !! ହେଲେ ଆପଣ କେଉଁଠି ?

- ଆପଣ ଗାଡି କୁ ସେଇଠି ପାର୍କିଂ କରି ମା ବାୟାଣୀ ଙ୍କ ମନ୍ଦିର ଡେଇଁ ଆଗକୁ ଶହେ ମିଟର ଆସନ୍ତୁ, ଆମେ ସେଇଠି ଅପେକ୍ଷା କରିଛୁ ?

ତର ତର ରେ ଶଙ୍ଖନାଦ ଆଗକୁ ପାଦ ବଢାଇଲେ । ପଛେ ପଛେ ତ୍ରସ୍ତ ଶଙ୍କାଗ୍ରସ୍ତ ସନ୍ତାନ ଦ୍ୱୟ । ମନ୍ଦିର ପାଖରେ ନମ୍ରତା ର ସହିତ ମା ବାୟାଣୀ ଙ୍କ ଉଦ୍ଦେଶ୍ୟରେ ହାତ ଦୁଇଟି ଯୋଡି ହୋଇଗଲା । ପ୍ରାର୍ଥନା ର ପ୍ରଥମ ସ୍ତବକ ଥିଲା ନିରଞ୍ଜନା ସର୍ବ କୁଶଳ ରେ ଥାନ୍ତୁ ।

ଚାଲି ଚାଲି ପ୍ରାୟ ଦେଢଶହ ମିଟର ଅତିକ୍ରମ କଲାପରେ ରାସ୍ତା କଡରେ ପୋଲିସ ଗାଡିଟିଏ ନଜର ଭିତର କୁ ଆସିଲା, ଯାହାକୁ ଘେରିରହିଥିଲେ ଚାରି ପାଞ୍ଚ ଜଣ ପୋଲିସ କର୍ମଚାରୀ । ସେଇ ପାଖରେ ପିଲା ମାନଙ୍କ ସହ ପହଞ୍ଚିଲେ ଶଙ୍ଖନାଦ।

ଉପସ୍ଥିତ ପୋଲିସ ଅଫିସର ଜଣକ ଶଙ୍ଖନାଦ ଙ୍କୁ ପାଖରେ ଦେଖି ପଚାରିଲେ- ଆପଣ କଣ ଶଙ୍ଖନାଦ ବାବୁ ? ନିରବରେ ସମ୍ମତି ସୂଚକ ମୁଣ୍ଡ ହଲାଇଲେ ଶଙ୍ଖନାଦ ।

କରମର୍ଦ୍ଦନ ର ପର୍ବ ଶେଷ ହେବାପରେ ଅଫିସର ଜଣକ ଇଶାରା କରିବାରୁ ପୁଟୁଳି ରେ ବନ୍ଧା ଯାଇଥିବା କିଛି ଜିନିଷ କୁ ଖୋଲି ଧରିଲେ ଜଣେ କନେଷ୍ଟବଳ ।

ପିଲା ଦୁଇଟା କାନ୍ଦି ଉଠିଲେ । ପୁଟୁଳିରେ ଥିବା ଓଢଣି, ଚପଲ, ହାତ ଘଣ୍ଟା , ଭ୍ୟାନେଟି, ଚଷମା, ନାମାଙ୍କିତ ଗୁରିରିଙ୍ଗ ଇତ୍ୟାଦି ନିରଞ୍ଜନା ଙ୍କ ଅସ୍ତିତ୍ଵ କୁ ଜାହିର କରୁଥାଏ । ଅଫିସର ପକେଟ ରୁ ବାହାର କରି ଯେଉଁ ଭଙ୍ଗା ମୋବାଇଲ ଟିକୁ ଦେଖାଇଲେ ତାହା ମଧ୍ୟ ନିରଞ୍ଜନା ଙ୍କର ଥିଲା । ବସ୍ତୁତଃ ନିରଞ୍ଜନା ଙ୍କ ଦ୍ଵାରା ବ୍ୟବହୃତ ଜିନିଷ ସବୁକୁ ପୋଲିସ କଷ୍ଟୋଡି କୁ ନେଇଥିଲା ।

- ଆପଣ ଏ' ସବୁ ପାଇଲେ କେଉଁଠୁ, ଏ'ସବୁ ତ ନିରଞ୍ଜନାଙ୍କ... ?
- ହଁ ... ଆମେ ସେମିତି ହିଁ କିଛି ସନ୍ଦେହ କରୁଥିଲୁ ।
- ହେଲେ ନିରଞ୍ଜନା କେଉଁଠି ?

ଶଙ୍ଖନାଦ ଙ୍କ ବ୍ୟଗ୍ରତା ଦେଖି ପୋଲିସ ଅଫିସର ବି ବ୍ୟଥିତ ହୋଇପଡିଲେ । ପିଲା ଦୁହେଁ ଫୁଲି ଫୁଲି କରି କାନ୍ଦି ଚାଲଥାନ୍ତି । ଏ' ପରିସ୍ଥିତି ରେ ବେଶିକିଛି ବୁଝାଇବା ଟା ବି ଅବୁଝା ମଣିଷ ପଣିଆ ପରି ବୋଧ ହେଉଥାଏ । ରାସ୍ତା ଅତିକ୍ରମଣ କରି ଯେଉଁଠି ହଜାର ହଜାର ଫୁଟ ର ଖାଇ ଥାଏ ଠିକ ସେଇଠାରେ ଅଟକି ଗଲେ ଅଫିସର । ଆଉ ସେମାନଙ୍କୁ ଇଙ୍ଗିତରେ ତଳକୁ ଦେଖିବାକୁ କହିଲେ ।

ଏକାବେଳେ ସମସ୍ତଙ୍କ ଦୃଷ୍ଟି ତଳକୁ ଟାଣି ହୋଇଗଲା । ପ୍ରାୟ ଦେଢ ହଜାର ଫୁଟ ତଳେ, ଏହା ବୃହତ୍କାୟ ଗଛ ଦିହରେ ଲଟକିଛି ଗୋଟେ କାର । ଠିକ କିଛି ଦିନ ତଳେ ନିରଞ୍ଜନା କିଣିଥିବା ଗାଡି ପରି ରଙ୍ଗ ।

- କାର ନମ୍ବର ଟି ଆପଣ ପୋଲିସ ଷ୍ଟେସନ ରେ ଦେଇଥିବା ନମ୍ବର ସହିତ ମ୍ୟାଚ କରୁଛି। ଗାଡି ରୁ ମିଳଥିବା ଜିନଷ ସବୁକୁ ଆପଣ ଏବେ ଚହ୍ନଟ ବି କରିସାରିଛନ୍ତି । ହେଲେ ଦୁଃଖର କଥା ଗାଡି ଭିତରୁ କୌଣସି ସନ୍ଧାନ ମିଳପାରିଲା ନାହିଁ । ସବୁଠାରୁ ବଡ ପ୍ରଶ୍ନବାଚୀ ହେଉଛି ଏପରି ଏକ ଜନପ୍ରିୟ ସ୍ଥାନରେ ଘଟଣା ଘଟିଥିଲେ ବି, ଏ'ସମ୍ବନ୍ଧ ରେ କାହା ପାଖରୁ କୌଣସି ସୂଚନା ପାଇ ପାରିନାହୁଁ । ନରଞ୍ଜନା ଏପରି ଏକ ସ୍ଥାନକୁ ଆସିବା ଯେତିକ ସନ୍ଦେହ ଜନକ ତାହାଠୁ ଅଧିକ ସନ୍ଦେହ ଉଦ୍ରେକକାରୀ କଥାଟି ହେଲା, ତାଙ୍କ ନଖୋଜ ହେବା । ତଥାପି ଆମ ମାନଙ୍କ ଅନୁସନ୍ଧାନ ଜାରି ରହିଛି । ଆମେ ଶୀଘ୍ରାତି ଶୀଘ୍ର କଛି ସୂତ୍ର ପାଇଯିବୁ ବୋଲି ଆଶା ରଖିଛୁ । ଆପଣ ଆଶା ହରାନ୍ତୁ ନାହିଁ, ଧୈର୍ଯ୍ୟ ରଖନ୍ତୁ ।

ପୋଲିସ ଅଫିସର ନଜ ଫୋନ ନମ୍ବର ଦେଇ ଯୋଗା ଯୋଗ ରେ ରହିବା ପାଇଁ କହିଲେ ଏବଂ କଛି ସଦ୍ୟତମ ସୂଚନା ମିଳଲେ ଜଣାଇବେ ବୋଲି ପ୍ରତିଶ୍ରୁତି ଦେଲେ ।

ପୋଲିସ ଅଫିସର ଜୀମୂତ ବର୍ମନ ଙ୍କ ଏ'ସବୁ କଥା ଭିତରେ ମ୍ରିୟମାଣ ହୋଇପଡିଥିବା ଶଙ୍ଖନାଦ ଘଟଣା ସ୍ଥଳ ରେ ଲଥ କରି ବସିପଡିଲେ । ଆଖିରୁ ତାଙ୍କର ଝରିପଡିଲା କେଇଟୋପା ଲୁହ । ନୟତିର କ୍ରୁର ପରିହାସ ଭିତରେ ନଜର ଭାଗ୍ୟ କୁ ସେ ନନ୍ଦା କରିବାକୁ ଲାଗିଥିଲେ । ନରଞ୍ଜନାଙ୍କ ସହିତ ପ୍ରକୃତରେ କଣ ଯେ, ଘଟିଥିବ କଏ କହିପାରିବ ?

ସବୁ ମହଲ ରେ ନରଞ୍ଜନାଙ୍କ ଗୁଣଗାନ । ସେମିତି କେହି ଶତ୍ରୁ ଥିଲା ଭଳ ଶଙ୍ଖନାଦ ଶୁଣିନାହାନ୍ତି । ତେବେ କଏ ସେଇ ଅଜଣା ବ୍ୟକ୍ତି ଯିଏ ତାଙ୍କ ଜୀବନ ରୁ ଛଡାଇ ନେଇଛି ସବୁଯାକ ସୁଖ ? କଏ କହିପାରିବ ସତ କଣ, ଆଉ ନରଞ୍ଜନା କେମିତି ଅଛନ୍ତି ବୋଲି ? ଏତେ ତଳକୁ ଖାଇ ଭିତରେ ଖସିପଡିଥିବା ଗାଡି ଭିତରେ ନରଞ୍ଜନା ନାହାନ୍ତି । ନରଞ୍ଜନା ଜୀବିତ ତ ? ଦୁର୍ଘଟଣା ବେଳେ ଗାଡିରୁ ଛିଟିକ ପଡି ସେ ଜଙ୍ଗଲ ଭିତରେ କୌଣସି ହିଂସ୍ର ଜୀବ ର ଶିକାର ହୋଇନାହାନ୍ତି ତ ?

ଆହା କେତେ ସୁନ୍ଦର ଶରୀର, କେଡେ ମାନଲୋଭା ହସ, କି ଚମତ୍କାର ବ୍ୟକ୍ତିତ୍ୱ, ତାହା ଆଉ ଦେଖିବା କୁ ପାଇବ ନାହିଁ ଏ'ଆଖି , ଅନୁଭବ କରିବ ନାହିଁ ନିରଞ୍ଜନାଙ୍କ ମନଜିଣା ଅସ୍ତିତ୍ୱ । ଏତେ ବଡ ଆକାଶ ତଳେ ଶଙ୍ଖନାଦ ଏକାକୀ, ନିଃସଙ୍ଗ । ଅଜଣା ଆତତାୟୀ ର ଶିକାର ପାଲଟିଥିବା ତାଙ୍କ ଯୋଡିଦାର ବିହଙ୍ଗମ ଶିକାର ହେବା ପରେ ଅଜ୍ଞାତ ସ୍ଥାନରେ ପତିତ । ତାଙ୍କ ବିନା କେମିତି କଟିବ ଜୀବନ ? କେମିତି ଚାଲିବ ତାଙ୍କ ସଂସାର ? ଏମିତି ଗୋଟେ ଦିନ ଆସିବ ବୋଲି ସେ କାହିଁ କେବେ ବି ତ ଭାବିନାହାନ୍ତି !! ନିରଞ୍ଜନାଙ୍କ ବିନା କିଛି ହେଲେ ବି ଆଗକୁ ଚିନ୍ତା କରିପାରିନାହାନ୍ତି ଶଙ୍ଖନାଦ । ଏବେ କେବଳ ଆଉ କେବଳ ନିସ୍ତବ୍ଧତା ରେ ଭରା ତାଙ୍କ ପୃଥିବୀ ।

xxxxxxxxx

ସେଠାରୁ ଫେରିବା ପରେ ଅନେକ ଦିନ ବିତି ଗଲାଣି । ପିଲାମାନଙ୍କ ଯତ୍ନ ପାଇଁ ଶଙ୍ଖନାଦ ଙ୍କ ମାଆ ସାମୟିକ ଭାବେ ତାଙ୍କ ପାଖରେ ଅବସ୍ଥାନ କରି ପରିସ୍ଥିତି କୁ ସୁଧାରୀ ନେଇଛନ୍ତି, ଯଦିଓ ତାଙ୍କର ବୟସାଧିକ ହୋଇସାରିଛି । ଏବେ ଅସହଣି ଶୂନ୍ୟତା ସତ୍ତ୍ୱେ ଜୀବନ ର ମୂହୁର୍ତ୍ତ ଗୁଡାକ ନିରବ ରେ ବିତି ଚାଲିଥାନ୍ତି । ଶଙ୍ଖନାଦ ଙ୍କ ପାଇଁ କଠିନ ହେଲେ ବି ପିଲାଙ୍କର ଭବିଷ୍ୟତ ର ଚିନ୍ତା ନେଇ ଜୀବନ କୁ ଏକାକୀ କାଟିବା କୁ ପଡିବ ବୋଲି ନିଜ କୁ ବୁଝାଇବା କୁ ଆରମ୍ଭ କଲେଣି । ଅସ୍ୱାଭାବିକ ଭାବରେ ସ୍ୱାଭାବିକ ଆଡକୁ ଗତିକରୁଥାଏ ସମୟ । ହେଲେ ତାହା ପୁଣି ଥରେ ଯେ, ଏମିତି ଚହଲିଯାଇ ତାଙ୍କୁ କ୍ଲୀବ କରି ତୋଳିବ ତାହା କିଏ ଜାଣିଥିଲା । କାହିଁ କି ନା କେଜାଣି ତାଙ୍କ ପାଇଁ ଏହାଥିଲା ବେଶୀ କଷ୍ଟକର । ନିରଞ୍ଜନାଙ୍କ ସ୍ମୃତି ନେଇ ବଞ୍ଚୁଥିବା ହୃଦୟ ଟା ଏ'କଥା ସହ ଆଦୌ ସହମତ କି ସହଜ ହୋଇସିନା ପାରୁନଥିଲା, ହେଲେ ବିଶ୍ୱାସ ର ଚଉହଦି ରୁ ଦୂର କୁ ପଳାଇ ଯାଇଥିବା ସମ୍ଭାବନା ଏବେ ଅବିଶ୍ୱାସ ମାୟାଜାଲରୁ ମୁକୁଳି ପାରିବା ଏତେ ସହଜ ନଥିଲା । ଶଙ୍ଖନାଦ ଏ' ଅବିସମ୍ଭାବିତ ସତ୍ୟ ର ଶ୍ରବଣ ମାତ୍ରେ ଅଧିକ ଅବଶ ଓ ଅସହାୟ ବୋଲି ଅନୁଭବ କରିଥିଲେ । ଏପରି ଗୋଟେ ସତ୍ୟ, ଯାହାକୁ ସେ କାହା ଆଗରେ ପ୍ରକାଶ କରିପାରିବେ ନାହିଁ । ନିଜ ସନ୍ତାନ, ବାପା- ମାଆ, ଆତ୍ମୀୟ- ସ୍ୱଜନ କି ସମାଜ ଆଗରେ ଏ ସତ୍ୟ ର

ଅସ୍ତିତ୍ୱ ତାଙ୍କ ସଂପୂର୍ଣ୍ଣ ଜୀବନ କୁ ଏକ ନିରର୍ଥକ ନୈରାଶ ରେ ନିଶ୍ଚୟ ଢାଙ୍କି ଦେବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ । ତେଣୁ ଏପରି ସତ୍ୟ ର ଆତ୍ମପ୍ରକାଶ ଠାରୁ ଏହାର ଚିର କବର ଏକ ମାତ୍ର ଶ୍ରେୟସ୍କର ପନ୍ଥା ବୋଲି ଭାବି ସାରିଥିଲେ ।

ଶଙ୍ଖନାଦ ଘଟଣା ବିଷୟରେ ସଠିକ ନିଷ୍ପତି ନେବା କୁ ନେଇ ପୋଲିସ ର କ୍ରାଇମବ୍ରାଞ୍ଚ ଅଫିସର ଙ୍କୁ ଜଣାଇବା ନିମନ୍ତେ କୁହାଯାଇଥିଲା । ନିର୍ଦ୍ଦିଷ୍ଟ ଭାବରେ ଘଟଣା ର ଅନୁସନ୍ଧାନ କରିଥିବା ଅଫିସର ଅତୁଲ୍ୟ ବାବୁ ସୁସ୍ଥ ଓ ଧୀର ମନରେ ଘଟଣା ର ଭୂତ ଭବିଷ୍ୟତ ଜନିତ ପ୍ରଭାବ ଆକଳନ କରି ନିଷ୍ପତି ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ, ତଥା ସମସ୍ତ ପ୍ରକାରର ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଥିଲେ ।

ଶଙ୍ଖନାଦ ବାବୁ ମନକୁ ଦୃଢ କଲେ । ମନରୁ ପୋଛି ହୋଇଗଲା ଅତୀତ । ଏବେ ଖାଲି ବର୍ତ୍ତମାନ ର ଆବର୍ତ୍ତ ଭିତରେ ଶଙ୍ଖନାଦ ଙ୍କ ମନ । ଭବିଷ୍ୟତ ତାଙ୍କର ଅନାଗତ, ଅଦୃଶ୍ୟ। ସେଥିପାଇଁ ଚିନ୍ତିତ ହେବା ନିଷ୍ପ୍ରୟୋଜନ । ସ୍ମୃତି ଖାଲି ସ୍ମୃତି ଟିଏ, ହୁଏତ କେବେ କେମିତି ତାଙ୍କୁ ଉଲ୍ଲସିତ କି ବିଭୋର କରିଦେଇ ପରେ । ସେ ହୋଇବି ପାରନ୍ତି ଦୁଃଖିତ । ଲୁହଝରି ପାରେ ଆଖିରୁ, ହେଲେ ସେ ଭାଙ୍ଗି ପଡିବେନାହିଁ । ସତ୍ୟ ର ନିଷ୍ଠୁରତା ସେମିତି ଦବି ରହିବ ତାଙ୍କ ହୃଦୟରେ । ସେ ନିଶ୍ଚୟ କରିସାରିଥିଲେ, ନିଖୋଜ ନିରଞ୍ଜନାଙ୍କ ଫାଇଲ କୁ ସବୁଦିନ ପାଇଁ ବନ୍ଦ କରିଦେବା ପାଇଁ, ଆଉ ତାଙ୍କ ଉଦ୍ଦେଶ୍ୟ କୁ କ୍ରାଇମ ବ୍ରାଞ୍ଚ ଅଫିସର ଅତୁଲ୍ୟ ବାବୁ ଙ୍କୁ କହିବେ ବୋଲି। ସମସ୍ତଙ୍କ ଭଲ ପାଇଁ ଘଟଣା ର ଗୋପନୀୟତା ନିମନ୍ତେ ଅନୁରୋଧ କରିବେ ଏବଂ ମଣିଷପଣିଆ ର ଦ୍ୱାହିଦେଇ ଏଥିପାଇଁ ନିର୍ଭର ପ୍ରତିଶ୍ରୁତି ଟିଏ କାମନା କରିବେ ତାଙ୍କଠାରୁ । ଶଙ୍ଖନାଦ ଙ୍କ ବିଶ୍ୱାସ ଅତୁଲ୍ୟ ବାବୁ ତାଙ୍କ କଥା ରଖିବେ । ନିଚେତ ନିଷ୍ପତି ଗ୍ରହଣ କରିବା ପାଇଁ ଅତୁଲ୍ୟ ବାବୁ ଶଙ୍ଖନାଦ ଙ୍କୁ ସୁଯୋଗ ଟିଏ ଦେଇନଥାନ୍ତେ ଯେତେବେଳେ କି ସେ' ନିଜେ ଅର୍ଥାତ ଅତୁଲ୍ୟ ବାବୁ ହିଁ ନିଷ୍ପତି ଗ୍ରହଣ କରିବାର ଅଧିକାରୀ ।

ଘରୁ ଗଡି ସାରିଥିଲା ଗାଡି । ଘରେ ସେ କହିଆସିଥିଲେ ଫେରିବାରେ ବିଳମ୍ବ ହୋଇପାରେ। କିଛି ଗୋଟେ ପୁରୁଣା ଗମ୍ଭୀର ଫାଇଲ କୁ ସବୁଦିନ ପାଇଁ ବନ୍ଦ କରିବାକୁ ହେବ । ଆଉ

ତାହାହିଁ ବିଳମ୍ବ ର କାରଣ । ରାସ୍ତାରେ ଗାଡି ଚଳେଇବା ଅବସର ରେ ଅତୁଲ୍ୟବାବୁ ଙ୍କ ସହିତ ତାଙ୍କର ଘଟିଥିବା କଥୋପକଥନ ସବୁ ଶଙ୍ଖନାଦଙ୍କର କର୍ଣ୍ଣଗହ୍ୱର ରେ ଅନୁରଣିତ ହେଉଥିଲା - - -

ନିରଞ୍ଜନାଙ୍କୁ ଆମେ ଠାବ କରିପାରିଛୁ । ହେଲେ ସେ ତାଙ୍କ ଅତୀତ କୁ ଭୁଲି ସାରିଛନ୍ତି । ପ୍ରକୃତରେ କହିଲେ ଭୁଲିଯିବାକୁ ଚାହାନ୍ତି । ଚର୍ ଚରିତ ଦୁନଆଁ ରୁ ଏହା ତାଙ୍କର ଇଚ୍ଛାକୃତ ବିଦାୟ । କିଛି ମାସ ଆଗରୁ ସେ ସୋସିଆଲ ମିଡିଆ ଜରିଆରେ ଜଣେ ସମଭାବାପନ୍ନ ଯୁବକଙ୍କୁ ଆଶ୍ଚର୍ଯ୍ୟ ଜଣକ ଭାବେ ଭଲପାଇ ବସନ୍ତି । ଯାହାଙ୍କ ବୟସ ତାଙ୍କ ଝିଅ ର ବୟସ ଠାରୁ ମାତ୍ର ସାତ ବର୍ଷ ଅଧିକ । ତାଙ୍କ ପାଇଁ ଏ'ହେଲା ଦ୍ୱିତୀୟ ପ୍ରେମ, ଆଉ ତାହା ବେଶ ଦୋଦୁଲ୍ୟମାନ ସ୍ଥିତି ସୃଷ୍ଟି କରିଛି ତଥା ତାଙ୍କୁ ଦୋଛକ ରେ ଛିଡା କରିଦେଇଛି । ସେ ଚେଷ୍ଟା କରିବି  ସେଥିରୁ ମୁକୁଳ ପାରୁନାହାନ୍ତି । ଘର ପରିବାର ର ନୂତନତ୍ୱହୀନ ଚଳମାନ ସମୟ ତାଙ୍କୁ ଅନେକ ପଥଭ୍ରଷ୍ଟଙ୍କ ପରି ଅନ୍ୟ ଏକ ଚଲାପଥରେ ଚାଲିବାକୁ ଅନୁପ୍ରେରିତ କରୁଛି । ଏ ଭିତରେ ସେ ଯୁବକ ଙ୍କ ଘରକୁ ଯାଇଛନ୍ତି । ଯୁବକ ଯାହାଙ୍କ ନାମ ସଞ୍ଜୟ, ସେଠି ତାଙ୍କୁ  ନିରଞ୍ଜନା ପ୍ରତିବଦଳରେ ସୁରଞ୍ଜନା ବୋଲି ପରିଚୟ ପ୍ରଦାନ କରିଛନ୍ତି । ଏପରି ଏକ ସମ୍ପର୍କ କୁ ନେଇ ନିରଞ୍ଜନା ବେଶ ଆଶାବାଦୀ ଓ ରୋମାଞ୍ଚିତ ହୋଇପଡିଛନ୍ତି । ଯାହାର ଅସ୍ତିତ୍ୱର ପରିକଳ୍ପନା ମାତ୍ରେ ବିଭୋର ହୋଇଉଠୁଛି ମନ । ସ୍ପନ୍ଦନ ର ତୀବ୍ରତା ସୁଚାଇଦେଉଛି ଆନନ୍ଦର ସୀମାତିକ୍ରମଣ । ପଛ କଥାରେ ଥିବା ସୁନ୍ଦରତା ଅପେକ୍ଷା ଏବର ପରିସ୍ଥିତି ତାଙ୍କୁ ସଂପୂର୍ଣ୍ଣ ରୂପେ ଆତ୍ମନିୟନ୍ତ୍ରିତ କରିରଖିଛି । ତେଣୁ ପଛ କଥା କୁ ଭୁଲି ନଗଲେ ସେ ଏ ନୂତନ ଅନୁଭବ କୁ ସାଉଣ୍ଟି ପାରିବେ ନାହିଁ । ସେଥିପାଇଁ ସେ ଓ ସଞ୍ଜୟ ମିଳିତ ଭାବରେ ସେଦିନ ର ନିରଞ୍ଜନା ଙ୍କୁ ମାରିଦେଇଛନ୍ତି ।

କେବେ ଦିନେ ତ ନିରଞ୍ଜନା ମରିଥାନ୍ତା !!

ଏପରି ଅନୁଭବ କୁ ପାଇବା ପାଇଁ ବ୍ୟାକୁଳ ହେବାବେଳେ ପ୍ରତିମୁହୂର୍ତ୍ତ ରେ ମରି ମରି ବଞ୍ଚିବା ଅପେକ୍ଷା, ଥରୁଟିଏ ମରି ଏ'ବିଚିତ୍ର ଅନୁଭବକୁ ସାଉଣ୍ଟି ନେବା ପାଇଁ ଅଧିକ ପସନ୍ଦ କରିଛନ୍ତି ନିରଞ୍ଜନା । କାରଣ ମଣିଷ ଜୀବନ ପରେଯେ, ଆଉ ଗୋଟେ ଜୀବନ ଅଛି,

ପୁନର୍ଜନ୍ମ ଅଛି ତାହା ତାଙ୍କର ବିଶ୍ୱାସରେ ନାହିଁ । ତାଙ୍କୁ ଯାହା କଛି ବି ହରେଇବାକୁ ଓ ପାଇବାକୁ ହେବ ତାହା ଏଇ ଜନ୍ମରେ କରିବାକୁ ପଡିବ । ସାମାଜିକ ଜୀବନ ବି ଜଟିଳ, ଏଥିରେ ଏଇ ଜଟିଳତା କୁ କେହି ନର୍କ ବୋଲି ବି କହିପାରେ କନ୍ତୁ ସେଥିପ୍ରତି ତାଙ୍କର ଭୃକ୍ଷେପ ନାହିଁ । ସେ ଜାଣିଥିଲେ ଏପରି ସମ୍ପର୍କ ଓ ମାନସିକ ଉତ୍ତରଣ କ ଅଧୋପତନ କୁ ଏ' ଧର୍ମବନ୍ଧା ସାମାଜିକ ନୟମ ଆଦୌ ଗ୍ରହଣ କରିବନାହିଁ । ପଛରେ ରହି ଏ'ସମ୍ପର୍କ ବଢିଲେ ସମାଜ ତାଙ୍କୁ ବ୍ୟଭିଚାରିଣୀ, ଦୋଚାରୁଣୀ ର ଆଖ୍ୟା ଦେବ । ପତିପତ୍ନୀ ର ସମ୍ପର୍କ ଭିତରେ ଭଙ୍ଗା ପଡିବ । କେବେଦିନେ ସେମାନେ ମିଳତ ଭାବରେ ସ୍ୱପ୍ନଟିଏ ଦେଖି ଭଲ ପାଇବା ର ଯେଉଁ ନୀଡ ଟିଏ ତିଆରିଥିଲେ, ତାହା ଏ' ଝଡ ଆଗରେ ତିଷ୍ଠିନପାରି ନଷ୍ଟନୀଡ ରେ ରୂପାନ୍ତର ହେବ ସେ'କେମିତି ସହ୍ୟ କରିପାରିବେ ? ସ୍ନେହମୟୀ ମାଆ ଟିଏ ତାର ସନ୍ତାନ ମାନଙ୍କୁ ଅନ୍ତଫାଡି ଜନ୍ମ ଦେଇଛି, ସେମାନଙ୍କୁ ଲାଳନ ପାଳନ କରି ଏତିକିଟିଏ ରୁ ଏତୁଟିଏ କରିଛି, ସେମାନଙ୍କ ଭଲ ମନ୍ଦ ରେ ତରଳଛି ଏ ମନ ହୃଦୟ, ଦେହ । କ ରାତି କ ଦିନ ସତର୍କ ଆଖିନେଇ ପ୍ରତିମୁହୂର୍ତ୍ତ ବଞ୍ଚିଛି ଏ ମାଆ ର ମମତା । ସେହି ସ୍ନେହ, ସେହି ଆବେଗ, ଆଜି କଣ ସୁରଞ୍ଜନା ର ରୂପାନ୍ତରଣ ରେ ପୁନଃ ସ୍ଥାପନ ହୋଇପାରିବ ? ରାଶି ରାଶି ସ୍ୱପ୍ନ ମାନଙ୍କୁ ନେଇ ଯେଉଁ ଆପଣାର ନୀଡ ଟି ତିଆରିଥିଲା ଏ'ହାତ ଆଉ ସେହି ହାତ ରେ ହାତ ଛନ୍ଦି ଯେଉଁ ମଣିଷ ଟି ସହ ଆହ୍ଲାଦିତ ହୋଇଥିଲା ଗଭୀର ଭଲ ପାଇବା, ତା'କଣ ନରଞ୍ଜନା ର ଛଳନା ଓ ମିଛ ଅଭିନୟ ଭିତରେ ସତେଜ, ସୁନ୍ଦର ରହିପାରିବ ? ନରଞ୍ଜନା ଜାଣେ ଯେ, ସେ'ଚରମ ସ୍ୱାର୍ଥପର ପାଲଟି ଯାଇଛି ଶଙ୍ଖନାଦ ଙ୍କୁ ଏକାକୀ କରି ଯିବାର ଭାବନା ପାଇଁ ପ୍ରଭୁ ତାକୁ କେବେ ବି କ୍ଷମା କରିବେ ନାହିଁ । ତଥାପି ସେହି ମଧୁର ପାପର ସ୍ରୋତରେ ରେ କଙ୍କର୍ତ୍ତବ୍ୟମୂଢ ହୋଇ ବହି ଯିବାର ଇଚ୍ଛା ହୋଇଛି ସର୍ବୋପରି । ତାକୁ ହିଁ ଆପଣାଇଛି ନରଞ୍ଜନା । ସେଥିରେ ପୁଣି ଦୁଇଟି ନଷ୍ପାପ କଳ ପଲ୍ଲବିତ ହେଉଛନ୍ତି । ସମାଜ ର କଷଟି ପଥରେ ପହଞ୍ଚିବା ପୂର୍ବରୁ ହିଁ ତାଙ୍କୁ ଶେଷ କରିଦେବାର ଇଚ୍ଛା ତାଙ୍କର ନଥିଲା । ଏବେ ସମସ୍ତେ ନଜ ନଜ ରାସ୍ତା ରେ ଚାଲିବା ପାଇଁ ସକ୍ଷମ । ପିଲାମାନଙ୍କର ହେତୁ ଆସିଛି । ଶଙ୍ଖନାଦ ବି ବେଶ ଧୈର୍ଯ୍ୟବାନ ଓ ସ୍ନେହୀ ମଣିଷ, ସେମାନଙ୍କ ପାଇଁ ଏକାକୀ ବଢିବାରେ କୌଣସି ଅସୁବିଧା ହୋଇନପାରେ । ସେଇ ଘର

ଭିତରେ ଥାଇ ସେ ସଞ୍ଜୟ ସହିତ ଦେଖୁଥିବା ସ୍ୱପ୍ନ କୁ ସାକାର କରାଯାଇନପାରେ !! ତେଣୁ ନିରଞ୍ଜନା ର ମୃତ୍ୟୁ ହିଁ ଏ' ସମସ୍ତ ସମୀକରଣ ର ସମାଧାନ !!

"ଏହି କ୍ରମରେ ଜନ୍ମ ନେଇଥିଲା ଏ ଘଟଣାକ୍ରମ । ସେଦିନ ଗୋଟେ ପୁରୁଣା ଗାଡି କିଣିବା ପଛରେ ଏହି ଉଦ୍ଦେଶ୍ୟ ହିଁ ନିହିତ ଥିଲା। ରାତ୍ରି ର ଗଭୀରତା ଭିତରେ ଗାଡି କୁ ଖାଇ ଭିତରେ ଠେଲି ଆମେ ଯଥା ସମ୍ଭବ ଦୁର୍ଘଟଣା ର ରୂପ ଦେବାପାଇଁ ଚାହୁଁ ଥିଲୁ । କେବେ ହେଲେ ଭାବି ନଥିଲୁ ଯେ, ସେହି କଥାର ଖିଅ କୁ ଧରି ଆମ ପର୍ଯ୍ୟନ୍ତ ପୋଲିସ ପହଞ୍ଚି ଯିବ। "

ତେବେ ନିରଞ୍ଜନା କରିଥିବା ଏ' ସ୍ୱୀକାରୋକ୍ତି ସହିତ ଅନୁରୋଧ ଟିଏ ବି ଅତୁଲ୍ୟ ବାବୁଙ୍କୁ ବେଶ ପ୍ରଭାବିତ ତଥା ଅଶ୍ରୁସଜ୍ଜଳ କରିଥିଲା- "ଠିକ ଯେଉଁଦିନଠୁଁ ନିରଞ୍ଜନା ଅନ୍ୟ ପୁରୁଷ ପ୍ରତି ଆକର୍ଷିତ ହୋଇଥିଲା, ସେହି ସମୟରୁ ହିଁ ତା'ର ମୃତ୍ୟୁ ହୋଇସାରିଛି । କେବଳ ଆଉ କେବଳ ମାତ୍ର ନିରଞ୍ଜନା ର ଶରୀର ଭିତରେ ବଞ୍ଚି ରହିଛି ଅନ୍ୟ ଏକ ଛାଇ ଯାହାକୁ ସଞ୍ଜୟ ନାମ ଦେଇଛି ସୁରଞ୍ଜନା । ଯେଉଁ ସ୍ଥାନ ରେ ନିରଞ୍ଜନା ମୃତ, ସଁକ୍ଷେପରେ ଶବ । ନିରଞ୍ଜନା ର ସେହି ଶବ କୁ ବୋହି, ଆଉ କେତେ ଦିନ ଚାଲିଥାନ୍ତା ସୁରଞ୍ଜନା ? ଅତୁଲ୍ୟ ବାବୁ ! ଆପଣ ଏବେ ଦେଖୁଥିବା ଏ' ନିରଞ୍ଜନା ର ଦେହ ତାକୁ ନେଇ ଅଧିକ ଜିଜ୍ଞାସୁ ନହେବାକୁ ଅନୁରୋଧ କରିବି ! ମୃତ ନିରଞ୍ଜନା କୁ ମୃତ ଘୋଷଣା କରି ସମସ୍ତଙ୍କର ଭଲ କରିବାକୁ ପସନ୍ଦ କରିବେ ନା ମୃତ ନିରଞ୍ଜନା ର ନିଖୋଜ ଖବର କୁ ସଫଳତା ପାଇବା ଆଶାରେ ସନ୍ଧାନ ମିଳିଗଲା ବୋଲି ଘୋଷଣା କରି ସମସ୍ତଙ୍କ ଜୀବନ କୁ ଜାଳିପୋଡି ଦେବେ, ତାହା ଆପଣଙ୍କ ହାତରେ ! ମୁଁ ଆପଣଙ୍କୁ କୌଣସି କଥା ପାଇଁ ବାଧା ଦେବି ନାହିଁ। ହୁଏତ ଏ'କଥା ଆପଣ ଶଙ୍ଖନାଦ ଙ୍କୁ କହି ପାରନ୍ତି । ସେଥିରେ ବରଂ ମୁଁ ଅଧିକ ଖୁସି ହେବି, କାରଣ ମୋର ଶଙ୍ଖନାଦ ଙ୍କ ଉପରେ ବିଶ୍ୱାସ ଅଛି ସେ, କଥା କୁ ଭଲ ଭାବରେ ବୁଝି ପାରିବେ ! ଯେହେତୁ ସେ ତାଙ୍କ ନିରଞ୍ଜନା ଙ୍କୁ ବେଶ ଭଲ ଭାବରେ ବୁଝନ୍ତି । ଦେଖିବେ ମୁଁ ଯଦି ସତ୍ୟ କହୁଥାଏ ସେହିଁ ଆପଣ ଙ୍କୁ ନିରଞ୍ଜନା କୁ ମୃତ ଘୋଷଣା କରିବା


ପାଇଁ ଅନୁରୋଧ ଟିଏ କରିବେ । ଏବେ ନଖୋଜ ନରଞ୍ଜନା ମୃତ କ ଜୀବିତ ତାହା, ଆପଣଙ୍କ ହାତ ରେ ।"

କଥାରେ ଅବିଚଳତ ଥିବା ନରଞ୍ଜନା ଙ୍କ ଆଖିରେ ଅନେକ ଲୁହ। ତଥାପି ନରଞ୍ଜନା ରୁ ସୁରଞ୍ଜନା ଭିତରେ ଥିବା ଦୂରତା କୁ ଆକଳନ କରୁଥିବା ଅତୁଲ୍ୟବାବୁ ଙ୍କୁ ମାନସ ଚକ୍ଷୁ ରେ ଦେଖି ପାରୁଥିଲେ ଶଙ୍ଖନାଦ। ଯାହା ଅତୁଲ୍ୟ ବାବୁ ଙ୍କୁ ଶହେ ଥର ଭାବିବାଲାଗି ଅନୁପ୍ରେରିତ କରିଥିଲା । ଆଉ ତାହାର ଫଳ ସ୍ୱରୂପ ସେ ଶଙ୍ଖନାଦ ଙ୍କୁ ନସ୍ୱତି ଗ୍ରହଣ କରିବାକୁ ସୁଯୋଗ ପ୍ରଦାନ କରିଥିଲେ । ଶଙ୍ଖନାଦ ଶେଷ ଥର ଲାଗି ଆଖିରେ ଜକେଇ ଆସିଥିବା ଲୁହ କୁ ପୋଛି ନେଉଥିଲେ । ଗାଡିର ଷ୍ଟିୟରିଂ ଉପରେ ଦୃଢ ହୋଇଗଲା ତାଙ୍କ ହାତ, ହୁଏତ ଅଳ୍ପ ସମୟ ଭିତରେ ସେ ଅତୁଲ୍ୟ ବାବୁ ଙ୍କ ପାଖରେ ପହଞ୍ଚିଯିବେ ।

ମାତୃକୁଟୀର, କୁରୁଣ୍ଟି, ମେଘମଣ୍ଡଳୀ, ଢେଙ୍କାନାଳ

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ। ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ବାଜେ କବିତା



କାଳକଙ୍କର

ଜନମ ମଣିଷର ହୃଦୟ ତନ ମନ
ବିବେକ ଭ୍‌ବନାରେ ଭରିଛି କେତେ ଜ୍ଞାନ
ସେ ଜ୍ଞାନ ବିବେକକୁ ମଣିଷ ହୋଇ ଯଦି
ମାଟିକୁ ମଣିଷକୁ ନ ଦେଲି
ତେବେ କ ଲ୍‌ଭ କହ ମଣିଷଟିଏ ହୋଇ
ପଶୁଠୁଁ ବଳ ଜିଏଁ ହିଂସା ଘୃଣା ନେଇ
କାହାର ସୁଖେ ଦୁଃଖେ ସାଥି ନ ହୋଇ ପାରି
ଜୀବନ ଜିଇଁବାରେ ରହିଲି ॥

ମଣିଷ ଜନମଟି ସତରେ କେତେ ମୂଲ
ଏ ସାର୍‌ ସଂସାରରେ ନାହିଁ କେ ତାର ତୁଲ
ବିବେକ ବୁଦ୍ଧିବଳେ ଗଢିଛି ସେ ବିଜ୍ଞାନ
ମାଟିରୁ ଆକାଶକୁ ଛୁଇଁଛି,
ତଥାପି ସେ ମଣିଷ ମଣିଷ ସମାଜର
ବୋହାଏ ରକ୍ତ ଝର ଗଢୁଛି ହତିଆର
ନମିଷେ ସଂସାରକୁ ନଃଶେଷ କରିବାକୁ
ଅଣୁ ପରମାଣୁରେ ମାତିଛି ॥

ମାଆ ଓ ମାତୃଭୂମୀ ଯା ପାଇଁ ଯେତେ ବଡ
ଜୀବନ ମରୁରେ ବି ଫୁଟଇ ଫୁଲ କଢ
ସୁନ୍ଦର ଧରଣୀର ବିନ୍ଧାଣି ଏ ମଣିଷ
ପଶୁ କ ଅସୁରଠୁଁ ବଳଛି
ଭୟ ଓ ଆତଙ୍କର ଦୁର୍ନୀତି ଅନୀତିର
ଖେଳୁଛି କେତେ ଖେଳ ପିଉଛି ଯେ ଜହର
ଆପଣା ପରିଚୟ ଆପଣେ ଭୁଲିଯାଇ
ଅଂଧାରେ ମିତଟିଏ ବସିଛି ॥

ସୌଭ୍‌ଗିନୀ, ରଟିଲ୍ଲୋ, ରେଂଚ, ପୁରୀ

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ ।

ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ନଜର ମତାମତ ଦିଅନ୍ତୁ ।

# ତୁମକୁ ପାଇବା ପାଇଁ



ନୃସିଂହ ଚରଣ ବେହେରା

ଅଧାଲେଖା ସେଇ ଚଠିଟି କାହିଁକି
ଚରିତ ମୁଁ ପାରୁନାହିଁ,
ଆମ ଦୁହିଁଙ୍କର ଭଲ ପାଇବାକୁ
ତଥାପି ମୁଁ ଭୁଲି ନାହିଁ ।
ତୁମରି ଆଖିରେ କି ଯାଦୁ କରିଲ
ମୋ ମନକୁ ଲୁଟି ନେଇ,
ଅଜଣା ଅକୁହା ପ୍ରଥ ପ୍ରାନ୍ତେ ସିନା
ଫିଙ୍ଗି ଦେଇ ଗୁଲିଗଲ ।
ଜାଣେ ନାହିଁ ତୁମେ ଏପରି କାହିଁକି
ଅଘଟଣ ଘଟାଇଲ,
ମୋ ଦେହେ କାହିଁକି ପ୍ରେମରଙ୍ଗ ବୋଳି
ମୋ ଠାରୁ ଦୂରେଇ ଗଲ ।
ଜାଣ ନାହିଁ ତୁମେ ପ୍ରେମକୁ କେବେ
ବିକାଯାଏ ନାହିଁ ବୋଲି,
ମୋ ଭଲ ପାଇବା ପାଣି ଗାର ପରି
କୁଆଡେ ଗଲା ମିଳାଇ ।
କଥା ଦେଉଛି ମୁଁ ଅପେକ୍ଷା କରିବି
ତୁମକୁ ପାଇବା ପାଇଁ,
ଏ ଜନ୍ମରେ ନୁହେଁ ଆର ଜନମରେ
ପାଇବି ତୁମକୁ ମୁହିଁ ।

ଭୋଇନଗର, ଭୁବନେଶ୍ୱର

# ଆଶାଫୁଲ



ଡ. ବିଜ୍ଞାନୀ ଦାସ

ଗୁହୁଁଗୁହୁଁ ସମୟ କେମିତି ବିତିଗଲା । ଖରାଦିନ ଛୁଟି ସରିଗଲା । ପୁଣି ୟୁନିଭର୍ସିଟିର କ୍ୟାମ୍ପସ୍ ସାରା ଆରମ୍ଭ ହୋଇଗଲା କୋଳାହଳ । ନବାଗତ ଛାତ୍ରଛାତ୍ରୀମାନଙ୍କ ମେଳରେ ୟୁନିଭର୍ସିଟିର କୋଣ, ଅନୁକୋଣ ମୁଖରିତ ହୋଇଉଠିଲା । ତା' ସହିତ ରବିର ଜୀବନ ପ୍ରଣାଳୀ ଜଡିତ ହୋଇ ଏତେ ବ୍ୟସ୍ତ ରହିଗଲା ଯେ, ସେଠି ଜୀବନର ଫାଙ୍କା ରହି ଯାଇଥିବା ସ୍ଥାନ ମାନଙ୍କୁ ଭାବିବା ପାଇଁ ବି ସମୟ ମିଳୁନଥିଲା । ଏମିତି ଜୀବନ ଭଲ । କାମରେ ବ୍ୟସ୍ତ ରହିଯିବା ହିଁ ଭଲ । ଫାଙ୍କା ସମୟ ମିଳିଲେ ହିଁ ଏମିତି ସବୁ ମନଦୁଃଖ କରାଉଥିବା ତୁଳନାତ୍ମକ ଘଟଣା ସବୁ ମନେପଡେ ଓ ମନକୁ ବ୍ୟସ୍ତ ଓ ଦୁଃଖିତ କରାଏ ।

ମଝିରେ ଜୁଲି ସହିତ ଫୋନ୍ ରେ କଥା ହୋଇଥିଲା । ପଚାରିଥିଲା, "ତୁ ଜାଣିଛୁ, ଜାହ୍ନବୀ ପ୍ରମୋଦକୁ ବାହାହେଉଛି ?"

ଜୁଲି - "ହଁ, ସେଇଟା ତ ସମସ୍ତେ ଆଗରୁ ଜାଣିଥିଲେ, ହେଲେ ରୀତିନୀତି ଅନୁଯାୟୀ ତାଙ୍କର ଅଳ୍ପଦିନ ତଳେ ନିର୍ବନ୍ଧ ହେଲା ଓ ବାହାଘର ଦିନ ଧାର୍ଯ୍ୟ ହେଲା ।"

ରବି - "ଆଉ ବାପା ମାନିଗଲେ ? କିଛି କହିଲେନି ?"

ଜୁଲି - "ଆମ ବାପା କିଏ ତାଙ୍କ ଘରର ମୁରବୀ ? ତାଙ୍କ ବାପା, ବୋଉ ତ ରାଜି ହୋଇଗଲେ । ସମସ୍ତେ ଖୁସି ।"

ରବି - "ହେଲେ ଜାହ୍ନବୀ କରଣ ଘର ଝିଅ, ପ୍ରମୋଦ........."

ଜୁଲି - "ଭାଇ, ତୁ ଏତେଦିନ ଆମେରିକାରେ ରହିଲୁଣି, ତଥାପି ତୋ ମୁଣ୍ଡରେ ସବୁ ସେଇ ଜାତିଆଣ ଭାବ ଅଛି ? ଓଡିଶା ପ୍ରତିଦିନ ବଦଳୁଛି ଭାଇ । ଏବେ ସମସ୍ତେ ଯୋଗ୍ୟତା ଦେଖୁଛନ୍ତି, ଜାତି ନୁହେଁ । "

ରବି - "ହେଲେ ବାପା......? "

ଜୁଲି - "ବାପା ନିମନ୍ତ୍ରିତ ହୋଇ ଯାଇଥିଲେ । ସେମାନଙ୍କୁ ଆଶୀର୍ବାଦ କରିଥିଲେ । ମୁଁ ତ ଯାଇପାରିନଥିଲି, ହେଲେ ଜାହ୍ନବୀ ଅପାଙ୍କ ଫେସବୁକ୍‌ରୁ ଯାହା ଜାଣିଲି । "

ରବି ତାପରେ ଚୁପ୍ । ଯେଉଁକଥାକୁ ସିଏ ଏପର୍ଯ୍ୟନ୍ତ ଡରି ମୁହଁ ବନ୍ଦ କରି ରହିଥିଲା, ଏବେ ସେ ଡରର କିଛି ଅର୍ଥ ହିଁ ନାହିଁ । ବାପା ଯଦି ପ୍ରମୋଦ ଓ ଜାହ୍ନବୀଙ୍କ ନିର୍ବନ୍ଧକୁ ସ୍ୱୀକୃତି ଦେଇ ସେ ଉତ୍ସବରେ ସାମିଲ୍ ହୋଇପାରିଲେ, ତେବେ ସିଏ ବି ତ ପଦ୍ମାକୁ ବୋହୂ ଭାବେ ଗ୍ରହଣ କରିପାରିଥାନ୍ତେ ? ହେଲେ ରବି ତ ସେକଥା କହି ହିଁ ନଥିଲା ।

ଜୁଲି ପଚାରିଲା, "ଭାଇ, ତୁ ଫୋନ୍ ରେ ଅଛୁ ତ ? ନା, ଫୋନ୍ କଟିଗଲା ? "

ରବି - ଂ"ମୁଁ ଶୁଣୁଛି, କହ । "

ଜୁଲି - "ତୁ ଜାହ୍ନବୀ ଅପାଙ୍କ ବାହାଘରକୁ ଆସୁଛୁ ତ ? "

ରବି - "ହଁ, ମୁଁ ଆସୁଛି । ତାକୁ କଥା ଦେଇଛି । "

ଜୁଲି - "ଭେରି ଗୁଡ୍ । ତେବେ ମୋ ପାଇଁ ଗୋଟିଏ ଭଲ ଡି.ଏସ୍.ଏଲ୍ କ୍ୟାମେରା ଆଣିବୁ। ମୁଁ ଏବେ ଫଟୋଗ୍ରାଫି ହବି ରଖିଛି । "

ରବି - "ନିଶ୍ଚୟ । ଆଉ କିଛି ଦରକାର ତ କହ । "

ଜୁଲି - "ନା, ହେଲେ ଭାଇ, ତୁ ଲିଣ୍ଡାକୁ କେବେ ବାହା ହେଉଛୁ ? ମତେ ଲାଗୁଛି ବାପା ନିଶ୍ଚୟ ମାନିଯିବେ । ତୁ ଯଦି ତାକୁ ଜାହ୍ନବୀ ଅପାଙ୍କ ବାହାଘର ସମୟକୁ ନେଇଆସନ୍ତୁ ନା, ଏଠି ଏନ୍‌ଗେଜମେଣ୍ଟ କରେଇଦିଅନ୍ତେ । "

ରବି - "ଜୁଲି, ତୋ ମୁହଁ ବେଶି ବଢିଗଲାଣି ଜଣାପଡୁଛି । ତୁ ଲିଣ୍ଡା କଥା ନଭାବି ତୋ ନିଜ କଥା ଭାବେ । "

ଜୁଲି - "ସେଇଥିପାଇଁ ତ କହୁଛି । ତୋ ବାହାଘର ସରିଲେ ମୋ ଲାଇନ୍ ପରିଷ୍କାର ହୋଇଯାଆନ୍ତା । ଆଚ୍ଛା ଠିକ୍ ଅଛି, ମୋର ଏବେ ଗୋଟିଏ ମିଟିଙ୍ଗ୍ ଯିବାର ଅଛି । ମୁଁ ଫୋନ୍ ରଖୁଛି । "

ଜୁଲି ଫୋନ୍ ରଖିବା ପରେ ରବି ଭାବିଲା । ଜୁଲିର ଏ କଥାର ଅର୍ଥ କଣ ? ସିଏ କଣ କାହାକୁ ବାହାହେବାକୁ ଠିକ୍ କରିଛି ? ସେଇଥିପାଇଁ ରବି କଛି ପଚାରିବା ଆଗରୁ ଫୋନ୍ ରଖିଦେ ?

ଛାଡ । ସିଏ ଯାହା ବି ହେଉ, ସମାଜର ଏ ପରିବର୍ତ୍ତନ ତାକୁ ଭଲ ଲାଗୁଥିଲା । ବାପା ଯଦି ବଦଳପାରିଲେ, ତେବେ ତ ଏଇଟା ଗୋଟିଏ ବହୁତ ବଡ କଥା । ହେଲେ ରବି ନଜ ପାଇଁ ବାପାଙ୍କ ବଦଳବାର ସୁଯୋଗ ହରାଇବସିଲା । ପଦ୍ମା ଗୋଟିଏ ବର୍ଷ ଅପେକ୍ଷା କରିଥାନ୍ତା ଯଦି …………?

ୟୁନଭର୍ସିଟିରେ ଫ୍ରେସ୍ମ୍ୟାନ୍ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ଚାଲୁ ରହିଥିଲା । ରବିକୁ କେତେଟା ପ୍ରେଜେଣ୍ଟେସନ୍ କରିବାକୁ ପଡିଥିଲା । ପଦାର୍ଥବିଜ୍ଞାନର ଜଟିଳ ସୂତ୍ର ଓ ସମ୍ବନ୍ଧକୁ ସହଜ ଓ ସରଳ ଭାବେ ନବାଗତ ଛାତ୍ରଛାତ୍ରୀ ଓ ସେମାନଙ୍କର ବାପା, ମା ଓ ପରିବାରବର୍ଗକୁ ବୁଝାଇବାର ଥିଲା । ରବିର ପ୍ରେଜେଣ୍ଟେସନ୍ ସମସ୍ତଙ୍କୁ ଏତେ ଭଲଲାଗିଲା ଯେ, ସେମାନେ ରବିକୁ ଆସି ବାହାବା ଦେଲେ । "ଡକ୍ଟର୍ ମହାନ୍ତି, ପଦାର୍ଥବିଜ୍ଞାନକୁ ଡରି ମୁଁ ବିଜ୍ଞାନ ନପଢି କଳା ପଢିଥିଲି । ହେଲେ ଆପଣଙ୍କ ଭଳ ଶିକ୍ଷକଙ୍କୁ ମୁଁ ଯଦି ଆଗରୁ ଭେଟିଥାନ୍ତି, ତେବେ ପଦାର୍ଥବିଜ୍ଞାନ ହିଁ ପଢିଥାନ୍ତି ।" ଏମିତି ପ୍ରଶଂସା ଶୁଣି ରବି ନଜ ଭିତରେ ଅନେକ ଖୁସି ଅନୁଭବ କଲା ।

କଏ କହେ ବାହାଘର ଓ ପରିବାର ବିନା ଜୀବନ ଅସଂପୂର୍ଣ୍ଣ ? ଜୀବନରେ ପୂର୍ଣ୍ଣତା ପାଇବା ପାଇଁ ଅନେକ ମାଧ୍ୟମ ରହିଛି । ଅସଲ କଥା ହେଲା, ସେସବୁ ପୂର୍ଣ୍ଣତା ପ୍ରାପ୍ତିର ମାଧ୍ୟମକୁ ଜଣେ ଆପଣାଇ ପାରୁଛି କି ନା ! ୟୁନଭର୍ସିଟିର ଓରିଏଣ୍ଟେସନ୍ ଦିନଗୁଡିକ ରବିକୁ ଉତ୍ସାହିତ କରି ରଖିଥିଲା । ଯେମିତି ଲାଗୁଥିଲା, ଏ ଛାତ୍ରଛାତ୍ରୀ, ଏ ୟୁନଭର୍ସିଟି ତାର ସଂସାର, ତା ପରିବାର ।

ଏବର୍ଷ ଡିପାର୍ଟମେଣ୍ଟରେ ପି.ଏଚ୍.ଡି. କରିବାପାଇଁ ଯୋଗଦେଇଥିବା ଛାତ୍ରଛାତ୍ରୀ ମାନଙ୍କ ଭିତରେ ଜଣେ ଓଡିଆ ଝିଅ ଥିଲା, ରଞ୍ଜନା ସାମନ୍ତରାୟ । ହେଲେ ସେ ଝିଅଟି ଆସିଥିଲା ଆଇ.ଆଇ.ଟି ଦିଲ୍ଲୀରୁ, ଓଡିଶାରୁ ନୁହେଁ । ସେଠି ମାଷ୍ଟର୍ସ୍ ସାରି ସିଏ ଏଠି ପି.ଏଚ୍.ଡି. କରିବାପାଇଁ ଆସିଛି । ସେମାନଙ୍କର ଓରିଏଣ୍ଟେସନ୍ ସମୟରେ ରବି ସହିତ ସେ ଝିଅର ପରିଚୟ ହୋଇଥିଲା । ଝିଅଟିର ଶିକ୍ଷା ସବୁ ଦିଲ୍ଲୀରେ । ତାର ବାପା ସେଠି ଏକ ହସ୍‌ପିଟାଲ୍ ରେ ଜଣେ ଡାକ୍ତର ।

ଭଲ ଲାଗିଥିଲା ରବିକୁ । ଯାହାହେଉ ଗୋଟିଏ ଓଡିଆ ଝିଅ ଆସିଛି ତାଙ୍କ ଡିପାର୍ଟମେଣ୍ଟକୁ । ସେ ଝିଅଟି ତାକୁ ପଦ୍ମାର ସ୍ମୃତି ଆଣିଦେଉଥି । ପଦ୍ମା ଏବେ ତ ଘରଣୀ ହୋଇଯାଇଥିବ। ପି.ଏଚ୍.ଡି. କଥା ମନରୁ ଭୁଲିଯିବଣି କ କଣ ? ରଞ୍ଜନା ଦେଖିବାକୁ ସୁନ୍ଦର ଥିଲା, ଯଦିଓ ପଦ୍ମା ଭଳି ଏତେଟା ଗୋରା ନଥିଲା, ତେବେ ଉଜ୍ଜ୍ୱଳ ଶ୍ୟାମଳ ରଙ୍ଗର ସେ ଝିଅଟି କାହିଁକି କେଜାଣି ରବିକୁ ଅତି ସୁନ୍ଦର ଲାଗିଲା । ଝିଅଟିର ବାପା, ମା ତାକୁ ଛାଡିବାକୁ ଆସିଥିଲେ। ରବି ଆଶ୍ଚର୍ଯ୍ୟହେଲା । ପି.ଏଚ୍.ଡି. କରିବାକୁ ଆସିଥିବା ଝିଅଟା ପାଇଁ ବାପା, ମା' ଦୁଇଟି ଟିକେଟ୍ କଣି ଖର୍ଚ୍ଚାନ୍ତ ହୋଇ ଭାରତରୁ ଆମେରିକା ଆସିଛନ୍ତି ? ବିଶ୍ୱାସ ବି ହେଉନଥିଲା । ସେମାନେ ୟୁନିଭର୍ସିଟିର ହୋଟେଲ୍ କ୍ୱାଲିଟି- ଇନ୍ ରେ ରହୁଥିଲେ । ରବି ସହିତ ସେମାନଙ୍କର ଯେତେବେଳେ ପରିଚୟ ହେଲା, ଭଦ୍ରଲୋକ ତାଙ୍କ ମନକଥା ଗପିଦେଲେ । ଝିଅ ଏକା କେବେ ବାହାର ଦେଶକୁ ଯାଇନି । ଗୋଟିଏ ବୋଲି ଝିଅ, ତେଣୁ ସେମାନେ ଚିନ୍ତିତ । ରବିକୁ ଦେଖି ସେମାନେ କୃତକୃତ୍ୟ ହୋଇଗଲେ । ଝିଅକୁ ଦରକାର ପଡିଲେ ଟିକେ ସାହାଯ୍ୟ କରିବାକୁ ଅନୁରୋଧ କଲେ । ସେମାନେ ରଞ୍ଜନା ପାଇଁ ଗୋଟିଏ କଂପ୍ୟୁଟର୍ କଣିବାକୁ ଚାହୁଁଥିଲେ । ରବି ସେମାନଙ୍କୁ ସାଙ୍ଗରେ ନେଇ "ବେଷଟ୍‌ବାଏ" ଦୋକାନରୁ କଂପ୍ୟୁଟର୍ କଣାଇଦେଲା । ସେମାନଙ୍କର ତ ଗାଡି ନଥିଲା, ଟ୍ୟାକ୍ସି କରି ଯିବାଆସିବା କରୁଥିଲେ । ସେ ଝିଅର ଅନ୍ୟାନ୍ୟ ବ୍ୟବହାର୍ଯ୍ୟ ଜିନିଷ ଇତ୍ୟାଦି କଣାକଣି କରାଇବାରେ ବି ରବି ସାହାଯ୍ୟକଲା । ନିଜ ରାଜ୍ୟର ଲୋକ । ଏତିକି କଣ ସିଏ କରିପାରିବନି ?

ତିନଦିନ ଭିତରେ ରଞ୍ଜନା ତାର ଆଗରୁ ସ୍ଥିରକରି ରଖିଥିବା ରୁମ୍‌ମେଟ୍ ମାନଙ୍କ ସହିତ ଆପାର୍ଟମେଣ୍ଟକୁ ଚାଲିଗଲା । ତା' ବାପା, ମା' ମଧ୍ୟ ଭାରତ ଫେରିଗଲେ ।

ଲେବର୍ ଡେ ଉଇକ୍‌ଏଣ୍ଡ ପରେ ୟୁନିଭର୍ସିଟିରେ କ୍ଲାସ୍ ସବୁ ପୁରା ଦମରେ ଆରମ୍ଭ ହୋଇଗଲା । ରଞ୍ଜନାର "କ୍ୱାଣ୍ଟମ୍ ମେକାନିକ୍ସ" ବିଷୟରେ ଗବେଷଣା କରିବାର ଆଗ୍ରହଥିଲା। ତେଣୁ ସିଏ ରବି ପଢାଉଥିବା କ୍ଲାସ୍ ଗୁଡିକ ନେଉନଥିଲା । ତଥାପି ରବି ତାକୁ ଡିପାର୍ଟମେଣ୍ଟରେ ଭେଟୁଥିଲା । ପ୍ରତିଥର ଭେଟ ହେଲେ ସେ ଝିଅଟି ଟିକେ ହସିଦିଏ ଓ ରବିବି ତାକୁ ହସି "କେମିତି ଅଛ" ବୋଲି ପଚାରେ । ୟୁନିଭର୍ସିଟିର ଏଥିକାଲ୍ ଗାଇଡ୍ ଅନୁଯାୟୀ, ଶିକ୍ଷକ ଓ ଛାତ୍ରଛାତ୍ରୀ ମାନେ ନିଜର ସେଇ ପ୍ରଫେସ୍‌ନାଲ୍ ସଂପର୍କ ଭିତରେ ସୀମିତ ରହିବେ; ପ୍ରେମ ସଂପର୍କ ରଖିପାରିବେନି । ତଥାପି ରବିକୁ ଲାଗୁଥିଲା, ହୁଏତ ସିଏ ରଞ୍ଜନାକୁ ପ୍ରେମ କରି ବସିଲାଣି କି କଣ ? ସେ ଯେବେ ବି ରଞ୍ଜନାକୁ ଦେଖେ, ତା' ଭିତରେ ପଦ୍ମାକୁ ପାଇବା ଭଳି ଅନୁଭବ କରେ । ସେଦିନ ଘରେ ଆସି ଖୁସି ରହେ । ଏମିତି ଦେଖାଦେଖି ଓ ଭେଟ ହେବା ଛଡା ସଂପର୍କ ଆଉ ସେମିତି ବଢିନଥିଲା ।

ସେଇଟା ଟିକେ ଆଗକୁ ବଢିଲା ଯେବେ ଆଦିତ୍ୟ ମିଶ୍ର ବୋଲି ଜଣେ ଓଡିଆ ଭଦ୍ରବ୍ୟକ୍ତି ତାକୁ ବୋଷ୍ଟନ୍‌ରୁ ଫୋନ୍ କରିଥିଲେ । କହିଥିଲେ, "କିଛି ଖରାପ ଭାବିବେନି । ମୋ ସାଙ୍ଗର ଝିଅ ଆପଣଙ୍କ ଡିପାର୍ଟମେଣ୍ଟରେ ଏବର୍ଷ ପି.ଏଚ୍.ଡି. ପ୍ରୋଗ୍ରାମରେ ଯୋଗ ଦେଇଛି । ତାର କଣ ଦେହ ଖରାପ ହୋଇ ହସ୍‌ପିଟାଲରେ ପଡିଛି । ତା' ବାପା, ମା' ବହୁତ ଚିନ୍ତିତ ଅଛନ୍ତି । ଆପଣଙ୍କ ସହିତ ଭେଟ ହୋଇଥିଲା ବୋଲି ସେମାନେ କହିଲେ ଓ ଆପଣଙ୍କ ଫୋନ୍ ନମ୍ବର ଦେଲେ । ଆମର ତ ସେଠି ଆଉ କିଏ ଚିହ୍ନା ନାହାନ୍ତି । ଆପଣ ଯଦି ଟିକେ ତାକୁ ଦେଖିଆସନ୍ତେ, ଆଉ ଆମକୁ ତା' ବିଷୟରେ ଜଣାନ୍ତେ, ଆମକୁ ଟିକେ ଭଲ ଲାଗନ୍ତା । "

ରବି ବି ଆଶ୍ଚର୍ଯ୍ୟ ହେଲା । ସେ ଝିଅଟିକୁ ସିଏ ଦୁଇଦିନ ପୂର୍ବେ ଦେଖିଥିଲା । ଏ ଦୁଇଦିନ ଭିତରେ ଏତେକଥା ହୋଇଗଲା ? ଆଦିତ୍ୟ ବାବୁଙ୍କୁ ଆଶ୍ୱାସନାଦେଇ ସିଏ କହିଲା, "ଆପଣ ବ୍ୟସ୍ତ ହୁଅନ୍ତୁନି, ମୁଁ ଯାଇ ତାଙ୍କ ବିଷୟରେ ବୁଝିବି ଓ ଆପଣଙ୍କୁ ଖବର ଦେବି । "

ରବି ତାପରେ ଖବର ସଂଗ୍ରହ କରି ରଞ୍ଜନାକୁ ଟାକୋମାପାର୍କର ଓ୍ୱାସିଂଟନ୍ ଆଡ୍ଭେନ୍ଟିଷ୍ଟ ହସ୍ପିଟାଲରେ ଭେଟିଲା । ସେଇଠୁ ଜାଣିଲା ଯେ, ରଞ୍ଜନା ରାତି ଅନିଦ୍ରା ରହି ମିଡ୍ଟର୍ମ ପରୀକ୍ଷା ପାଇଁ ପଢାପଢି କରୁଥିଲା । ସେଇଥିପାଇଁ ହଠାତ୍ କାହିଁକି ତା' ମୁ ବୁଲେଇଦେଲା ଓ ସିଏ ତଳେ ପଡିଯାଇଥିଲା । ତା' ସାଙ୍ଗମାନେ ତାକୁ ଆଣି ହସ୍ପିଟାଲରେ ଭର୍ତ୍ତି କରିଦେଲେ । ଭାଗ୍ୟ ଭଲ ଯେ, ସେତେବେଳକୁ ତାର ସବୁ ପରୀକ୍ଷା ସରିଯାଇଥି ।

ରବି ଆଶ୍ୱାସନା ଦେଲା, "ଦେଖ, ରାତି ଅନିଦ୍ରା ହୋଇ ପଢିବାର କଛି ବି ଆବଶ୍ୟକତା ନାହିଁ। ଯଦି ହାତରେ ଥିବା ସମୟକୁ ଠିକ୍ ଭାବେ ମ୍ୟାନେଜ୍ କରିପାରିବ, ତେବେ ଯେତେ ସମୟ ପଢିବାକୁ ମିଳବ, ସେସବୁ ସମୟ ଯଥେଷ୍ଟ ହେବ ।"

"ହେଲେ ସାର୍, ମୋ ବାବା, ମା ମୋ ପାଇଁ କେତେ ସ୍ୱପ୍ନ ଦେଖିଛନ୍ତି । ମୁଁ ସେମାନଙ୍କ ଆଶାରେ ଧୂଳ ପକେଇବାକୁ ଚାହୁଁନ । ଏଇଟା ପ୍ରଥମ ପରୀକ୍ଷା ଥିଲା ତ, ମୁଁ ଟିକେ ନର୍ଭସ୍ ହୋଇଯାଇଥିଲି ।"

ରବି ବୁଝେଇଲା, "ଦେଖ, ମତେ ସାର୍ ବୋଲି ସମ୍ବୋଧନ କରନ; ଏଠି କେହି କରନ୍ତିନ । ଆଉ ଯାହା ରହିଲା, ତମ ବାବା, ମା'ଙ୍କ କଥା, ଏବେ ତ ତମେ ତାଙ୍କୁ ଅଧିକ ଚନ୍ତିତ କରିଦେଲ । ସେମାନେ ତମର ହସ୍ପିଟାଲ୍ ଆଡ୍ମିସନ୍କୁ ନେଇ କେତେ ଚନ୍ତିତ ବୁଝିପାରୁଛ ?"

"ସରି ସାର୍ । ମୁଁ ଏବେ ଭଲ ଅଛି । ହେଲେ ମୁଁ କହିଲେ ସେମାନେ ବିଶ୍ୱାସ କରିବେନ । ଆପଣ ସେମାନଙ୍କୁ ଫୋନ୍ କରି ଜେଣେଇଦିଅନ୍ତୁ ମୁଁ ଭଲ ଅଛି ବୋଲି, ତେବେ ସେମାନେ ଆଉ ଚନ୍ତିତ ରହିବେନ ।"

ରବି - "ପୁଣି ମତେ ସାର୍ କହିଲ ?"

ରଞ୍ଜନା - "ସରି ।"

ରବି ସେଇ ହସ୍ପିଟାଲ୍ରୁ ହିଁ ରଞ୍ଜନାର ଘରକୁ ଫୋନ୍ ଲଗେଇ ସିଏ ଭଲଅଛି ବୋଲି ଜଣେଇଦେଲା । ତାର ବାବା, ମା' ଶୁଣି ଖୁସିହେଲେ । ରବିକୁ ଧନ୍ୟବାଦରେ ଏମିତି ପୋତିଦେଲେ ଯେ ଯେମିତି ରବି ହିଁ ରଞ୍ଜନାକୁ ଚକତ୍ସା କରି ସୁସ୍ଥ କରାଇଛି ।

ରବି ରଞ୍ଜନାକୁ କହିଲା, "ଯଦି ତମର କୌଣସି ସବଜେକ୍ଟ ବୁଝିବାରେ କଷ୍ଟ ହେଉଛି, ମୁଁ ତମକୁ ସାହାଯ୍ୟ କରିପାରିବି । ତମକୁ ଆଉ ରାତି ଅନିଦ୍ରା ରହି ପଢିବାର ଆବଶ୍ୟକତା ରହିବନି । ଯଦିଓ ମୋର ରିସର୍ଚ୍ଚ ଫିଲ୍ଡ ଅଲଗା, ତେବେ ସେସବୁ ସବଜେକ୍ଟର କୋର୍ସ ମୁଁ ମୋ ପି.ଏଚ୍.ଡି. ସମୟରେ କରିଛି । ତମକୁ ହୁଏତ ସାହାଯ୍ୟ କରିପାରିବି ।"

ତାପରେ ପରେ ରଞ୍ଜନା ରବି ନିକଟରେ ସହଜ ହୋଇଗଲା । ରବି ତାକୁ ବେଳେବେଳେ ଜଟିଳ ଫିଜିକ୍ସ ବିଷୟବସ୍ତୁ ସବୁ ସରଳ କରି ବୁଝାଇ ଦେଉଥିଲା । ସେଥର ଫଲ୍ ସେମିଷ୍ଟାରରେ ରଞ୍ଜନାର ସବୁ କୋର୍ସରେ "ଏ" ଗ୍ରେଡ୍ ରହିଲା । ସକାଳେ ରବି ନିଜ ଅଫିସରେ ପହଞ୍ଚୁ ପହଞ୍ଚୁ ରଞ୍ଜନା ଗୋଟିଏ ମିଠା ପ୍ୟାକେଟ୍ ଧରି ରବିର ଅଫିସରେ ହାଜର।

"ଆପଣଙ୍କ ପାଇଁ ମିଠା ଆଣିଥିଲି ।"

"କଣ ଖୁସି ଖବର ?" - ରବି ପଚାରିଲା ।

"ଆପଣଙ୍କ ସାହାଯ୍ୟ ପାଇଁ ମୋର ସବୁ କୋର୍ସରେ "ଏ" ଗ୍ରେଡ୍ ରହିଲା । ମୋ ବାବା, ମା ବହୁତ ଖୁସି । ଆପଣଙ୍କୁ ଧନ୍ୟବାଦ ।"

ରବି ଗୋଟିଏ ମିଠା ଖାଇଲା । ପଚାରିଲା, "ତମେ ମନ୍ଦିର ଯାଇ ଠାକୁରଙ୍କ ପାଖରେ ଭୋଗ ଲଗେଇଛ ତ ନା ମତେ ପ୍ରଥମ ମିଠା ଖୁଆଇଲ ?"

ରଞ୍ଜନା - "ଗାଡି ତ ନାହିଁ । ଉବର୍ ନେଇକି ଗଲେ ହୁଅନ୍ତା । ହେଲେ .... ।"

ରବି - "ମୁଁ ତମକୁ ମନ୍ଦିର ନେଇଯିବି । ତାପରେ ତମର ସଫଳତା ପାଇଁ ମୋ ତରଫରୁ ଡିନର୍ ପାଇଁ ନିମନ୍ତ୍ରଣ ରହିଲା । ଯାହା ହେଲେ ବି ଆମ ଓଡିଆ ପିଲା ।"

ରଞ୍ଜନା - "ଥ୍ୟାଙ୍କ୍ ୟୁ ।"

ସେଦିନ ରବି ରଞ୍ଜନାକୁ ନେଇ ହିନ୍ଦୁ ମନ୍ଦିର ଗଲା । ସେଠି ରଞ୍ଜନା ଭୋଗ ଚଢେଇବା ପରେ ତାକୁ ନେଇ ଟିଫିନ୍ ରେଷ୍ଟୁରାଣ୍ଟରେ ଖୁଆଇଲା । ସେମାନେ ସାଙ୍ଗ ଭଳି କଥାବାର୍ତ୍ତା ହେଉଥିଲେ, ଯେମିତି ପରସ୍ପରକୁ ଅନେକ ଦିନରୁ ଜାଣିଛନ୍ତି । ରବିର ମନରେ ନୂଆ

ଆଶାଫୁଲଟିଏ ଫୁଟିଗଲା । ଏ ରଞ୍ଜନାକୁ ସିଏ ବାହାହେଲେ କେମିତି ହୁଅନ୍ତା ? ଭଲ ଝିଅଟିଏ । ରବିର ମନ ଓ ପ୍ରଫେସନ୍ ସହିତ ପୂର୍‌ପୂରି ମ୍ୟାଚ୍ । ହେଲେ ରଞ୍ଜନାର ମନରେ କଣ ଥିବ କଏ ଜାଣେ ? ହୁଏତ ତାର କଏ ପ୍ରେମିକ ଥାଇପାରନ୍ତି ? ରବି କଣ ତାକୁ ଏକଥା ପଚ୍ଚରିବ ? ନା! ଯାହା ହେଲେବି ସିଏ ଡିପାର୍ଟମେଣ୍ଟର ଅଧ୍ୟାପକ । ରଞ୍ଜନା ଛାତ୍ରୀ । ତାର ଏମିତି ପଚ୍ଚରିବାଟା ହୁଏତ ଅଶୋଭନୀୟ ହୋଇପାରେ । ତାପରେ ସଂପର୍କ ତ ଏମିତି ପଚଗ୍‌ଉଚଗ୍‌ରେ ହୁଏନାହିଁ । ଅନୁଭବରେ ହୁଏ, ଅନୁଗ୍‌ଗରେ ହୁଏ । ହେଲେ ସେ ଅନୁଭବ କାହିଁ ? ଅନୁଗ୍‌ଗ କାହିଁ ? ସେ ସ୍ପନ୍ଦନ କାହିଁ ? ରବି ହୃଦୟରେ ସେମିତି ପ୍ରେମର ପୁଲକ କାହିଁ ? ହୁଏତ ସେ ପୁଲକ ପଦ୍ମାର ଧୋକା ସହିତ ମରିଯାଇଛି । ହୁଏତ ସେ ପୁଲକ ଜାହ୍ନବୀର ସିଦ୍ଧାନ୍ତ ସହିତ ମରିଯାଇଛି । ହୁଏତ ସେ ପୁଲକ ସମାଜକୁ, ସମାଜର ନିୟମକୁ ଡରିଡରି ମରିଯାଇଛି ।

ଫଲ୍ ସେମିଷ୍ଟର୍ ସରିଗଲା । କ୍ରିଷଟ୍‌ମାସ୍ ଛୁଟି କଟେଇବା ପାଇଁ ରଞ୍ଜନା ବୋଷ୍ଟନ୍ ଯାଇଥିଲା ତା' ବାପାଙ୍କ ସାଙ୍ଗ ଆଦିତ୍ୟ ମିଶ୍ରଙ୍କ ଘରକୁ । ରବି ବି ସବୁ କାମ ସାରୁଥିଲା, କାରଣ ଜାନୁୟାରୀରେ ଦୁଇ ସପ୍ତାହ ପାଇଁ ଭାରତ ଯିବାର ଅଛି । ଜାହ୍ନବୀର ବାହାଘର ଜାନୁୟାରୀ ୨୨ ତାରିଖରେ । ସେଥିପାଇଁ ସିଏ ଜାନୁୟାରୀ ୧୭ ତାରିଖକୁ ଟିକେଟ୍ କରି ।

ଜାନୁୟାରୀ ୧୭ ତାରିଖରେ ରବି ଭାରତ ଅଭିମୁଖେ ଯାତ୍ରାକଲା । ସେ ଭିତରେ ସେ କିଛି ଅଫିସିଆଲ୍ କାମ ବି ମିଶେଇ ଦେଇଥିଲା । ଆଇ.ଆଇ.ଟି. ରୁର୍‌କିରେ ମିଟିଙ୍ଗ୍ ରଖିଥିଲା ୧୯ ତାରିଖରେ । ସେଠି ଫିଜିକ୍‌ସ୍ ଡିପାର୍ଟମେଣ୍ଟରେ ତାର ସେମିନାର୍ ଟକ୍ ବି ଥିଲା । ସେସବୁ ସାରି ଭୁବନେଶ୍ୱରରେ ପହଞ୍ଚିଥିଲା ୨୦ ତାରିଖରେ ଓ ସିଧା ଗାଁକୁ ଚାଲିଯାଇଥିଲା। ଜାହ୍ନବୀର ବାହାଘରରେ ଯୋଗଦେବା ପାଇଁ ପୁଣି ୨୨ ତାରିଖରେ ପରିବାରବର୍ଗଙ୍କ ସହିତ ଭୁବନେଶ୍ୱର ଆସିଲା ।

ଉଭୟ ଜାହ୍ନବୀ ଓ ପ୍ରମୋଦ ତାର ଦୁଇଜଣ ଉତ୍ତମ ବନ୍ଧୁ । ପ୍ରମୋଦ ତାର କ୍ଲାସ୍‌ମେଟ୍ । ପ୍ରମୋଦର ପରିବାର ବହୁତ ଗରୀବ ଥିଲେ । ରବି ସବୁବେଳେ ପ୍ରମୋଦକୁ ସାହାଯ୍ୟ କରିଆସିଛି । ରବିର ବହି ନେଇ, ରବି ଘରର ଲଣ୍ଠନ ଆଲୁଅରେ ପ୍ରମୋଦ ପଢେ । ପ୍ରମୋଦ କେବେ ଉପାସରେ ଥିଲେ, ରବି ଘରୁ ଚୁଡା, ମୁଢି ଲୁଚେଇ ତାକୁ ଦିଏ ।

ବଦଳରେ ସିଏ ରବିର ଅତି ବିଶ୍ୱସ୍ତ ସାଙ୍ଗ ହୋଇ ରହିଥାଏ। ସବୁ କାମରେ ରବିର ଚେଲା ହୋଇ ଥାଏ। ସେତେବେଳେ ପ୍ରମୋଦ ସବୁବେଳେ ଚୁପ୍‌ଚାପ୍ ।

ସେଇ ପ୍ରମୋଦ ଆଜି ଅଫିସର୍ ହୋଇଛି; କରଣ ଘରେ ବାହା ହେଉଛି; ପୁଣି ଜାହ୍ନବୀକୁ, ଯାହା ସହିତ ରବିର ବାହାଘର ପ୍ରସ୍ତାବ ପଡିଥିଲା। ମନେମନେ ଈର୍ଷାଭାବ ଟିକେ ରବିର ମନକୁ ଛୁଇଁଦେଇ ଗଲା। ସିଏ ଏପର୍ଯ୍ୟନ୍ତ ଅଭିଆଡା, ଆଉ ପ୍ରମୋଦ ବାହା ହୋଇଯିବ।

ଜାହ୍ନବୀ ରବିକୁ ଦେଖି ଖୁସିହେଲା। ରବି କହିଲା, "ତୋ ଲାଗି କଣ ଉପହାର ଆଣିବି ଜାଣି ପାରିଲିନ, ତେବେ ଯାହା ଆଣିଛି, ଯଦି ମନକୁ ନଯାଏ, ତୁ ଫେରେଇ ଦେଇପାରିବୁ ଓ ମୁଁ ବଦଳରେ ଆଉ କିଛି କିଣିଆଣିବି।" ଏମିତି କହି ରବି ନିଜ ବ୍ୟାଗ୍‌ରୁ କାଢି ଜାହ୍ନବୀ ସାମନାରେ ଗୋଟିଏ ଗହଣା ସେଟ୍ ରଖିଲା। ଜାହ୍ନବୀ ଖୋଲି ଦେଖିଲା ବେଳକୁ ଏକ ହୀରାର ହାର ଓ କାନଫୁଲ ସେଟ୍। ରୂପା ମାଉସୀ ସେଠି ଥିଲେ। ଗହଣା ଦେଖି ସିଏ ଚମକି ପଡିଲେ। "ଇଏତ ବହୁତ ଦାମିକା ଗହଣା ରବି। ବହୁତ ସୁନ୍ଦର ବି। କୋଉଠୁ କିଣିଲୁ ? ଆମେରିକାରୁ ?"

"ନା ମାଉସୀ, ଦିଲ୍ଲୀରୁ କିଣିଲି।"

ଜାହ୍ନବୀ ଧନ୍ୟବାଦ ଦେଲା। କହିଲା, "ତମେ ଆସିଲ ସେଇଟା ବଡକଥା। ଗହଣା ଆଣିବାର କିଛି ବି ଆବଶ୍ୟକତା ନଥିଲା। ହେଲେ ଗହଣା ବହୁତ ସୁନ୍ଦର ହୋଇଛି। ମୁଁ ସେଇଆକୁ ପିନ୍ଧି ହିଁ ବାହାହେବି।"

ରବି ଖୁସିହେଲା।

ଏହି ସମୟରେ ବାହାଘର ଶୋଭାଯାତ୍ରା ପାଖେଇ ଆସୁଥିବାର ଶବ୍ଦହେଲା। ସମସ୍ତେ ତତ୍‌ପର ହୋଇଉଠିଲେ। ରବି ବି ହୋଟେଲ୍‌ର ବାହାରକୁ ଚାଲିଆସିଲା। ସେଇଠି ପଦ୍ମାକୁ ଦେଖିଲା ରବି। ହଳଦିଆ ରଙ୍ଗର ବନାରସୀ ପାଟରେ ତା' ରୂପ ଚମକୁଥିଲା। ତା' ସାଙ୍ଗରେ ଚାଲୁଥିଲେ ଜଣେ ଯୁବକ ଓ ଆଉଜଣେ ଯୁବତୀ। ସେ ଯୁବକ ଜଣକ ହୁଏତ ପଦ୍ମାର ସ୍ୱାମୀ ପରମେଶ୍ୱର; କାରଣ ଫଟୋରେ ସିଏ ସେଇ ମୁହଁ ଦେଖିଥିବାର

ମନେହେଲା। ତେବେ ସେ ଯୁବକଟି ଅନ୍ୟ ଯୁବତୀଟି ସହିତ ନାଚୁଥିଲା । ହୁଏତ ସେ ଯୁବତୀଟି ପଦ୍ମାର ନଣନ୍ଦ ହେବକ କଣ ?

ଶୋଭାଯାତ୍ରା ଆସି ହୋଟେଲ୍ ସମ୍ମୁଖରେ ପହଞ୍ଚିଲା। ବର୍ତ୍ତମାନ କନ୍ୟାଘର ତରଫରୁ ରବି ବି ଜଣେ କର୍ତ୍ତା। ପ୍ରମୋଦକୁ ଗାଡିଭିତରୁ ଯାଇ ପାଛୋଟି ଆଣିଲା ରବି। ତା' ଉପରେ ସେଇ କାମ ନ୍ୟସ୍ତ କରାଯାଇଥିଲା । ଗାଡି ପାଖରେ ପଦ୍ମା ଠିଆହୋଇଥିଲା । ସେଇଠି ପଦ୍ମା ଆଖିରେ ତା' ଆଖି ମିଶିଲା । ପଦ୍ମା ଆଖି ତଳକୁ କଲା । ନୀରବରେ ପରସ୍ପର ଯେମିତି ଅନେକ କଛି କଥାବାର୍ତ୍ତା ହୋଇଗଲେ।

ଜାହ୍ନବୀର ବେଦି ବାହାଘର କାର୍ଯ୍ୟକ୍ରମ ଗ୍ଲଲିଥାଏ। ସେତେବେଳକୁ କେବଳ ବରକନ୍ୟାଙ୍କ ପରିବାରବର୍ଗ ଓ ବନ୍ଧୁବାନ୍ଧବଙ୍କ ଛଡା ଅନ୍ୟ ସମସ୍ତେ ବିଦାୟ ନେଇଥାନ୍ତି । ଜୁଲି ବି ଆସିଥିଲା ପ୍ରମୋଦର ବାହାଘରରେ ଯୋଗଦେବାକୁ । ସିଏ ପରମେଶ୍ୱରକୁ ଆଣି ରବିକୁ ଚହ୍ନେଇ ଦେଲା, "ଭାଇ, ଇଏ ହେଲେ ପରମେଶ୍ୱର, ପଦ୍ମାର ସ୍ୱାମୀ ।" ତାପରେ ପରମେଶ୍ୱରକୁ କହିଲା, "ଇଏ ମୋ ଭାଇ, ଆମେରିକାରେ ରୁହନ୍ତି । ସେଠି ମେରୀଲାଣ୍ଡର ୟୁନଭର୍ସିଟିରେ ସିଏ ଫିଜିକ୍ସ୍ ପ୍ରଫେସର୍ ଅଛନ୍ତି ।" ପରମେଶ୍ୱର ନମସ୍କାର କଲା ଓ ଆମେରିକା ଫେରିଗଲା ପରେ ସେମାନଙ୍କ ଘରକୁ ଆସିବାକୁ ନିମନ୍ତ୍ରଣ କଲା । ପଦ୍ମା ଯେ ପି.ଏଚ୍.ଡି. କରିବାକୁ ଇଚ୍ଛୁକ ଓ ସେମାନେ ଆମେରିକା ଫେରିଲା ପରେ ତାଙ୍କ ସହିତ ନିଶ୍ଚୟ ଯୋଗାଯୋଗ କରିବେ ସେକଥା ବି ଜଣେଇଲା । ରବି ଖୁସିହେଲା । ଯାହାହେଉ, ପଦ୍ମା ତା' ପାଠ ବିଷୟ ଭୁଲିନି, ରବିକୁ ବରଂ ଭୁଲିଯାଉ ।

ହଠାତ୍ ସେ ଝିଅଟି, ଯିଏ ପରମେଶ୍ୱର ସହିତ ନାଚୁଥିଲା, ଆସି ରବିକୁ ଖୁସିହୋଇ କହିଲା, "ମୋର ମେରୀଲାଣ୍ଡ ଯିବାର ଅଛି, ରେସିଡେନ୍ସୀ କରିବାପାଇଁ । ଆପଣଙ୍କୁ ହଇରାଣ କରିବି ।"

ରବିର ଆଶ୍ଚର୍ଯ୍ୟ ମୁହଁକୁ ଦେଖି ଜୁଲି ପୁଣି ପରିଚୟ କରେଇଦେଲା, "ଇଏ ହେଲା ତିଲୁ, ଡକ୍ଟର୍ ତିଳୋତ୍ତମା ମୁଖାର୍ଜୀ । ସିଏ ପରମେଶ୍ୱରଙ୍କର ବହୁତ ଅନ୍ତରଙ୍ଗ ସାଙ୍ଗ । ସିଏ

ଆମେରିକାରେ ରେସିଡେନ୍ସୀ କରିବାପାଇଁ ସବୁ ପରୀକ୍ଷା ଦେଇସାରିଛନ୍ତି ଓ ଇଣ୍ଟର୍‌ଭିୟୁ ବି ଦେଇ ଫେରିଛନ୍ତି । ଫଳାଫଳ ମାର୍ଚ୍ଚମାସରେ ଜଣାପଡିବ । ''

ସେ ଝିଅଟି ପୁଣି ଖିଲିଖିଲି ହସି କହିଲା, "ହଁ, ମୋର ମେରୀଲାଣ୍ଡ ରେ ପ୍ରିନ୍ସ ଜର୍ଜ଼ସ୍ କାଉଣ୍ଟି ହସ୍ପିଟାଲରେ ରେସିଡେନ୍ସୀ ହୋଇଯିବାର ଅଛି । ଯଦି ହୋଇଯାଏ ତ ମୁଁ ଜୁନ୍ ମାସରେ ଆମେରିକା ଯିବି । ''

ରବି ଅତି ଆଗ୍ରହାନ୍ୱିତ ହୋଇ କହିଲା, "ତାମାନେ ତ ଆପଣ ଆମ ୟୁନଭର୍‌ସିଟିର ପାଖାପାଖି କାମ କରିବେ । ବହୁତ ଭଲକଥା । ''

ରବିକୁ ସେ ଝିଅଟି ଅତି ଭଲଲାଗିଲା । କିଛି ସମୟ ପରେ ଦହିପଣା ଧରି ଜୁଲି ଓ ତିଲୁ ଆସିଲେ । ସମସ୍ତଙ୍କୁ ପଣା ଦେଇସାରି ରବିର ପାଖରେ ବସିଲେ । ଜୁଲି କହିଲା, "ଭାଇ ଜାଣିଛୁ, ତିଲୁ ପାଇଁ ହିଁ ମଉସା ବଞ୍ଚିଗଲେ । ''

ରବି ପୁଣି ଆଶ୍ଚର୍ଯ୍ୟ ହେଲା । "କୋଉ ମଉସା ? ''

ଜୁଲି - "ପଦ୍ମାର ଶ୍ୱଶୁର ।''

ରବି - "ତାଙ୍କର କଣ ହୋଇଥିଲା ? ''

ଜୁଲି - "ତୁ ଜାଣିନୁ କି ? ଆକ୍‌ସିଡେଣ୍ଟ ହୋଇ ସିଏ କୋମାରେ ପଡିଥିଲେ । ''

ରବି ଚମକପଡିଲା । "ମତେ ତ ଏ ବିଷୟରେ କେହି କହିନଥିଲେ । ''

ଜୁଲି କହିଲା, "କେବଳ ଏ ତିଲୁ ପାଇଁ, ସିଏ ଏବେ ପୂରା ସୁସ୍ଥ । ଦେଖିଲେ କେହି କହିବେନ କି ସିଏ ଦିନେ କୋମାରେ ଥିଲେ । ''

ରବି ତିଲୁକୁ ସପ୍ରଶଂସ ଦୃଷ୍ଟିରେ ଗୁହିଁ କହିଲା, "ଆପଣଙ୍କୁ ଧନ୍ୟବାଦ । ଭଗବାନଙ୍କୁ ଡାକୁଛି, ଆପଣଙ୍କର ମେରୀଲାଣ୍ଡ ରେ ହିଁ ରେସିଡେନ୍ସୀ ହୋଇଯାଉ । ତାହେଲେ ଦେହ ଖରାପ ହେଲେ ଆଉ ଚିନ୍ତା ନଥିବ । ''

କାହିଁକି କେଜାଣି ତିଲୁ ଅତି ଆପଣାର ଲାଗୁଥିଲା । ହୁଏତ ଜାହ୍ନବୀ ସହିତ ତା' ଚେହେରାର ସାମଞ୍ଜସ୍ୟ ଥିବାରୁ କି କଣ, ସିଏ ବେଳେବେଳେ ଭ୍ରମରେ ପଡୁଥିଲା ।

ବାହାଘର ସରିବା ପରେ ଜାହ୍ନବୀର ଝିଅ ବିଦା ସରିଲା ପରେ ସେମାନେ ସମସ୍ତେ ମାମୁଁଙ୍କ ଘରକୁ ଫେରିଲେ । ଜୁଲି ଟିଲୁକୁ ସାଙ୍ଗରେ ଧରି ଆସିଥିଲା । ରବିକୁ ଅନୁରୋଧ କଲା, "ଭାଇ, କାଲି ଆମେ ପୁରୀ ଯାଇପାରିବା ? ଟିଲୁର ପୁରୀ ଜଗନ୍ନାଥ ମନ୍ଦିର ଯିବାକୁ ଭାରି ଇଚ୍ଛା । ହେଲେ ପଦ୍ମା ଘରେ ତ ଏବେ ସମସ୍ତ ବନ୍ଧୁବାନ୍ଧବଙ୍କ ଗହଳ । ସେଥିପାଇଁ ମୁଁ ଟିଲୁଙ୍କୁ ମୋ ସହିତ ନେଇଆସିଲି । "

ରବି ରାଜିହେଲା । ତା' ପରଦିନ ସେମାନେ ଗୋଟିଏ ଗାଡି ଭଡା କରି ପୁରୀ ଗଲେ, କେବଳ ତିନ ଜଣ, ଜୁଲି, ଟିଲୁ ଓ ରବି । ସେ ସମୟ ଭିତରେ ଟିଲୁକୁ ଅଧିକ ଜାଣିବାର ସୁଯୋଗ ପାଇଥିଲା ରବି । ଟିଲୁର ବଡ ଭଉଣୀର ନଣନ୍ଦ ଜଣେ ଡାକ୍ତର । ସିଏ କାଲିଫର୍ଣ୍ଣିଆରେ ରହନ୍ତି । ତାଙ୍କରି ପ୍ରେରଣାରେ ଓ ସାହାଯ୍ୟରେ ଟିଲୁ ଆମେରିକାରେ ରେସିଡେନ୍ସୀ କରିବାର ସ୍ୱପ୍ନ ଦେଖିଲା ଓ ସମସ୍ତ ପରୀକ୍ଷା ସଫଳତାର ସହିତ ସମାପ୍ତ କରି, ସମସ୍ତ ଇଣ୍ଟର୍‌ଭିୟୁ ଦେଇ ଫେରିଛି ।

ଶ୍ରୀମନ୍ଦିର ମୁଖ୍ୟଦ୍ୱାର ପାଖରେ ପାଣିପାଇପରେ ଆସୁଥିବା ପାଣିରେ ଗୋଡ ଧୋଇ ସେମାନେ ମନ୍ଦିର ଭିତରକୁ ଗଲେ । ସେଲ୍ ଫୋନ୍, ଜୋତା, ପର୍ସ ଇତ୍ୟାଦି ସବୁ ଗାଡି ଭିତରେ ଛାଡି ଯାଇଥିଲେ । ଡ୍ରାଇଭର୍ ଚନ୍ଦ୍ରା, ତେଣୁ କିଛି ଚୋରି ହେବାର ସମ୍ଭାବନା ନାହିଁ। ମନ୍ଦିର ଭିତରେ ସେତେବେଳେ ଭାରି ଭିଡ । ଠାକୁରଙ୍କ ଦର୍ଶନ ପାଇଁ ଧାଡିରେ ସମସ୍ତେ ଠିଆ ହୋଇଥାନ୍ତି । ସେମାନେ ବି ସେଠି ଧାଡିରେ ଠିଆ ହେଲେ । ତିନଟା ଧାଡି ହୋଇଥାଏ । ସେମାନେ ମଝିଧାଡିରେ ଠିଆ ହୋଇଥାନ୍ତି । ରବି ପଛରେ ଠିଆ ହୋଇଥାଏ ଟିଲୁ । ତା' ପଛକୁ ଜୁଲି । ଏତିକିବେଳେ ପଛରୁ କିଏ ଜଣେ ଧକ୍କା ଦେଇ ଟିଲୁ ଓ ଜୁଲିଙ୍କ ମଝିରେ ପଶିଗଲା । ସେ ଲୋକର ଧକ୍କାରେ ଟିଲୁ ତଳେ ପଡୁପଡୁ ରବି ଧରିବାରୁ ରହିଗଲା। ତାପରେ ଟିଲୁକୁ ସମ୍ଭାଳେ କିଏ । ସିଏ ସିଧା ଯାଇ ସେଠି ଜଗିଥିବା ପୋଲିସ୍‌ଙ୍କୁ କଣ କହିଲା କେଜାଣି ପୋଲିସ୍ ଆସି ସମସ୍ତଙ୍କୁ ଧାଡିରେ ଆଗପଛ କରାଇ ଠିଆ କରେଇଲା। ମଝିରେ ନପଶି ଶୃଙ୍ଖଳାର ସହିତ ଠାକୁରଙ୍କ ଦର୍ଶନ କରିବାପାଇଁ ସମସ୍ତଙ୍କୁ ବୁଝାଇଲା । ତା' ଫଳରେ ଧସ୍ତାଧସ୍ତି ଟିକେ କମିଲା । ରବିକୁ ନିଃଶ୍ୱାସ ନେବାକୁ ସୁଯୋଗ

ମିଳଲା । ତିଲୁ ଲାଇନ୍‌କୁ ଆସି ରବିକୁ କହିଲା, "ଧନ୍ୟବାଦ, ଆପଣଙ୍କ ପାଇଁ ଆଜି ବଞ୍ଚିଲି, ନହେଲେ ଏ ପଥରରେ ପଡି ମରିଥାନ୍ତି । "

ସେମାନେ ଠାକୁରଙ୍କ ଦର୍ଶନ କରି ସେଠି ମହାପ୍ରସାଦ ସେବନକଲେ । ତିଲୁ ପାଖରେ ପାଣି ଥିଲା ଓ ପେପର୍ ନାପ୍‌କିନ୍ ବି ଥିଲା । ସମସ୍ତେ ଭଲରେ ହାତ ଧୋଇ ପ୍ରସାଦ ପାଇଲେ । ରବି ହୃଦୟରେ କେମିତି ଏକ ଜୁଆର ଖେଳଗଲା ଭଳି ମନେହେଲା । ସିଏ ଆଉ ପଦ୍ମାକୁ ଭାବୁନଥିଲା । ତା' ହୃଦୟ ତିଲୁମୟ ହୋଇଯାଉଥିଲା । ରବି ନିଜ ଭାବନାରେ ଏମିତି ମଜ୍ଜିଯାଇଥିଲା ଯେ, ଜୁଲି ଓ ତିଲୁ ତାକୁ କେତେବେଳେ ଡାକ ଯିବାପାଇଁ ଠିଆହେଲେ ଓ ତାକୁ ଛାଡି ଗୁଲିଯାଇଥିଲେ, ତାକୁ ଜଣାପଡିନଥିଲା । ଜୁଲି ତାପରେ ତା' କାନ୍ଧ ହଲେଇବାରୁ ସିଏ ପ୍ରକୃତିସ୍ଥ ହେଲା । "ଭାଇ, ମନ୍ଦିର ଭିତରେ ତୁ କଣ ତୋ ରିସର୍ଚ୍ଚ କଥା ଭାବିବା ଆରମ୍ଭ କରିଦେଲୁ ନା' କଣ ? ଆମେ କେତେବାଟ ଯାଇ ଫେରିକି ଆସିଲୁଣି, ଅଥଚ ତତେ ଜଣାପଡିନି । "

ରବି ତିଲୁକୁ ଗ୍ୱହିଁଲା ।

ତିଲୁ ହସିହସି କହିଲା, "ଆପଣ କଣ ଆଇନ୍‌ଷ୍ଟାଇନ୍‌ଙ୍କ ଭଳି ଏମିତି ଗଭୀର ଭାବେ ଚନ୍ତା କରନ୍ତି ? ଜାଣିଛନ୍ତି, ମୁଁ ଆଇନ୍‌ଷ୍ଟାଇନ୍‌ଙ୍କର ଜଣେ ବଡ ଫ୍ୟାନ୍ । ଏବେ ଆପଣଙ୍କର ଫ୍ୟାନ୍ ହୋଇଯିବି । "

ରବିର ହୃଦୟରେ କିଏ ଯେମିତି ଖୁସିର ଜୁଆର ଖେଳାଇଦେଇ ଅନୁରୋଧ କରି କହିଲା, "କେବଳ ଫ୍ୟାନ୍ ନୁହେଁ, ମୋ ନିଜର ଅନ୍ତରଙ୍ଗ ବନ୍ଧୁ ହୋଇଯା ତିଲୁ, ମୋ ଜୀବନସାଥୀ ହୋଇଯା । "

ମନେମନେ ସିଏ ଜଗନ୍ନାଥଙ୍କୁ ତିଲୁର ମେରୀଲାଣ୍ଡ ରେ ରେସିଡେନ୍‌ସୀ ହୋଇଯିବା ପାଇଁ ପ୍ରାର୍ଥନାକଲା ।

ଡେଟନ୍, ମେରୀଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# ମାୟାବିନୀ



ନିର୍ମଳ କୁମାର ଦଳାଇ

ଛୁଅଁନା ମତେ
ସଁବାଳୁଆରୁ ଆରମ୍ଭ ମୁଁ
ପ୍ରଜାପତିରେ ଶେଷ,
ଧରନା ମତେ
ଫୁଲରୁ ଫୁଲ ଉଡିବା
ମୋର ପୁରୁଣା ଅଭ୍ୟାସ ।

ଖୁସିଦିଏ
ଖସିଯାଏ
ପ୍ରୀତିର ମୋ ଇତି ନାହିଁ ,
ଦିନ ସରେ
ମଧୁ ଭରେ
ପ୍ରତି ସ୍ପନ୍ଦନରେ ଝୁମେଇବା ପାଇଁ ।

ପ୍ରେମ ଶାଳାର
ମହମ ନିଶା ମୁଁ
କ୍ଷଣେ କ୍ଷଣେ ମତୁଆଲ୍ କରେ,

ମାୟାବିନୀ ମୁଁ ଯେ
ମରୁ ମରୀଚିକା
ନେଇଯାଏ ବହୁଦୂରେ ।
ସ୍ୱପ୍ନର ତାଳେ ତାଳେ
ପ୍ରୀତି ଢାଳେ ପିଆଲ୍‌ରେ
ଆଖି ଲାଗେ ପାନ୍ଥଶାଳା କୋଳେ,
ରାତି ସରେ
ରତି ସରେ
ମନ ଫେରେ ଏକ ନବ ସକାଳେ ।

ପାଇକସାହି, ବ୍ରହ୍ମଗିରି , ପୁରୀ

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

# ମା



କଶୋର କୁମାର ପଣ୍ଡା

ଦିନେ ନାହିଁ କାଳେ ନାହିଁ
ଯାଇଥିଲି ମନ୍ଦିର
ଦେଖିଲି ବୁଢ଼ୀଟେ ବସି
ବାରଣ୍ଡାର ଉପର
ଅଧା ମୁହଁ ଲୁଚେଇ
ମାଗେ, "ବାବୁ ଦିଅ କିଛି
ପେଟ ଜଳେ ମୋହର "||୧||

ମନପର୍ସ ଫିଟେଇକି
ଦଉଣ୍ଡିଲି ଖୁଚୁରା
ଦି'ଟଙ୍କିଆ ନୋଟ ଟିଏ
ହୋଇଥିଲା କୋତରା
ଥାଳେ ତାର ପକେଇ
ଭାବିଲି ଦେଲି ବହୁତ
ବୁଢ଼ୀଟିକୁ ବିଚରା ||୨||

ମନ୍ଦିରରୁ ପୂଜାସାରି
ଘରେ ଆସି ଶୋଇଲି
ସପନରେ ନରୀହ ସେ
ବୁଢ଼ୀଟିକୁ ଦେଖିଲି
ନଦ ଗଲା ଦୂରେଇ
କାଲି ପୁଣି ମନ୍ଦିରକୁ
ଯିବି ବୋଲି ଭାବିଲି ||୩||

ଚେଇଁ ଚେଇଁ ରାତି ପାହି
ହୋଇଗଲା ସକାଳ
ଗାଧୋଇ ପାଧୋଇ ପୁଣି
ବାହାରିଲି ଦେଉଳ
ଚାରିଆଡେ ଖୋଜିଲି
ବୁଢ଼ୀକୁ ନପାଇ ଫେରେ
ହୋଇ କେତେ ଆକୁଳ ||୪||

ପରଦିନ ଆଉଥରେ
ଗଲି ପୁଣି ମନ୍ଦିର
ଖୋଜିଖୋଜି ନ ପାଇଲି
ବୁଢ଼ୀଟିକୁ ଏଥର
ହୋଇଗଲି ନରାଶ
ଆଖପାଖ ଭିକାରୀ ଠୁଁ
ନେଲି ତାର ଖବର ||୫||

କହିଲେ ଏକଇ କଥା
ଥିଲେ ଯେତେ ଭିକାରୀ
ମାସକେ ଗୋଟିଏ ଦିନ
ବୁଢ଼ୀ କରେ ଗୁହାରି,
"ଭିକ ଦିଅ ବାବୁ ହେ
* ନିଆଁଲଗା ପେଟ* ପରା
ସାଜିଛି ମୋ ବଇରୀ "||୬||

ଗୁହୁଁ ଗୁହୁଁ ବିତିଗଲା
ମାସଟିଏ ପଲକେ
ପୁଣି ଗଲି ମନ୍ଦିରକୁ
ସ୍ମୃତିର ସେ ଝଲକେ
ଆଖିଗଲା ପହଁରି
ଦେଖିଲି ବସିଛି ବୁଢ଼ୀ
ମନ୍ଦିରର ସେପାଖେ ।।୭।।

ଧାଇଁ ଯାଇ ପହଂଚଲି
ବୁଢ଼ୀଟିର ପାଖରେ
ମାସେହେଲା ଖେଳୁଅଛି
ପ୍ରଶ୍ନଟିଏ ମନରେ
ପଗ୍ଚରିଲି, "ମାଉସି,
କାହିଁକି ତୁ ଭିକ ମାଗୁ
ଗୋଟେ ଦିନ, ମାସରେ ।।୮।।

ବୁଢ଼ୀଟି କହିଲା କାନ୍ଦି,
"ଦୁଇ ପୁଅ ମୋହର
ଜଣେ ଅଛି ଡାକତର
ଜଣେ ଇଂଜିନଅର
ବାପ ମଲା ପରଠୁ
ଦୁହିଁଙ୍କ ପାଖେ ଗ୍ଭଲିଛି
ଭାଗବଣ୍ଟା ମାଆ' ର ।।୯।।

ମାସକେ ପନ୍ଦର ଦିନ
ବଡ଼ପୁଅ ରଖୁଛି
ବାକି ପନ୍ଦର ଦିନ ମୁଁ
ସାନପାଖେ ରହୁଛି
ଏକତ୍ରୀଶିଆ ମାସରେ
ଦିନଟିଏ ପେଟ ପାଇଁ
ଭିକମାଗି ଚଳୁଛି ।।୧୦।।

ବୁଢ଼ୀଟିର କଥା ଶୁଣି
ମୁଣ୍ଡ ଦେଲି ଘୁରେଇ
କହିଲି ମୁଁ, "ମାଉସି ତୁ
ଆ' ଯିବା ପଳେଇ
ରହିବୁ ମୋ ପାଖରେ
ମୋ ପାଖେ ରହିଲେ ତୋର
ଦୁଃଖ ଯିବ ଦୂରେଇ ।।୧୧।।

କଥା ମୋର ଶୁଣି ସାରି
ବୁଢ଼ୀ ହସି କହିଲା,
"ମାଆ ବୋଲି ଡାକଦେଲୁ
ଖୁସି ବାଆ ବହିଲା
ଘର ଛାଡ଼ି ନ ଯିବି
ଦେଖିଲେ ପୁଅଙ୍କ ଖୁସୀ
ଦୁଃଖ ମୋର ସଇଲା" ।।୧୨।।

ବାଲିକୁଦା, ଜଗତସିଂହପୁର

# ଆମୁର ଫାଲକନର ବିଶ୍ୱ ରାଜଧାନୀ

( ଚତୁର୍ଥ ଭାଗ)



ଅଶୋକ ବିଶ୍ୱାଳ

ତାଙ୍କ ଆଖି ଜଳୁଥିଲା ।

ଶିକାରୀମାନେ ସହଜରେ ରାଜି ହେବା କଥା ନୁହେଁ । – ଏତିକ କହି ଥୁଙ୍ଗବେମୋ ରହିଗଲେ । ତାଙ୍କର ଖୁବ ବଳିଷ୍ଠ ଶରୀର । ହାତଯୋଡାକ ଶକ୍ତ । ଦେହର ସବୁ ମାଂସ ପେଶୀରେ ଶକ୍ତି ଖୁନ୍ଦି ହେଲା ପରି ଜଣା ପଡୁଥିଲା ।

ସେ ଅନେକ ଫଟୋ ଉଠେଇ ନେଲେ । ତାପରେ ଭିଡିଓ ଆଉ ଫଟୋକୁ ଫେସବୁକ ଆଉ ହ୍ୱାଟସଆପ୍ ଇତ୍ୟାଦିରେ ଦେଇଦେଲେ ।- ସେ ଏକ ନିଃଶ୍ୱାସ ନେଉଥିଲେ । ତାଙ୍କର ଛାତି ଖୁବ ଜୋରରେ ଫୁଲି ଉଠିଥିଲା । ଆଖିର ଭ୍ରୂଲତା ଉପରକୁ କୋଣାକାର ହୋଇ ଉଠିଯାଇଥିଲା । ବୋଧହୁଏ ତାଙ୍କ ଭିତରର କ୍ଷଣିକ କୋପକୁ ଦର୍ଶାଉଥିଲା । ଏ ନାଗାମାନେ ଖୁବ ସହଜରେ ଉତ୍ୟକ୍ତ ହୋଇଯାଆନ୍ତି ।

ଆମର ଶିକାରୀମାନେ ମୋଟେ ମାନିବାକୁ ପ୍ରସ୍ତୁତ ନଥିଲେ । ସେମାନେ ଏତେ ବେଶି ଶିକାରକୁ କେମିତି ଛାଡି ଦେଇଥାନ୍ତେ ? କିନ୍ତୁ କଥାଟା ଭିନ୍ନ ଭାବରେ ଘଟିଗଲା ।

ଆପଣଙ୍କ ଗାଁରେ ଏତେ ଶିକାରୀ ।- ମୁଁ ପଚାରିଲି ।

ଏ ନାଗା ମାନଙ୍କର ଗାଁ । ସମସ୍ତ ପୁରୁଷ ଏଠି ଶିକାରୀ । ସମସ୍ତଙ୍କ ଘରେ ବନ୍ଧୁକ ଅଛି ।- ସେ କହିଲେ । ତାଙ୍କର ମୁହଁ ଉଜ୍ଜ୍ୱଳ ହୋଇ ଉଠୁଥିଲା । ଅସ୍ତ୍ର ଶସ୍ତ୍ର ବିଷୟରେ କହିଲେ ଏକ ସାହାସୀ ମଣିଷ ଖୁବ ସହଜରେ ଉଲ୍ଲସିତ ହୋଇଯାଏ । ଏମାନେ ଏମିତି ଖୁବ ସାହାସୀ ।

ମୁଁ ତାଙ୍କ ମୁହଁରେ ଫୁଟି ଉଠୁଥିବା ହସକୁ ଠଉରାଇ ନେଇଥିଲି । ସେ ଖୁସି ହୁଅନ୍ତୁ ।

କେମିତି ଶିକାର କରନ୍ତି ? – ତାଙ୍କୁ ପଗ୍ଚରିଲି । ସେ ଅଧରକ ଖୁସି ହୁଅନ୍ତୁ ।

ଟେଲିସ୍କୋପିକ ର଼ାଇଫଲକୁ ମୁଁ ଖୁବ ପସନ୍ଦ କରେ । ଦୂରରୁ ସହଜରେ ଶିକାର କରିହେବ। ଅବ୍ୟର୍ଥ ଲକ୍ଷ୍ୟ ।- ତାଙ୍କ ହାତ ଉପରକୁ ଉଠି ଯାଉଥିଲା। ଏକ ଆଖି ବନ୍ଦ କରି ଦେଉଥିଲେ । ମୁଣ୍ଡ ନଇଁ ଯାଉଥିଲା । ସେ ଏମିତି ବ୍ୟବହାର କରୁଥିଲେ ଯେମିତିକ ସେ ବନ୍ଧୁକକୁ ଧରିଛନ୍ତି ଆଉ ଲକ୍ଷ୍ୟ କରୁଛନ୍ତି । ତାଙ୍କ ଆଙ୍ଗୁଠି ମନକୁ ମନ ଯେମିତି ଗ୍ଚଲୁଥିଲା।

କନ୍ତୁ ସେ ବନ୍ଧୁକରେ ବଡ ଜୀବ ଶିକାର କରିହେବ । ଏ ପକ୍ଷୀମାନଙ୍କୁ ମାରିବା ପାଇଁ ଏଆର ର଼ାଇଫଲ ଯଥେଷ୍ଟ । ସେଥରରୁ ଅନେକ ଛରର଼ା ଗୁଳ ଅଳ୍ପ ଦୂରରେ ଖେଳେଇ ହୋଇଯିବ । ପକ୍ଷୀମାନଙ୍କ ଦେହରେ ସାମାନ୍ୟ ଆଘାତ ହେବା ଦରକାର । ସେମାନେ ଖସିପଡନ୍ତି ଆଉ ମାଂସ ମଧ୍ଯ ବେଶୀ ନଷ୍ଟ ହୁଏନାହିଁ । ବାଟୁଲି ଖଡାରେ ପକ୍ଷୀମାନଙ୍କୁ ପିଲାମାନେ ଅବଶ୍ୟ ମାରି ଥାନ୍ତି ।

କନ୍ତୁ ଏ ଆମୁର ଫାଲକନ ମାନଙ୍କୁ ମାରିବା କଛି ସହଜ ନଥିଲା । ଦିନରେ ସେମାନେ ଖୁବ ଉଚ୍ଚରେ ଉଡନ୍ତି । ମଣିଷ ପାଖକୁ ଗଲେ ପଳାନ୍ତି । ଦିନରେ ମାରିବା କଛି ସହଜ ନୁହେଁ । ଅବଶ୍ୟ ସଂନ୍ଧ୍ୟାବେଳେ ତଳକୁ ଓହ୍ଲାଇ ଆସି ବିଶ୍ରାମ କରନ୍ତି । ସେ ସମୟରେ ବନ୍ଧୁକରେ ଶିକାର କରିହେବ । କନ୍ତୁ ଶବ୍ଦରେ ସେମାନେ ଉଡି ପଳେଇବେ । ତେଣୁ ଏଠିକାର ଶିକାରୀମାନେ ଏକ ନୂଆ ଉପାୟ ଉଦ୍ଭାବନ କରିଥିଲେ । ସେମାନେ ମାଛ ଜାଲରେ ଆମୁର ଫାଲକନ ମାନଙ୍କୁ ଧରୁଥିଲେ ।- ସେ ମୋତେ ଏଠାକାର ଏକ ନୂଆ ଶିକାର ପ୍ରଣାଳୀ ବୁଝାଉଥିଲେ ।

ମାଛ ଜାଲରେ ପକ୍ଷୀ ଶିକାର ହେବା ଏକ ଅଶୁଣା କଥା ଥିଲା । ମାଛ ଜାଲରେ କେମିତି ପକ୍ଷୀ ଶିକାର କର଼ାଯିବ । ଏ ପକ୍ଷୀମାନେ ତାହେଲେ କଣ ଦଳ ହୋଇ ପାଣିରେ ପହଁରନ୍ତି। ସାଧାରଣତଃ ଆକାଶରେ ବହୁତ ସମୟ ଧରି ଉଡୁଥିବା ପକ୍ଷୀ ପାଣିରେ ପହଁରେ ନାହିଁ । ଏମାନେ ଆକାଶରେ ପତଙ୍ଗ ଖାଉଥିବା ପକ୍ଷୀ । ପାଣିରେ କେମିତି ପହଁରୁଥିବେ?

ମାଛ ଜାଲରେ ପକ୍ଷୀ ଧରନ୍ତି ! – ମୋର ବିସ୍ମୟର ବାକ୍ୟ ଥିଲା ।

ସେ ମୋତେ ଗୁହିଁଲେ । ତାଙ୍କ ପାଟି ଆଁ ହୋଇ ଯାଉଥିଲା । ସେ ମୋର ଏମିତି ଅବାନ୍ତର ପ୍ରଶ୍ନର କାରଣ ଜାଣି ପାରୁ ନଥିଲେ । କନ୍ତୁ ମୋର ମୁହଁର ଭ୍ଵବ ଦେଖି ବୁଝିପାରିଲେ ଯେ ସତରେ ମୁଁ କଛି ବୁଝୁ ପାରୁ ନହିଁ ।

ଆରେ ସେମାନେ ପାଣିରେ ଜାଲ ଲଗାଇ ପକ୍ଷୀ ଧରନ୍ତି ନାହିଁ । ଏ ପକ୍ଷୀମାନେ ମଧ ପାଣିରେ ପହଁରନ୍ତି ନାହିଁ । ସେମାନେ ଆକାଶରେ ଜାଲ ଲଗାଇ ଦିଆନ୍ତି-

ଆକାଶରେ ଜାଲ ଲଗାଇ ଦିଆନ୍ତି । ଏହା ମଧ ଏକ ଅବୋଧ ବାକ୍ୟ ଥିଲା । ଆକାଶରେ କେମିତି ଜାଲ ଲଗାଇ ଦେବେ? ତଳକୁ ତ ଖସି ପଡିବ ।

ସେମାନେ ଗଛର ଏ ଡାଳରୁ ସେ ଡାଳ ପର୍ଯ୍ୟନ୍ତ ମାଛ ଜାଲ ଦିନରେ ବାନ୍ଧି ଦିଅନ୍ତି । ଆଉ ପକା ମାଛୁଆ ଭଳ ଗ୍ତି ସାଗ୍ ଅପେକ୍ଷା କରନ୍ତି । ପରଦିନ ସକାଳେ ଜାଲରେ ପଡିଥିବା ପକ୍ଷୀମାନଙ୍କୁ ମାଛଭଳ ଛଡାନ୍ତି । ପାଣିରେ ମାଛ ଧର୍ ଆଉ ଆକାଶରେ ପକ୍ଷୀ ଧର୍ । ଏ ମାଛୁଆ ମାନଙ୍କର ଘର ଶିକାରରେ ଭରିଯାଏ ।- ସେ ମୋତେ ଭ୍ଵବରେ କଥାଟା ବୁଝାଉଥିଲେ ।

ଡୋଇଙ୍ଗ ନଦୀରେ ଏତେ ମାଛ ନାହାନ୍ତି କନ୍ତୁ ଆକାଶରେ ପକ୍ଷୀ ଭରି ଯାଇଛନ୍ତି । ଜାଲରେ ସକାଳେ ଶହ ଶହ ପକ୍ଷୀ ଧର୍ ପଡନ୍ତି । ସେମାନଙ୍କୁ ଏତେ ପକ୍ଷୀ କାନ୍ଧେଇ କରି ବୋହି ନେବାକୁ ପଡେ । ଏତେ ମାଛ ଧର୍ ଏକା ଗ୍ତିକେ କେବେ ସମ୍ଭବ ନୁହେଁ । – ସେ ହସିବାକୁ ଲ୍ଗିଲେ ।

ତାଙ୍କ ଆଖି ଏକ ଇଗଲର ଆଖି ଭଳ ଗାଢ ଆଉ ତୀକ୍ଷଣ ହୋଇ ଯାଇଥିଲା । ଖୁବ ତୀକ୍ଷଣ। ଶିକାରୀ ଇଗଲ ଏକ ଡାଳ ଉପରେ ବସି ସବୁ ଆଡକୁ ନଘା ରଖିଥାଏ । ସେମିତି ଶିକାରୀମାନେ ସବୁ ଆଡକୁ ନଘା ରଖିଥାନ୍ତି । ଆଉ ସେ ନଜେ ତ ଏକ ବଡ ଶିକାରୀ । ଶିକାରୀଜାତ ପ୍ରବୃତି ମନକୁ ମନ ବାହାରି ଆସୁଥିଲା । ଶିକାରୀର ମୁଣ୍ଡ ଆଉ ହାତ ସବୁବେଳେ ଜାଗରତ ଥାଏ ।

ଏହି ଆମୁର ଫାଲକନ ମାନଙ୍କର ଧରିବା ଆମର ଏଠିକାର ଶିକାରୀମାନଙ୍କୁ ଖୁବ ସହଜ ଥିଲା । ଖାଲି ଜାଲ ଟାଣିଦେବା ଆଉ ପରଦିନ ସକାଳେ ସେମାନଙ୍କୁ ସଂଗ୍ରହ କରିବା ।

ଖାଲି ଏତିକ ଯେ ସାବଧାନରେ ଗଛ ଚଢିବାକୁ ହେବ । ଅନେକ ସମୟରେ ଶିକାରୀମାନେ ଖୁବ ଅଗ ଡାଳରେ ଜାଲକୁ ବାନ୍ଧି ଦେଇଥାନ୍ତି । ସେଥିରେ ଅଧିକ ଫାଲକନ ମିଳଯିବେ ।

ମୁଁ ଅନ୍ୟମାନଙ୍କୁ ଅନାଇଲି । ସମସ୍ତେ ସତୃଷ୍ଣ ନୟନରେ ତାଙ୍କୁ ଅନାଇଥିଲେ । ସେମାନଙ୍କ ରକ୍ତରେ ଶିକାରୀଗୁଣ ଜନ୍ମ ଜାତ । ସେମାନେ ଶିକାରର କଥା ଶୁଣିଲେ ଖୁବ ଉତ୍ସାହିତ ହୋଇ ଯାଆନ୍ତି । ଖୁବ ସାବଧାନରେ ଶିକାର ପଛରେ ଯିବା, ଶିକାରକୁ ଜଣା ନପଡିବା, ଆଉ ଛପି ଛପି ଅଗ୍ନନକ ଶିକାର କରିବା ଏଠି ସମସ୍ତଙ୍କୁ ଭଲ ଲାଗେ । ପୋଷା ଜୀବର ମାଂସ ଖାଲି ଖାଇଲେ ଶରୀରରେ ସଂମ୍ପୂର୍ଣ ପ୍ରାଣ ଶକ୍ତି ଆସିବ ନାହିଁ ବୋଲି ସାମାନେ ଭାବନ୍ତି । ତେଣୁ ମଝିରେ ମଝିରେ ଶକ୍ତିଶାଳୀ ପଶୁ ମାନଙ୍କୁ ଶିକାର କରିବାକୁ ସେମାନେ ଭଲ ପାଆନ୍ତି ।

ଆମେ ଅନେକ ପଶୁ ଶିକାର କରୁ । – ସେ ଖୁବ ଉତ୍ସାହିତ ହୋଇ ପଡିଥିଲେ । ଏବେ ସବୁ କଥା ଖୋଲି କହୁଥିଲେ ।

କେଉଁ ଜୀବକୁ ମାରିବାକୁ ଭଲ ଲାଗେନା ?

ଝିଙ୍କ- ତାଙ୍କ ନାକ କେମିତି ବିକୃତ ହୋଇ ଯାଉଥିଲା । କଣ ଅଛି ସେ ଶିକାରରେ ଯେ ଏମିତି ଏକ ଶିକାରୀର ମନରେ ବିତୃଷ୍ଣା ଆଉ ଘୃଣା ଆସୁଛି ?

ଆଉ ଅନ୍ୟ ଜୀବ ?

ହାତୀ ମାରିବାକୁ ଆମକୁ ମନା କରା ଯାଇଛି । ଆମର ପୂର୍ବ ପୁରୁଷମାନେ ହାତୀ ଶିକାର କରିବାକୁ ମନା କରଛନ୍ତି ।

କଣ ପାଇଁ । ହାତୀର ତ ଏମିତି ବିକୃତି ନାହିଁ । – ମୁଁ ପଗ୍ଚରୁଥିଲି ।

କଥାଟା ସତ ଯେ । କନ୍ତୁ ଆଗରୁ ହାତୀ ଶିକାର କରିବା ପାଇଁ ମନା କରା ଯାଇଛି ।

ମୁଁ ମନେ ମନେ ଭାବୁଥିଲି କଣ ପାଇଁ ହାତୀ ଶିକାର କରିବାକୁ ମନା କରା ଯାଇଛି? ପରେ କଥାଟା ଜଣା ପଡିଗଲା । କଛି ସମୟ ପରେ ସେମାନଙ୍କ ଗାଁ ବୁଢା ଘରକୁ ଯାଇଥିଲି । ତାଙ୍କ ଘରେ ଏକ ଲମ୍ବା ବର୍ଚ୍ଛା ଥିଲା । ଆଗରୁ ଧନୁ ତୀର ଆଉ ବର୍ଚ୍ଛା ମୁଖ୍ୟ ଅସ୍ତ୍ର ଥିଲା ।

ସେଥିରେ ହାତୀ ଶିକାର କରିବା ପ୍ରାୟ ଅସମ୍ଭବ । ହାତୀର ଖୁବ ମୋଟା ଚମଡାରେ ସହଜରେ ବର୍ଚ୍ଛା ଗଳିଯିବ ନାହିଁ । ଅଯଥା ଶକ୍ତିର ଅପଚୟ ଆଉ କ୍ଷତିର ସମ୍ଭାବନା ଅଧିକ। ତେଣୁ ବୋଧହୁଏ ଏଇଥିପାଇଁ ହାତୀ ଶିକାର କରିବାକୁ ମନା କରା ଯାଇଛି । ଶକ୍ତିର ଅପଚୟ ନହେଉ । ନାଗା ସମାଜରେ ଯୁଦ୍ଧ ସମ୍ଭାବନା ବହୁତ ଅଧିକ । ତେଣୁ ଯୋଦ୍ଧାମାନେ ଅନ୍ୟ ଶତ୍ରୁ ଗାଁ ସହ ଯୁଦ୍ଧପାଇଁ ପ୍ରସ୍ତୁତ ହୋଇ ରହିବା ଦରକାର । ଏକ ଅନାବଶ୍ୟକ ଯୁଦ୍ଧରେ ନିଜର କ୍ଷତି ପହଂଚାଇ କିଛି ଲାଭ ନାହିଁ ।

ଆମର ଶିକାରୀମାନଙ୍କୁ ଫାଲକନ ଶିକାର କରିବା ପାଇଁ ମନା କରାଗଲା – ତାଙ୍କ ଭିତରୁ ଏକ ଦୀର୍ଘଶ୍ୱାସ ବାହାରି ଆସୁଥିଲା । ତାଙ୍କ ଆଖି ଏକ ଶିକାରୀର ବାଘର ଆଖି ଭଳି ଜଳୁଥିଲା । କି ବାଘ, କି ସିଂହ ବା ଆକାଶର ଶିକାରୀ ଇଗଲ ଇତ୍ୟାଦିର ଆଖି ଜଳଲା ଭଳି ଦେଖାଯାଏ । ସେମାନଙ୍କ ଆଖିକୁ ବହୁତ ସମୟ ଅନାଇ ରହିବା ସହଜ ନୁହେଁ । ଏକ ତୀକ୍ଷଣ ରେଖା ଯେମିତି ମନକୁ ଭେଦ କରିଯିବବା ଭଳି ଲାଗେ । ତାଙ୍କ ଆଖି ସେମିତି ଜଳୁଥିଲା । ସେ ମୋ ମନ ଭିତରର ଡରକୁ ପଢିବା ପାଇଁ ଚେଷ୍ଟା କରୁଥିଲେ । ବାଘକୁ ଦେଖିଲେ ଶିକାର ଦୌଡି ପଳାଇ ଯାଏ । ଡରରେ ମଣିଷ ଦୂରକୁ ଚାଲିଯାଏ ।

ଏ ନାଗାମାନେ ଯେ ଦିନେ ବହୁତ କ୍ରୁର ଥିଲେ । ନିଜ ନିଜ ଭିତରେ ମଣିଷ ଶିକାର କରୁଥିଲେ । ନିଜର ଶତ୍ରୁର ମୁଣ୍ଡ ଶିକାର କରିବାକୁ ସେମାନେ ଗର୍ବ ଅନୁଭବ କରୁଥିଲେ । ଅନେକଙ୍କ ଘରେ ହୁଏତ ମଣିଷ ମୁଣ୍ଡ ଥାଇ ପାରେ ।

ସେ ଖର ନିଃଶ୍ୱାସ ନେଉଥିଲେ । ଅନ୍ୟମାନେ ତାଙ୍କ ଜଳନ୍ତା ଆଖି ଆଉ ଫୁଲି ଉଠିଥିବା ମୁହଁକୁ ଅନାଇ ରହିଥିଲେ । ସେମାନଙ୍କର ନିଃଶ୍ୱାସର ଶବ୍ଦ ମୁଁ ଯେମିତି ଶୁଣି ପାରୁଥିଲି ।

କ୍ୟାପଟେନ ବଟଲରଙ୍କୁ ଆମର ପୂର୍ବ ପୁରୁଷମାନେ ବର୍ଚ୍ଛାରେ ହତ୍ୟା କରିଥିଲେ ।- ସେ ନିଜର କ୍ରୁର କିନ୍ତୁ ସାହାସ ଅତୀତ କହିବାକୁ ଆରମ୍ଭ କଲେ । ଏମିତି କିଛି କହିବାର ଆବଶ୍ୟକ ନଥିଲା । ମୁଁ ମଣିଷ ଶିକାର କଥା ପଚାରି ନଥିଲି । କିନ୍ତୁ ତାଙ୍କ ଭିତରର ଅମାନିଆ ଉତ୍ସାହ ସେ ସବୁ କଥା କହିବା ପାଇଁ ତାଙ୍କୁ ଛିଗୁଲାଉ ଥିଲା । ସେ ନିଜକୁ ସମ୍ଭାଳି ନପାରି ନିଜର ଅତୀତ ବର୍ତମାନ ଆଗରେ ବଖାଣୁଥିଲେ ।

ବହୁତ କଥା ଅତୀତ ସହ ଯୋଡା ଯାଇଛି । କଥାଟା ବ୍ରିଟିଶ ଶାସନର ସମୟର । ଆକ୍ରମଣକାରୀ ଆଉ ଲୁଟୁଥିବା ନାଗାମାନଙ୍କୁ ଦମନ କରିବା ପାଇଁ ଇଂରେଜ ମାନେ ନାଗା ପାହାଡ ଶୃଙ୍ଖଳାକୁ ଅନେକ ଅଭିଯାନ ଚଳାଇଥିଲେ । ସେହି ଅଭିଯାନ ମାନଙ୍କରେ ଇଂରେଜମାନେ ନାଗା ମାନଙ୍କ ସହ ଅନେକ ଯୁଦ୍ଧ କରିଥିଲେ । ସେଥିରେ ଅନେକ ଇଂରେଜ ହତାହତ ହୋଇଥିଲେ ।

ସେମିତି ଏକ କାହାଣୀ ଥିଲା କ୍ୟାପଟେନ ବଟଲରଙ୍କର । ସେ ନାଗା ପାହାଡ ଶୃଙ୍ଖଳାକୁ ଆଗୁଆ ଦଳ ହିସାବରେ ସର୍ଭେ କରିବା ପାଇଁ ନିଜର ଅଭିଯାନ ୧୮୭୫ ମସିହାରେ ଆରମ୍ଭ କରିଥିଲେ । ସେହି ସମୟରେ ସେ ପାଙ୍ଗତି ଗାଁର ପାଖରେ ଥିଲେ । ଏଠିକାର ନାଗାମାନେ କଛି ନଡରିକ ପୋଖତ ଶିକାରୀ ଭଳି ସେମାନଙ୍କୁ ଆକ୍ରମଣ କରିଥିଲେ । ସେହି ଆକ୍ରମଣରେ କ୍ୟାପଟେନ ବଟଲରଙ୍କ ମୃତ୍ୟୁ ହୋଇଥିଲା । ତାଙ୍କୁ ଶିକାରୀମାନେ ବର୍ଚ୍ଛାଭୁଷି ହତ୍ୟା କରିଥିଲେ ।

ଆମର ଗାଁ ବହୁତ କୁଖ୍ୟାତ । ଆମର ଶକ୍ତି ପାଇଁ ଆଖ ପାଖର ସମସ୍ତେ ଆମକୁ ଡରୁଥିଲେ।- ତାଙ୍କର ଜଳନ୍ତା ଆଖି ଆହୁରି ଜଳଲା ଭଳି ଦେଖାଯାଉଥିଲା ।

ଏମାନେ ନିଜର କ୍ରୋଧ ଦେଖାଇବାକୁ ନିଜର ବଡିମା ଭାବନ୍ତି । ପ୍ରାୟ ସବୁ ନଗା ନୃତ୍ୟରେ ପୁରୁଷମାନେ କୁଦି କୁଦି ବର୍ଚ୍ଛାଧରି ନାଚଥାନ୍ତି । ସବୁ ନୃତ୍ୟରେ ନିଜର ଶକ୍ତି ଆଉ ପରାକାଷ୍ଠା ଦେଖାଇବାକୁ ସେମାନେ ତତ୍ପର ଥାଆନ୍ତି । ତଳ ଆସାମର ନୃତ୍ୟରେ ଆନନ୍ଦ ଆଉ ଖୁସି ଥିଲା ବେଳେ ଏମାନଙ୍କ ନୃତ୍ୟରେ ଶକ୍ତି ପ୍ରଦର୍ଶନ ଥାଏ । ଆସାମର ବିହୁ ନୃତ୍ୟରେ ପ୍ରେମ, ଖୁସି ଆଉ ଫସଲ ଅମଳର ଚିହ୍ନ ଥାଏ । ଫସଲ ଅମଳ ପରେ ଘରକୁ ବିଶ୍ୱାସ ଆସିଥାଏ ଆଉ ସେମାନେ ଏହାକୁ ନୃତ୍ୟ ଆକାରରେ ପ୍ରକାଶ କରନ୍ତି । ଏଠି ଏହି ଶିକାରୀ ଜାତି ନିଜର ପରାକ୍ରମକୁ ପ୍ରକାଶ କରନ୍ତି ନୃତ୍ୟରେ । ସେମାନେ ଆଗକାଳରେ ଆସାମୀ ଗାଁମାନଙ୍କୁ ଆକ୍ରମଣ କରି ସେମାନଙ୍କଠାରୁ ଫସଲ ଆଉ ଅନ୍ୟ ଜିନଷ ଲୁଟି ନେଉଥିଲେ ।

ସେଇ ପୁରୁଣା ସ୍ମୃତି ବେଳେ ବେଳେ ନିଜର ଛାଇ କତାବର୍ତାରେ ପ୍ରକାଶ କରାଉଥିଲା ।

ମୁଁ କନ୍ତୁ ଭାବୁଥିଲି କଣ ପାଇଁ ସେ ଏମିତି କଥା କହୁଥିଲେ । ତାଙ୍କ ଭିତରର ଅଭିମାନ କଥା କହୁଥିଲା ।

ସେହି ଫଟୋଗ୍ରାଫର ଏଠିକାର ଫାଲକନ ଶିକାର କରିବା କଥା ସାରା ବିଶ୍ୱକୁ ଜଣାଇ ଦେଲା। ଆଉ ଆମକୁ ଶିକାର କରିବାକୁ ମନା କରାଗଲା । ଆମର ଶିକାରୀମାନେ ଖୁବ ରାଗି ଯାଇଥିଲେ । ସତ କହିବାକୁ ଗଲେ ରାଗରେ ଲାଲ ପଡି ଯାଇଥିଲେ ।-

ତାଙ୍କର ଖୁବ ଗୋରା ମୁହଁ । ଟିକଏ କଳା ପଡିଯାଇଥିବା ଶରୀର ଯେମିତି ଫୁଲିଉଠୁଥିଲା । ତାଙ୍କ ଭିତରର ରୋଷ, କ୍ରୋଧ ଯେମିତି ଚରମ ରୂପ ନେଉଥିଲା । ସେ ଆଗରେ କେଉଁ ଶତ୍ରୁକୁ ପାଇଥିଲେ ଯେମିତି ଏହିମାନେ ବଧ କରିଥାନ୍ତେ ।

ମୋତେ ଲାଗୁଥିଲା ଯଦି ଫଟୋଗ୍ରାଫର ସାଙ୍ଗେ ସାଙ୍ଗେ ପାଙ୍ଗତି ଗାଁ ଫେରିଥାନ୍ତେ ତାହେଲେ ବିରାଟ ଅଘଟଣ ଘଟି ଯାଇଥାନ୍ତା । ସେହି ସମୟରେ ଶିକାରୀମାନେ ଖୁବ ରାଗିକରି ଥିବେ। ସେମାନଙ୍କ ଶିକାରୀ ଗର୍ବକୁ ଆଘାତ ଲାଗିଥିଲା ।

ଏକ ଖୁବ ସୁନ୍ଦରୀ ତରୁଣୀ ଚାହା ଧରି କୋଠରୀ ଭିତରକୁ ଆସିଲେ । ସେ ଏକ ସଫା ସୁତୁରା କପଡା ପିନ୍ଧିଥିଲେ । ତାଙ୍କର ବାଳ ଖୁବ ଭଲ ଭାବେ କୁଣ୍ଡା ହୋଇଥିଲା । ଏଠିକାର ଝିଅ ମାନଙ୍କର ରଙ୍ଗ ଖୁବ ହଳଦିଆ ଧଳା, ଶରୀର ଉନ୍ନତ ଆଉ ସମସ୍ତେ ଖୁବ ସୁନ୍ଦରୀ । ଏକ ସୁନ୍ଦର ଟ୍ରେରେ ଧଳା ପୋର୍ସିଲିନ କପରେ ଚାହା ଦିଆ ଯାଇଥିଲା । ଥଣ୍ଡାରେ ସେହି ଚାହାରୁ ବାହାରୁଥିବା ଗରମ ବାଷ୍ପ ଭଲ ଭାବେ ଜଣା ପଡୁଥିଲା । ସମସ୍ତଙ୍କ ଛାତି ଭିତରେ ଜମାଟ ବାନ୍ଧିଥିବା ଖର ନିଃଶ୍ୱାସ ଏବେ ବାଷ୍ପ ହୋଇ ବାହାରି ଆସୁଛି ।

ମୁଁ ହାତରେ ଚାହା କପ ଉଠାଇ ନେଲି । ଏକ ସୁନ୍ଦରୀ ନାଗା ଝିଅ ହାତରୁ ଚାହା ନେବାପରେ ମୋତେ ଲାଗୁଥିଲା ଯେମିତି ମୁଁ ସେମାନଙ୍କର ଭିତରେ ଜଣେ ହୋଇ ଯାଇଛି । ଗରମ ଚାହାରୁ ବାହାରୁଥିବା ବାଷ୍ପ ମୋ ଭିତରେ ଜମାଟ ଧରିଥିବା ଅନେକ ଅବିଶ୍ୱାସକୁ ତରଳାଇ ଦେଉଥିଲା । ସେମାନଙ୍କୁ ମୁଁ ଯେମିତି ବୁଝିପାରୁଥିଲି । ସେମାନଙ୍କୁ ପାଖରୁ ଜାଣିପାରୁଥିଲି । ନିଜକୁ ସହଜ ନହେବାକୁ ଦେଉଥିବା ଭାବନାମାନ ମୋ ଭିତରର

ଅବିଶ୍ୱାସ ଥିଲା । ସେସବୁ ଗରମ ଗୁହାର ପରଶରେ ତରଳୁଥିଲା । ସମସ୍ତେ ଧିରେ ଧିରେ ଗୁହା ପିଉଥିଲେ ।

କଛି ସମୟପରେ ସମସ୍ତଙ୍କର ନିଃଶ୍ୱାସ ଧିର ହୋଇ ଆସିଥିଲା । ଉତେଜନାର ସେହି ମୁହୁର୍ତମାନ ବିତି ଯାଇଥିଲା । ସମସ୍ତଙ୍କର ଆଖି ନରମ ହୋଇ ଯାଇଥିଲା । ବାହରେ ଥଣ୍ଡା ପବନ ବୋହୁଥିଲା । ନାଗା ପାହାଡ ମାନଙ୍କରେ ଖୁବ ଶୀତ ହୁଏ । କନ୍ତୁ ଘର ଭିତରଟା ସେମାନଙ୍କ ଶ୍ୱାସରେ ଉଷୁମ ଥିଲା ।

ମୁଁ ବାହାରକୁ ଅନାଇଲି । କାଚ ଲାଗିଥିବା କାଠର ଝରକାମାନ । ଅଳ୍ପ ଦୂରର ପାହାଡ ଦେଖା ଯାଉଥିଲା । ଅପରାହ୍ନର କରଣରେ ଗଛ ଗୁଡିକ ଝଲସୁ ଥିଲା ॥ ଆକାଶ ଖୁବ ସଫା ଥିଲା । ଏମାନଙ୍କ ରୁଦ୍ର କନ୍ତୁ ପରିଷ୍କାର ମନ ଭଳ ସଫା ଥିଲା ।

ମୁଁ ତାଜା ପବନକୁ ଛାତି ଭିତରକୁ ନେଉଥିଲି । ମୋର ହୃତସ୍ପନ୍ଦନ ତୀବ୍ର ହୋଇ ନଥିଲା ।

ସେ ଝରକା ଦେଇ ବାହାରକୁ ଅନାଇଲେ । ପକ୍ଷୀମାନଙ୍କ ଫେରିବା ସମୟ ହୋଇ ଆସିଲାଣି। ଆଉ ଟିକକ ପରେ ପାହାଡକୁ ଲମ୍ବା ଛାଇମାନ ମାଡି ଆସିବ । ଆକାଶରେ ଉଡୁଥିବା ପକ୍ଷୀମାନେ ରାତି ଆଶ୍ରୟ ପାଇଁ ଗଛକୁ ଫେରି ଆସିବେ ।

ଅନ୍ୟ ସମୟ ହୋଇଥିଲେ ପାଙ୍ଗତିର ସେହି ନଦୀପାଖରେ ଥିବା ଜମି ଗୁଡିକ ଶିକାରୀମାନଙ୍କ ଜାଲ ଛନ୍ଦିବାରେ ଲାଗି ଯାଇଥାନ୍ତା । ସବୁ ଡାଳରେ ସେମାନେ ଜାଲ ଝୁଲାଇ ଦେଇଥାନ୍ତେ । ଏବେ କନ୍ତୁ ସେମାନେ ନଜ ଭିତରେ ଆଲୋଚନା କରୁଛନ୍ତି । ସାମୟିକ କ୍ରୋଧ ଗ୍ଳଲିଯାଇଛି ।

ତାଙ୍କର ଆଖି ବାହାରର ନୀଳ ଆକାଶ ତଳେ କଳା ପଡି ଆସୁଥିବା ପାହାଡ ଚୂଡାରେ ଲାଗି ରହିଥିଲା । ଆକାଶରେ ଏବେ ପକ୍ଷୀମାନେ ନାହାନ୍ତି । ପାଙ୍ଗତି ଆକାଶରୁ ଫାଲକନମାନେ ସୁରକ୍ଷିତ ବିଦାୟ ନେଇଛନ୍ତି । କେହି ଏବର୍ଷ ସେମାନଙ୍କୁ ଶିକାର କରି ନାହାନ୍ତି ।

କ୍ରମଶଃ...

ସେକ୍ଟର- ୩, ସଲ୍ଟଲେକ, କଲିକତା

# ଜାତୀର ଡାକର୍

ଭଗିରଥି ବେହେର୍

ଆସ ଆସ ସର୍ବେ ଉତ୍କଳ ସନ୍ତାନ
ରଖିବା ଜାତୀର ଟେକ ଯଶମାନ
ହେବା ନାହିଁ କେହି ଭୀରୁ କାପୁରୁଷ
ତିଳ ତିଳ କରି ଦେବା ରକ୍ତ ମାଂସ ॥

ଦେଶ ପାଇଁ ବଳଦାନ ହେବା ମଧ୍ୟେ
ଲଢେଇ କରିବା ଅନ୍ୟାୟ ବିରୋଧେ
ବଢୁଅଛି ଯେତେ ଅଧର୍ମ ଅନ୍ୟାୟ
ତା ର ପ୍ରତିକାରେ କରିବା ଉପାୟ ॥

ଦେଶରେ ଦୁର୍ନୀତି, ମିଥ୍ୟା, ଭ୍ରଷ୍ଟାଚାର
ନଷ୍ଟିତ କରିବା ତାର ଉପାଚାର
ସର୍ବେ ମିଳମିଶି ହୋଇ ସମବେତ
ତ୍ରିରଙ୍ଗା ପତାକା ନେବାରେ ଶପଥ ॥

ଗଢିଦେବା ନୂଆ ଅଖଣ୍ଡ ଭାରତ
ଗାଉଥିବା ସଦା ତାର ଜୟଗିତ
ଦେଶ ମାତୃକା ର ଗର୍ବ ଗଉରବେ
ଧନ୍ୟ ହେବା ଆମେ ଏହି ଧାର୍ ଭବେ ॥

ଅଭାବ କଷଣ ନ ରହୁ ଏ ଦେଶେ
ସକଳେ ରହନ୍ତୁ ଆନନ୍ଦ ଉଲ୍ଲାସେ
ମା କୁ ସମ୍ମାନ ଜାତୀର ସମ୍ମାନ
ସର୍ବେ ଦେଖାଇବା ସ୍ୱବୀରତ୍ୱ ପଣ ॥

ଧୂଙ୍ଗିଆମୁଣ୍ଡା, ପୋଅ- ଛତରଙ୍ଗ,
ଜିଲ୍ଲା- ବୌଦ୍ଧ, ଓଡିଶା



# ଅବଶୋଷର ଅନ୍ତଃସ୍ୱର



ହିମାଂଶୁ ଭୂଷଣ ଜେନା

ତୁ ଥୁଣ୍ଟା ବରଗଛ
ଠିଆ ହେଇଛୁ ନିର୍ବିକାର ପରି ନଦୀପଠାରେ
ବର୍ଷ ବର୍ଷର ପରିବର୍ତ୍ତନର ମୂକସାକ୍ଷୀ ଭାବେ ।
ଘନ ଘନ କାକଳୀରେ ପ୍ରକମ୍ପିତ ହେଉଥିଲା ପଠା
କେତେ କେତେ ନିରୀହ ପକ୍ଷୀ ଶାବକକୁ
ଆହାର ଦେଇ ବଞ୍ଚାଇଥିଲୁ
ଶିଖାଇଥିଲୁ ବଞ୍ଚିବାର ରାହା
ଅତି ଖୁସିରେ ଗଢିଥିଲେ
କେତେ ଯୌଥ ପରିବାର ।
କୁଆଡେ ଗଲେ ସେମାନେ
ତୋର ଏ ପରିଣତ ବୟସରେ?
ଖାଲି କାଠହଣା ଚଢେଇ କେତୋଟି
କରୁଛନ୍ତି ଠକ୍ ଠକ୍
ଆଉ କାଠୁରିଆର ଲହୁଲୁହାଣରେ
କେବେ କେବେ ଖସି ପଡୁଛି
ତୋର ଏକ ଧୁଡୁଧୁଡିଆ ପକ୍ଷ
ତୁ କେବେ ବି ହୋଇନୁ ଏକୁଟିଆ
ହସି ହସି ଉତ୍ସର୍ଗ କରିଛୁ ତୋ
ଅମୂଲ୍ୟ ଜୀବନ ଟୁକୁର୍ ଟୁକୁର୍
ହେବା ପର୍ଯ୍ୟନ୍ତ ମହାନିର୍ବାଣର ପ୍ରତୀକ୍ଷାରେ!

ମୁଁ କନ୍ତୁ ଖେଣ୍ଟା ବୁଢାଟିଏ
କାଟୁଛି ନିର୍ବାସନ ଦଣ୍ଡ
ସ୍ୱଗୃହ ବନ୍ଦୀଶାଳାରେ
କେବେ ଭେକର ଭୂଗୋଳ ଥରାଇ
ଦେଉଛି ଏ ମନ, ଶରୀର ଓ ଆତ୍ମା
ତ କେବେ ନୀରବ ଘୂର୍ଣ୍ଣିଝଡ ସୃଷ୍ଟି
କରୁଛି ଆତ୍ମସମୀକ୍ଷାର ଲଘୁଚାପରେ
ରକ୍ତ ସବୁ ପାଣିଫୋଟକା ହୋଇ ବହିଗଲିଛି
ନାକ, ପାଟି, କାନ ଦେଇ
ଝାଳବୁହା ଅକ୍ଲାନ୍ତ ପରିଶ୍ରମ କରି
ବଢାଇଥିବା ଏକୋଇରବାଳା ବିଶିକେଶନ
ଏବେ ସପରିବାରେ ଆମେରିକାରେ
ଖବର ରଖୁଛି ବୁଢାବାପାର ସାଂପ୍ରତିକ ସ୍ଥିତି
ଉଡାଜାହାଜରେ କୁଆଡେ ଛୁଟି ଆସିବ
ଅନ୍ତେଷ୍ଟିକ୍ରିୟା ସମ୍ପାଦନ ପାଇଁ
ପିମ୍ପୁଡି, ମାଛି, ଜନ୍ଦା ମତେ ଘେରି ବସିଛନ୍ତି
ମୁଁ ବି ଏକାକୀ ନାହିଁ
କେବେ କେବେ ଝରକା ଫାଙ୍କ ଦେଇ
ନାକ ପାଟି ନବୁଜ କରି ଫେରି ଗ୍ଲହୁଁଛନ୍ତି
ମୋ ପଡୋଶୀ
ସତେକି ମୁଁ ଅଜଣା ଗ୍ରହର ଅଚହ୍ନା ଅତିଥି
ଯନ୍ତ୍ରଣା ଜର୍ଜରିତ ରିପୁ ଅପେକ୍ଷାରତ ଚରନଦ୍ରାକୁ
ହେଉପଛେ ମହାନର୍କଗତି
ଗ୍ରହଣ କରୁଛି ଆନନ୍ଦରେ ମଥାପାତି
ନୁହେଁ କି ଏ ମହାମୁକ୍ତି!

ସହକାରୀ ଶିକ୍ଷକ
ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ନଆଳ, ଯାଜପୁର

# ତୁମକୁ କଣ ଜଣାନ୍ତି !!!



ପ୍ରବୀଣ କୁମାର କବି

ତୁମକୁ କଣ ଜଣାନ୍ତି କି!
ଯେ ତୁମଭଳି ମୁଁ ବି ଜଣେ ଯୋଦ୍ଧା
ଯିଏ ଲଢ଼ିଛି ଅନେକ ଯୁ –
ଜୀବନ ସହ, ପ୍ରାରବ୍ଧ ସହ,
ଆଉ ତମ ସହ ମଧ୍ୟ ।
ହାରିଛି ତ ଅନେକ ବାର,
ଜିତିଛି ବି କେବେକେବେ ।
ହେଲେ, ତୁମଠୁ ଜିତିବାରେ ବି ଯନ୍ତ୍ରଣା !!!

ଦେଖ, ଆଜି କେତେ କ୍ଷତ ମୋ ଦେହରେ
ରକ୍ତ କ୍ଷରଣ ହେଉନାହିଁ ସେଠୁ ।
ତୁମେ ଜାଣିବନି ବୋଲି,
ଡେଟଲ୍ ମାଖୁଛି, ମଲମ ମାଖୁଛି ସେଠି
କିନ୍ତୁ, ଏବେ ବି ସେଥିରେ ଅନେକ ଅନ୍ତଶା-
ଯନ୍ତ୍ରଣା ପ୍ରେମର,
ଯନ୍ତ୍ରଣା ଅଭିମାନର,
ଯନ୍ତ୍ରଣା ସହିବା ତ ଏମିତି ବି ମୋର ଅଭ୍ୟାସ,
ଖାଲିଯାହା ଦୁଃଖ ସେ କ୍ଷତସବୁ ପାଇଁ ॥

ନକ୍ଷତ୍ରୀୟ ଗ୍ରନ୍ଥିରେ-
ଗୋଟେ ଅବୁଝା କୁନପିଲା ପରି
ଉଠିପଡି କାନ୍ଦନ୍ତି ସେ କ୍ଷତସବୁ,
ମୋତେ ବୋଧ କରିବାକୁ ପଡେ ସେମାନଙ୍କୁ
ନାନାବାୟା ଗୀତ ଗାଇଗାଇ ।
ଶେଷରେ ମୁଁ ଶୁଆଇ ଦିଏ ସେମାନଙ୍କୁ
ନଘୋଡ ନଦରେ
କନ୍ତୁ, ନଜେ ବିନଦ୍ର ରହି ଗ୍ରତିସାର୍
ରୋମନ୍ଥନ କରୁଥାଏ ସେସବୁ ପର୍ଜିତ ଉଦ୍ଧର ସ୍ମୃତିକୁ ॥
କୁହ, ତୁମକୁ କଣ ଜଣାନ୍ତିକ !!!

ସମ୍ପାଦକ, "ବଣମଲ୍ଲୀ", ଆନନ୍ଦପୁର, କେନ୍ଦୁଝର
ଅଧ୍ୟାପକ, ଉଦ୍ଭିଦ ବିଜ୍ଞାନ ବିଭାଗ, ପତିତପାବନ ମହାବିଦ୍ୟାଳୟ, ସାଇଁକୁଳ

**ବେଦାନ୍ତୀର ଆଗାମୀ ସଂଖ୍ୟାଅପ୍ରେଲ ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ମାର୍ଚ୍ଚ ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।**

# ଗଣତନ୍ତ୍ର ଫିସ୍

ମୂଳ ହିନ୍ଦୀ – ଉମେଶ କୁମାର ଶର୍ମା
ଅନୁବାଦ – ସୁଧାଂଶୁ ଦ୍ୱିବେଦୀ


ସୁଧାଂଶୁ ଦ୍ୱିବେଦୀ

କାଲି ୨୬ ଜାନୁଆରୀ । ଗଣତନ୍ତ୍ର ଦିବସ ପାଳନ ହେବ । ସ୍କୁଲର ସବୁ ଛାତ୍ର- ଛାତ୍ରୀଙ୍କ ମନ ଖୁସିରେ ବିଭୋର । ପ୍ୟାରେଡ୍ ପାଇଁ ଜୋରଦାର ପ୍ରସ୍ତୁତି ଚାଲିଥାଏ । "ଆମଦେଶ ୧୯୫୦ରେ ପୂର୍ଣ୍ଣସ୍ୱତନ୍ତ୍ର ହୋଇଥିଲା । ସେହିଦିନ ଆମର ସମ୍ବିଧାନ ଆରମ୍ଭ ହୋଇଥିଲା ଓ ପୂର୍ଣ୍ଣତଃ ଇଂରେଜ କବଳରୁ ଆମର ଦାସତ୍ୱ ଲୋପ ପାଇଥିଲା । ଇଏ ଆମର ରାଷ୍ଟ୍ରୀୟ ପର୍ବ । ଏହି ଦିବସରେ ଆମେମାନେ ତ୍ରିରଙ୍ଗା ପତାକା ଉଡାଇ ରାଷ୍ଟ୍ରଗୀତ ଗାଉ । ତଥା ସହୀଦ୍ ମାନଙ୍କୁ ମନେ ପକାଉ ଯେଉଁମାନେ ଏ ଦେଶର ସ୍ୱାଧୀନତା ପାଇଁ ଆତ୍ମବଳୀ ଦେଇଥିଲେ ।"

କ୍ଲାସ ଟିଚରଙ୍କ ମର୍ମସ୍ପର୍ଶୀ କଥା ରୋହିତର ମନ ମଧ୍ୟରେ ଅଡିଓ କ୍ୟାସେଟ୍ ଭଳି ଘୁରୁଥାଏ । ସେ ପୁଣି ସବୁ ପିଲାମାନଙ୍କୁ କହୁଥାନ୍ତି, "ଯେଉଁମାନେ ଫିସ୍ ଦେଇନାହାନ୍ତି, ସେମାନେ ଶିଘ୍ର ୫୦ ଟଙ୍କା ଜମା କରିଦିଅନ୍ତୁ । ଫିସ୍ ଦେଇ ନଥିବା ପିଲାମାନଙ୍କୁ ପ୍ୟାରେଡ ପଡିଆରୁ କାନ ଧରି ବାହାର କରିଦିଆଯିବ ।"

ରୋହିତ ଭିଡ ମଧ୍ୟରୁ ବାହାରିଯାଇ ଚୁପଚାପ୍ ବଗିଚାରେ ଠିଆହେଲା । ତାର ସ୍ଥିତି ଏମିତି ଯେ ତାକୁ ଜଣା ହେଉଥାଏ ଏଇ ସଙ୍ଗେ ସଙ୍ଗେ ଟିଚର ତା କାନ ଧରେଇ ପ୍ୟାରେଡରୁ ବାହାର କରିଦେଉଛନ୍ତି । ତା ମୁଣ୍ଡ ଗରିବର ସୀମାରେଖା ତଳେ ଦବି ରହିଥାଏ । କୋଉଠୁ ସେ ପାଇବ ୫୦ ଟଙ୍କା? ତା ପାଖରେ ସାମାନ୍ୟ ୫୦ ପଇସା ବି ନାହିଁ । ଯାହାର ବୁଢା ବାପା ଚକ ଚଲେଇ ପରିବାରର ଗାଡିକୁ ଆଗେଇନଏ, ଯାହାର ବିଧବା ମା ଗାଁ ଗାଁ ବୁଲି ମାଟି ଖପୁରୀ, ଦୀପ, କଳସୀ ବିକିବାକୁ ଯାଏ, ଆଉ ତା ବଦଳରେ

୫- ୭ ସେର ଗୁଷଳ ଧରି ସଂନ୍ଧ୍ୟାରେ ଘରକୁ ଫେରେ; ଏଇତ ତା ପରିବାର ଜୀବିକାର ସାଧନ । ରୋହିତ ମଧ୍ୟ ଚକ ଉପରେ ମାଟିପାତ୍ର ଗଢିବାର କୌଶଳ ଶିଖିଛି । ସମୟ ମିଳଲେ ଗଢିଦିଏ ଓ ନଆଁରେ ପକେଇ ପାକଳ କରେ ।

ଛୁଟି ହେବା ପରେ ରୋହିତ ନଜ ବ୍ୟାଗ୍ ଧରି ସ୍କୁଲରୁ ବାହାରିଲା । ତା ମନର ଆକାଂକ୍ଷା ମରିଯାଇଥାଏ । ଭାବନା ଧୂଆଁଳିଆ ହୋଇ ସାରିଥାଏ । ହଠାତ୍ ତା ଗୋଡ ଟଳମଳ ହେଲା । ତାକୁ ଜଣାଗଲା ପିଠିରେ ମହଣେ ଓଜନର ପଥର ଲଦା ହୋଇଛି ଯେମିତି । ସେ ପଛକୁ ମୋଡି ପିଠି ଅଣ୍ଡାଳିଲା । ପିଠିରେ ତା ବ୍ୟାଗ୍ ଲଦା ହୋଇଛି । ପୁଣି ଅଳ୍ପଦୂର ଯିବାପରେ ତାକୁ ଜଣାହେଲା ସତରେ ତା ଗଳାରେ ଫାଶୀ ଦଉଡି ବାନ୍ଧି କେହି ଟାଣୁଛି । ଶରୀର କମ୍ପି ଉଠିଲା ତାର । ଗଳାରେ ହାତ ବୁଲେଇଲା; ଟାଇ ବନ୍ଧା ହୋଇଥିଲା । ଟାଇକୁ ଖୋଲି ମୋଡା ମୋକଣ୍ଡ ଭାବେ ବସ୍ତାନିରେ ପୁରାଇଲା । ତଥାପି ତା ଗଳା ମୁକ୍ତ ହୋଇପାରୁ ନଥାଏ । ପୁଣିଥରେ ଗଳାରେ ହାତ ବୁଲେଇଲା । ଏଥରକ ତା ଗଳାରେ ଝୁଲୁଥିବା ଆଇ.ଡି. କାର୍ଡ ମିଳଗଲା, ସେ ଗୋଟିଏ ଝଟକାରେ ଆଇ.ଡି. କାର୍ଡକୁ ଗଳାରୁ ଅଲଗା କରିଦେଲା ।

ରୋହିତର ଏସବୁଥିରେ ଅଭ୍ୟାସ ନଥିଲା । ସେ ତ ସରକାରୀ ସ୍କୁଲର ଛାତ୍ର ଥିଲା । ସରକାର ଯୋଜନା ଅନୁଯାୟୀ ପ୍ରତ୍ୟେକ ପ୍ରାଇଭେଟ୍ ସ୍କୁଲ ସତକଡା ୨୫ ଭାଗ ସିଟ୍ ବି.ପି.ଏଲ୍. ରେ ସାମିଲ ଥିବା ପିଲାମାନଙ୍କ ପାଇଁ ହେବ । ରୋହିତ ସେହି ଯୋଜନା ଅନୁସାରେ ଡିପିଏସ୍ ୫ମ ଶ୍ରେଣୀରେ ପଢିବାକୁ ଆସିଥିଲା । ନହେଲେ ତାର ବା କେତେ ଔକାତ ଏଭଳ ସ୍କୁଲରେ ପଢିଥାନ୍ତା?

ତା ସ୍ୱଭାବ ସେଇମିତି, ଯେମିତି ସରକାରୀ ସ୍କୁଲରେ ଥିଲା । କେତେ ସ୍ୱାଧିନତା ଥିଲା ସେଠି । ଗାଧା ବା ନଗାଧା ଛୋଟ ଗୋଟେ କାନ୍ଧଓଳା ବସ୍ତାନି ଧରି କାଖରେ ଗୋଟେ ପଟିଆ ଜାକ ସ୍କୁଲକୁ ଯାଉଥିଲା । ସେଠି ତାର କେତେ ସାଙ୍ଗ ହୋଇଯାଇଥିଲେ । ଦ୍ୱିପହରେ ପେଟଭରି ଖେଚୁଡି ଓ ଆଳୁ ଭରତା ଖାଏ । ସାଙ୍ଗ ମାନଙ୍କ ସହ ଖେଳକୁଦ

କରି ସନ୍ଧ୍ୟାରେ ଘରକୁ ଫେରେ। କଣ ପିନ୍ଧା ହେବ? କେମିତି ପିନ୍ଧାହେବ? ସେଠି ସେମିତି କିଛି ନିୟମ ନଥିଲା। ଯେତେବେଳେ ମନ ହେବ ସ୍କୁଲ ଯାଏ ଯେତେବେଳେ ମନ କରିବ ସ୍କୁଲରୁ ଚାଲିଆସେ।

ରୋହିତକୁ ଡିପିଏସ୍ ଜେଲ୍ ପରି ଲାଗେ। ଯେଉଁଠି ସେ ସଜା କାଟୁଥିବା ଆସାମୀ ଓ ଶିକ୍ଷକ ଜେଲର ଚୌକିଦାର ବୋଲି ମନେହୁଏ। ସେ କେଉଁଠୁ ପାଇବ ୫୦ ଟଙ୍କା? ତା ଡ୍ରେସ ଓ ଜୋତା କରିବା ପାଇଁ ମା ବାପା ଟଙ୍କା ଯୋଗାଡ କରିବାକୁ ନକେଦମ୍ ହୋଇଛନ୍ତି। ଛୋଟ ଭାଇଟା ଚଡ୍ଡି ଲଙ୍ଗଳା ହୋଇ ମାଟି ଉପରେ ଶୋଇ ରହେ। ମା ଶାଢୀରେ ଅଗଣିତ ତାଳ। ବାପାଙ୍କ ଧୋତିରେ ଅବସ୍ଥା ଆହୁରି ଖରାପ। ରାତିରେ କୁଟା ଉପରେ ବୁରା ଘୋଡି ଶୋଇବାକୁ ପଡେ।

ରୋହିତ ଘରେ ପହଞ୍ଚୁ ପହଞ୍ଚୁ ସ୍ଥିର କରିନେଲା ସେ ପୁଣି ସେଇ ସରକାରୀ ସ୍କୁଲରେ ପଢିବ। ମନ ଲଗେଇ ପଢିଲେ, ସେଇ ସ୍କୁଲରୁ କଣ ନାହିଁ କଣ ହେଇପାରିବ। ଘରର ପଛପାଖ ରାସ୍ତାରେ ଯାଇ ସିଧା ପହଞ୍ଚିଗଲା ସରକାରୀ ସ୍କୁଲ ଫିଲ୍ଡରେ। ସେଠି ବି ପ୍ୟାରେଡର ପ୍ରସ୍ତୁତି ଚାଲିଥାଏ। ଗୁରୁଜୀ ପ୍ୟାରେଡର ଟ୍ରେନିଙ୍ଗ୍ ଶିଖାଉଥାନ୍ତି। ନିଜ ସ୍କୁଲକୁ ଦେଖି ରୋହିତର ଛାତି ଫୁଲି ଉଠିଲା। ଏଇଠି ସେ ଅ, ଆ ଶିଖିଥିଲା। ହଠାତ୍ ତା ଆଖିରେ ଲୁହ ଜକେଇ ଆସିଲା। ଲୁହପୋଛି ଫେରି ଆସିବାକୁ ପ୍ରସ୍ତୁତ ହେଉଥାଏ ଖେଚୁଡି ଖାଇବାର ଘଣ୍ଟି ବାଜି ଉଠିଲା। ପିଲାମାନେ କୋଳାହଳ କରି ନିଜ ଥାଳ ଧରି ଖାଇବା ପାଇଁ ଦୌଡିଲେ। ସେତିକବେଳେ କିଛି ସାଙ୍ଗମାନେ ରୋହିତକୁ ଦେଖିନେଲେ। ଦୀପୁ, ସୁମନ, ବିପ୍ର ଆଦି ତା ପାଖକୁ ଦୌଡି ଆସି ଖେଚୁଡି ଖାଇବାକୁ ଆଗ୍ରହ କଲେ। ରୋହିତ୍ କିଛି କହିପାରୁ ନଥାଏ।

“ସେ କାହିଁକି ଆମ ସ୍କୁଲର ଖେଚୁଡି ଖାଇବ? ସେ ତ ବଡ ସ୍କୁଲର ବିଦ୍ୟାର୍ଥୀ। ସୁଟ୍ ବୁଟ୍ ପିନ୍ଧୁଛି।” ଦୀପୁ ଅସଲ କଥାଟେ କହିଦେଲା। ରୋହିତର ଛାତି ଫୁଲି ଉଠିଲା। ତୁରନ୍ତ ତାକୁ ଛାତିରେ ଜାକିଧରି କହିଲା, “ତୁ ମୋର ନିଜର ଦୀପୁ। ତୁମେ ସମସ୍ତେ

ମୋ ନଜର। ଏ ସ୍କୁଲ ଗୁରୁଜୀ, ଗୁରୁମା, ସଭିଏଁ ମୋ ନଜର। ଆମେମାନେ କାଲି ଏଇଠି ଗଣତନ୍ତ୍ର ଦିବସ ପାଳିବା।" ତା ମୁହଁରୁ ଏତକ ଶୁଣିବା ମାତ୍ରେ ସମସ୍ତେ ତାକୁ ଘେରିଗଲେ। ରୋହିତ ସମସ୍ତଙ୍କୁ ନିଜ ବାହୁରେ ବାନ୍ଧି ନେବାକୁ ଚାହୁଁଥାଏ। ସେଠି ସମସ୍ତେ ତାର ଥିଲେ ଏବଂ ସେ ମଧ୍ୟ ସଭିଙ୍କର ଥିଲା।

ରୋହିତ ଖେଚୁଡି ଖାଇ ଘରେ ପହଞ୍ଚି ଦେଖେ ତ ବାପା ବେହୋଶ ପଡିଛନ୍ତି। ତାଙ୍କ ମୁଣ୍ଡରୁ ଲାଲ ରକ୍ତ ଝରୁଥାଏ। ମା ବାହୁନି ବାହୁନି କାନ୍ଦୁଥାଏ। ଛୋଟ ଭାଇ ଜୋର ଜୋର ଚିତ୍କାର କରୁଥାଏ। ମାଟିପାତ୍ର ଗଢା ଚକ ଦୁଇ ଖଣ୍ଡ ହୋଇ ପଡିଥାଏ। କଞ୍ଚା କାଦରେ ନୂଆ ତିଆରି ହୋଇଥିବା ଦୀପ, କଳସୀ, ଲୋଟା, ଖପୁରୀ ଆଦିକୁ କିଏ ଗୋଡରେ ଦଳି ମକଚି ଦେଇଥାଏ।


ରୋହିତ ବାପାଙ୍କ ମଥାରେ ଗାମୁଛା ବାନ୍ଧିଦେଲା, ମୁହଁରେ ପାଣିଦେଲା। ମା ତାକୁ କହୁଥାଏ, "ଥାନାବାବୁ ଚାରିଜଣ କନେଷ୍ଟବଳ ସହ ଗଣତନ୍ତ୍ର ଫିସ୍ ମାଗିବାକୁ ଆସିଥିଲେ। କାଲି ତ୍ରିରଙ୍ଗା ପତାକା ଉଡାହେବ। ଘରେ କଣା ପଇସାଟିଏ ନଥିଲା। କଣ ବା ଦେଇଥାନ୍ତି? ସେଥିପାଇଁ ଥାନାବାବୁ ତୋ ବାପାଙ୍କୁ ବହୁତ ପିଟିଛନ୍ତି ଓ ଯିବାବେଳେ ଚକ ଓ ଗଢାଗଢ଼ା ହୋଇଥିବା ମାଟି ଜିନିଷକୁ ଭାଙ୍ଗି ଯାଇଛନ୍ତି।"

ସକାଳୁ ସକାଳୁ ପିଲାମାନେ ତ୍ରିରଙ୍ଗା ପତାକା ଧରି ଜୟ ଜୟକାର ଶବ୍ଦରେ ପ୍ୟାରେଡ୍ ପାଇଁ ବାହାରିଥାନ୍ତି। କିନ୍ତୁ ରୋହିତ ଘରେ ଶୂନଶାନ। ତା ବାପା ରାତି ମଧ୍ୟରେ ଆରପାରିକୁ ଚାଲିଯାଇଥାନ୍ତି। ମା ର ଛାତି ଫାଟି ପଡୁଥାଏ। ତା ଚିତ୍କାର ସହ ଗଣତନ୍ତ୍ରର ପ୍ୟାରେଡ୍ ଓ ଜୟ ଜୟକାର ଧ୍ୱନି ତାକୁ ଅସ୍ପଷ୍ଟ ଶୁଭୁଥାଏ। ସେ ଆଶ୍ଚର୍ଯ୍ୟରେ କେବେ ସେହି ପିଲାମାନଙ୍କୁ ଦେଖୁଥାଏ ତ କେବେ ତ୍ରିରଙ୍ଗା ପତାକାକୁ। କେବେ ମା ର କରୁଣ ଚିତ୍କାରକୁ ଶୁଣିଥାଏ ତ କେବେ ଜୟ ଜୟକାର ଧ୍ୱନିକୁ। ସେତିକିବେଳେ ତା କାନରେ ଏକ ଶବ୍ଦ ଜୋରରେ ଗୁଞ୍ଜି ଉଠିଲା। ପୋଲିସମାନେ ତ୍ରିରଙ୍ଗାକୁ ସଲାମ୍ କରୁଛନ୍ତି।

ରୋହିତ ଘରୁ ବାହାରକୁ ବାହାରିଲା । ତ୍ରିରଙ୍ଗା ପତାକା ଉଡା ସରିଥାଏ । ତ୍ରିରଙ୍ଗାକୁ ସଲାମ୍ କରିବାକୁ ହାତ ଉଠାଇ ଦେଖେତ ପତାକା ଭିତରେ ତିନୋଟି ରଙ୍ଗ ବଦଳରେ କେବଳ ଲାଲ ରଙ୍ଗ ଦେଖାହେଉଛି ତାକୁ । ତା ବପାଙ୍କ ରକ୍ତର ଲାଲ ରଙ୍ଗ । ପତାକାରୁ ଯେମିତି ଝରି ପଡୁଥାଏ ଟପ୍- ଟପ୍- ଟପ୍ ।

ତ୍ରିରଙ୍ଗା ମଝିରେ ଅଶୋକ ଚକ୍ର ନଥିଲା । ଥିଲା ତା ବାପାର ଭଙ୍ଗା କମାର ଚକ । ଯାହାକୁ କେହି ବାଉଁଶ ଉପରେ ଟାଙ୍ଗି ଦେଇଥିଲା ସେ ଚକ ଭିତରେ ଚବିଶଟି ଅର ବଦଳରେ ତା ବାପାର କଙ୍କାଳ ଥିଲା । ପତାକାରେ ତା ମା ର ସାତସିଆଁ ଶାଢୀ ଫଡ ଫଡ ହୋଇ ଉଡୁଥାଏ ଯେମିତି । ରୋହିତର ହାତ୍ ସେଲ୍ୟୁଟ୍ ମାରିବା ବଦଳରେ ତଳକୁ ଖସି ଆସିଲା । ପରକ୍ଷଣରେ ତା ମୁହଁରୁ ବାହାରି ପଡିଲା, "ଯଦି ମୋ ପାଖରେ ଗଣତନ୍ତ୍ର ଫିସ୍ ଥାଆନ୍ତା.....? "

ଯୋଗ ଫର ଲାଇଫ, ସେକ୍ଟର- ୧, ସଲ୍ଟ ଲେକ୍, କୋଲକତା



# ବୋଉର ପଣତକାନ



ପ୍ରଶାନ୍ତ କୁମାର ନାଥ

ଦୁନଆଁରେ ସମସ୍ତେ ସବୁକଛି ଭୁଲି ଯାଇ ପାରନ୍ତି । କନ୍ତୁ ବୋଉର ସେନେହ ମମତାକୁ କଣ କେହି ଭୁଲି ପାରିବ । ବୋଉ ପଣତକାନର ମିଠା ପରଶ ସବୁଦିନ ପାଇଁ ହୃଦୟରେ ଘର କରି ରହିଥିବ । ଦେହରୁ ଟିକେ ଝାଳ ବୋହିଗଲେ ବୋଉ ନଜର ପଣତ କାନରେ ପୋଛି ଦେଇଥାଏ । ଆଖିରେ କଛି ପଡିଗଲେ ସେହି ପଣତକାନରେ ଆଫା କରିଦିଏ । ଝୁଣ୍ଟି ପଡିଲେ ସେହି ପଣତକାନରେ ଦେହରୁ ଧୂଳି ଝାଡିଦିଏ । ଶୀତ ଲାଗିଲେ ସେହି ପଣତ କାନରେ ଦେହକୁ ଘୋଡେଇ ଦିଏ । ଖାଇ ସାରିଲେ ସେହି ପଣତକାନରେ ମୁହଁ ପୋଛିଦିଏ। ପିଲାଟି ବେଳରୁ ହିଁ ସେହି ପଣତକାନରେ ମୋହ ଲାଗି ରହିଥାଏ ।

ବୋଉର ପରଶ, ବୋଉ ହାତରନ୍ଧା, ବୋଉର ସେନେହ ବୋଲା କଥା, ଆଉ ବୋଉର ମମତା କଏ ଭୁଲିଛି ନା ଭୁଲି ପାରିବ ।

ସେମିତି ବିବେକ ମଧ୍ୟ ବହୁତ ଭଲ ପାଉଥିଲା ତାର ବୋଉକୁ । ଯୁଆଡେ ଗଲେବି ଘରକୁ ଫେରିଲେ ଧାଇଁ ଯାଉଥିଲା ବୋଉ ପାଖକୁ । ବୋଉର କୋଳରେ ଟିକେ ମୁଣ୍ଡ ରଖି ଶୋଇ ପଡୁଥିଲା । ଆଉ ତାକୁ ଲାଗୁଥିଲା ଯେମିତି ଦୁନଆଁ ଯାକର ଖୁସି ଆସି ତା ହାତରେ ଧରା ଦେଉଛି ।

ଏତେ ବଡ ହୋଇଯାଇଥିଲେ ବି ସବୁବେଳେ ବୋଉ ବୋଉ ହେଉଥିଲା । ଯେଉଁଥିପାଇଁ ରୁପା ( ତାର ଭଉଣୀ) ତାକୁ ଚଡାଉଥିଲା ଏବେ ସିନା ବୋଉ ବୋଉ ହେଉଛି । ଯେତେବେଳେ ବାହା ହେବୁ ମୁଁ ଦେଖିବି ଯେ କେତେ ବୋଉ ବୋଉ ହେବୁ ।

ପାଠ ପଢା ସରି ଯାଇଥିଲେବି ବୋଉକୁ ଛାଡି କୁଆଡେ ବାହାରକୁ ଯାଉନଥିଲା । ତାକୁ ଲାଗୁଥିଲା ତା ବୋଉକୁ ଛାଡି ସେ ରହିପାରିବନ । କନ୍ତୁ ଗାଁରେ କଣ ବା ସେ କରିବ । ତାର ସାଙ୍ଗ ମାନେ ବାହାରେ ରହି କେତେ ରୋଜଗାର କରୁଛନ୍ତି । ଗାଁ ଲୋକମାନେ ମଧ୍ୟ

ତାକୁ ଆକ୍ଷେପ କରି କହୁଛନ୍ତି । ତାର ବୋଉ ମଧ୍ୟ ତାକୁ କେତେ ବୁଝାଉଥିଲେ । ଆରେ ତୁ କେତେଦିନ ଏମିତି ମୋ ପିଛା ଧରିଥିବୁ । ଏବେତ ମୋ ପିଛା ଛାଡିଦେ । ମୋର ଯଦି କିଛି ହୋଇଯାଏ ତୁ ପୁଣି ଏକଲା ରହିବୁତ ?

ତାର ଜଣେ ସାଙ୍ଗ ବାଙ୍ଗାଲୋରରେ ରହୁଥିଲା । ତାକୁ କହିଲା ବାଙ୍ଗାଲୋର ଯିବାକୁ । ଇଚ୍ଛା ନଥିଲେବି ତା ସହ ବାଙ୍ଗାଲୋର ବାହାରିଲା । ତାର ଭଉଣୀ ତାର ସବୁ ଜିନିଷପତ୍ର ଯତ୍ନର ସହିତ ଆଟାଚିରେ ରଖିଦେଲା । ବିବେକ କିନ୍ତୁ ଭାବୁଥାଏ ବୋଉକୁ ଛାଡି କେମିତି ରହିବ । ବୋଉ ହାତର ମୁଣ୍ଡ ଆଉଁସା ନପାଇଲେ ତାକୁ ନିଦ ହୁଏନି । ବୋଉ ପଣତ କାନିରେ ମୁହଁ ନପୋଛିଲେ ତାକୁ ଭଲ ଲାଗେନି ।

ସାଙ୍ଗ ସହିତ ବାଙ୍ଗାଲୋର ଗଲା । ଫୋନ୍ କରି ବୋଉ ସହିତ କଥା ହୁଏ, ବେଳେ ବେଳେ କାନ୍ଦି ପକାଏ । ଏପଟେ ବୋଉକୁ ମଧ୍ୟ କିଛି ଭଲ ଲାଗୁନଥିଲା । ଭାବୁଥିଲା ପିଲାଟା ଖାଉଥିବକି ନାହିଁ, କେମିତି ରହୁଥିବ, କଣ କରୁଥିବ ଏମିତି ନାନା ପ୍ରକାର ଚିନ୍ତା ଆସୁଥିଲା ତାର ମୁଣ୍ଡକୁ ।

ସେଦିନ ବୋଉ ତାର ମାମୁଁଘରକୁ ଯିବାକୁ ବାହାରିଲା । ବାକ୍ସ ଖୋଲି ଶାଢୀ ଖୋଜୁଥିଲା । ସେହି ସମୟରେ ବିବେକ ଫୋନ କରିଥିଲା । ବୋଉର ଭଲମନ୍ଦ କଥା ପଚାରି ବୁଝିଲା । କଣ କରୁଛୁ ପଚାରିବାରୁ ବୋଉ କହିଲା ମାମୁଁଘରକୁ ଯିବି ଗୋଟେ ଶାଢୀ ଖୋଜୁଛି । କୋଉଠି ପାଉନି । ବିବେକ କିଛି ସମୟ ଚୁପ୍ ରହିଗଲା । ଆଉ କହିଲା, ବୋଉଲୋ ମୁଁ ସେହି ଶାଢୀଟା ମୋ ସାଥିରେ ନେଇ ଆସିଛି । ତୋର ପଣତଛୁଆଁ ନପାଇଲେ ପରା ମୋର ଆଖିକୁ ନିଦ ଆସେନି । ସେହି ଶାଢୀଟା ପରା ମୋହର ସାହାରା । ସେହି ଶାଢୀ ଛଡା ମୋ ପାଖରେ ଆଉ କଣ ଯେ ରହିଛି । ତୋ ପଣତକାନିର ଛୁଆଁ ନପାଇଲେ ପରା ମୋ ଆଖିକୁ ନିଦ ଆସେନି । ବୋଉର ଆଖିରୁ ବହି ଯାଇଥିଲା ଧାର ଧାର ଲୁହ ।

ସୁନ୍ଦରପୁର, ଉତ୍ତରକୂଳହାଟ,
ପ୍ରୀତିପୁର, ଯାଜପୁର

# ପ୍ରେମ ପରେ



ସଚ୍ଚିଦା ନନ୍ଦ ବାରିକ

ଆଉ କିଛି ଦିନ ପରେ ହୁଏତ
ଧାବମାନ ପ୍ରେମ ଟା ହୁଗୁଳା ଲାଗି ପାରେ
ଏଇ ରାତି ରାତି ଗପିବା ସକାଳୁ ମେସେଜ କରିବା
ଅଫିସ ର କାମ ଭିତରୁ ସମୟ ବାହାର କରି ଭଲମନ୍ଦ ବୁଝିବା...
ସବୁ ଲାଗି ପାରେ ରଙ୍ଗ ହୀନ
ଗତାନୁଗତିକ ଋତୁ ପରି
ଆସ୍ତେ ଆସ୍ତେ ଦୁରେଇବା ଆରମ୍ଭ କରିବ ସମ୍ପର୍କ

ଏଇତ ଜୀବନ
ଏମିତି କେତେଦିନ ଆଉ ଚାଲିବ
କିଛି ଗୋଟେ ନିଷ୍ପତ୍ତି ନେବାକୁ ହବ
କିଛି ନହେଲେ ନାହିଁ ଦିନ ର ବ୍ୟସ୍ତ ସମୟ ପରେ
ରାତିରେ ରହି ପାରିବା ଛୁଟିଦିନ
ଆଉ ପାଖାପାଖି ରହିଲେ
ପୂର୍ଣ୍ଣତା ବି ଆସିପାରେ ଆମ ପ୍ରେମ ରେ....
କିଛି ତ କରିବାକୁ ହବ ଧରା ପଡିବା ପୂର୍ବରୁ
ଆମ ସମ୍ପର୍କ କୁ ନାଁ ଟିଏ ଦେବାକୁ ହବ

ପ୍ରେମ ସବୁ ସରିଯିବା ଆଗରୁ
ପ୍ରେମ ରେ ଆଖି ଲାଗିବା ପୂର୍ବରୁ

ସମ୍ପର୍କକୁ ରଙ୍ଗେଇବାକୁ ହବ ନୂଆ ରୂପରେ ନୂଆ ରଙ୍ଗ ରେ
ସମ୍ପର୍କରେ ଘୁଣ ଧରିବା ର ଯେଥେଷ୍ଟ ଆଗରୁ
ଘରେ କହିବାକୁ ହେବ
ତାଙ୍କ ଖୁସି ପାଇଁ ବାନ୍ଧି ହେବାକୁ ପଡିବ
ସମାଜ ଆଗରେ...

ଗ୍ରାମ/ ପୋଷ୍ଟ – ଝୁମ୍ପୁରା,
ଜିଲ୍ଲା – କେନ୍ଦୁଝର, ଓଡିଶା

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ ।

# କଲ୍



ଫିରୋଜ କୁମାର ପଟେଲ

ହିରନ ଗୃହାନ        ଚେହେରା ଲୁଭନ
ଓଢ କରେ କଲ୍‌ଜାଇ
ରସଥି ରସେଇ        ରସିଆ ପିଲାର୍
ମନକେ କରସି ବାଇ ।( ୧)
ସୁନ୍ଦରେ ସୁନ୍ଦର        ରହିଥାଉ ବେଟୀ
ତେରଛା ନଜର୍ ଛେକ
କଲିଆ କାଜଲ୍        ଗାଲେ ଲଗାସି ମାଁ
ସୁନ୍ଦରୀ ବେଟୀକେ ଦେଖି ।( ୨)
କଲିଆ ଆକାଶେ        ବାଦଲ୍ ଉହାନେ
ଉଦଲେ ଉଦିଆ ଜନ୍
ରୂପା ବଦନକେ        ନଜରୁ ବଞ୍ଚାସି
କଲଙ୍କିର୍ କଲ୍‌ପନ୍ ।( ୩)
ଧୋବ୍ ଧାନ ଗୁଣା        କଲ୍‌ଗୁର୍ ଖାଇ
କଲ୍ ଅଏରସା ପିଠା
ଧୋବ୍ ନୁ ବାହାରି        କଲ୍ କଲ୍ ହଇ
ମୁହୁଁକେ ଲ୍‌ଗସି ମିଠା( ୪)
ମନ ମନୁ ଖୁଜି        ପଁରା କାଗଜେ
କବିର୍ କଲମ୍ ଗାର

ମନ ବୁଝି ବୁଝି ମନେ ମନେ ସଜି
ମନ ଜିତେ କଲାକାର୍ ।( ୫)
ବିଟବିଟ୍ କଲା କୁଆରୀ କୁଇଲି
ଚରେ ଚରଗୁନ୍ ର ରାନୀ
ପଞ୍ଚମ ତାନର୍ ଗୀତ୍ ଦୁଇ ପଦେ
ଲକ୍ଷେ ମନ ନେସି ଘିନ ।( ୬)
କଲା ସେ ଶ୍ରୀହରି କଲା ଗିରିଧାରୀ
କଲିଆ ଜଗତନାଥ
ଆଦି ଅନ୍ତ ସେତ ବିଧିର୍ ବିଧାତା
ମୁନୁଷର୍ ମୁକ୍ତିପଥ ।( ୭)
ସୁନ୍ଦରୀ ପନକେ ସୁନ୍ଦର କରସି
ଥିପେ ଥିଲେ କଲାରଙ୍ଗ
କାଁଏ ଯେ କହ ତ ଏତେ ଭେଦଭାବ
କଲା ହେଲେ ଲୋକତନ୍ ।( ୮)
ନା ପସନ୍ଦ ହେବା କଥା ଶୁନୁଥିବା
ଏକଲା କରବା ଘର୍
ସଫା ମନ୍ ଧରି କଲାପନ୍ ଲାଗି
ଦୁନଆଁ ନୁ ହେବା ମାର୍ ।( ୯)
ରଙ୍ଗ ବଛା ନଛା ସବୁ ଆଏ ଛୁଛା
ତୋର୍ ମୋର୍ ସବୁ ଭୁଲ୍
ପଏରଛା ମନେ ମୁନୁଷ ଜୀବନ୍
ହଁସୁଥାଉ ମୁଲମୁଲ୍ ।( ୧୦)

ଅବନକେଲା, ସୁନ୍ଦରଗଡ, ଓଡିଶା

# ଦୋହଲା ବସା



ସତ୍ୟବ୍ରତ ମହାପାତ୍ର

ତା ଦେହ ଟା ଥରୁଥିଲା। ଯେତେ ଚେଷ୍ଟା କଲେ ବି ସେ ସ୍ଥିର ହେଇ ରହିପାରୁନଥିଲା। ଗୋଟାଏ ଅଜଣା ଡର ତା ମନ କୁ ଖାଇ ଯାଉଥିଲା। ସକାଳୁ ଡେଣା ଝାଡି ଉଡିବାକୁ ଚେଷ୍ଟା କଲା ବେଳକୁ ଲାଗୁଥିଲା ଯେମିତି ତାର ଡେଣା ରେ ଆଉ ବଳ ନାହିଁ। ତଥାପି ସେ ବାହାରକୁ ଗଲା ଆଉ ଯାହା ଟିକଏ ଖାଦ୍ୟ ପାଇଲା ଆଣି ତାଙ୍କ ପାଟି ରେ ଦେଲା। କିନ୍ତୁ ସେ କିଛି ଖାଇଲେନି। ଆଖି ବନ୍ଦ କରି ସେମିତି ପଡି ରହିଥାଆନ୍ତି। ଦେହ ତ ଶୁଖି ଆସିଥିଲା ତାଙ୍କର, ଏଥର ଡେଣା ରୁ ପର ବି ଗୁଡାଏ ଝଡି ଗଲା। କଣ ବା କରିବ ସେ।

ଏଇ ବସା ଟା ସେମାନେ ଗୋଟିଏ ଗୋଟିଏ କାଠି ଗୋଟାଇ ବନାଇଥିଲେ। କେତେ ମଜା ଲାଗୁଥିଲା ସେ ଜୀବନ।

ଆକାଶ ରେ ଗୋଡିଆ ଗୋଡି ହୋଇ ଉଡିବା, ମିଶି ଖାଦ୍ୟ ଖୋଜିବା, ପରସ୍ପରକୁ ଖୁଆଇଦେବା, ସାପ ବା ବଡ ଚଢେଇ ଙ୍କ ଠାରୁ ଜଣେ ଆର ଜଣଙ୍କୁ ବଞ୍ଚେଇବା ଆଉ ରାତି ହେଲେ ଜକାଜକ ହୋଇ ଶୋଇପଡିବା।

ମନେ ଅଛି ତାର ଯେଉଁ ଦିନ ସେ ପ୍ରଥମ ଥର ପାଇଁ ଅଣ୍ଡା ଦେଇଥିଲା ଆଉ ଯେଉଁ ଦିନ ସେ ଅଣ୍ଡା ରୁ କୁନି କୁନି ଛୁଆ ଚିଁ ଚିଁ କରି ତାଙ୍କ ବସା କୁ ଖୁସିରେ ଭରି ଦେଇଥିଲେ। ଭାରି କଷ୍ଟ ହୋଇଥିଲା ଯେବେ ସେମାନେ ବଡ ହୋଇ ଗୋଟି ଗୋଟି କରି ଉଡିଗଲେ। ଧାଉଁ କରି ତା ଭାବନା ଭାଙ୍ଗି ଗଲା। ଲୁହ ଭରା ଆଖିରେ ଦେଖିଲା ତାଙ୍କ ଆଖି ରୁ ବି ଲୁହ ଟୋପାଏ ଝରିପଡିଛି। ସେ ବି କଣ ସେ ପୁରୁଣା କଥା ମନେପକାଉଛନ୍ତି? ? ପୁଣି ସେ ଚେଷ୍ଟା କଲା ତାଙ୍କ ପାଟି ରେ ଖାଦ୍ୟ ଟିକଏ ଗୁଞ୍ଜି ଦେବାକୁ। ହେଲେ ପାରିଲାନି।

ବେଶ୍ କଛି ଦିନ ହେଲାଣି ସେମାନେ ଉଡିବା କମେଇ ଦେଇଥିଲେ। ପବନ କୁ ଚିରି ଉଡିବାର ଶକ୍ତି ଯେମିତି ଧିମେଇ ଆସିଥିଲା। ମାଟିରେ ଡେଇଁ ଡେଇଁ ଖେଳବାକୁ ଡର ଲାଗୁଥିଲା କାଳେ କଏ ଆସି ମାଡି ବସିବ।

ଯାହା ପାଖରେ ମିଳୁଥିଲା ଦୁହେଁ ମିଶି ଖାଇ ଦେଉଥିଲେ। ହେଲେ ଦୁଇ ଦିନ ହେଲାଣି ସେ କଛି ଖାଇନାହାନ୍ତି। ତେଣୁ ସେ ବି କଛି ଖାଇ ପାରୁନଥିଲା। ମିଶି କରି ଖାଇବାର ଅଭ୍ୟାସ ଯେ ପଡିଯାଇଥିଲା।

ତାପରେ ଅଯଥା ଚନ୍ତା ଓ ଅସହାୟତା।


ଧୀରେ ଧୀରେ ସେ ତାଙ୍କ ପାଖକୁ ଯାଇ ଶୋଇପଡିଲା।

ଓଃ କ ଶାନ୍ତି। ଆଖି ଦୁଇଟା ମୁଦି ଦେଲା ସେ।

Xxxx

ସେଦିନ ରାତିରେ ଜୋର ରେ ପବନ ଓ ବର୍ଷା ହେଲା। ସକାଳୁ ଦେଖାଗଲା ଯେ ବଗିଚାର ବଡ ଗଛ ମୂଳରେ ଚଢେଇ ବସାଟେ ପଡିଛି ଆଉ ସେ ଭଙ୍ଗା ବସାରେ ଦୁଇଟା ମଲା ଚଢେଇ। ମାଳୀ ଆସି ସେ ବସା ଓ ଚଢେଇ ନେଇ ମ୍ୟୁନସପାଲଟି ଗାଡି ରେ ଫୋପାଡି ଦେଇଆସିଲା।

୪୭, ପ୍ରାଚୀ ଏନକ୍ଲେଭ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର



# ଚିଲିକା



ସିପୁନୁ ଜେନା

ସ୍ୱଚ୍ଛ ଚନ୍ଦ୍ରମାର ଚନ୍ଦ୍ରକଳାରେ
ନୀରବତାର ଭାଷା ଭିତରେ
ଯେଉଁ ଚଞ୍ଚଳତା ଖେଳେ
କଳ୍ପନାର ପ୍ରତିରୂପରେ
ଅପରୂପ କଳା ଉକୁଟି ପଡେ.....

ଏଇତ ସାଗରର ସଙ୍ଗମରେ
ମଗ୍ନ ସନ୍ୟାସୀ ସାଜିଛି
ଚପଳତାର ଚାତୁରୀରେ
ସବୁ ଆବୋରି ବସିଛି କୋଳରେ !

ଏ ଯୋଡ଼ ବିହଙ୍ଗର କାକଳି
ଆଖିରେ ଆଖିଏ ଚନ୍ଦ୍ରପଙ୍କ
ପ୍ରକୃତିର ଶୋଭାରେ ବିମଣ୍ଡିତା
ମେଞ୍ଚାଏ ଆଶାର ଅନୁରଣ....

ତ୍ରିଭୂମିର ବେଢଣରେ
ବେଶ୍ ସୁନ୍ଦରୀ ଚିଲିକା
ନୌକା ବିହାରର କଳକଳ ଶବ୍ଦରେ
ଛାତିରେ ଖେଳାଏ ଶିହରଣ
ଦୋଲକାଏ ଦକ୍ଷିଣା ପବନ....

ବେଶ୍ ଚତୁରତାରେ
ଦୟାକୁ ଦେଇଛି ହଜେଇ
ଅସ୍ତିତ୍ୱ ସନ୍ଧାନରେ ମାଟି
ପାଣିରେ ଅଧା ନକ୍ସା ଅଭିସାର ।

ଏଇତ ଆମ ପରିଚୟ
ପର୍ଯ୍ୟଟନର ପାନ୍ଥଶାଳାରେ
ସ୍ୱପ୍ନ ଟିକେ ଚଳଚଞ୍ଚଳ
କଳା ଭଅଁର ପାଣି ସୁଅରେ
କାଳଜାଈର ସ୍ମୃତି
ହୃଦୟରେ କରୁଣ ସୀତ୍କାର...!!!

ତର୍କାବେଡା, କଡଲ୍, ମେରମଣ୍ଡଳୀ,
ଢେଙ୍କାନାଳ

# ସଂପର୍କ



କଲ୍ୟାଣୀ ମହାପାତ୍ର

ସମୟ ସହ ସାଲିସ କରି
ସଂପର୍କମାନେଭି ରଂଗ ବଦାଳାନ୍ତି
ଏଇ ଯେମିତି ବଦଳେ
ଆଖି, ଆଖିରୁ ଛାତି, ଛାତିରୁ ପ୍ରେମ
ଆଉ ପ୍ରେମରୁ ବିଚ୍ଛେଦ ।।


ନଜେ ଗଢିଥିବା କଛି ସଂପର୍କକୁ
ଫୋଟୋଫ୍ରେମ କରି ଟାଂଗିବାକୁ ପଡେ ଡ୍ରଇଁରୁମରେ
ଗରମ କଫି ମଗର ବାମ୍ଫପରି
ଅନ୍ତରଂଗତାମାନେ ଧିରେ ଧିରେ ମିଳେଇଯାନ୍ତି ପବନରେ ।।

ଶବ୍ଦହୀନତା ଭୋଗେ ସଂପର୍କ
ଅକୁହା ଶବ୍ଦମାନେ ବେଫିକର ଭାବେ ପଡିରୁହନ୍ତି
ପୁରୁଣା କବିତା ଖାତାରେ
ଧୀରେ ଧୀରେ ନରବତାର ଶିଉଳ ଯମେ ଆଖି ତୁଠରେ ।।

ଆଖିତଳେ ଢାଂଗପଡେ
ଏକ୍ସପାୟାର ହୁଏ ପଣ୍ଡସ୍ ର ବାସ୍ନା
ଚନ୍ଦ୍ରାମୁହଁ ସବୁ ଫେଡ୍ଅର୍ ହୁଅନ୍ତି
ଆଖିର ଲେନ୍ସରୁ ..

ରାତିରୁ ସ୍ୱପ୍ନ
ପ୍ରେମରୁ ଦେହ
ସଂପର୍କରୁ ଜୀବନ ପର୍ଯ୍ୟନ୍ତ ସବୁ ବଦଳେ
ବାସ୍ ମୁଁ ଯାହା ବଦଳ ପାରେନ
ତୁମକୁ ଦେଇଥିବା ନବଦଳବାର ପ୍ରତିଶୃତିରେ ।

ରଣପୁର, ନୟାଗଡ଼



"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com



# ଅସର୍‌ଏ ଫଗୁଣ

ମୃତ୍ୟୁଞ୍ଜୟ ହୋତା( ଆଲୋକ)

ପୃଥିବୀ ଆଜି ଉତଫୁଲ୍ଲିତ ଚକତ ରଙ୍ଗର ଆସେ ପସର୍,
ନବ ଦିଗନ୍ତ ଚକ୍ ଚକ୍ କରେ ଆସିଛି ଫଗୁଣ ପର୍ ।
ଉନ୍ମଦିତ ଚଉଦିଗ ସଜା ମୃଣମୟୀ ଆକାଶ ଦିଶେ,
ପବନ କରି ଅଭିମାନ ସୁଲୁ ସୁଲୁ ହୋଇ ଆସେ ॥
ନୂଆ ଉନ୍ମାଦନା ନୂଆ ସପନ ସତେ କ ଆଶାର କରଣ,
ପଶୁପକ୍ଷୀ ଅବା ଗଛ ଲତା ସଭିଁଏ ଫଗୁଣେ ନମନ ।
ଆମ୍ବ ବଉଳ ବସନ୍ତ ଲକ୍ଷଣ ନବଘନ ରଚତ,
ହୃଦୟ ଖୋଲି ବ୍ୟକ୍ତ କରେ କୋଇଲି ତର୍ ଚରିତ ॥
ପ୍ରକୃତି ବାସନା ଦିବ୍ୟ ଛନ୍ଦନା ଉଠେ ମହ ମହ ହୋଇ,
ଧରଣୀ ଆଜି ଫଗୁଣେ ବିଭୋର ସତେ ନୂଆ ବୋହୂ ହୋଇ ।
ପକ୍ଷୀ ବିଚରଣ ଖୋଲ୍ ଆକାଶରେ ସ୍ୱରର ର୍ଗିଣୀ ଗାଇ,
ଝରଣା ବହିଯାଏ ଆନନ୍ଦ ମନରେ ଅବା ପାହାଡକୁ ଛୁଇଁ ॥
ମଳୟର ଏହି ସୁନ୍ଦର ଅନୁଭୂତି ଗୋଲ୍ପ ଫୁଲଠୁ ବେଶୀ,
ତଥାପି ମନ ଅଣାୟତ ହୁଏ ଫେରିଯିବାକୁ ଆସି ।
ସୁରୂଜ ଆସେ ନଇଁ ଜହ୍ନକୁ ସ୍ୱାଗତ କରି,
ଗୃରିଆଡେ ଖାଲି ଫଗୁଣ ଆସର ହୃଦୟ ଅଥୟ କରି ॥

ରତାଖଣ୍ଡି, ବୌଦ୍ଧ, ଓଡିଶା

# ଛୋଟ ମୋର ନାଆଟି

( ଧାରାବାହିକ)



ପ୍ରଫେସର ଅନତା ପଣ୍ଡା

୨- ପାଠଶାଳା

ଆମ ଗାଁର ନାମ ତଳହା । ଏହା ଯାଜପୁର ସବ୍‌ଡିଭିଜନ ଭିତରେ ସେ । ଗାଁଟି ବହୁତ ଛୋଟ ହେଲେ ମଧ୍ୟ ୟାର ବହୁ କଛି ମହତ୍ତ୍ୱ ରହିଛି । ଆମ ଗାଁର ଘର ସବୁ ପ୍ରାୟତଃ କଚ୍ଚା। ରାସ୍ତା ଗୁଡିକ ମଧ୍ୟ କଚ୍ଚା, ତେଣୁ ବର୍ଷା ଦିନେ ସାରା ଗାଁଟି ପାଣି କାଦୁଅରେ ପଚର ପଚର ହେଉଥାଏ । ତା ଛଡା ଆମର ଖେଳ କୁଦ ମଧ୍ୟ ବନ୍ଦ । ମୋର ଏବେ ବି କାଲି ପରି ମନେ ଅଛି, ଥରେ ବର୍ଷା ଦିନରେ ସବୁ ସାଂଗମାନେ ବସି ନିର୍ଣ୍ଣୟ କଲୁ, ସମସ୍ତେ ମିଶି ଭଗବାନଙ୍କୁ ପ୍ରାର୍ଥନା କରିବା ବର୍ଷା ଦିନ ଆମ ଗାଁରେ ନ ରହୁ । ନବନନା, ଯାହାକୁ କ ସମସ୍ତେ ମାଇଚଆ କହନ୍ତି, କହିଲା ତେବେ ଆମେ କାଗଜ ଡଙ୍ଗା ଭସାଇବା କେମିତି । ମୋ ସାଂଗ ପଦୁଁ ( ପଦ୍ମାବତୀ) ର କାହିଁକ କେଜାଣି ନବନନା ସଙ୍ଗେ ପଟେନା । ଦୁହିଙ୍କୁ ଦେଖିଲେ ଅନ୍ୟ ସାଂଗ ମାନେ କହିଥାନ୍ତି, "ଚେଙ୍ଗ ରାଶିକୁ ବେଙ୍ଗ ରାଶି"। ବିରକ୍ତ ହୋଇ କହିଲା, "ଆମେ ପୋଖରୀ ତୁଠରେ ବସି ଡଙ୍ଗା ଭସାଇବା । ଏ ଅପରଚ୍ଛନଆ ଭିତରେ ତୁ ରହ ।" ଦୁରିଆ ନାନୀ ( ଦୁର୍ଗାବତୀ) ଆମ ସମସ୍ତଙ୍କ ଠୁ ବୟସରେ ବଡ । ତାଗିଦ୍ କରିବା ଭଳ କହିଲା," ବର୍ଷା ନ ହେଲେ ଚାଷୀ ମାନେ କ'ଣ କରିବେ? " ଆମେ ତ ୟା ଭଳ ( ମୋ ଆଡକୁ ଆଂଗୁଳ ଦେଖାଇ) ଧନୀ ଘର ନୋହୁ । ବିଲରୁ ଧାନ ନ ଆସିଲେ ଖାଇବୁ କ'ଣ? "କଥାଟା ସମସ୍ତଙ୍କ ମନକୁ ପାଇଲା, ତେଣୁ ସମସ୍ତେ ମିଶି ପୁଣି ଥରେ ଭଗବାନଙ୍କ ଉଦ୍ଦେଶ୍ୟରେ ହାତ ଯୋଡିଲୁ ।" ଆମ ଭିକ୍ଷା ଆମକୁ ଫେରାଇ ଦିଅ ଭଗବାନ । ଆମେମାନେ ଅଜ୍ଞାନ ବାଳକ ବାଳକା ।"

ଆମ ତଳହା ଗାଁଟି ବହୁ ଭାଗରେ ବିଭାଜନ ହୋଇଛି । ସେଥିରୁ ଆମ ସାତଟି ବ୍ରାହ୍ମଣ ପରିବାର କାହିଁକି କେମିତି ବାରି ହୋଇ ପଡନ୍ତି ଯାହାର କାରଣ ଅନ୍ୟ ମାନଙ୍କ ମୁହଁରୁ ଶୁଣିଛି"। ବାପା ବଡ ଜମିଦାର ଥିଲେ ତ, ସେଇଥିପାଇଁ" । ଆମେ ପିଲାମାନେ ଏହାର ମହତ୍ତ୍ୱ କାହିଁକି ବେଶୀ ତାର ଖୋଳ ତାଡ ନ କରି ମନରେ ନେଇ ଯାଇଥାଉ, ଅନ୍ୟ ସାଇ ଗୁଡିକରେ ମିଳତ ଜାତିର ବାସିନ୍ଦା ମାନେ ବାସ କରନ୍ତି । କେବଳ ଆମ ସାଇକୁ ଛାଡି । ଆମ ଗାଁର ଦକ୍ଷିଣକୁ "ବେଙ୍ଗା" ନଦୀ ଯାହା "ବେଙ୍ଗ ଭଦ୍ରା" ନଦୀର ଅପଭ୍ରଂଶ । ଯାହା ବହୁ ବର୍ଷର ସଂଚତ କାଗଜ ପତ୍ର ମାନଙ୍କର ସମୀକ୍ଷା ଏବଂ ଅଫିସିଆଲ ମାନଙ୍କ ସହ ଆଲୋଚନା କରି ବାପା ନଦୀର ଅସଲ ନାମଟି କୁ ଗୃହୀତ କରି ପାରିଥିଲେ । ଏହା ମଧ୍ୟ ଜଣା ଯାଇଥିଲା ଏଇ ବେଙ୍ଗ ଭଦ୍ରା ନଦୀ ପବିତ୍ର ବୈତରଣୀ ନଦୀରୁ ବାହାରିଛି । "ବେଙ୍ଗା" ନଈଟି ବହୁ ଦୂର ତକ ଲମ୍ବି ଯାଇଥିଲେ ମଧ୍ୟ ଚଉଡାରେ ବହୁତ କମ୍ ଏବଂ ବର୍ଷା ଦିନ ବ୍ୟତୀତ ପାଣିର ଗଭୀର ମଧ୍ୟ ବେଶୀ ନୁହେଁ। ତଥାପି ମୁଁ ଏଇ ନଈରେ ଗର୍ ଓଲଟାଇ ବିନା କାହାରି ସାହାଯ୍ୟ ରେ ସନ୍ତରଣ ଶିକ୍ଷା ଲାଭ କରିଥିଲି । ଅବଶ୍ୟ ଏଇ ଖବରଟି ପରିବାର ବର୍ଗଙ୍କର କାନକୁ ଆସିବା ପରେ ମୋର ନଈ ପାଖକୁ ଯିବା ବନ୍ଦ ହୋଇଯାଇଥିଲା। ସାଇର ପୂର୍ବ ପଶ୍ଚିମ ଦିଗକୁ ନଦୀର ଦୁଇଟି ଧାର୍ ବହି ଯାଇଛି । ପଶ୍ଚିମ ଧାର୍କୁ " ଦାଣ୍ଡଗଡିଆ ହ୍ରଦ" କୁହାଯାଏ ଏବଂ ପୂର୍ବ ଧାର୍କୁ "ଧୋବା ତୁଠ"। କାରଣ ଏଇଠାରେ ପୁର୍ ଗାଁଟା ଯାକର ଲୁଗା ଧୋଇ ସଫା କର୍ଯାଇଥାଏ । ବହି ଯାଉଥିବା ନଦୀରେ ଯାହା ସାଧାରଣତଃ ଦେଖା ଯାଇନଥାଏ ତାହା "ଦାଣ୍ଡଗଡିଆ ( ହ୍ରଦ) " ରେ ବହୁ ପରିଣାମ ରେ ଦେଖାଯାଏ, ତାହା ହେଲା କଇଁ ଏବଂ ପଦ୍ମ ଫୁଲ । ପଦ୍ମ ଆଉ କଇଁ ପତ୍ରର ବହୁ ଶାଖା ଏବଂ ଚେରମାନ ଥାଏ । ହ୍ରଦରେ ପାଣି ବେଶୀ ଥିଲେ ମଧ୍ୟ ପୁରୁଖା ମାନେ ଏଥିରେ ସନ୍ତରଣ କରିବାକୁ ବାରଣ କରିଥାନ୍ତି । ତାହାର ମୁଖ୍ୟ କାରଣ ହେଲା ଚେର ମାନଙ୍କ ଦ୍ୱାର୍ ଗୋଡ ବାନ୍ଧି ହୋଇଯିବାର ସମ୍ଭାବନା । ତା ବ୍ୟତୀତ ଏଇ ଫୁଲ ମାନଙ୍କ ମୂଳରେ ସାପମାନେ ବାସ କରି ଥାଆନ୍ତି । ସେଥିପାଇଁ ଏଇ ହ୍ରଦର ପାଣି କେବଳ ଧାନ କଆରୀ ଏବଂ ଅନ୍ୟ ଫୁଲ ଫଳ ଗଛ ମାନଙ୍କ ପାଇଁ ବ୍ୟବହାର କର୍ଯାଇଥାଏ ।

ବର୍ଷାଦିନେ ଏଇ ହ୍ରଦରେ ବହୁ ଜଳ ଥିଲେ ମଧ୍ୟ କେହି ସେଥିରେ ସନ୍ତରଣ କରିବାର ସୌଭାଗ୍ୟ ପ୍ରାପ୍ତ କରି ପାରନ୍ତିନ । ତେଣୁ ବର୍ଷା ଦିନେ "କଦଳୀ ଭେଳା" ତିଆରି କରି ତା ଉପରେ ଭସି ସନ୍ତରଣର ତୃଷ୍ଣା ମେଣ୍ଟାନ୍ତି । ପଶ୍ଚିମର ସେଇ ହ୍ରଦରୁ ଗୋଟିଏ ଛୋଟ ଶାଖା ଆସି ଉତ୍ତରୀ ପକ୍ଷକୁ ବେଷ୍ଟିତ କରିଥାଏ । ନଦୀ, ନାଳ, ବ୍ୟତୀତ ଆମ ସାଇର ଚର୍ତୁପାର୍ଶ୍ୱରେ ଆମ୍ବ ନଡିଆ, ତାଳ, ଖଜୁରୀ, ଓଉ ଗଛ ମାନ ବହୁ ପରିମାଣରେ ମୁଣ୍ଡଟେକ ଛିଡା ହୋଇଥାଆନ୍ତି । ତା ଛଡା, ଉତ୍ତରୀ ପ୍ରାନ୍ତରେ ବହୁ କଆ ଏବଂ କେତକୀ ବୁଦାମାନ ଭର୍ତ୍ତୀ । ପୁରୁଖା ମାନେ କହନ୍ତି, ଏଇ ବୁଦା ମାନଙ୍କ ଚେର ପାଖେ ବିଷାକ୍ତ ସାପମାନେ ପ୍ରଭୁ ଲକ୍ଷ୍ମୀନାରାୟଣ (ଆମ ଇଷ୍ଟ ଦେବତା) ଙ୍କର ଭକ୍ତ । ବିନା କାରଣରେ କାହାକୁ ଦଂଶିବେନ । ମାତ୍ର କେହି ଯଦି ଭୁଲ କରେ (ଅର୍ଥାତ ବୁଦାରୁ କଆ କେତକୀ ଫୁଲ ଚୋରୀ କରିବାର ପ୍ରୟାସ କରେ) ତେବେ ତାହାର ବଂଶ ରହିବା ଅସମ୍ଭବ । ତେଣୁ ବାପାଙ୍କ ଦ୍ୱାରା ଆୟୋଜିତ ଶ୍ରମିକ ମାନଙ୍କ ଦ୍ୱାରା ଏଇ ଫୁଲ ତୋଳା ଯାଇଥାଏ, ସେଥିରୁ କିଛି ଭଗବାନଙ୍କ ପୂଜା ନିମନ୍ତେ ଦିଆଯାଏ ଏବଂ ବଳକା ଗ୍ରାମବାସୀ ମାନଙ୍କ ମଧ୍ୟରେ ବିତରଣ କରାଯାଇଥାଏ । ଏଇ ଫୁଲର ସୁଗନ୍ଧ ଖୁବ୍ ମଧୁର, ତେଣୁ କେତେକ ଏହାକୁ ଘରେ ରଖି ଏହାର ବାସ୍ନା ଅନୁଭବ କରନ୍ତି, ଅନ୍ୟ କେତେଜଣ ଏହାକୁ ସୁଗନ୍ଧ ଖଇର ତିଆରି କରିବା କାମରେ ମଧ୍ୟ ଉପଯୋଗ କରିଥାନ୍ତି ।

ଆମ ପରିବାରକୁ ବାଦ୍ ଦେଇ ଏଇ ଛଅଟି ଯାକ ଘରର ପରିବାର ସୂଜନମାନଙ୍କୁ ମୁଁ ଭିନ୍ନ ଭିନ୍ନ କାରଣରୁ ବହୁ ଭଲ ପାଉଥିଲି । ପ୍ରଥମ ଦଶରଥ ପିଉସାଙ୍କ ପାଞ୍ଚ ଝିଅରେ ଅଲିଅଳୀ "ପଦ୍ମନାନୀ" ମୋର ଖୁବ୍ ସାଂଗ । ଦ୍ୱିତୀୟ ହେଲା ରାଧାନାନୀ (ପିଉସୀ) ଙ୍କ ଘର । ଗାଁର ସମସ୍ତ ମହିଳା ଙ୍କ ଠାରୁ ସେ ମତେ ବହୁ ଜ୍ଞାନୀ ମନେ ହୁଅନ୍ତି । ତୃତୀୟ- ଶୁକାନନା ଘର। ସେ ନୂଆବୋଉ ଠାରୁ ମୁଁ ଗୀତ ଶିଖୁଥାଏ । ଚତୁର୍ଥ- ନୃସିଂହ କକେଇ ଏବଂ ବଂଶୀ କକେଇ । ସେମାନେ କାଳେ ଆମ ନିଜର । ଏ 'ନିଜ' 'ପର'ର ଅର୍ଥ ନ ବୁଝିଥିଲେ ମଧ୍ୟ ସେମାନଙ୍କର ଖୁବ୍ ନିକଟ ଥିଲି । ସମୟ କ୍ରମେ ଯେମା ଖୁଡୀ (ବଂଶୀ କକେଇଙ୍କର ସହ ଧର୍ମିଣୀଙ୍କ) ର ପୁଅ ରାଜ ଜନ୍ମ ହେଲା ପରେ ତାଙ୍କ ସାନ ଭଉଣୀ ହେମ ମାଉସୀ ଆସି

ତାଙ୍କ ପାଖରେ ରହିଲେ । ତାଙ୍କ ସହ ବନ୍ଧୁତା ନିବିଡ ହେଲା । ପଞ୍ଚମରେ ବାବାଜୀ କକେଇ, ବଧୂଲି ଖୁଡୀଙ୍କର ଝିଅ ଟୁନ ନାନୀ ସଂଗେ ମଧ୍ୟ ମୋର ଭଲ ସଂପର୍କ । ଷଷ୍ଠ ଘରଟି କଥା ମନେ ପଡିଲେ ମୋ ଆଖିରେ ଏବେ ବି ପାଣି ଆସେ । ସେମାନେ ଅପୁତ୍ରିକ ଥିଲେ । ତେଣୁ ସେମାନେ କାହାର କକେଇ, ପିଉସା, ମାମୁଁ କିଂବା ଅନ୍ୟ କିଛି ସଂପର୍କ ପିଲାମାନଙ୍କୁ ଜଣାଇ ଦିଆଯାଉ ନ ଥିଲା । ତାଙ୍କ ଘରକୁ ଯିବା ପାଇଁ ମଧ୍ୟ ବାରଣ କରାଯାଉଥିଲା । ମୁଁ ଲୁଚ ଲୁଚ ତାଙ୍କ ଘରକୁ ଚାଲିଯାଏ । ମନକୁ ମନ ତାଙ୍କୁ ଖୁଡୀ ସମ୍ବୋଧନ ଆରମ୍ଭ କରି ଦେଲି । ତାଙ୍କ ଘର ଭିତରେ ଗୋଟିଏ ଦଉଡି ଦୋଳ ବର୍ଷର ୩୬୫ ଦିନ ପାଇଁ ଥାଏ । ଖୁଡୀ ପ୍ରାୟ ସବୁବେଳେ ସେଇ ଦୋଳରେ ବସିଥାନ୍ତି । କକେଇଙ୍କୁ ଖୁବ୍ କୃଚତ୍ ଦେଖିଥାଏ । ଖୁଡୀ ତାଙ୍କ ଦୋଳୀରେ ବସାଇ ମତେ ଲହୁଣୀ ଖୁଆନ୍ତି, ଲହୁଣୀ କେଉଁଠୁ ଆଣନ୍ତି ପଚାରିଲେ ଉତ୍ତର ଦିଅନ୍ତି, "ଗାଇଟିଏ ଅଛି, ତୁମ କକେଇ ତ ସବୁବେଳେ କଲିକତାରେ ରହନ୍ତି । ସବୁ କ୍ଷୀର ତକ ମୁଁ ଘୋଳ ଦହି କରି ପିଇଥାଏ । ଲହୁଣୀରୁ ଘିଅ ମାରି ସେପାରି ରେ ବିକେଇଥାଏ । ତୁମକୁ ଲହୁଣୀ ଭଲ ଲାଗେ?

ତାଙ୍କ ପ୍ରଶ୍ନର ଉତ୍ତର ନ ଦେଇ ମୁଁ ତାଙ୍କୁ ପଚାରେ, ମତେ ତ କୋଉ ଖୁଡୀ କିଂବା ପିଇସୀ ନାନୀ ମାନେ ଏମିତିକି ନାନୀ ମାନେ ମତେ ତୁମେ କହନ୍ତିନ । ତୁମେ କାହିଁକି 'ତୁମେ' କହୁଛ? କିଛି ଉତ୍ତର ଦିଅନ୍ତିନ ସତ ମାତ୍ର ଲୁଗା କାନରେ ଆଖି ପୋଛନ୍ତି । ତାଙ୍କ ଦୁଃଖ ଦେଖି ମୁଁ କିଛି କହି ପାରେନା ପରିବାର, ସାଇ ପଡିଶାଙ୍କ ଠାରୁ ତାଡନା ପାଇ ମଧ୍ୟ ମୁଁ ଲୁଚ ଲୁଚ ଯାଇ ଦୋଳରେ ବସି ଲହୁଣୀ ଖାଏ ।ଲହୁଣୀ ଖିଆ ଶେଷ ହେବା ପରେ ସେ ମତେ ଚାଲିଯିବାକୁ କହନ୍ତି ।

ଆମ ଘରଟି ସାଇ ମଝିରେ । ଘରର ଉତ୍ତରକୁ ଆମ୍ବ, ପଣସ, ତାଳ, ନଡିଆ, ଖଜୁରୀ ଗଛ ପ୍ରଭୃତି ଥିବା ଏକ ପ୍ରଶସ୍ତ ବଗିଚା, ପୂର୍ବକୁ ଆମ୍ବ ବରଗଛ ତୋଟା, ଦକ୍ଷିଣକୁ ବାଉଁଶ, ଆମ୍ବଗଛ ବଗିଚା ଏବଂ ପଶ୍ଚିମକୁ ନାନା ଜାତି ଫୁଲ, ନଡିଆ ଏବଂ ପିଜୁଳୀ ଗଛର ବଗିଚା । ସବୁଠୁ ବଡ ରାଧା ଅଶୋକ ଫୁଲ ଗଛଟି ମୋର ବହୁ ପ୍ରିୟ । ତାର କାରଣ ହେଲା ଅଶୋକ

ଗଛର ମନଲୋଭା ଲାଲ ଫୁଲ ପରିବେଶକୁ ଖୁବ୍ ସୁନ୍ଦର କରାଇଥିଲେ ମଧ୍ୟ ଏହାର ବାସ୍ନା ନଥାଏ । ମାତ୍ର ରାଧା ଅଶୋକର ଛୋଟ ଛୋଟ ଧଳା ଫୁଲର ବାସ୍ନାରେ ଆମ ଖଳାଘରଟି ମହକି ଉଠିଥାଏ । ହେଲେ ସେଇ ଗଛ ପାଖରେ ବହୁତ ଗୁଡିଏ ସପୁରୀ ଗଛ । ସପୁରୀ ମୂଳରେ ସାପ ରହେ, ମତେ ତା ପାଖକୁ ଯିବାକୁ ଦିଅନ୍ତିନ । କେବେ କେବେ ମୁଁ ମୋ ଉପର ଭଉଣୀ "ସୁଶୀ ନାନୀ" ସଂଗେ ତର୍କ କରିଥାଏ "ଗୁଣ ସାମ୍ନାରେ ରୂପ କଛି ନୁହେଁ" ।

ପୂର୍ବ ପଟ ତୋଟାକୁ ଲାଗି ଗୋଟିଏ ଛୋଟ କଚ୍ଚା ପାଠଶାଳା । ନଡାର ଛପର ( ଯାହା ବର୍ତ୍ତମାନ ପକ୍କା ହୋଇ ଗଲାଣି) । ଭିତରେ ଗୋଟିଏ ମାତ୍ର ହଲ୍ । ଛାତ୍ର ଛାତ୍ରୀମାନେ ଚାରିଭାଗ ହୋଇ ବସନ୍ତି । ଶିଶୁ, ପ୍ରଥମ, ଦ୍ୱିତୀୟ, ତୃତୀୟ, କାହା ପାଇଁ କେତେଟା ପିରିଅଡ୍ ଦରକାର ସେଇ ଅନୁସାରେ ସାର୍ ପଢାଇଥାନ୍ତି । ଏଇ ସ୍କୁଲରେ ମୋର ନନାମାନେ ମଧ୍ୟ ପ୍ରଥମ ଶିକ୍ଷା ଗ୍ରହଣ କରିଥିଲେ । ୧୯୫୨ ମସିହାରେ ସୁଶୀନାନୀ ଏଇ ସ୍କୁଲରେ ପ୍ରଥମ ଶ୍ରେଣରେ ପଢିଥିଲା । ସେ ମୋ ଠାରୁ ବୟସରେ ଚାରିବର୍ଷ ବଡ, ସ୍କୁଲରେ ନାମ ନ ଲେଖା ହୋଇଥିଲେ ମଧ୍ୟ ମୁଁ ତା ସଂଗେ ପ୍ରତିଦିନ ସ୍କୁଲଯାଏ । ଏବଂ ତା ପାଖରେ ବସେ । ପାଖ ଆଖରେ ଅନ୍ୟ କୌଣସି ସ୍କୁଲ ନ ଥିବାରୁ ଦୂର ଦୂରରୁ ବଡ ବଡ ପିଲାମାନେ ପଢିବାକୁ ଆସନ୍ତି କେବଳ ହରିଜନ ସାଇ ପିଲାମାନଙ୍କ ବ୍ୟତୀତ । ଏହାର କାରଣ ଥରେ ମୁଁ ସଜନା କୁ ପଚାରିଥିଲି, କହିଲା "ଆମେ ମାନେ ହେଲୁ ଅଛୁଆଁ ଜାତି । ଆମ ପିଲାମାନେ ସେଠାରେ କେମିତି ବସିବେ? "

ଏଇ ଛୁଆଁ ଅଛୁଆଁ ଶବ୍ଦଟା ମୁଁ ନାନୀ ଠାରୁ ବହୁଥର ଶୁଣିଛି ମାନେ ନ ବୁଝୁଥିଲେ ମଧ୍ୟ ମତେ କଥାଟା ଟିକଏ ଖଟକା ଲଗାଏ । କହିଲି, "ତେବେ ଆମ ହରିଜନ ସାଇର ପିଲାମାନେ ଗଜମୂର୍ଖ ହୋଇ ରହିବେ? "

ଆମେ ଆଉ କ'ଣ! ଆମେ ତ ସେଇଆ ।

ତୁ ଭାରି ଖରାପ ସଜନା । ନଜେ ଆମ ଘରେ ଖୁସିରେ ଅଛୁ ବୋଲି ପିଲାମାନଙ୍କ କଥା ତୋ ମନରେ ଆସୁନ । ଆଜି ଠୁ ମୁଁ ତୋ କାନ୍ଧରେ ବସିବିନ । ତୁ ଖରାପ, ଖରାପ, ଭାରି ଖରାପ ।

ମତେ ଖୁସି କରାଇବା ପାଇଁ କଂବା ସତରେ, ସଜନା କହିଲା, ବାବୁ ଆମ ସାଇରେ ଗୋଟିଏ ସ୍ୱତନ୍ତ୍ର ପାଠଶାଳାର ବ୍ୟବସ୍ଥା କରାଉଛନ୍ତି । ହେଲେ ମାଷ୍ଟର ମିଳୁ ନାହାନ୍ତି । ଏ କୋଡିଏ ଖଣ୍ଡ ଗାଁରେ କୋଉ ଅଛବଟା ଏତେ ପାଠ ପଢିଛି ଯେ, ସେ ଅନ୍ୟକୁ ପଢାଇବ! ହେଲେ ବାବୁ ଲାଗିଛନ୍ତି, କଛି ନା କଛି କରେଇବେ ।"

ଆମ ପାଠଶାଳାରେ ଦୁଇଜଣ ଶିକ୍ଷକ । ବଡସାର୍ (ବାବାଜୀ ସାର୍) ସାନ ସାର୍ (ପଦ ସାର୍) । ବାବାଜୀ ସାର ପ୍ରଧାନ ଶିକ୍ଷକ ହୋଇଥିବାରୁ ସେ ଅଳ୍ପ ପିଲାଙ୍କୁ ପଢାଇଥାନ୍ତି । ପଦ ସାର୍ ସମସ୍ତଙ୍କୁ ପଢାନ୍ତି । ହଲ୍ ଭିତରେ ଖଣ୍ଡେ ଛୋଟ କାଠ ଚେୟାର୍ ଏବଂ ଛୋଟ ଟେବୁଲ୍ ଟିଏ ଯାହା ପାଖେ ବସି ସାର୍ ମାନେ ପାଠ ପଢାନ୍ତି । ବାହାର ବାରଣ୍ଡାରେ ଦୁଇଟି ଅପେକ୍ଷା କୃତ ବଡ ଚେୟାର, ଗୋଟିକରେ ବଡ ସାର୍ ବସନ୍ତି, ଅନ୍ୟଟିରେ ତାଙ୍କ ପାଖକୁ ଆସିଥିବା ଅତିଥି । ଟିକଏ ଦୂରରେ ବେଞ୍ଚ ଖଣ୍ଡେ। ଯାହାର ଗୋଟିଏ ଗୋଡ ଭଂଗା । ଘରେ ବାରଂବାର ଅଳ କରିବା ପରେ ଗୋଟିଏ ନୂଆ ବେଞ୍ଚ ଆସି ଯାଇଥିଲା । ପାଠ ଶାଳାର ନୀତି ନିୟମ ଅନୁସାରେ ଛାତ୍ର ଛାତ୍ରୀମାନେ ଭୂଇଁ ଉପରେ ବସି ହାମୁଡେଇ ପଡି ଲେଖନ୍ତି । ବସିବା ପାଇଁ କେହି କେହି ନିଜ ନିଜ ଘରୁ ନଡିଆ ପତ୍ର ଚଟେଇ (ଆସନ) ନେଇ ଆସନ୍ତି । ସଜନା ମୋ ପାଇଁ ମୋର ପ୍ରିୟ ପିଢା ଖଣ୍ଡକ ନେଇ ରଖି ଦେଇ ଆସିଥାଏ। ଘରଟି କଚ୍ଚା ହୋଇଥିଲେ ମଧ୍ୟ, ନରି କକା (ସ୍କୁଲ୍ ଆଟେଣ୍ଡାଣ୍ଟ) ଏତେ ସୁନ୍ଦର ଲିପା ପୋଛା କରାଇ ରଖିଥାଏ ଟିକଏ ବି ଧୂଳ ଲାଗେନା । କ୍ଲାସ ଶେଷହେଲେ କଂବା ଖେଳ ଛୁଟୀ ପାଇଁ ନରି କକା ଘଣ୍ଟି ବଜାଏ । ଅନ୍ୟ ପିଲାମାନେ ପ୍ରାୟତଃ ମୋ ଠାରୁ ୪-୬ ବର୍ଷ ବଡ । ଘଣ୍ଟି ବାଜିଲେ ସମସ୍ତେ ନିଜ ନିଜର ବସ୍ତାନି ପ୍ରଭୃତି ନେଇ ଦଉଡନ୍ତି । ମୁଁ ସବୁବେଳେ ପଛରେ ପଡିଯାଏ । ସେ ଦିନ ମଧ୍ୟ ସେଇଆ ହେଲା । କାନ୍ଧରେ ବସ୍ତାନୀ ବ୍ୟାଗ୍, ହାତରେ ପିଢା । ବଡ ସାର୍ କେଉଁଠି ଥିଲେ ସାମ୍ନାକୁ ଆସିଗଲେ । ତାଙ୍କୁ ଦେଖି ପିଳେହୀ ପାଣି । ଡରରେ ପିଢା ଖଣ୍ଡକ ହାତରୁ ଖସି ପଡି ମୋ ଡାହାଣ ଗୋଡ ବୁଢା ଆଂଗୁଠି ଉପରେ ପଡିଗଲା । ଛାତିଆରେ ପ୍ୟାଣ୍ଟ ଓଦା ନିଶ୍ଚୟ ହୋଇଥିବ । ଆଂଗୁଠି ଖଣ୍ଡିଆ କଷ୍ଟ ତ ନିଶ୍ଚୟ ମନେ ଅଛି । ମାତ୍ର ତା ଠାରୁ ବେଶୀ ମନେ ଅଛି ବଡସାର୍

ସ୍ନେହ ବୋଲା କଥା କେଇପଦ । "ପିଢାର ସାଇଜ୍ ତୋ ଠାରୁ ବଡ । ଆଉ ତାର ଓଜନ ନଷ୍ଟୟ ତୋ ଠାରୁ ବେଶୀ । ଆଜିଠୁ ଏଇଟା ପଦବାବୁଙ୍କ ଦସ୍ତଜ ତଳେ ରହିବ । ନରି ତୋ ପାଇଁ ସବୁଦିନ ବ୍ୟବସ୍ଥା କରିଦେବ ।"

ଫୁଲେଇ ହେଇ ସବୁ ପିଲାଙ୍କ ସାମ୍ନାରେ ବଡାଇ କରିଥିଲି । କେତେଜଣ ବଡପିଲା ଜବାବ୍ ଦେଇଥିଲେ, "ତୁ ଆମ ପାଠଶାଳାର ନୋହୁ, ତେଣୁ ତୋ ପାଇଁ ପାଠଶାଳାର ନୀତି ନୟମ ମାନବାକୁ ହୁଏନା । "କାହିଁକି କେଜାଣି "ତୁ ଆମ ପାଠଶାଳାର ନୋହୁ" କଥାଟା ମତେ ବହୁତ ବଡ ଗୋଟାଏ ଧକ୍କା ଦେଇଥିଲା ।

ବାର୍ଷିକ ପରୀକ୍ଷା ଆସିଲା । ପରୀକ୍ଷା ଫିସ୍ ଦେବାକୁ ହେବ । ବାପା ସୁଶୀନାନୀ ହାତରେ ଦୋଅଣୀଟିଏ ଧରାଇଲେ । ମୁଁ ମଧ୍ୟ ହାତ ପତାଇଲି । ଉତ୍ତର ପାଇଲି "ସେଇଟା ତାର ବାର୍ଷିକ ପରୀକ୍ଷା ଫିସ୍ ।" କଥାଟି କଛି ଅପମାନତ ଜନତ ନ ଥିଲେ ମଧ୍ୟ ମତେ ଖୁବ୍ ଆହତ କରିଥିଲା । କାହାକୁ କଛି ନ କହି ଖଟ ଉପରେ ତକଆରେ ମୁହଁ ମାଡି ଶୋଇଥିଲି। ସକାଳ ୮ଟାରୁ ଦିନ ଗୋଟାଏ ବାଜିଲା । ନ ଖାଇ ନ ପିଇ ସେଇମିତି ପଡି ରହିଥିଲି ବିଛଣାରେ । ସାଧାରଣତଃ ଖୁବ୍ ବେଶୀ ଆବଶ୍ୟକ ନ ଥିଲେ ବାପା ଆମ ମାନଙ୍କୁ କଛି କହି ନଥାନ୍ତି । ସେ ଦିନ ମଧ୍ୟ ସେଇଆ ହେଲା । ଜଳଖିଆ, ଗୁହା, ରାନ୍ଧି ଭୋଜ ଚଉପାଡୀ ଘରେ କରୁଥିଲେ ମଧ୍ୟ ଦ୍ୱିପ୍ରହର ଖାଇବାଟା ବାପା ପିଲାମାନଙ୍କ ଶୋଇବା ଘରେ କରନ୍ତି । ତାର କାରଣ ହେଲା, ଏଇ ଘରଟା ସବୁଠାରୁ ବଡ । ପରିବାରର ସମସ୍ତେ ଏକାଠି ଖାଇବାକୁ ବସିଲେ ମଧ୍ୟ ଅସୁବିଧା ହୁଏନ । ରେଷେୟା ନନା ଖାଇବା ପରଷୁଥିଲେ । ଖାଉ ଖାଉ ରେଷେୟା ନନାଙ୍କ ଉଦ୍ଦେଶ୍ୟରେ ବାପା କହିଲେ, "ଆଜି ସେ( ଅର୍ଥାତ ମୁଁ) ଦେଖା ଯାଉନ । ମାଛ ମୁ କେମିତି ଖାଇବ?" ବାପାଙ୍କ ମୁହଁରେ କେହି କଥା କୁହନ୍ତିନ । ସମସ୍ତେ ଖଟ ଆଡକୁ ଗୁହିଁଲେ । ବାପାଙ୍କ ପିଠି ଖଟ ଆଡକୁ । କାରଣ ଖାଇବା ସମୟରେ ସେ ପଶ୍ଚିମକୁ ମୁହଁ କରି ବସନ୍ତି । ଏଇ ଦିଗ ଦୃଷ୍ଟି ବିଷୟରେ ମଧ୍ୟ କଛି ଜାଣିବାର ଅଛି । ମନ୍ଦିର ପ୍ରତିମା ମାନଙ୍କର ମୁହଁ ପୂର୍ବକୁ ହେଲେ ମଧ୍ୟ ଘର ଇଷ୍ଟ ଦେବଙ୍କ ମୁହଁ ପଶ୍ଚିମକୁ । "ବାପା" ଅର୍ଥାତ ଘରର ଈଶ୍ୱର ।

ପଛକୁ ବୁଲି ନ ଗୁହିଁଥିଲେ ମଧ୍ୟ ବାପା ହୁଏତ ମୋ ରଷି ଥିବା କଥା ବୁଝି ପାରିଲେ । ଅଧାଖିଆ ମାଛ ମୁ  ଥାଳଆଟା ଟିକଏ ଦୂରକୁ ରଖି ଦେଇ ବାପା ଖାଇବା ଶେଷ କରି ଉଠିଗଲେ । ମୋ ଆଖିରେ ଗଙ୍ଗା, ଯମୁନା ସାଂଗକୁ ମାଡି ଆସିଲା ଘଡ ଘଡି ଚଡଚଡି । ସୁଁସୁଁ ର ଶବ୍ଦ ଭେ ଭେ ରେ ପରିବର୍ତ୍ତନ ହୋଇଗଲା ।

ତାର କାରଣ ହେଲା ମୋର ବ୍ରହ୍ମାସ୍ତ୍ର କାର୍ଯ୍ୟକାରୀ ହେଲାନ । ବାପା ହାତ ଧୋଇ ସିଧା ଶୋଇବା ପାଇଁ ନିଜର ସ୍ୱତନ୍ତ୍ର କୋଠରୀକୁ ଯାଆନ୍ତି । ସେ ଦିନ ନିଜ ଶୋଇବା ଘରକୁ ନ ଯାଇ ମୋ ଖଟ ପାଖକୁ ଆସିଲେ । ସମସ୍ତେ ଡରି ଛାନିଆ । ବାପା ତାଙ୍କର ଅତିପ୍ରିୟ ଖାଦ୍ୟ ମାଛମୁ  ଦୂରେଇ ଦେଇଛନ୍ତି । ପୁଣି ଶୋଇବା ପାଇଁ ନ ଯାଇ ଖଟ ପାଖକୁ ଆସିଲେଣି । ନିଶ୍ଚୟ କଛି ଗୋଟାଏ ଅଘଟଣ ଘଟିବ । ଗୋଟାଏ ଗୋଡକୁ ଧରି ତାକୁ ତଳକୁ ଫୋପାଡି ଦେବେ କଂବା ବାଁ ଗାଲରେ ଠାଏ କରି ଗୋଟାଏ ଶକ୍ତ ଚଟକଣୀ । ସମସ୍ତେ ଡରି ଛାନିଆ ।

କେଜାଣି କେମିତି ପ୍ରଭୁ ଲକ୍ଷ୍ମୀନାରାୟଣ କଂବା ମା ସରସ୍ୱତୀ କଏ ମୋ କଣ୍ଠରେ ବସିଲେ । ବାପା କଛି କହିବା ପୂର୍ବରୁ ମୁଁ ସେଇ ସୁଁସୁଁ ଶବ୍ଦରେ ଅଝଟ କରି ବସିଲି "ମୁଁ ବାର୍ଷିକ ପରୀକ୍ଷା ଦେବି ।" ତା ପରେ ତକିଆ ଉପରେ ମୁହଁ ଗୁଂଜି ବାପାଙ୍କର ହାବଭାବ ଲକ୍ଷ୍ୟ କରୁଥିଲି । ଦେଖିଲି ବାପା କଛି ନ କହି ରୁମ୍ ଭିତରୁ ବାହାରି ଗଲେ । ଅର୍ଥାତ ମୋର ମଧ୍ୟ ସଫଳତା ଲାଭ ହେଲାନ । ଆହୁରି ଜୋର୍ ରେ କାନ୍ଦିବା ଆରମ୍ଭ କରି ଦେଲି । ସୁଁ ସୁଁ ହୋଇ କହିଲି "ମତେ ବହୁତ ଭୋକ ହେଉଛି ।"

"ଉଠିଆ- ତୋ ମାଛ ମୁ  ଭାଗ ବାପା ତୋ ପାଇଁ ଅଲଗା ଥାଳୀଆରେ ରଖି ଯାଇଛନ୍ତି । " ବଡନାନୀ କହିଲା ।

"ମୋର ବହୁତ ପଢିବାକୁ ଅଛି । ପଅରଦିନ ବାର୍ଷିକ ପରୀକ୍ଷା । ଜଲ୍‌ଦି ଆ" ସୁଶୀନାନୀର ଆକ୍ଷେପ ।

"ମୋର ମଧ୍ୟ ପରୀକ୍ଷା ଆସୁଛି । ସମୟ ନଷ୍ଟ କରନା" ଛୁଆନନାଙ୍କର ଟିପ୍ପଣୀ ।

"ମୋ ବାର୍ଷିକ ପରୀକ୍ଷା ଗୁନ୍ଦା ନ ଦେଲେ ମୁଁ ଏଠୁ ଉଠିବିନ ।"

"ତୋ ବୟସ କେତେ? " ସମସ୍ତେ ପରିହାସ କଣ୍ଠରେ କହିଲେ ।

"ଜାଣିନ, ପଦୁନାନୀ କୋହୁଥିଲା ତିନ ପୁରିଗଲାଣି ।"

ତାପରେ ବହୁ ହସ ଗୋଳ । ପରିସ୍ଥିତି ପୁରାପୁରି ଶାନ୍ତ ପଡିଲା ଯେତେବେଳେ ରେଷେୟା ନନା ଆସି କହିଲେ, "ତୁମକୁ ବାବୁ ଚଉପାଡୀ ଘରକୁ ଡାକୁଛନ୍ତି ।"

ବାପା ଡାକୁଛନ୍ତି, ନ ଯାଇ ଗ୍ୱର ନାହିଁ । ସେଇମିତି ସୁଁ ସୁଁ ହୋଇ ଧକେଇ ଧକେଇ ଚଉପାଡୀରେ ପହଞ୍ଚିଲି । ଦେଖିଲି ବଡସାର୍ ବସିଛନ୍ତି । ଚୁପ୍ ଚୁପ୍ ଯାଇ ପ୍ରଣାମ କଲି । ସାର୍ ମତେ ତାଙ୍କ ଚେୟାର୍ ପାଖେ ଥିବା ଷ୍ଟୁଲ୍ ଉପରେ ବସାଇ ମୋ ମୁ ଆଉଁସିଲେ। ସେଇ ଆଉଁସାରେ କ ଶକ୍ତି ଥିଲା କେଜାଣି ମୁଁ ସବୁ ଦୁଃଖ ଭୂଲିଗଲି ।

"ବାବାଜୀ ବାବୁ, ଏ ପିଲାଟା କେବେ କଛି ପାଇଁ ଅଝଟ କରେ ନା। ପ୍ରଥମ ଥର ପାଇଁ ଜିଦି ଧରିଛି, ପ୍ରଥମ ଶ୍ରେଣୀର ବାର୍ଷିକ ପରୀକ୍ଷା ଦେବ । ଆପଣ କ'ଣ ଭାବୁଛନ୍ତି? "

ମୁଁ ମଧ ସେଇକଥା ଆପଣଙ୍କୁ କହିବି ବୋଲି ଚନ୍ତା କରୁଥିଲି । ମାତ୍ର ଭରଷି କହି ପାରୁ ନ ଥିଲି । ତାର ପାଠ ପଢା ପ୍ରତି ବହୁ ଆଗ୍ରହ । ସୋମବାର ଦିନ ତାକୁ ପରୀକ୍ଷା ଦେବାକୁ ପଠାଇ ଦେବେ ଅଠର ଜଣରୁ ଉଣେଇଶ୍ ହୋଇଗଲେ କ୍ଷତି କ'ଣ?

ହେଲେ ତାକୁ ଗ୍ୱରିବର୍ଷ ବି ପୁରିନ ।

କ'ଣ ବିଏ, ଏମ୍ ଏ କରିବ ନା କୋଉ ଅଫିସ୍ ରେ କାମ କରିବ ଯେ ବୟସ କମ୍ ହେଲେ ତାକୁ ନାକଚ କରିଦେବେ! ଆପଣ ତାକୁ ପଠାଇ ଦେବେ । ମୁଁ ଏ କଥା ପଦବାବୁଙ୍କୁ ବି କହିଦେବି ।

ପରୀକ୍ଷା ଫଳ ବାହାରିଥିଲା । ମୁଁ ଉଣେଇଶ୍ ଜଣଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିଲି । ଦଶ ଜଣ ଫେଲ୍ ହୋଇଥିବା ବିଦ୍ୟାର୍ଥୀ ମାନଙ୍କ ମଧ୍ୟରେ "ନବନନା"ର ନାଁ

ମଧ୍ୟ ଥିଲା । ପଦୁନାନୀ ତାକୁ ଛିଗୁଲାଇ କହିଲା, ମାଇଚଆ, ଦିନ ରାତି ରନ୍ଧା ଘରେ ପଡିଥିବୁ । ପାଠ ଛାଡିଦେ ।"

ମୁଁ ଏତେ ଖୁସି ଥିଲି ଯେ କଛି ନ କହିପାରି ଖାଲି ଦୁହିଁଙ୍କ ମୁହଁକୁ ବଲ ବଲ କରି ଚାହିଁ ରହିଲି ।

ଦ୍ୱିତୀୟ ଶ୍ରେଣୀ, ପରେ ପରେ ତୃତୀୟ ଶ୍ରେଣୀ । ତୃତୀୟ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ମଧ୍ୟ ପ୍ରଥମ ସ୍ଥାନ ଲାଭ କରିଥିଲି । ମାଁ ସଡା ବିନ୍ଧା ଜମ୍ମୁ ପ୍ରାଇମେରୀ ସ୍କୁଲରୁ ତୃତୀୟ ଶ୍ରେଣୀରେ ପ୍ରଥମ ସ୍ଥାନ- କୁମାରୀ ଅନନ୍ଦିତା ( ଓରଫ ଅନ୍ନପୂର୍ଣ୍ଣା) ବାପା ମତେ ଅନ୍ନପୂର୍ଣ୍ଣା କହନ୍ତି । ଏ ଅନନ୍ଦିତା ନାଁଟି ସାର୍ ଙ୍କ ତରଫରୁ ଲେଖା ଯାଇଥିଲା । ଏବେ ମଧ୍ୟ ସେ ସାର୍ଟିଫିକେଟ୍ ଟିକୁ ମୋଡିମାଡି ସାଇତି ରଖିଛି । ଯାପରେ ଆସିଥିଲା ମୋ ପାଠର ବିରତି । ତାର କାରଣ ହେଲା ଚତୁର୍ଥ ଶ୍ରେଣୀରେ ପଢିବା ପାଇଁ ପାଖରେ ସ୍କୁଲ ନ ଥିଲା । ବସ୍ତାନୀରେ ଡୋର ବନ୍ଧା ହେଲା ।

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ



# ଜୀବନର ମାନେ



ବିଶ୍ୱରଂଜନ ପଣ୍ଡା

........ ନୁହେଁ କେବଳ ଶ୍ରାବଣର ଧାର୍
........ ନୁହଁ କେବଳ ପୌଷ ର ସୂର୍ଯ୍ୟର ପ୍ରାଣସ୍ପର୍ଶୀ କରଣ
..........ନୁହଁ ଶରତର ନିର୍ମଳ ଝରଣା
..........ଆଉ ମଧ୍ୟ ନୁହେଁ ବସନ୍ତର ମୃଦୁ ମଳୟର ସ୍ପର୍ଶ

...... ଜୀବନ ଅଟେ ଏକ ସମର କ୍ଷେତ୍ର
......ଏହା ଜୀବନର ମଧ୍ୟ ଦ୍ୱାର ଓ ମୃତ୍ୟୁର ମଧ୍ୟ ଦ୍ୱାର
.......ସବୁଠୁ ବିସମ କନ୍ତୁ ଜୀବନ ଦ୍ୱାର.....
ଏଠି ଥାଏ ଅବିରତ ସଂଗ୍ରାମର ଖଡଗ ଶବ୍ଦ......
ତଥାପି ଆକର୍ଷିତ ସମସ୍ତେ ମୃଗତୃଷ୍ଣାର ଲୋଭରେ....
ତାର ମୋହିନୀ ରୂପରେ.....

କିଏ ଆସି କହିଦିଏ କାନେ
"ରହି ଯା", " ରହି ଯା"
ଏହା ଦୁଇ ଦିନର ଜଳବୁଦ୍ ବୁଦ୍

ନୂଆ ଦିଲ୍ଲୀ

# ବସନ୍ତର ସନ୍ଦେଶ



ଶଙ୍ଖସିନ୍ଧୁ ପୁରୋହିତ

ଚୂତ ବକୂଳର ଆଢୁଆଳେ ବସି,
କୋଇଲି ଗାଉଛି ଗୀତ ।
ଥିରି ଥିରି କରି ମଳୟ ବୋହିଛି,
ଆସିଗଲ୍ କ ବସନ୍ତ?

କଅଁଳଛି ଏବେ ଗଛଲତା ସବୁ,
ଦିଶେ ସବୁଜ ନବୀନ ।
ମଳୟ ପବନେ ସିହରିତ ହୁଏ
ଯଉବନ ମନ ପ୍ରାଣ ।

ଯଉବନ ମନେ ଖେଳେ ଉନ୍ମାଦନା,
ଆଶାର ସାଥିପାଇଁ ।
ବସନ୍ତ ସତେକ ମନେ ଲଗେଇଛି ଜୁଇ,
ଏପରି ମଉକା ପାଇ ।

ପଳସା ବଣରେ ଜୁଇ ଲଗିଅଛି!
ନା ଏପରି ହେଉଛି ପ୍ରତୀୟମାନ,
ଆଃ! ଦେଖିବାକୁ ମନୋରମ
ସେ ଜୁଇ ଭିତରେ ଭଅଁର ଗୁଡାକ
ବାସନା ଖୋଜନ୍ତି
କରୁ ବହୁ ପରିଶ୍ରମ ।

ଫଗୁର ପରବ, ପୀରତିର ରଙ୍ଗ,
ଧରି ଆସିଛି ବସନ୍ତ ।
ସେ ରଙ୍ଗେ ରଙ୍ଗେଇ
"ପ୍ରେମ- ଭାଇରସ୍ ଭବ"
ଦେଉଅଛି ଏ ସନ୍ଦେଶ ।

ବଡାଲି, ଭଲୁଣ୍ଡା, ସୁବର୍ଣ୍ଣପୁର

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲ୍ – ୯୫୯୪୯୯୩୭୩୩ ।
ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ନିଜର ମତାମତ ଦିଅନ୍ତୁ ।

# ସଖୀ ତୁମେ...



ସୌମ୍ୟ ରଞ୍ଜନ ପାଲ

ତୁମ ବିନା ସଖୀ ଯାମିନୀ ସଦୃଶ
ଅଟଇ ଏ ଜୀବନ,
ମୋ ସ୍ଥିତି ଆଜି ବିଧୂ ସମକକ୍ଷ
ଆହା କ ନର୍ଜନ ।
ତୁମ ପ୍ରେମ ସଖୀ ଜୋଛନା ପରଶ
ଶୀତଳ ହୁଅଇ ତନ,
ଶିଶିର କାକର ଆହା କ ମଧୁର
ଯେନ ମଣି କାଞ୍ଚନ ।
ସର୍‌ଗ ତୁମର ମୋ ଲ୍‌ଗି ଈଶ୍ୱର
ପୂଜେ ମୁହିଁ ର୍‌ତିଦିନ,
ଫେରି ଗୃହଁ ବାରେ ଏ ଘନ ଅନ୍ଧାରେ
ଘଟୁ ପ୍ରୀତି ସମାଗମ ।
ଆଜି ବି ବଞ୍ଚିଛି ତିମରି ଆଶାରେ
ରୁକ୍ଷ ହୁଅନା ଧନ,
ଶୁଣାଅ ତୁରନ୍ତ ନଦାଘ ଜୀବନେ
କୋଇଲିର କୁହୁତାନ ।

ବଡସୋଲ୍, ଝରପୋଖରିଆ, ଡି. ମୟୁରଭଞ୍ଜ, ଓଡିଶା

# ଉତ୍କଳରୁ ଓଡ଼ିଶା

କାର୍ତ୍ତିକ ପାଣିଗ୍ରାହୀ

ଆଜି ଏପ୍ରିଲ ୧ । ଉତ୍କଳ ଦିବସ । ୧୯୩୬ ମସିହାରେ ଆଜିର ଦିନରେ ବ୍ରିଟିଶ ସରକାର ଭାଷା ଭିତ୍ତିରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶକୁ ମାନ୍ୟତା ପ୍ରଦାନ କରିଥିଲେ। ଗତକାଲି ଓଡ଼ିଶାକୁ ୮୧ ବର୍ଷ ପୂରି ଯାଇଛି । ଆଜିଠୁ ଗ୍ଲିଲ୍ ୮୨ ବର୍ଷ । ଚଳତ ବର୍ଷ ରାଜ୍ୟ ସରକାର ଓଡିଆକୁ ସମ୍ପୂର୍ଣ୍ଣ ଭାବରେ ସରକାରୀ ଭାଷା ଭାବରେ ଗ୍ରହଣ ସିଦ୍ଧାନ୍ତ ନେଇ ଓଡ଼ିଶା ଦିବସ ପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଗୋଟିଏ ଦିନ ନୁହେଁ ବର୍ଷ ସାରା ଓଡ଼ିଶା ଦିବସ ପାଳନ ହେବ । ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ପ୍ରତି ଓଡ଼ିଆଙ୍କ ଭିତରେ ଓଡ଼ିଆ ପ୍ରେମ ଜାଗ୍ରତ କରିବାକୁ ସବୁ ପ୍ରକାର ପ୍ରୟାସ କରାଯିବ । ରାଜ୍ୟର ସମସ୍ତ ସରକାରୀ ବେସରକାରୀ କାର୍ଯ୍ୟାଳୟ ବ୍ୟବସାୟିକ କେନ୍ଦ୍ର ଶିକ୍ଷାଅନୁଷ୍ଠାନ ମାନଙ୍କରେ ମଧ ଓଡିଆ ରେ ନାମ ଫଳକ ଲଗାଇବାକୁ କଡା ଆଇନ ପ୍ରଣୟନ କରାଯାଇଛି ।

ଆସନ୍ତୁ, ଏଥର ସମୟ ଶିଢ଼ିରେ ଉତ୍କଳରୁ ଓଡ଼ିଶା ପର୍ଯ୍ୟନ୍ତର ଆମ ରାଜ୍ୟର ଯାତ୍ରା ବିଷୟରେ କିଛି ଜାଣିବା.... ଆମ ଓଡ଼ିଶାକୁ ଚହ୍ନିବା ।

୧୮୭୫ରେ ପ୍ରଥମଥର ପାଇଁ ବାଲେଶ୍ୱରର ରାଜା ଶ୍ୟାମାନନ୍ଦ ଦେ ଏବଂ ଦେଶବ୍ରତୀ ବିଚିତ୍ରାନନ୍ଦ ଦାସ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ବଙ୍ଗର ତତକାଳୀନ ଲେଫଟନାଂଟ ଗଭର୍ନରଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ । ସେହିଦିନ ଠାରୁ ଉତ୍କଳ ସ୍ୱତନ୍ତ୍ର ପ୍ରଦେଶ ଗଠନ ହେବାର ମୂଳଦୁଆ ପଡ଼ିଥିଲା । ୧୮୮୨ରେ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଦ୍ୱାରା ଓଡ଼ିଶାର ପ୍ରଥମ ରାଜନୈତିକ ମଞ୍ଚ ଉତ୍କଳ ସଭା ବା ଓଡ଼ିଶା ଆସୋସିଏସନ ଗଠନ କରାଗଲା ।

୧୮୯୫ରେ ସେଂଟ୍ରାଲ୍ ପ୍ରୋଭିନ୍ସ ଚଫ କମିଶନରଙ୍କ ପକ୍ଷରୁ ସମ୍ବଲପୁରର କୋର୍ଟ କଚେରିମାନଙ୍କରୁ ଓଡ଼ିଆ ଭାଷା ସଂପୂର୍ଣ୍ଣ ଉଚ୍ଛେଦ ଏବଂ ହିନ୍ଦୀ ଭାଷାର ପ୍ରଚଳନ ଆରମ୍ଭ

କରାଯାଇଥିଲା । ଯାହା ଫଳରେ ସମ୍ବଲପୁରବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଓ ଜନ-ଆନ୍ଦୋଳନ ଦେଖାଦେଇଥିଲା ।

୧୯୦୧ରେ ଖଲ୍ଲିକୋଟ ରାଜା ହରିହର ମର୍ଦ୍ଦରାଜ ଦେବଙ୍କ ନେତୃତ୍ୱରେ ରମ୍ଭା ପ୍ରାସାଦରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ପଶ୍ଚିମ ଓଡ଼ିଶା ପରେ ଦକ୍ଷିଣ ଓଡ଼ିଶାରେ ଉତ୍କଳ ପ୍ରଦେଶ ଗଠନ ପାଇଁ ଏହା ଥିଲା ପ୍ରଥମ ଉଦ୍ୟମ। ଜାତିର ସ୍ୱାର୍ଥରକ୍ଷା ଉଦ୍ଦେଶ୍ୟରେ ଉତ୍କଳ ହିତୈଷିନୀ ଗଠନ କରାଗଲା । ୧୯୦୨ରେ ମାନ୍ଦ୍ରାଜରେ ଅନୁଷ୍ଠିତ ଜାତୀୟ କଂଗ୍ରେସ ସମ୍ମିଳନୀରେ ମଧୁସୂଦନ ଓ ଗୌରୀଶଙ୍କର ରାୟଙ୍କ ଯୋଗଦାନ ଦେଇଥିଲେ ଏବଂ ଓଡ଼ିଶା ଡିଭିଜନରେ ଗଞ୍ଜାମ ଜିଲ୍ଲାର ମିଶ୍ରଣ ପାଇଁ ଦାବି ଉପସ୍ଥାପନ କରିଥିଲେ । ୧୯୦୩ରେ ମଧୁସୂଦନଙ୍କ ବଳିଷ୍ଠ ନେତୃତ୍ୱରେ ଉତ୍କଳ ସମ୍ମିଳନୀର ଜନ୍ମଲାଭ କରିଥିଲା ।

୧୯୦୫ରେ ସମ୍ବଲପୁର ଜିଲ୍ଲାକୁ ମଧ୍ୟ ପ୍ରଦେଶରୁ କାଢ଼ି ବଙ୍ଗଳା ପ୍ରେସିଡେନ୍ସି ଅନ୍ତର୍ଗତ ଓଡ଼ିଶା ଡିଭିଜନ୍ ରେ ମିଶ୍ରଣ କରାଗଲା ।

୧୯୧୭ରେ ଉତ୍କଳ ସମ୍ମିଳନୀ ପକ୍ଷରୁ ବିଚ୍ଛିନ୍ନ ଓଡ଼ିଆ ଭାଷାଭାଷୀ ଅଂଚଳକୁ ଗୋଟିଏ ପ୍ରଦେଶ ଅନ୍ତର୍ଗତ କରିବାକୁ ମଣ୍ଟେଗୁ-ଚେମସଫୋର୍ଡ କମିଟି ନିକଟରେ ଦାବି ଉପସ୍ଥାପନ କରାଯାଇଥିଲା ।

୧୯୨୭ରେ ସାଇମନ୍ କମିସନ୍ ଙ୍କ ନିକଟରେ ଉତ୍କଳ ସମ୍ମିଳନୀ ପକ୍ଷରୁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଦାବି ଉପସ୍ଥାପନ କରାଗଲା ।

୧୯୩୧ରେ ଇଂଲଣ୍ଡରେ ଅନୁଷ୍ଠିତ ଗୋଲ ଟେବୁଲ ବୈଠକରେ ରାଜା କୃଷ୍ଣଚନ୍ଦ୍ର ଗଜପତି ଦେବଙ୍କ ଯୋଗ ଦେଇଥିଲେ ଓ ସ୍ୱତନ୍ତ୍ର ରାଜ୍ୟ ଗଠନ ଦାବି କରିଥିଲେ । ୧୯୩୩ରେ ପାରଳାଖେମୁଣ୍ଡି, ଜୟପୁର ଜମିଦାରିକୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ପରିକଳ୍ପନାରୁ ବାଦ ଦେଇ ଶ୍ୱେତପତ୍ର ପ୍ରକାଶ କରାଯାଇଥିଲା । ଏହା ବିରୋଧରେ ଉତ୍କଳ ସମ୍ମିଳନୀ ମାଧ୍ୟମରେ ବିଶାଳ ଜନ ଆନ୍ଦୋଳନ ସୃଷ୍ଟି ହେଲା ।

୧୯୩୫ରେ ଭାରତ ଶାସନ ଆଇନ ମାଧ୍ୟମରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ବିଚାରାଧୀନ ରହିଲା ।

୧୯୩୬, ଏପ୍ରିଲ ୧- ଅବିଭକ୍ତ କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର, ଗଞ୍ଜାମ ଓ କୋରାପୁଟ ଛଅଟି ଜିଲ୍ଲାକୁ ନେଇ ଭାଷା ଭିତିରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ଗଠନ ହୋଇଥିଲା । ୧୮୭୫ରୁ ଆରମ୍ଭ ହୋଇଥିବା ଓଡ଼ିଶା ପ୍ରଦେଶ ଗଠନର ଉଦ୍ୟମ ୧୯୩୬ରେ ଅର୍ଥାତ ୬୧ ବର୍ଷରେ ପୂରଣ ହୋଇଥିଲା ।

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କ୍ଷେତ୍ରରେ ଯେଉଁ ମହାପୁରୁଷମାନଙ୍କର ଅବଦାନ ଚିରସ୍ମରଣୀୟ ସେମାନେ ହେଉଛନ୍ତି.....

ଉତ୍କଳ ଗୌରବ ମଧୁସୂଦନ ଦାସ
ଉତ୍କଳମଣି ଗୋପବନ୍ଧୁ ଦାସ
ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଦେଓ
ମହାରାଜା କୃଷ୍ଣଚନ୍ଦ୍ର ଗଜପତି
ବ୍ୟାସକବି ଫକୀର ମୋହନ ସେନାପତି
ସ୍ୱଭାବ କବି ଗଙ୍ଗାଧର ମେହେର
କବିବର ରାଧାନାଥ ରଥ
କର୍ମବୀର ଗୌରୀଶଙ୍କର
ପଣ୍ଡିତ ନୀଳକଣ୍ଠ
ହରିହର ମର୍ଦରାଜ
ଏବଂ ବାମଣ୍ଡା ରାଜା ସାର୍ ବାସୁଦେବ ସୁଢ଼ଳ ।


ବିଚ୍ଛିନ୍ନାଚଂଳକୁ ଏକତ୍ର କରି ଆଧୁନକ ଓଡ଼ିଶା ଗଠନ କରିବାରେ ପ୍ରଧାନ ପୁରୋଧା ଥିଲେ ଉତ୍କଳ ଗୌରବ ମଧୁସୂଦନ ଦାସ । ଓଡ଼ିଆ ଜାତୀୟ ଆନ୍ଦୋଳନର ସେ ଥିଲେ ପ୍ରାଣ ପ୍ରତିଷ୍ଠାତା। ତାଙ୍କର ଅସୀମ ଜାତିପ୍ରୀତି, ଚରମ ତ୍ୟାଗ, ଗଭୀର ଅଧ୍ୟବସାୟ, ଆନ୍ତରିକ ନିଷ୍ଠା ଓ ବିଚକ୍ଷଣ ଦୂରଦର୍ଶିତା ପ୍ରଣିଧାନଯୋଗ୍ୟ । ସତ୍ୟ, ନ୍ୟାୟ ଓ ସାଧୁତା ପ୍ରଦର୍ଶନ କରି ଓଡ଼ିଆ ଜାତିର ନୈତିକତା ଓ ସଚ୍ଚୋଟତାର ଗୌରବମୟ ପରମ୍ପରା ସେ ସୃଷ୍ଟି କରିଥିଲେ ।

ମହାତ୍ମା ଗାନ୍ଧୀ ଆନୁଷ୍ଠାନିକ ଭାବେ ସ୍ୱଦେଶୀ ଆନ୍ଦୋଳନ ଆରମ୍ଭ କରିବାର ବହୁ ପୂର୍ବରୁ ମଧୁସୂଦନ ଓଡ଼ିଶାରେ ଏହା ଆରମ୍ଭ କରିଥିଲେ । ଜାତି ଉଦ୍ଦେଶ୍ୟରେ ସେ କହିଥିଲେ..

" ଜାତି ନନ୍ଦିଘୋଷ ଚଳିବ କି ଭାଇ,
ସ୍ୱାର୍ଥକୁ ସାରଥୀ କଲେ;
ଗୁଲେ କରେ ଗାଡ଼ି ଦାନାର ତୋବଡ଼ା,
ଘୋଡ଼ା ମୁହେଁ ବନ୍ଧା ଥିଲେ ।"

ବର୍ତ୍ତମାନ ଦେଖିବାକୁ ହେବ ଯେ ଏହି ୮୨ ବର୍ଷର ସଂଘର୍ଷକୁ ଆମେ କେତେ ଆନ୍ତରିକତାର ସହ ଆଗେଇ ନେଇ ପାରୁଛନ୍ତି ।କେବଳ ସରକାରୀ ଭାଷା ଭାବରେ ଘୋଷଣା କରିଦେଲେ ଯେ ଭାଷା ବଞ୍ଚିବ ଏହା ଭାବିବା ବୃଥା । ଯେଉଁ ପର୍ଯ୍ୟନ୍ତ ସମସ୍ତ ରାଜ୍ୟବାସୀ ଆନ୍ତରିକତାର ସହ ନିଜ ଭାଷାକୁ ଆପଣେଇ ନ ପାରିଛନ୍ତି ସେହି ପର୍ଯ୍ୟନ୍ତ ନା ଆମେ ପ୍ରକୃତ ଓଡିଆ ହୋଇପାରିବା ନା ଓଡିଶା ବାସୀ ।

(ଇଣ୍ଟର୍ନେଟରୁ ସଂଗୃହିତ ତଥ୍ୟ ଉପରେ ପର୍ଯ୍ୟବେସିତ)



# ଅସଲ ଧନ



ଶୁଭମ ନାୟକ

ସିଆନ ସୁଜନ ଜ୍ଞାନ ଗୁନ ଜନ୍
ତାକଁର ତୁଣେ କହି ଜାଇଛନ
ପାଠ ଆଏ ପୁତା ଅସଲ ଧନ୍
ପଢ଼ିଥିବୁ ଯଦି ଦେଇ ମନ
ସତ ହେବା ତୋର୍ ସବୁ ସପନ୍ ।

ଇହାଦେ ସିନା ତୁଇ ମୋର ଛୁଆ
ଦିନେ କେ ହେବୁ ବୁଆ
ଇହାଦେ ମୋର ବଲେ ତୁଇ ଠିଆ
କାଏଲ ତୁଇ ଖୁଜବୁ ଅଢ଼ିଆ ।

ଅନ୍ଧାର ଦିସବା ଯେଭେ
ତୋର ଜୀବନ ର ବାଟ୍
ଆପେ ଉଁକଆର ର୍ହା ଦିସବା
ପଢ଼ିଥିବୁ ବଏଲେ ପାଠ୍ ।

ବସି ଖାଏଲେ ବାଏଲ୍ ସରେ
ମୋର୍ ସଂମ୍ପତ୍ତି ଭି ହେବା ଖାର୍
ଶେଷେ ବଚଁବା ଯାହା
ହେଟା ହେବା ଭାଇ ଭାଗ୍
ଭରି ନେବୁ ଯଦି ତୋର୍
ଜ୍ଞାନ୍ ର ଭାର୍

ହେଥି ନାଇଁ ନ ଉନଜା
କାହାରି ଲାଭ୍ ।

ଠୁଲ୍‌ବୁ ଇବେଲ୍ କେ
ଯଦି ବୁଦ୍ଧି ଜ୍ଞାନ୍
ଦୁନଆଁର ଭିଡ଼ ଭିତରେ
ତୁଇଁ ହେବୁ ସିଆନ
ସମକର ଭିତରେ
ବନବା ତୋର୍ ଗୁଟେ
ଅଲଗ ପେହେଚ୍ନ୍ ।

ହଁସି ହଁସି ଗଲ୍ ଉତାରୁ
କଏ କାଣା ଝୁଲ୍ ପୁରୁତୁନୁ
ନେଇ ପାରିଛେ
ଜାହିଁର ଦରବ ତାହିଁ
ଠାନ୍ କେ ଠାନ୍ ବସି ରହିଛେ
ସୁନା ରୁପା ଟଙ୍କା ପଏସା
ମହଲ କଛି ସଙ୍ଗେ
ନାଇଁ ନେଇ ପୁତା
ବୁଦ୍ଧି ଆର୍ ଜ୍ଞାନ୍
ସଙ୍ଗେ ବୁହି ଭାଗିଛେ ।

ତସଲ୍ଡିହି, ସୁନ୍ଦରଗଡ, ଓଡିଶା



# ଉର୍କୁଲ୍

ପ୍ରସନ୍ନ କୁମାର ଭୁଏ ( ପ୍ରୟାସ)

ଝୁଡା ଚୁପର୍ ଗନ୍ଧରି କଥା
ମନ୍ କେ ଖାଲି ଝୁକଲ୍,
କେତେ ଦିନ୍ ଆରୁ ଏନ୍ତା ଜିଇଁମା
ମନ୍ କେ କରି ଉର୍କୁଲ୍
ପବିତର୍ ମନ୍ କେ ପାପର୍ ଭ୍ବନା
ଗୁପା କରି ଗୁନ୍ଦଲ୍‌ଲ୍,
କପଟିଆ ଭ୍ବନା ଫାସେ ମନ୍ ବନ୍ଧା
ଦେହେ କେ ଗୁଲଗୁଲ୍,
ପାପର୍ ଅନ୍ଧାର ଭିତରେ ପୁଇନ୍ ଟା
ଛୁଆଟେ ହିର୍‌ର୍ ଉଜାଲ୍,
ସତ୍ କେ କେଭେ ଢାପି ନାଇଁ ହଏ
ଅସତ୍ ଫାଁନ୍ଦୁ ମୁକଲ୍,
ସତ୍ ର୍ ଉଜନ୍ କେ ମାପି ପାରବା
ଅସତ୍ ଲିଆ ଫୁକଲ୍,
କପଟିଆ ଅସତ୍ ମୁଡେ ରହେଲେ
ପୋକ୍ ଗୃବସି କୁଲ୍ କୁଲ୍,
କାହିଁ ଆଇଛୁ କାଣା ଭ୍ବି କାଣା କରୁଛୁ
ୟିବୁ ଇଠାନୁ ଏକଲ୍,
ମାଟିର୍ ଦେହେ ମାଏଟ୍ ହେବା ଦେନା
ସତ୍ ଗିଆନ୍ କର ମେଲ୍ ।

ରାଞ୍ଚି, ଝାରଖଣ୍ଡ

# ଅନୁମତି

ଲିନା ରାଣୀ ଧଳ ମଙ୍ଗରାଜ

ମିଶ୍ରବାବୁ ହଠାତ୍ ବାହାରକୁ ଆସି ଦେଖିଲେ, ଗେଟ୍ ଟା ଅଧା ଖୋଲାଅଛି । ଗେଟ୍ ଟା ବନ୍ଦ କରିବାକୁ ଯାଇ ଦେଖିଲେ....ଆରେ ତୁ ଏପର୍ଯ୍ୟନ୍ତ ଏଇଠି ଛିଡାହୋଇଛୁ, ଯାଇନୁ । ହଁ ଆଜ୍ଞା, ଆଜି ଆପଣ ମୋତେ ପେଟପୁରା ଖାଇବାକୁ ଦେଲେ, ଆପଣଙ୍କ ଅନୁମତି ନ ନେଇ କେଇତି ପଳେଇଥାଆନ୍ତି ।

ହଉ, ତେବେ ତୁ ଯାଆ କହି ଗେଟ୍ ବନ୍ଦ କରୁ କରୁ ପୁଅ ବାଇକ୍ ଟିକୁ ଆଣି ଛିଡା କରେଇଦେଲା । ମିଶ୍ରବାବୁ ପଚାରିଲେ, କାଲି ରାତିରେ କୁଆଡେ ରହିଗଲୁ ଟିକେ ଜଣେଇଲୁନ ।

ତମ ଅନୁମତି ନେବାଟା କଣ ଦରକାର, ପୁଅ ଚଢାଗଳାରେ ଉତ୍ତର ଦେଲା ।

ମାର୍ଫତ – ଶ୍ରୀ ଏଲ୍. କେ. ମଙ୍ଗରାଜ,
ଶତାବ୍ଦୀ ନଗର, ଭୁବନେଶ୍ୱର

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ ।
ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ନିଜର ମତାମତ ଦିଅନ୍ତୁ ।



# ତୁମ ପାଇଁ........

ପ୍ରଦେଶ କୁମାର ପ୍ରଧାନ

ପୃଷ୍ଠା ପରେ ପୃଷ୍ଠା
କେହି କ'ଣ ଲେଖିପାରେ
ମଙ୍ଗଳ ଗୀତିକା କାହାପାଇଁ
ନିଜ ରକ୍ତ କୁ କରି ସ୍ୟାହି,
କେହି କ'ଣ ହସ ବାଣ୍ଟିଚାଲେ
କାହା ଖୁସି ପାଇଁ
ପ୍ରତିକ୍ଷଣ ଛାତି ତଳେ
ନିଜ ସବୁ କୋହ ଚାପି ଦେଇ ।
କେହି କ'ଣ ସମର୍ପି ପାରେ
ସବୁକଛି
ଯାହା ଥିଲା ହୃଦୟ ଠୁ ପ୍ରିୟ
ଭଲ ପାଇବା ଟା
ଏଠି କ'ଣ ପାପ
ବିଶ୍ୱାସର ପ୍ରତିଦାନେ ପ୍ରତାରଣା
ଏହା କ'ଣ ନ୍ୟାୟ ।
ତଥାପି ଜାଳେ ସେ ଦିପାଳି
ଭାବନାକୁ ଭୁଲିଯାଇ
ସ୍ୱାଭିମାନ ବଳି ଦେଇ
ଚାଲେ ବାଟ କେଉଁ ଅଜଣା ବାଟେ,
ହସି ଦିଏ ଫିର୍ କନା
କେହି ଯଦି ନିନ୍ଦା କରେ ତା'ର
ହଉ ତୁଠେ ଅବା ଘାଟେ ।

କ୍ରୋଧାଗ୍ନି ଛୁଇଁଯାଏ ତା'କୁ
କେହି ଯେବେ କହି ଦିଏ
ମନର ମଣିଷ କୁ
କଟୁ ଶବ୍ଦ ଟିଏ,
ବିନା ସ୍ୱାର୍ଥେ ଧାଇଁ ଚାଲେ
ମଙ୍ଗଳ ମନାସୀ
ଡେଇଁ ଚାଲେ ପାହାଚ ପାହାଚ
ସତେ କ'ଣ
ଏତେ କ'ଣଭଲ ପାଇ ହୁଏ?
ଚାଲିବାକୁ ଅଛି ତାକୁ
ଯିଏ ଯାହା କହିଲେ କହୁ,
ଗିଳିବାକୁ ଅଛି କଣ୍ଟା
କାହା ଭଲ ପାଇଁ
ଜିଭରୁ ପଛେ ଝରୁ ଲହୁ ।
ତଥାପି ନାହିଁ ଅବଶୋଷ
ନାହିଁ ଅବସାଦ
ମଣିଷ ନା ଦେବୀ ଇଏ,
ସ୍ୱାର୍ଥୀ ଦୁନିଆଁରେ
ତୁମ ପାଇଁ
ଏତେ କ'ଣ ଭଲ ପାଇ ହୁଏ?

ନଇଗୁଆଁ, ଅସ୍ତରଙ୍ଗ, ପୁରୀ

# କଣ ଉଦ୍ଦେଶ୍ୟ ସତେ?

ଜୟକୃଷ୍ଣ ମେହେର

ତୁଚ୍ଛ ଲାଗୁଛି ଏ ସଂସାର ଟା ମୋତେ
କଣ କରିବି କାହିଁକ କରିବି
ବୁଝି ମୁଁ ପାରୁନ ସତେ!

ହସ କାନ୍ଦ ଭରା ସଂସାରରେ ରହି
ତୁଚ୍ଛ ମୂଲ୍ୟହୀନ ଅଭିନେତା ସାଜି
ବିରକ୍ତ ହେଲିଣି ବୋଧେ!

ସୁନାମ ଅର୍ଜନ, ଧନ ଦୌଲତ
ପଛେ ପଛେ ଘୁରି ଘୁରି
ସଫଳତାର ଶୀର୍ଷରେ ପହଞ୍ଚି
କଣ ବା ପାଇବି ସତେ?

ବୁଝୁ ନାହିଁ ଏ ଅବୁଝା ମନ
ଜାଣିଛ ଯଦି ବୁଝାଇ ଦିଅ ଥରେ
କଣ ପାଇଁ ଏ ସଂସାର ରେ ଜନ୍ମ
କଣ ଉଦ୍ଦେଶ୍ୟ ସତେ?

ଗୋହିରାପଦର, ବଲାଙ୍ଗୀର

# ପ୍ରେମ



ସତ୍ୟନାରାୟଣ ଗନ୍ତାୟତ

ଦର୍ପଣ ଆଗରେ ଠିଆ ହେଲେ ଯିଏ ଦିଶେ, ତା'କୁ ଦେଖିବା ମାତ୍ରକେ କଆଁ ମୁରୁକ ହସଟେ ଉକୁଟି ଉଠେ ମୁହଁରେ ?

ବାବୁ ରେ, ଆଜି ଲଞ୍ଚ ବକ୍ସ ଖାଲି କରି ଖାଇଚୁଟି- କଆଁ ଏକଥା ଏବେବି କହେ ବୋଉ ଦରବୁଢା ହେଇ ଆସୁଥିବା ତା ପୁଅକୁ, ଯା ଝିଅ ବାହା ହେବାକୁ ବାହାରିଲାଣି ?

ଫି ଥର ନୂଆ ଶାଢୀ ପିନ୍ଧି ସାରିବା ପରେ ଏତେ ବର୍ଷର ଘରଣୀ କଆଁ କୌଣସି ନା କୌଣସି ବାହାନାରେ ସାମ୍ନାକୁ ଆସି ଖୁଡ୍ ଖାଡ୍ ସୁରୁ କରନ୍ତି ବହିମୁହାଁ ମଣିଷଟି ତାଙ୍କ ମୁହାଁ ନ ହେବାଯାଏ ?

ଆଇ କଆଁ ନଜେଇ ପାନ ଭ୍ଙ୍ଗେ ତା ପାଇଁ ଓ ଅଜାଙ୍କ ପାଇଁ ଓ ବାହାରୁ ଆଣିଦେବା କହିଲେ ଏଡେ ମୁହଁ କରେ ?

ପୁଣି କେହି କାହାର କଛି ନ ହୋଇ, ଜୀବନ- ମରଣ ଏକାକାର ମନେ ହେଉଥିଲେ ବି ଭିକାରୁଣୀଟି କଆଁ ଭିକାରୀଟିର ମୁହଁରେ ମାଗି ଅଣା ପଖାଳରୁ ମୁଠେ ଗେଞ୍ଜି ସାରି ଆପେ ଆଁ କରିବସେ ଭିକାରୀଟି ବି ମୁଠେ ଭରିଦେବ ବୋଲି ତା ମୁହଁରେ ଓ ଦୁହେଁ ହେଁ ହେଁ ହସି ଉଠନ୍ତି କୋଉ ଖୁସିରେ ?

ଏଇ କଆଁଟି ଭିତରେ ଇ ଜରୁର୍ କଛି ଗୋଟେ ଅତି ସନ୍ତର୍ପଣରେ ଲୁଚରହି ଥାଏ ଓ ସବୁକଛି ଆହୁରି ସୁନ୍ଦର କରି ଗୁଲିଥାଏ !

କସ୍ତୁରୀ ନଗର, ଏଲ୍.ଆଇ.ସି.ପଛ
ରାୟଗଡା

# ଦେଖି ତୁମ ରୂପ?



ପର୍ଶୁରାମ ଶଗରିଆ

ଦେଖି ତୁମ ରୂପ ଝଲସି ଉଠୁଛି ଧରାପୃଷ୍ଠ
କି ଲାବଣ୍ୟମୟି କି ରୂପମୟୀ
ତୁମ ଛବି ମାୟାରେ ବିଭୂତ
ଏ ଧରାପୃଷ୍ଠ।
ସତସତିକା ରୁପ ତୁମର
ଧରାପୃଷ୍ଠକୁ ଏ ମାୟା।
ବାଞ୍ଛିତ ଲାବଣ୍ୟ ହସ ତୁମର।
ମନକୁ ନଏ ଯେ କିଣି
କରିଦିଏ ମନକୁ ବିକଳ
ସବୁ ଲାଗେ ଫିକା ଫିକା।
ତୁମେ ମୋ କାବ୍ୟ ନାୟିକା
ତୁମ ବିନା ଲାଗେ ଜୀବନ ଫିକା।
ଦେଖି ତୁମ ରୂପ ଜୀବନ ବିକଳ
ହୃଦୟ ତୁମ ରୂପ ଜୀବନ ବିକଳ
ହୃଦୟ ମୋର ହୁଏ ଅପସର।

ପାଇବି କି ନାହିଁ ତୁମ ରୂପ ସ୍ୱର
ଅପେଖ୍ୟାରେ ବିତେ
ତିନ ରାତି ମୋରେ।

ସତେ କି ମାୟା
ରୂପ ତୁମର
ବାଞ୍ଛିତ ଲାବଣ୍ୟ
ହସ ତୁମର।
ମନମୁଗ୍ଧ ତୁମ କୋକିଳ ସ୍ୱର।
ଧରାପୃଷ୍ଠ ସତେ ହୁଏ ଥରଥର।
ଦେଖି ସତେ ତୁମ ରୂପ
ଦେଖି ସତେ ତୁମ ରୂପ।

ଗ୍ରାମ- କ୍ରିଷ୍ଣା, ଖଡିକାରପଡା

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ ।
ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ନିଜର ମତାମତ ଦିଅନ୍ତୁ ।

# ଦୀକ୍ଷା ନାମରେ ଧନ୍ଦା



ବାଲ୍ମୀକି ନାୟକ

ଦୀକ୍ଷାର ଅର୍ଥ ହେଉଛି ମନ୍ତ୍ରପୋଦେଶ । ସାଧାରଣ ଭାଷାରେ ଆମେ ବୁଝୁ, ଗୁରୁଙ୍କ ଦ୍ୱାରା ଦିଆଯାଉଥିବା ଜ୍ଞାନର ସାରତତ୍ତ୍ୱ, ଯାହାକୁ ଶିଷ୍ୟ ନିଜ ଜୀବନରେ ପ୍ରୟୋଗ କରି ସର୍ବୋତଭାବେ ଉନ୍ନତି କରିପାରିବ । ତଥାକଥିତ ଦୀକ୍ଷାଗୁରୁମାନେ କିନ୍ତୁ ଆଜିର ଶିକ୍ଷକମାନଙ୍କୁ "ଗୁରୁ" ବୋଲି ମାନିବାକୁ ନାରାଜ । ଆଜିର ସ୍କୁଲ ଗୁଡିକ ରେ ଦିଆଯାଉଥିବା ଶିକ୍ଷାକୁ ବି ସେମାନେ ସଂପୂର୍ଣ୍ଣ ଶିକ୍ଷା ବୋଲି ସ୍ୱୀକାର କରୁନାହାଁନ୍ତି । ସେମାନଙ୍କ ଅବଧାରଣାକୁ ନେଇ ଚିନ୍ତାକଲେ ଆଶ୍ଚର୍ଯ୍ୟ ଲାଗୁଛି ଯେ, ପିଲାବେଳୁ ଗୃହକର୍ମରୁ ବିମୁଖ ହୋଇ, ପାଠ ପଢାକୁ ଅଧାରୁ ଛାଡି, ଜୀବନ ସଂଘର୍ଷକୁ ଭୟ କରି, ବିଫଳ ହୋଇ ପଳାୟନ କରିଥିବା ତଥାକଥିତ ଗୁରୁମାନେ କେବଳ ଜପତପ କରି କେଉଁ ମହାନ୍ ମନ୍ତ୍ର ପ୍ରାପ୍ତ କରିଥାନ୍ତି, ଆହା ନିଜର ଶିଷ୍ୟମାନଙ୍କୁ ବାଣ୍ଟି ସେମାନଙ୍କ ଜୀବନ ସୁଧାରିବାକୁ ଦାବି କରିଥାନ୍ତି?

ଦୀକ୍ଷା ଦେବାର ପଦ୍ଧତି ବିଭିନ୍ନ ପ୍ରକାର ହୋଇଥାଏ । କିଛି ଗୁରୁ ଏକ ବିଶେଷ ରଙ୍ଗର ବସ୍ତ୍ର ପରିଧାନ କରାଇ ଶିଷ୍ୟଙ୍କୁ ବ୍ରାହ୍ମ ମୁହୂର୍ତ୍ତରେ ଦୀକ୍ଷା ଦାନ କରାଇଥାନ୍ତି । ଆଉ କିଛି ଗୁରୁ ଦିନର କୌଣସି ସମୟରେ, ଯେ କୌଣସି ବସ୍ତ୍ର ପରିଧାନ କରାଇ ଧର୍ମୀୟ କର୍ମକାଣ୍ଡ ସହିତ ଦୀକ୍ଷାଦାନ କରିଥାନ୍ତି । ଦୀକ୍ଷା ନେବାପାଇଁ ଗୁରୁ ନିର୍ଦ୍ଧାରଣ କରିବା ଶିଷ୍ୟର ସୁବୁଦ୍ଧି ଅପେକ୍ଷା ବିଭିନ୍ନ ଗୁରୁଙ୍କ ପ୍ରସିଦ୍ଧି ପ୍ରଚାର ଉପରେ ନିର୍ଭର କରୁଛି । ଯେଉଁ ଗୁରୁଙ୍କ ଚମତ୍କାରୀ ଗୁଣ ଯେତେବେଶୀ ପ୍ରଚାର ହୋଇଥାଏ, ସେହି ଗୁରୁଙ୍କ ଶିଷ୍ୟ ସଂଖ୍ୟାରେ ସେତିକି ବୃଦ୍ଧି ପାଇଥାଏ । ଅନ୍ଧବୁଦ୍ଧି ଜନତା ଆଦୌ ପ୍ରଶ୍ନ କରେନାହିଁ କିମ୍ବା ତର୍କ କରେନାହିଁ । ସେ କେବଳ

ଏତିକି ଜାଣିଥାଏ ଯେ, ତାଙ୍କର ଗୁରୁ ଜଣେ ମହାନ୍ ସିଦ୍ଧ ପୁରୁଷ ଏବଂ ସକଳ ସମସ୍ୟାର ସମାଧାନ ମନ୍ତ୍ର ସେ ଜାଣନ୍ତି ।

ପ୍ରତ୍ୟେକ ଗୁରୁଙ୍କର ମହାନତାକୁ ପ୍ରଚାର କରିବାପାଇଁ ଶିଷ୍ୟମାନେ ନିଜ ଜୀବନରେ ଘଟିଥିବା ଘଟଣାକୁ ଯୋଡି ଏକ ଗୋଟିଏ ଗୋଟିଏ ମନଗଢା କାହାଣୀ ବର୍ଣ୍ଣନା କରିଥାନ୍ତି । ଅନ୍ୟ କାରଣରୁ ମିଛ୍ୱା ସଂଯୋଗବଶତଃ ମିଳିଥିବା ସଫଳତାର ଗୌରବ ନିଜର ଗୁରୁମାନଙ୍କୁ ଦେଇଥାନ୍ତି । ସେମାନଙ୍କର ସ୍ୱ- ଅନୁଭୂତିର କାହାଣୀ ଶୁଣି ନୂଆ ନୂଆ ଶିଷ୍ୟମାନେ ପ୍ରଭାବିତ ହୋଇ ଗୁରୁ ଆଶ୍ରମକୁ ଦୌଡିଯାଆନ୍ତି । ନମୁନାପାଇଁ ଏଠାରେ ଦୁଇଟି କାହାଣୀ ଉଲ୍ଲେଖ କରିବା ଉଚିତ ହେବ ।

ଜଣେ ଦୀକ୍ଷାପ୍ରାପ୍ତ ଗୁରୁଭକ୍ତ କହିଲେ, - "ମୁଁ କିଛିଦିନ ତଳେ ମୋଟର ସାଇକଲରେ ଗୋଟିଏ ଗାଁରୁ ସହରକୁ ରାତିରେ ଫେରୁଥିଲି । ରାସ୍ତା ଖରାପ ଯୋଗୁଁ ମୋଟର ସାଇକେଲ ଚକା ଖସିଗଲା ଏବଂ ମୁଁ ଛିଟିକି ତଳେ ପଡିଗଲି । ଭୀଷଣ ଆଘାତ ପାଇଥିବା ଯୋଗୁଁ ମୁଁ ଅଚେତ ହୋଇ ପଡିଥିଲି । ଚେତା ଫେରିବା ପରେ ଜାଣିଲି ଯେ, ମୁଁ ସହରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛି । ହାତ ଓ ଗୋଡରେ ପ୍ଲାଷ୍ଟର ଚଢାଯାଇଛି । ପାଖରେ ମୋର ସ୍ତ୍ରୀ ଓ ପୁଅ ବସିଛନ୍ତି । ମୁଁ ଏଠାକୁ କିପରି ଆସିଲି ପଚାରିବାରୁ ପୁଅ କହିଲା – ସେଦିନ ଧାନ ଚୁରେଇ ସାରି ଦୁଇଜଣ ଲୋକ ଶଗଡ ନେଇ ସହରରୁ ଗାଁ କୁ ଫେରୁଥିଲେ । ତୁମକୁ ଏଭଳି ଅବସ୍ଥାରେ ପଡିଥିବା ଦେଖି ସେ ଦୁହେଁ ତୁମକୁ ଶଗଡରେ ଲଦି ଏଠାରେ ଆଣି ଛାଡି ଦେଇଯାଇଛନ୍ତି । ଡାକ୍ତରବାବୁ ପ୍ରଥମେ ତୁମର ଚିକିତ୍ସା କରିସାରି, ତୁମ ମୋବାଇଲରୁ ନମ୍ବର ବାହାର କରି ଆମକୁ ଖବର ଦେଲେ । ସେ ଦୁହେଁ ଯଦି ତୁମକୁ ଠିକ୍ ସମୟରେ ତୁମକୁ ଡାକ୍ତରଖାନାକୁ ଆଣି ନ ଥାନ୍ତେ, ତେବେ କଅଣ ଯେ ହୋଇଥାନ୍ତା ।

ଏହି ଘଟଣାଟି ବର୍ଣ୍ଣନା କରିସାରି ସେ ଭକ୍ତିଭାବରେ ନିଜ ଗୁରୁଙ୍କୁ ହାତ ଯୋଡି ପ୍ରଣାମ ଜଣାଇ କହିଲେ, - ସବୁ ସେହି ସିଦ୍ଧ ପୁରୁଷ ଗୁରୁଦେବଙ୍କ ପ୍ରତାପ । ମୁଁ ଦୀକ୍ଷା ନେଇଥିବାରୁ ଗୁରୁ ମୋତେ ଆସନ୍ନ ମୃତ୍ୟୁମୁଖରୁ ରକ୍ଷା କରିଦେଲେ । ଶଗଡିଆ

ଦୁଇଜଣଙ୍କର ମାନବିକତା, ଡାକ୍ତରବାବୁଙ୍କ ସହୃଦୟତା – ସବୁକିଛି ପାଣିଚଆ ଓ ନିରର୍ଥକ ହୋଇଗଲା । ସମସ୍ତ ଗୌରବ ନେଇଗଲେ କିଛି ନ ଜାଣିଥିବା ଗୁରୁଜୀ ।

ଅନ୍ୟଜଣେ ଉଚ୍ଚ ଶିକ୍ଷିତ ଭଦ୍ରବ୍ୟକ୍ତି (?) ନିଜର ଅନୁଭୂତି ବର୍ଣ୍ଣନା କଲେ, - ମୋର ଆର୍ଥିକ ଅବସ୍ଥା ବିଗିଡି ଯିବାରୁ ନିଜର ବାସଗୃହଟିକୁ ବିକ୍ରୀ କରିବାପାଇଁ ଜଣେ ଗ୍ରାହକ ସହିତ ଦରଦାମ୍ ହେଲା । ସେ ମୋତେ ଅଗ୍ରିମ ରାଶି ହିସାବରେ ଏକଲକ୍ଷ ଟଙ୍କା ଦେଲେ ଏବଂ ଆସନ୍ତା ଦୁଇମାସ ମଧ୍ୟରେ ବାକି ଟଙ୍କା ଦେଇ ଘର ରେଜିଷ୍ଟ୍ରି କରାଇବାପାଇଁ ଠିକ୍ ହେଲା । ଇତି ମଧ୍ୟରେ ମୋର ଆର୍ଥିକ ଅବସ୍ଥା ସୁଧୁରିଯାଇଥିବାରୁ ମୁଁ ଘର ବିକ୍ରୀ କରିବା ପ୍ଲାନ ବଦଳେଇଦେଲି । ଗ୍ରାହକଙ୍କୁ ମୋର ପ୍ଲାନ କଥା କହିବାରୁ ସେ ଅସନ୍ତୁଷ୍ଟ ହେଲେ ଏବଂ ଶୀଘ୍ର ଅଗ୍ରିମ ରାଶି ଫେରସ୍ତ ମାଗିଲେ । ମୋ ପାଖରେ ସେତେବେଳେ ଏକ ଲକ୍ଷ ଟଙ୍କା ନ ଥିଲା । ତେଣୁ ତାଙ୍କୁ ସମୟ ମାଗିଲି । ସେବିରକ୍ତ ହୋଇ ମୋତେ ଧମକ ଦେଲେ । ମୁଁ ଅଗତ୍ୟା ତାଙ୍କୁ ଏକ ଲକ୍ଷ ଟଙ୍କାର ଗୋଟିଏ ଚେକ୍ ଧରେଇଦେଲି । ପରେ ମୁଁ ଟଙ୍କା ଯୋଗାଡ କରି ବ୍ୟାଙ୍କରେ ଜମା କରିଦେବି ଭାବିଥିଲି । କିନ୍ତୁ ନିର୍ଦ୍ଦିଷ୍ଟ ସମୟ ଭିତରେ ସମ୍ଭବ ହେଲାନାହିଁ । ମୋର ଚେକ୍ ବାଉନ୍ସ ହୋଇଗଲା । ଉକ୍ତ ଗ୍ରାହକ ରାଗିଯାଇ ମୋ ଉପରେ ଏକ କେସ୍ କରିଦେଲେ । ମୁଁ ଜେଲ ଯିବାଟା ଏକ ପ୍ରକାର ନିଶ୍ଚିତ ବୋଲି ଜାଣି ମୁଁ ମୋ ଦୀକ୍ଷାଗୁରୁଙ୍କୁ ବାରମ୍ବାର ସ୍ମରଣ କଲି । ଦିନେ ହଠାତ୍ ମୋର ଜଣେ ପରିଚିତ ବନ୍ଧୁ ଆମ ଘରକୁ ଦେଖାକରିବାକୁ ଆସିଲେ । ମୁଁ ତାଙ୍କୁ ମୋର ସମସ୍ୟା କଥା କହିଲି । ସେ ଆଶ୍ୱାସନା ଦେଇ କହିଲେ, ମୁଁ ଟଙ୍କା ଯୋଗାଡ କରିଦେବି, ତୁମେ କିନ୍ତୁ ଯେତେ ଶିଘ୍ର ପାରିବ, ମୋତେ ଟଙ୍କା ଫେରାଇଦେବ । ମୁଁ ଜେଲ୍ ଯିବାରୁ ବର୍ତ୍ତିଗଲି । ଏପରି ଗୁରୁଦେବଙ୍କ ଅପାର କୃପାରୁ ଏସବୁ ସମ୍ଭବ ହୋଇପାରିଲା । ଗୁରୁଙ୍କୁ ମୁଁ କେବେ ବି ଅସ୍ୱୀକାର କରିପାରିବି କି? ଏକ ଗଭୀର ଆତ୍ମବିଶ୍ୱାସ ତାଙ୍କ ମୁହଁରେ ଚମକି ଉଠୁଥିଲା । କି ବିଚିତ୍ର କଥା ଦେଖନ୍ତୁ । ଭଦ୍ର ଲୋକଙ୍କ ଆର୍ଥିକ ଅବସ୍ଥା ବିଗିଡି ଯାଉଛି କାହିଁକି? ଘର କିଣିବା ଗ୍ରାହକଟିକୁ ଧୋକା ଦେବା ପଛରେ ଭଦ୍ରଲୋକଙ୍କ ଚରିତ୍ର କେତେ ନିର୍ମଳ ହୋଇଥିବ, ତା ସହଜେ ଅନୁମେୟ । ଅସମୟରେ ଅର୍ଥ ସାହାଯ୍ୟ କରିଥିବା ବନ୍ଧୁଜଣଙ୍କ ପ୍ରତି କୃତଜ୍ଞତା ଜଣାଇବା ପରିବର୍ତ୍ତେ

ତଥାକଥିତ ଗୁରୁଙ୍କୁ ଦେଇଦେଲେ ସମସ୍ତ ଗୌରବ । ଏଭଳ ଲୋକଙ୍କୁ ସାହାଯ୍ୟ କରି ବନ୍ଧୁ ଜଣକ ଠିକ୍ ସମୟରେ ଟଙ୍କା ଫେରିପାଇଛନ୍ତି କ ନାହିଁ ଜଣାନାହିଁ । କନ୍ତୁ ଗୁରୁଦେବ ନଜର ଦାନ ଦକ୍ଷିଣା ସବୁ ଠିକ୍ ସମୟରେ ପାଇଯାଇଥିବେ, ଏଥିରେ ସନ୍ଦେହ ନାହିଁ ।

ଗୁରୁ ମନ୍ତ୍ରକୁ ଗୁରୁମାନେ ଶିଷ୍ୟଙ୍କ କାନରେ ଫୁସ୍ ଫୁସ୍ କରି ଶୁଣାଇଥାନ୍ତି, ଯେପରି ଅନ୍ୟ କେହି ଶୁଣି ପାରିବେ ନାହିଁ । ଯେପରି ଆତଙ୍କବାଦୀମାନେ ସେମାନଙ୍କର ଗୁପ୍ତ ମନ୍ତ୍ରଣାକୁ ନଜ ସାଥିଙ୍କ କାନ ପାଖରେ ହିଁ ଶୁଣାଇଥାନ୍ତି । ଅନ୍ୟ କେହି ଶୁଣିଲେ ଅନର୍ଥ ହୋଇଯିବ । ଆମର ଏଇଠି ଗୋଟିଏ ପ୍ରଶ୍ନ ଉଠୁଛି ଯେ, ସଭିଏଁ କହନ୍ତି – ଧନ ବାଣ୍ଟିଲେ କମ୍ ହୋଇଯାଏ କନ୍ତୁ ଜ୍ଞାନ ବାଣ୍ଟିଲେ ତା ବୃଦ୍ଧି ହୋଇଥାଏ । ଦୀକ୍ଷାଗୁରୁ ଜ୍ଞାନକୁ ଜଣକ ଭିତରେ ସୀମିତ ରଖିବାକୁ କାହିଁକ କୁହନ୍ତି?

ଗୁରୁଙ୍କଠାରୁ ମାଗଣାରେ ଦୀକ୍ଷା ମିଳ ନ ଥାଏ । ଏଥିପାଇଁ ଉଚତ ପରିମାଣର ଗୁରୁଦକ୍ଷିଣା ଦେବାକୁ ପଡିଥାଏ । ଧନକୁ ମାୟା କରି ବର୍ଜନ କରିବା ପାଇଁ ଶିଷ୍ୟମାନଙ୍କୁ ଉପଦେଶ ଦେଉଥିବା ଗୁରୁ ହାତରେ ଟଙ୍କା ନ ଧରିଲେ ଦୀକ୍ଷା ଦିଅନ୍ତି ନାହିଁ । ଆଶ୍ରମର ଆମଦାନୀ କ୍ରମାଗତଭାବେ ଚାଲୁ ରଖିବାପାଇଁ ଗୁରୁ ନଜର ପ୍ରିୟ ଶିଷ୍ୟମାନଙ୍କ ମଧ୍ୟରୁ ଜଣେ ବା ଦୁଇଜଣଙ୍କୁ ନଜ ଉତ୍ତରାଧିକାରୀ ରୂପେ ବାଛି ଦେଇଥାନ୍ତି । ଗୁରୁଙ୍କ ମୃତ୍ୟୁ ପରେ ବି ଗୁରୁଙ୍କ ଫଟୋ ବିକ୍ରୀ କରି ଧନ ରୋଜଗାର କରିଥାନ୍ତି ।

ପ୍ରକୃତରେ, ଦୀକ୍ଷାରେ ବିଶେଷ କଛି ଗୁପ୍ତ ତଥ୍ୟ ନାହିଁ । କେବଳ ଗୁରୁଙ୍କ ଉପନାମ ଶିଷ୍ୟଙ୍କ କାନରେ କୁହାଯାଏ । ସେହି ନାମକୁ ସାରାଜୀବନ ସ୍ମରଣ କରିବାକୁ ନର୍ଦ୍ଦେଶ ଦିଆଯାଇଥାଏ । ମଜା କଥା ହେଉଛି ଯେ, ସ୍ୱାମୀ ଓ ସ୍ତ୍ରୀଙ୍କୁ ଅଲଗାଭାବେ କାନରେ ଗୁରୁମନ୍ତ୍ର ଦେଇଥାନ୍ତି ଏବଂ କାହାରିକୁ ନ କହିବା ପାଇଁ ନର୍ଦ୍ଦେଶ ଦେଇଥାନ୍ତି । ପରସ୍ପରକୁ ନବିଡଭାବେ ଭଲ ପାଉଥିବା, ବିଶ୍ୱାସ କରୁଥିବା, କୌଣସି କଥା ଲୁଚାଉ ନଥିବା, ସ୍ୱାମୀ-ସ୍ତ୍ରୀଙ୍କ ଭିତରେ ସେମାନେ ମତଭେଦ ସୃଷ୍ଟି କରୁନାହାନ୍ତି କ? ଯାହା ବି ହେଉ,

ଭଗବାନଙ୍କଠାରୁ ଗୁରୁ ଉର୍ଦ୍ଧ୍ୱରେ ବୋଲି ଶିଷ୍ୟମାନଙ୍କ ମନରେ ଭ୍ରମ ସୃଷ୍ଟି କରିବା, ଏକପ୍ରକାର ବ୍ୟକ୍ତିପୂଜା ଓ ଗୁରୁମାନଙ୍କର ଆତ୍ମମୋହ ବ୍ୟତୀତ ଆଉ କଣ ହୋଇପାରେ?

ଆଜିର ଯୁଗରେ ଧର୍ମଗୁରୁମାନେ କେତେ ଆଧ୍ୟାତ୍ମିକ, ସେ କଥା ପ୍ରାୟ ସମସ୍ତେ ଜାଣିପାରୁଛନ୍ତି । ଧର୍ମଗୁରୁ କୃପାଳୁ ମହାରାଜ, ଆଶାରାମ ବାପୁ, ପ୍ରଭାତ ରଞ୍ଜନ ସରକାର (ଆନନ୍ଦମାର୍ଗୀ), ସୁଧାଂଶୁ ମହାରାଜ, ଜୟଗୁରୁଦେବ, ନିତ୍ୟାନନ୍ଦ, ନିର୍ମଳବାବା ଆଦିଙ୍କ କାର୍ଯ୍ୟକଳାପ ସହିତ ଦେଶବାସୀ ବେଶ୍ ପରିଚିତ । ଏମାନେ ସମାଜକୁ କେଉଁଭଳି ମହାନ୍ ଶିକ୍ଷା ଦେଉଛନ୍ତି? କେଉଁ ଚମତ୍କାରୀ ମନ୍ତ୍ର ଦେଇଛନ୍ତି? ଏମାନଙ୍କର ଗୁରୁ ଓ ଶିଷ୍ୟ ଖେଳରେ କାହାର କେତେ କଲ୍ୟାଣ ହୋଇଛି, ଏସବୁ କହିବା ଆବଶ୍ୟକ ନାହିଁ । ଆମେ ନିଶ୍ଚିତଭାବେ ଏତିକି କହିପାରିବା ଯେ, କୋଟିକୋଟି ଟଙ୍କାର ସ୍ଥାବର, ଅସ୍ଥାବର ସଂପତ୍ତି ସଂଗ୍ରହ କରି ଏମାନେ ସୁଖରେ ଜୀବନ ଅତିବାହିତ କରୁଥିବାବେଳେ ଏମାନଙ୍କର କୋଟିକୋଟି ଶିଷ୍ୟ ବା ଭକ୍ତ ଦୁଇ ଓଳା ପେଟପୂରା ଖାଦ୍ୟ ଖାଇବାକୁ ପାଉନାହାନ୍ତି । ବିଡମ୍ବନା ହେଉଛି ଯେ, ତଥାପି ଭକ୍ତମାନେ ଗୁରୁମାନଙ୍କ ଜୟଗାନ କରିବାକୁ ଭୁଲୁ ନାହାଁନ୍ତି ।

ଗୁରୁଙ୍କ ଆଶ୍ରମରେ ବେଳେବେଳେ ମହାଭୋଜିର ଆୟୋଜନ ହୋଇଥାଏ । ଏକାସାଙ୍ଗରେ ହଜାରହଜାର ଭକ୍ତ ଗୁରୁଦେଅଙ୍କ ପ୍ରବଚନ ଶୁଣିବା ସହିତ ଭୋଜନ କରିଥାନ୍ତି । ଆଶ୍ରମ ଭିତରେ ଥିବାବେଳେ ସମସ୍ତେ "ଗୁରୁଭାଇ" ରୂପେ ପରିଚୟ ଦେଇଥାନ୍ତି । ଅର୍ଥାତ ସଭିଏଁ ସମାନ । ଆଶ୍ରମ ବାହାରକୁ ଆସିବା ମାତ୍ରେ ସମସ୍ତେ ନିଜର ଦୀକ୍ଷା ଭୁଲିଯାଆନ୍ତି । ପରସ୍ପର ଭିତରେ ଜାତି, ଗୋତ୍ର, ଉଚ୍ଚ, ନୀଚର ମାନସିଅତାରୁ ମୁକ୍ତ ହୋଇପାରନ୍ତି ନାହିଁ ।

ଦୀକ୍ଷା ନେଇଥିବା ଶିଷ୍ୟମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥାଏ – ଗୁରୁଙ୍କ ଫଟୋ ଆଗରେ ବସି ମୁହଁ ନ ଖୋଲି, ଓଠ ନ ହଲାଇ ମନ୍ତ୍ରକୁ କେବଳ ମନେମନେ ସ୍ମରଣ କରିବ । ଏହାକୁ ଏହିପରି ଦିନର ଯେ କୌଣସି ସମୟରେ କରିପାରିବ କିନ୍ତୁ ବ୍ରାହ୍ମମୁହୂର୍ତ୍ତରେ ଥରେ ନିଶ୍ଚୟ କରିବ । ଦିନରେ ଯେତେ ଅଧିକ ଥର ସ୍ମରଣ କରିବ ସେତେ ଅଧିକ ଗୁରୁକୃପା ପ୍ରାପ୍ତ

ହେବ । ଏହା କଲେ ଶିଷ୍ୟମାନଙ୍କ ଉପରୁ ସମସ୍ତ ସଙ୍କଟ ଦୂର ହୋଇଯିବ । ସତେ ଯେମିତି ଗୁରୁ ରକ୍ଷାକବଚ ପାଲଟିଯିବ ଶିଷ୍ୟପାଇଁ । ଏହାର ବିପରୀତରେ ଦେଖାଯାଉଛି ଯେ, ଗୁରୁଙ୍କ ଉପରେ ପଡୁଥିବା ପୋଲିସ୍ ଛାପା ଭଳ ସଂକଟରୁ କେହି ନଜକୁ ରକ୍ଷା କରୁପାରୁ ନାହାନ୍ତି ।

ମୋଟ ଉପରେ "ଦୀକ୍ଷା" ଧନ ଓ ସମୟ ନଷ୍ଟ କରିଥାଏ । ଯେଉଁମାନେ ଧର୍ମଭୀରୁ, ବେକାର, କାମଗ୍ଲେର ଏବଂ ଭାଗ୍ୟର ଭରସାରେ ବଞ୍ଚିରହିଛନ୍ତି, ସେହିମାନେ ହିଁ ଏହିଭଳ ଗୁରୁଙ୍କ ମାୟାଜାଲରେ ପଡି ସର୍ବସ୍ୱ ହର୍‌ାଇଥାନ୍ତି । ଗୁରୁ ମାଧମରେ ହିଁ ଭଗବାନଙ୍କ ସମସ୍ତ ବିଭାଗକୁ ( ଯଥା – ଶିକ୍ଷା, ପ୍ରମୋସନ, ବିବାହ, ଧନ ଓ ସ୍ୱାସ୍ଥ୍ୟ) ନବେଦନ ପତ୍ର ପଠାଇବା ସମ୍ଭବ । ଏହି ଅନ୍ଧବିଶ୍ୱାସକୁ ତ୍ୟାଗ କରି, ଥରେ ଆତ୍ମସମୀକ୍ଷା କରିବା ପାଇଁ ସୁଧୀ ପାଠକମାନଙ୍କୁ ଆମେ ବିନୀତ ଅନୁରୋଧ କରୁଛୁ । ନଶ୍ଚୟ ସୁଫଳ ପାଇବେ ବୋଲି ଆମର ବିଶ୍ୱାସ ।

କେ.ଆର. ପୂରମ, ବାଙ୍ଗାଲୋର

**ବେଦାନ୍ତୀର ଆଗାମୀ ସଂଖ୍ୟା ମଇ ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ଅପ୍ରେଲ ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।**

# ରୂପସୀ



ଦୟାନନ୍ଦ ଶବର

ପରୀ ଠୁ ଅଧିକ ସୁନ୍ଦରି ତୁ
କେଉଁଠି ଅଛି ଲୋ ତୋ ଘର ।
କହ କାହା ସହ ତୁଳନା କରିବି
କପରି ବର୍ଣ୍ଣି ବି ରୂପକୁ ତୋର ।।
ଗଢ଼ିଛି ବିଧାତା ଅତି ଯତ୍ନରେ
ସୌନ୍ଦର୍ଯ୍ୟ ର ତୁଳୀ ଧରି ।
କାହା ସହ ତୋ ତୁଳନା କରିବି
କେହି ହେବେନ ତୋ ସରି ।।
ଯିଏ ଦେଖୁଛି ତୋ ରୂପକୁ ଥରେ
ରୂପରେ ମୋହିତ ହୁଏ ।
କାହା ପାଇଁ ତୁ ଆସିଛୁ ଜଗତେ
ତୋ ଜୀବନସାଥି କିଏ ।।
ଜହ୍ନ ତୋ ପାଖେ ଫିକା ପଡି ଯାଏ
ରମ୍ଭା ମେନକା ବି ତୋ ସମ ନୁହଁ ।
ଲକ୍ଷେ ପରୀ ତତେ ଟକ୍କର ଦେବେନ
ବିଶ୍ୱସୁନ୍ଦରୀ ଠୁ ଅଧିକ ସୁନ୍ଦର ତୋ ମୁହଁ ।।



ନୂଆପଡା, ପଲସିପାଣି, ଓଡିଶା

# ଭୌଗୋଳକ ଜୀବନ



ସସ୍ମିତା ସାହୁ



ମୋ ଜୀବନର ଭୂଗୋଳରେ
ଦୁଃଖ ସାଜେ ଶାଖା ବିହୀନ ଚିରସ୍ରୋତା ନଦୀ,
ଯେଉଁଥିରେ ନା ଅଛି ବାଡ, ନା ଅଛି ବନ୍ଧ,
ସ୍ୱଇଚ୍ଛାରେ ବଢାଇଚାଲିଛି ନିଜର ଅଗ୍ରଗତି ।
ସୁଖ ଯେପରି ଡହଡହ ଖରାବେଳର
ଖଣ୍ଡିଆ ଭୂତ,
ପ୍ରବଳ ଉତ୍ତାପେ କେବେ ଯେ ଆସି ନିଜର
ଗତି ବଦଳେଇଦିଏ, ତାକୁ କ୍ଷଣିଏ ରଖିବାର
ଭାବନା ବି ମନରେ ସୃଷ୍ଟି କରାଏ ଭ୍ରାନ୍ତ ।
ବନ୍ଧୁଗଣ ମୋ ଜୀବନର ଚିରହରିତ୍
ଅରଣ୍ୟ, ନା କେବେ ଦୂରେଇ ଯିବାର
ପତ୍ରଛଡା ଦିଅନ୍ତି, ନା ପୁଣି ଫେରିବାର ଆଶା,
ସର୍ବଦା ଥାଆନ୍ତି ଚିରସବୁଜ,
ନା ଥାଏ ବିଚ୍ଛେଦର ଭୟ ନା ଆଙ୍କିବାର
ମିଛ ଭରସା ।
ପରିବାର ମୋର ବସନ୍ତର ଗନ୍ତାଘର
ସଦାସର୍ବଦା ପ୍ରସ୍ଫୁଟିତ ଉଲ୍ଲସିତ,
ନା ଥାଏ ଝାଉଁଳିବାର ଭୟ

ନା ପୁଣି ଭଙ୍ଗିବାର ଅବଶୋଷ ।

ପ୍ରେମ ମୋ ଜୀବନର ସେଇ ଆଶାର ବରଷା

ଯେପରି ଗ୍ରୀଷ୍ମଟିଏ ଡହଡହ ଖରାରେ

ଛତା ତଳେ ଉପରକୁ ଗ୍ହିଁ

ଅପେକ୍ଷା କରିଥାଏ, ମନରେ ଭରି ଅସରାଏ ଭରସା ।

କନ୍ତୁ ବେଳେବେଳେ ସେଇ ବରଷା ନାଆରେ

ଆସନ୍ତି ମିଛ କଳାବାଦଲ,

ବୁଝେଇଦିଏ ମନକୁ ଯେ, ରେ ମନ,

ବୁଝିଯାଆ ତୁ,

ପାଣିପାଗ ପରା ଏଯାଏଁ ଦେଇନ ସିଗନାଲ୍ ।

ବ୍ୟାସ ନଗର, ଯାଜପୁର ରୋଡ, ଯାଜପୁର

**ବେଦାନ୍ତୀର ଆଗାମୀ ସଂଖ୍ୟା ମଇ ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ଅପ୍ରେଲ ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।**

# ହଇହୋ ରବିନ୍ଦ୍ର




ଏମ୍. ବିଜୟ କୁମାର

କାହିଁ କେତେ ଯୁଗୁ
କବର ନଅନ୍ତା
ପଚ ସଢି ସବୁ
ଚହ୍ନ ବର୍ଣ୍ଣ ତାର
ସମ୍ବଳେ ବିଧ୍ୱଂସ
ମାଟିରେ ମିଶିଣ
ମାଟି ହୋଇଯାନ୍ତା
କେବେ ଠୁ ଶସ୍ମାନ
ଜୁଇ ଜଳ ଶ୍ୱ୍
ପାଉଁଶ ହୁଅନ୍ତା
ସଂପୂର୍ଣ୍ଣ ବିନାଶ
ହୋଇ ସାରିଥାନ୍ତା
ଭ୍ରତ ଦେଶରୁ
ଘୃଣ୍ୟ ଜାତିପ୍ରଥା
ହଇହୋ ରବିନ୍ଦ୍ର
ତମେ କ ବୁଝିଛ
ବେ୍ଟି- ବେଟି- କଥା
ମାୟା ଅବ୍ୟବସ୍ଥା
ତୁମେଯଦି ବୁଝ
ବୁଝାଇ ପାରିବ

ମାନବତା ପ୍ରେମ
ନ୍ୟାୟ ସମାନତା
ମାନବାଧିକାର
କାହିଁ ପଗ୍ୱରୁଛ
ଆଉ ସେହି କଥା
ତୁମେ କ ଜାଣିଛ?
ନଜାଣି ତ ଜାଣ
ଅନ୍ଧ ଶ୍ରଦ୍ଧା ହେତୁ
ବିଦ୍ୱୋଷ ବିକାର
ଆଜି ବି ବଞ୍ଚିଛି
ଭିନ୍ନ ନାମ ରୁପେ
ଭେଦଭେଦ ଭେଦ
ଅନ୍ଧ କୂପ ବେଙ୍ଗ
ସେକାହ୍ନୁଁ ଜାଣିବ
ସୁପରି କଳ୍ପିତ
ପଡିଯାଏ ଛଳେ
ଅପର୍‌ଜିତ କୁ
ବାସନ୍ଦ ନୟମ
ଲଗାଇଛି ପାଲ୍
ଇ ବ୍ରାହ୍ମଣ ତନ୍ତ୍ର

ହଇ ହୋ ରବିନ୍ଦ୍ର
ଜାଣିଛ କି ନାହିଁ?
ସେ ତ ଭଲ ଲୋକ
ସେବା ଦାସ କାହିଁ
ଜୀବନ- ତମାମ
ପଗ୍ଭରିକି ଦେଖ
ଖଜୁରୀର ଗଛ
ମୂଳରୁ ପାହାଚ
ହେବ ମୂଳଛେଦ
ଦିନେ ନା ଦିନେ
ଉଡିବ ନଷ୍ଟିତ
ଫରଫର ହୋଇ
ସମତା ପତକା
ପଗ୍ଭର ପ୍ରସାର
ବୈପ୍ଲବିକ ବାର୍ତ୍ତା
ଜାତ- ପାତ- ତୋଡ
ସମାଜରେ ବୋଡ
ସୂର୍ଯ୍ୟନିର୍ବିକାର
ପ୍ରକୃତି ଆହ୍ୱାନ
ମାନବ ସମାଜ
ଏହି ଦୀକ୍ଷା ଘେନ ॥



ପୂବା ଶାସନ, ଉତ୍ତର୍, କୌଶଲ୍ୟାଗଙ୍ଗ, ଭୁବନେଶ୍ୱର

# ସତେକୀ ମୋ ସାଥୀ ଆସୁଛି....



ଶିଶିର କୁମାର ସାମଲ

ପାଦର ପାଉଁଜୀ ସାଜୁଅଛି ବଂଶୀ
ରୁଣୁଝୁଣୁ ଯେବେ ବାଜୁଛି,
ହୃଦୟ ଭିତର ସ୍ପନ୍ଦନ ମୋ କହେ
ସତେ କ ମୋ ସାଥୀ ଆସୁଛି ॥
ରାଜହଂସୀ ପରି ତୁମ ଧୀର ଚାଲି
ପତଳୀ କମର ହଲୁଛି,
ଦୂରୁ ଦେଖି ମୁହିଁ ଜାଣି ଯେ ପାରଇ
ସତେକ ଓ ସାଥୀ ଆସୁଛି ॥
ପଦ୍ମ ଫୁଲିଆ ମୁହଁରେ ତୁମର
ଛୋଟ ଯେ ଭଉଁରୀ ଖେଳୁଛି,
ଗୋଲାପ ସଦୃସ ଓଠ ତୁମ ଲାଗେ
ସତେକ ମୋ ସାଥୀ ହସୁଛି ॥
ନଇବଢୀ ଭଳ ଶରୀର ତୁମର
ଅମାନିଆଁ ହୋଇ ବହୁଛି,
ମହୁମାଛି ପରି ଉଡିବୁଲ ସାଥୀ
ଯଉବନ ବୋଧେ ଛୁଇଁଛି ॥
ସୁନ୍ଦର ଲାଗଇ ତୁମ ରୂପବେଶ
ଯଉବନ ଛିଟା ଲାଗିଛି,
ପାଗଳ ଭଁରର ସାଜିବୁଲେ ମୁହିଁ
ମନମୋର ଚୋରି ହୋଇଛି ॥

କଣ୍ଟିପୁର, ଯାଜପୁର

# ବିଦେଶ ଖବର

## ମେରିଲ୍ୟାଣ୍ଡର ଶୀତଦିନଆ ଦୃଶ୍ୟ - ପଠାଇଛନ୍ତି ସୁଲୋଚନା ପଟ୍ଟନାୟକ



# ଶିଶୁ ବିଭାଗ



# ଏପ୍ରିଲ ପଚଶି



ସତ୍ୟବ୍ରତ ସାହୁ

ଏପ୍ରିଲ ପଚଶି ବିଶ୍ୱ ମ୍ୟାଲେରିଆ ଦିବସ ଆସୁଛି ଭାଇ,
ଏହି କଥା ସାର୍ ଜଙ୍ଗଲେ କହୁଛି ବିଲୁଆ ଡାକ୍ତର ହୋଇ ।୧ ।
ମ୍ୟାଲେରିଆ ଏକ ମାର୍‌ମୃକ ଜ୍ୱର ମଶା କାମୁଡିଲେ ହୁଏ,
ମଶାଟିର ନାମ ମାଇ ଏନୋଫିଲିସ୍ ଅସନା ଯାଗାରେ ରହେ ।୨ ।
ପଗ୍ବସଢା ଚଜ, ମଇଳା ପାଣିରେ ବଢଇ ତାଙ୍କର ବଂଶ,
ଦେଖିବାକୁ ସିନା ଛୋଟ ଜୀବଟିଏ କରଇ ସେ ସର୍ବନାଶ ।୩ ।
ସଠିକ ଚକସ୍ବା ନ କରିଲେ ଭାଇ ଜୀବନ ନିଏ ଏ ଜ୍ୱର,
ଜ୍ୱର ହେବା ଆଗୁ ନ କରିବା କିଆଁ ଏ ଜ୍ୱରର ପ୍ରତିକାର? ୪ ।
କେତେ ଗୋଟି କଥା ମାନି ଚଳୁଥିଲେ ହେବନାହିଁ ଏହି ଜ୍ୱର,
ପାଖ ପରିବେଶ ପୁର୍ ସଫାରଖ ଏ ପ୍ରଥମ ପ୍ରତିକାର ।୫ ।
ଘର ପାଖ ସବୁ ଖାଲ ଖମା ପୋତି ଜମାଇ ଦେବାନି ପାଣି,
ପୋତି ଦେବା ସବୁ ପଗ୍ବ ଓ ମଇଳା ନେହେଲେ ଦେବାରେ ପୋଡି ।୬ ।
ମଶାରୀ ଟଙ୍ଗେଇ ଶୋଇବା ନିଇତି, ମଶା ଧୂପ ଜଳାଇବା,
ମଶା କାମୁଡାର ଡର ନ ରହିଲେ ଶାନ୍ତିରେ ସଭିଏଁ ଥିବା ।୭ ।

ପଲ୍ଲୀସାହି, କଂଆଳପୁର, ଅହିୟାସ, ଯାଜପୁର

# ଚତ୍ର



ପ୍ରକାଶ ସାହୁ




ନାବିକ, ଭାରତୀୟ ନୌସେନା

# ମୁଁ ଚାହେଁ



ମଧୁଛନ୍ଦା ବେହେରା

ଉଡିବାକୁ ଚାହେଁ, ମୁକ୍ତ ଆକାଶେ
ପକ୍ଷୀଟିଏ ହୋଇ ମୁଁ
ଝୁଲିବାକୁ ଚାହେଁ, ଗଛ ଡାଳରେ
ଫୁଲଟିଏ ହୋଇ ମୁଁ
ପାହାଡ ଶିଖରେ ବହିବାକୁ ଚାହେଁ
ଝରଣା ଟି ହୋଇ ମୁଁ
ଦୁନିଆ କୁ ଚାହେଁ ଆଲୋକ ଦେବାକୁ
ଦୀପଟିଏ ହୋଇ ମୁଁ
ମୋ ପ୍ରିୟ ଦେଶ ପାଇଁ ଲଢିବାକୁ ଚାହେଁ
ସୈନିକଟିଏ ହୋଇ ମୁଁ
ସମାଜର ସେବା କରିବା ପାଇଁ
ସଦା ଯେ ଆତୁର ମୁଁ

କଟୱାରିଆ ସରାଇ, ନୂଆ ଦିଲ୍ଲୀ

ବେଦାନ୍ତୀ

# ଫୁଲେଇ ବୁଢ଼ୀ



ପ୍ରକାଶ ସାହୁ

ରାମଚନ୍ଦ୍ରପୁର ର ଫୁଲେଇ ବୁଢ଼ୀ
ସଭିଏଁ ଡାକନ୍ତି ଫୁଲେଇ ନାନୀ
କେହି ପୁଣି ଡାକେ ଅପା କହି
ବୟସ ରେ ସେ ଅଢେଇ କୋଡ଼ି
ଆଉ ଭଲେ ସେ ଶୁଭେ ନାହିଁ
କ ଠିକ ସେ ଦେଖା ଯାଏନ ବୋଲି
କେବେ ସେ ମନ ଦୁଃଖ କରେନ
ପାନ ଖିଆ ଦାନ୍ତ ଗଲାଣି ପଡି
ଦିନେ ବସିଥିଲା ଅଗଣା ରେ
ଆଖି ଦୁଇ ତାର ଗଲା ଲାଖି
କଛି ଲୋକ ଖାଲି ଯିବାର ଦେଖି
ପଚାରି ବୁଝିଲା ଜେନା ଝିଅ ଭେଜି
ଯାଇ ବସିଗଲା ମନେ ଉଙ୍କିମାରି
ଦେଖି ସବୁ ତା ବୁଢା ପଚାରିଲା
ମୋ ଫୁଲେଇ ବୁଢୀ ର କଣ ହେଲା
ତୋତେ କଣ କେହି କଛି କହିଲା
ଅତି ବିକଳ ରେ ବୁଢା କୁ ଦେଖିଲା
ଅତି କଅଁଳେଇ ବୁଢା କୁ କହିଲା
ଜେନା ଭେଜି ଟିକେ ଖାଇବାକୁ

ପାନ ଖିଆ ପାଟି କରି ପାକୁ ପାକୁ
ବୁଢ଼ୀ କଥା ଶୁଣି ବୁଢା କହିଲା
ବୟସ ପାଇଁ ହେଲୁ ତୁ ଶଢା
ଯୌବନ ଗଲାରୁ ହେଲି ମୁଁ ହଡା
ପାଟି ରେ ଚୋବାଇ ନ ପାରେ ଖଡା
ଗାଁ ଦାଣ୍ଡ ଘାଟ ସବୁଠି ଖସଡ଼ା
ପୁଣି ରାସ୍ତା ହେଉଛି ଗାଡି ର ଆଡା
ସେ ପାଇଁ ହେଲି ମୁଁ ତାଳ ବରଡା
ଭେଜି ଖାଇବାକୁ ମନ କଲୁ ଯଦି
ଯିବି ଲୋ ମୁଁ ତୋ ପାଇଁ କାଇପଡା
ଯେହେଲେ ମୁଁ ତତେ ଭଲପାଏ ପରା
ବୁଢା ର ମୁହଁ ଦେଖି ବୁଢ଼ୀ ନରମିଲା
ଇଚ୍ଛାରେ କ ଲାଭ ବୟସ ହେଲା କାଳ
ବୁଢା କଥା ଶୁଣି ବୁଢ଼ୀ ସହଳ
କହିଲା ଆମ ଗାଁ ଦାମ ରାଉଳ
ଘର କୁ ଆଣିଛନ୍ତି ବଡ ସେଉଳ
ସେ ମାଛ ଖାଇବାକୁ ବହୁଛି ଲାଳ
ତମେ ଯାଇ କୁହ ହେ ଦାମ ରାଉଳ
ବୁଢ଼ୀ ଖାଇବ ମୋର ମାଛ ଝୋଳ

ଦେଲେ ଟିକେ କରିବ ସେ ତୁମ ମଙ୍ଗଳ
ବୁଢା କହେ ଶୁଣୁ ଆଗୋ ହେ ବୁଢ଼ୀ
ଦୁଇ ଜାଗା ରୁ ମୁଁ ଆଣିବି ଭେଜି
କାହିଁ ଗଲା ମୋ ବଂକୁଲି ବାଡ଼ି
ବାରିଆଡ଼େ ବୁଢ଼ୀ ଗଲା ଦଉଡି
ଅଣ୍ଡାଳ ଆଣିଲା ବଂକୁଲି ବାଡ଼ି
ଆଣିଲା ତା ସାଥେ ଫୁଟି କାକୁଡି
ଟିଣ ରୁ ବାହାର କରିଲା ମୁଢି
ବନାଇଲା ଆଗ ଝାଲ ମୁଢି
କହିଲା ସାଥେ ଧରି ଚକଟା କୁ
ଚାଲିଯିବ ଆଗେ କାଇପଡ଼ା କୁ
ଜଣାଇବ ନାହିଁ ଆଉ କାହାକୁ
ଜଳଖିଆ ସାରି ଉଠିଲା ବୁଢା
ବଙ୍କା ବାଡ଼ି ଧରି ହୋଇଲା ଛିଡା
ଚଷମା ଲଗାଇ ମାରି ମୁଣ୍ଡେ ଟୀକା
ପକାଇଲା ଅଣ୍ଟାରେ ଗାମୁଛା ଭିଡା
ଉପରକୁ ଚାହିଁ ମୁଣ୍ଡିଆ ମାରି
ଭାବିଲା ଆଗ ଯିବି କାଇପଡା
ସେଠାକୁ ଆସିଛି ପୁରୀ ଅବଢ଼ା
ଭାଗବତ ଆଉ ଗୀତା ହେଉଛି ପଢା
ଖାଇଦେଲେ ବଂଚ ଉଠିବ ମଢା

ଆଜି ସୋମବାର ରେ ଆମିଷ ମନା
ସେ ବୁଢ଼ୀ କୁ ବୁଝାଇ କରିବି ମଉନା
ଦାମ ଚାଉଳ ବି ନାହାତି କଢା
ତାଙ୍କ ଘରକୁ ନ ଗଲେ ହେବ ଭଲ
ବାଡ଼ି ଧରି ବୁଢା ଘରୁ ବାହାରିଲା
ଗାଁ ଭାଗବତ ଟୁଙ୍ଗି ଯିବ ମନେ ଭାବିଲା
ଗାଁ ମୁଣ୍ଡେ ତାକୁ ସଞ୍ଜ ହୋଇଲା
ଟୁଙ୍ଗି ରେ ଚାଲିଛି ତ୍ରିନାଥ ମେଳା
ବୁଢା କୁ ଡାକିଲା ମୁନା ପାଗଳା
ଟାଣିଦିଆ ହେ ନନା ଦି ତିନ ପୁଳା
ଶିବ ଭକତ ରେ ହୋଇବ ଗଣା
ବୁଢା ଟାଣିଦେଇ ବେଦମ ହେଲା
ଭେଜି ଭାତ କଥା ସବୁ ଭୁଲିଲା
ଚଉପାଢ଼ୀ ପାଖେ ଶୋଇପଡିଲା
ଅଧା ରାତିରେ ଉଠିଲା ବିଳବିଳେଇ
ଭେଜି ଖାଇ କଏ କୁଆଡେ ଗଲେଣି
କି କଥା କହି ତୋଷିବ ତାହାର ମନ
କି ବୁଦ୍ଧି କରିବ ଏବେ କୁହ ତ ଭାଇ
ଆପେକ୍ଷା ରେ ଅଛି ତା ବୁଢ଼ୀ ଫୁଲେଇ

ନାବିକ, ଭାରତୀୟ ନୌସେନା

# ଚିତ୍ର



ସସ୍ମିତା ସାହୁ




ବ୍ୟାସ ନଗର, ଯାଜପୁର ରୋଡ, ଯାଜପୁର

# ଚନ୍ଦ୍ର



ମଧୁସ୍ମିତା ସାମଲ



ବରୀ, ଯାଜପୁର, ଓଡିଶା

# ବାୟୁ



ଦୟାନନ୍ଦ ଶବର

ବାୟୁ ଆମର ଜିବନ ଭାଇ
ଏକଥା ବୁଝୁନ କାହିଁ ।
ବାୟୁ ବିନା ଆମେ ଚଳ ପାରିବା ନାହିଁ
ଶ୍ୱାସ ପ୍ରଶ୍ୱାସ ଦିଏ ସେ ହିଁ ॥

ଗ୍ଭରିପଟେ ଗଛ ଲଗାଅ ଭାଇ
ବାୟୁ ପ୍ରଦୁଶଣ ହେବ ନାହିଁ ।
ବାୟୁ ପ୍ରଦୁଷଣ କରନାହିଁ
ଏଇଟା ଆମ ଜନ୍ମ ଭୂଇଁ ॥

ପୁରୁଣା ଗାଡି ଚଲାଅ ନାହିଁ
ବାୟୁ ପ୍ରଦୁଷଣ ହେଉଛି ଭାଇ ।
ଗ୍ଭରିପଟେ ସଫା ରଖ ଭାଇ
ବାୟୁ ଦୁଷିତ ହେବ ନାହିଁ ॥

ଯେବେଠୁ ହେଲାଣି ବିଜ୍ଞାନ ଉନ୍ନତି
ସେବେଠୁ ହେଲାଣି ପ୍ରଦୁଷଣ ପ୍ରବଳ ।
ଯାନବାହାନ, କାରଖାନା ସବୁ
କ୍ଷୟ କରୁଛନ୍ତି ପ୍ରାକୃତିକ ସମ୍ବଳ ॥

ଗଛ ଲଗାଇବା ଆସ
ମୁକ୍ତ ହେବ ପ୍ରଦୁଷଣ ।
ଗ୍ଭରିପଟେ ସଫା ରଖିବା
ଆସ ହେ ମଣିଷ ଗଣ ॥

ବାୟୁ ଆମର ଜୀବନ
କାହିଁକି ଡାକବା ମରଣ ।
ବାୟୁକୁ ଦୁଷିତ କରିବା ନାହିଁ
ଏହା ସମସ୍ତେ ଭଲଭାବେ ଜାଣ ॥

ନୂଆପଡା, ପଲସିପାଣି, ଓଡିଶା

# ଚିତ୍ର



ରାଜଲକ୍ଷ୍ମୀ ସାହୁ



ଅତିଥି ଅଧ୍ୟାପିକା, କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟ

# ଅପ୍ରେଲ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/ ୦୪/ ୨୦୧୮ | ଉତ୍କଳ ଦିବସ, ବୈଶାଖ ବ୍ରତାରମ୍ଭ |
| ୦୮/ ୦୪/ ୨୦୧୮ | ଶରଣ ଆରମ୍ଭ |
| ୧୨/ ୦୪/ ୨୦୧୮ | ବରୁଥିନୀ ଏକାଦଶୀ ଉପବାସ, ଲକ୍ଷ୍ମୀନାରାୟଣ ବ୍ରତ |
| ୧୩/ ୦୪/ ୨୦୧୮ | ଶରଣ ଶେଷ, ମାସାନ୍ତ ଓ ବର୍ଷ ଶେଷ |
| ୧୪/ ୦୪/ ୨୦୧୮ | ମହାବିଷୁବ ( ପଣା) ସଂକ୍ରାନ୍ତି, ହନୁମାନ ଜୟନ୍ତୀ |
| ୧୫/ ୦୪/ ୨୦୧୮ | ଚନ୍ଦ୍ରକ୍ଷୟ, ନଶିପାଳନ |
| ୧୬/ ୦୪/ ୨୦୧୮ | ରକ୍ମିଣୀ ଅମାବାସ୍ୟା ଓ ସୋମମହତୀ ସ୍ନାନ |
| ୧୭/ ୦୪/ ୨୦୧୮ | ଦ୍ୱିତୀୟାର ଚନ୍ଦ୍ରଦର୍ଶନ ଓ ପୂଆ |
| ୧୮/ ୦୪/ ୨୦୧୮ | ଅକ୍ଷୟ ତୃତୀୟା, ଚନ୍ଦନ ଆରମ୍ଭ ଓ ରଥ ଅନୁକୂଳ |
| ୨୦/ ୦୪/ ୨୦୧୮<br>୨୧/ ୦୪/ ୨୦୧୮ | ଅଗଦ୍ ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଜୟନ୍ତୀ<br>ରାମାନୁଜାଚାର୍ଯ୍ୟଙ୍କ ଜୟନ୍ତୀ ଓ ଶନଶ୍ଚର ଯଜ୍ଞ |
| ୨୩/ ୦୪/ ୨୦୧୮<br>୨୪/ ୦୪/ ୨୦୧୮ | ନୀଳାଦ୍ରି ମହୋଦୟାଷ୍ଟମୀ<br>ସୀତା ନବମୀ |
| ୨୬/ ୦୪/ ୨୦୧୮ | ମୋହିନୀ ଏକାଦଶୀ, ଲକ୍ଷ୍ମୀନାରାୟଣ ବ୍ରତ |
| ୨୮/ ୦୪/ ୨୦୧୮ | ନୃସିଂହ ଚତୁର୍ଦ୍ଦଶୀ, ଅନ୍ନୋତ୍ସବ ଓ ମଧୁବାବୁଙ୍କ ଜୟନ୍ତୀ |
| ୩୦/ ୦୪/ ୨୦୧୮ | ଚନ୍ଦନ ପୂର୍ଣ୍ଣିମା, ବୁଦ୍ଧ ଜୟନ୍ତୀ ଓ ବୈଶାଖ ବ୍ରତ ସମାପନ |

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦- ୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା –vedantimagazine@gmail.com/ editor.vedantimagazine@gmail.com




ଆସିଲ୍ ହୋଲି

ପାଣିରେ ଆମେ ରଙ୍ଗ ମିଶେଇ

ପିଚକାରୀରେ ତାକୁ ଭରେଇ

ହାତରେ ଆମ ଫଗୁ ଲଗେଇ

ଖେଳିବା ଆମେ ହୋଲି

( ବିଜେତା: ଅଶୋକ ରାଉତ, ଭୁବନେଶ୍ୱର)

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ଯଦି କୌଣସି ପାଠକ/ ପାଠିକା ନିଜସ୍ୱ ଉତ୍ତୋଳନ ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା – **vedantimagazine@gmail.com**

"ବେଦାନ୍ତୀ" ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଗ୍ଭର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ- ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ମୁମ୍ବାଇ ଏବଂ ଲକ୍ଷ୍ନୌରୁ ପ୍ରକାଶିତ ହେଉଛିଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ଇ- ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ । ଲେଖକ/ ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: **vedantimagazine@gmail.com** ।ଯଦି କୌଣସି କାରଣରୁ କୌଣସି ଲେଖକ/ ଲେଖିକାଙ୍କ ଲେଖା ଚଳିତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**

**https://www.facebook.com/vedantiemagazine**

**http://vedantimagazine.wordpress.com**